R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୫୯
ତିଥି : ନବମୀ
୨୪ ଜୁନ୍ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 259
24 June 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଇରାନ ଉପରୁ କଟକଣା ଉଠାଇଲା ଆମେରିକା



■ ୬୦ ଦିନ ଯାଏଁ ତେଲ ବିକ୍ରି ଲାଗି ଅନୁମତି

■ ବୁଝାମଣା ଲାଗି ଉଭୟଙ୍କ ମଧ୍ୟରେ ଆଲୋଚନା ଜାରି

ନୂଆଦିଲ୍ଲୀ, ୨୩।୬ : ଇରାନ ଉପରୁ ଆମେରିକା ୬୦ ଦିନ ଲାଗି ତେଲ ବିକ୍ରି ନେଇଥିବା କଟକଣାକୁ ହଟାଇ ଦେଇଛି । ଇରାନର ଜୀବନରେଖା ହେଉଛି ତୈଳ ଶିଳ୍ପ । ଏବେ ଇରାନ ତୈଳ ଉତ୍ପାଦନ କରିବା ସହ ଏହାର ବିକ୍ରି କରିପାରିବ । ଅଗଷ୍ଟ ୨୧ ଯାଏ ଇରାନରୁ ଅଶୋଧିତ ତୈଳ ଅନ୍ୟ ଦେଶମାନେ ଆମଦାନି କରିପାରିବେ । ଉଭୟ ଦେଶ ମଧ୍ୟରେ ଏବେ ବୁଝାମଣା ଚାଲୁଥିବାରୁ ଏହି ପଦକ୍ଷେପ ନିଆଯାଇଛି । ଖୁବ୍‌ଶୀଘ୍ର ଏହି ଦୁଇ ଦେଶ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହେବ ବୋଲି ଆଶା ପ୍ରକାଶ କରାଯାଉଛି ଓ ମଧ୍ୟପ୍ରାଚ୍ୟରେ ଶାନ୍ତି ଫେରିବ ବୋଲି ଆଶା ପ୍ରକାଶ ପାଉଛି ।

ଭାରତ ହେଉଛି ବିଶ୍ୱର ସବୁଠାରୁ ସର୍ବାଧିକ ଅଶୋଧିତ ତୈଳ ଆମଦାନୀ କରୁଥିବା ରାଷ୍ଟ୍ର । ଏହି ଅଗ୍ରଗତି ଫଳରେ ଭାରତ ଉପରେ ପ୍ରଭାବ ପଡ଼ିପାରେ । ତେବେ ଇରାନର ଅଶୋଧିତ ତୈଳ ଖୁବ୍‌ଶୀଘ୍ର ଭାରତୀୟ ବନ୍ଦରକୁ ଏବେ ଆସିବ ନାହିଁ । ଏହି କଟକଣା ମୁକ୍ତ ହେବାପରେ ନୂଆଦିଲ୍ଲୀ ପକ୍ଷରୁ ଆନନ୍ଦ ପ୍ରକାଶ ପାଇଛି । ତେବେ ଆମେରିକା ପକ୍ଷରୁ ଘୋଷଣା କରାଯାଇଛି ଯେ ଇରାନର ଅଶୋଧିତ ତୈଳ ପକ୍ଷରୁ ଅସ୍ଥାୟୀ ଭାବେ ପରିବହନ ଲାଗି ଅନୁମତି ଦିଆଯାଇଛି । ଏହି କଟକଣା ମୁକ୍ତ ହେବା ପଛରେ ଜାହାଜ, ବୀମା ଓ ବ୍ୟାଙ୍କିଂ କ୍ଷେତ୍ରକୁ ମଧ୍ୟ ସାମିଲ କରାଯାଇଛି । ଇରାନ ମଧ୍ୟ ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସିକୁ ପରିଦର୍ଶନ ପାଇଁ ଅନୁମତି ଦେଇଛି । ଉଭୟ ଦେଶ ଏବେ କୂଟନୈତିକ ଆଲୋଚନା କରୁଛନ୍ତି । ଏହି କଟକଣା ଉଠାଯିବା ପରେ ଉଭୟ ଦେଶ ମଧ୍ୟରେ ଏବେ ବିଶ୍ୱାସ ବଢ଼ିଛି । ତୈଳ ବଜାର ମଧ୍ୟ ତୁରନ୍ତ ପ୍ରତିକ୍ରିୟା ଦେଇଛି । ଭାରତ ପ୍ରାୟ ୮୫% ଅଶୋଧିତ ତୈଳ ଆମଦାନୀ କରିଥାଏ । ଅଶୋଧିତ ତୈଳର ମୂଲ୍ୟବୃଦ୍ଧି ଭାରତ ଉପରେ ପ୍ରଭାବ (୯ ପୃଷ୍ଠାରେ)

## ୩ ଓଡ଼ିଆଙ୍କୁ ପଦ୍ମଶ୍ରୀ




■ ସାହିତ୍ୟ ଲାଗି ଚରଣ ହେମ୍ବ୍ରମ

■ କଳା ପାଇଁ ଶରତ କୁମାର ପାତ୍ର ଓ ସୀମାଞ୍ଚଳ ପାତ୍ର

■ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୩।୬ (ସବ୍ୟୁ) : ପଦ୍ମଶ୍ରୀ ସମ୍ମାନରେ ୩ ଜଣ ଓଡ଼ିଆ ପ୍ରତିଭାଙ୍କୁ ସମ୍ମାନୀତ କରାଯାଇଛି । ସାହିତ୍ୟ ଓ ଶିକ୍ଷା ପାଇଁ ମୟୂରଭଞ୍ଜର ଚରଣ ହେମ୍ବ୍ରମଙ୍କୁ ପଦ୍ମଶ୍ରୀ ସମ୍ମାନ ଦିଆଯାଇଥିବାବେଳେ କଳା ପାଇଁ କଟକ ତିଗିରିଆର ବିଶିଷ୍ଟ ବାଦ୍ୟଶିଳ୍ପୀ ଶରତ କୁମାର ପାତ୍ର ଓ ଗଞ୍ଜାମର ଗୁରୁ ସୀମାଞ୍ଚଳ ପାତ୍ରଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଛି । ରାଷ୍ଟ୍ରପତି (୯ ପୃଷ୍ଠାରେ)

## ସାରା ରାଜ୍ୟକୁ ଛୁଇଁଲା ମୌସୁମୀ

ସମ୍ପୂର୍ଣ୍ଣ ଓଡିଶା ଛୁଇଁବାକୁ ଲାଗିଲା ୨୩ ଦିନ

୨୬ରୁ ବଢ଼ିବ ବର୍ଷାର ପରିମାଣ

ଗୁଳୁଗୁଳିରୁ ମିଳିପାରେ ସାମାନ୍ୟ ଆଶ୍ୱସ୍ତି

ଭୁବନେଶ୍ୱର, ୨୩।୬ (ସବ୍ୟୁ) : ସାରା ରାଜ୍ୟକୁ ଦକ୍ଷିଣ -ପଶ୍ଚିମ ମୌସୁମୀ ବାୟୁ ଛୁଇଁଛି । ଜୁନ୍ ୧୨ ତାରିଖରେ ରାଜ୍ୟକୁ ମୌସୁମୀ ଅଗ୍ରସର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୧୧ ଦିନରେ ଅର୍ଥାତ୍ ଆଜି(ମଙ୍ଗଳବାର) ସମ୍ପୂର୍ଣ୍ଣ ରାଜ୍ୟକୁ ପ୍ରବେଶ କରିଛି । ମୌସୁମୀ ସକ୍ରିୟ ହୋଇଥିବା ବେଳେ ରାଜ୍ୟରେ ଭଲ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଭାଗ କହିବାନୁସାରେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ନେଇ ସର୍ତକ ସୂଚନା ଜାରି କରାଯାଇଛି । କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି ଓ ଗଜପତି ଜିଲ୍ଲା ପାଇଁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୭ ତାରିଖରେ ମଧ ଉପରୋକ୍ତ ଜିଲ୍ଲାଗୁଡିକରେ ପ୍ରବଳ ବର୍ଷା ଜାରି ରହିବ ।

ଗତ ୨୪ ଘଣ୍ଟା ମଧ୍ୟରେ ଅର୍ଥାତ୍ ସୋମବାର କୋରାପୁଟ ୫୧ ମିଲିମିଟର ବର୍ଷା ହୋଇଥିବା ବେଳେ ନୂଆପଡାରେ ୨୨.୪ମିମି., ସମ୍ବଲପୁରରେ୧୫.୫ମିମି. ଛତ୍ରପୁରରେ ୫.୩ ମିମି, ସୁନ୍ଦରଗଡରେ ୧୨.୮ ମିମି., ଦେବଗଡରେ ୧୨.୮ ମିମି., ଭବାନୀପାଟଣାରେ ୯ ମିମି., ଗୋପାଳପୁରରେ ୮.୮ମିମି., ଝାରସୁଗୁଡାରେ ୭.୪ ମିମି. ବର୍ଷା ରେକର୍ଡ କରାଯାଇଛି । ଏହାସହ ଆଉ କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ଜଣାପଡିଛି ।

ଦକ୍ଷିଣ -ପଶ୍ଚିମ (୯ ପୃଷ୍ଠାରେ)

### ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

## ପୁରୀ ସହରବାସୀଙ୍କ ଲାଗି ଦର୍ଶନ ସୁବିଧା ବ୍ୟବସ୍ଥା




ପୁରୀ, ୨୩।୬ (ସବ୍ୟୁ) : ମହାପ୍ରଭୁଙ୍କ ରଥଯାତ୍ରା ଅନନ୍ୟ ଓ ବିଶ୍ୱ ପ୍ରସିଦ୍ଧ । ମହାପ୍ରଭୁ ନିଜେ ହିଁ ସବୁ କରିଥାନ୍ତି । ଆମେ ନିମିତ୍ତ ମାତ୍ର । ତାଙ୍କ ଆଶୀର୍ବାଦ, ଆମ ସମସ୍ତଙ୍କ ସହଯୋଗ ଓ ସମନ୍ୱୟ ରେ ଚଳିତ ରଥଯାତ୍ରା ଖୁବ ଭଲରେ ହେବ ବୋଲି ପ୍ରାର୍ଥନା କରିଛନ୍ତି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଚଳିତ ରଥଯାତ୍ରା ର ଦ୍ୱିତୀୟ ସମନ୍ୱୟ ବୈଠକ ମଙ୍ଗଳବାର ପୂର୍ବାହ୍ନରେ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧ୍ୟକ୍ଷତା କରିବା ସହ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା କୁ ଶାନ୍ତି ଶୃଙ୍ଖଳା ର ସହ ସମ୍ପୂର୍ଣ୍ଣ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ରଥଯାତ୍ରା ଏକ ସାମୂହିକ କାର୍ଯ୍ୟ । ପାରସ୍ପରିକ ସହଯୋଗର ସହ ପ୍ରତ୍ୟେକ ବିଭାଗ ଉତ୍ତରଦାୟୀ ଏବଂ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ଚଳିତ ରଥଯାତ୍ରାର ସମସ୍ତ କାର୍ଯ୍ୟକୁ ସୁରୁଖୁରୁରେ ସମ୍ପୂର୍ଣ୍ଣ ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଜାନୁଆରୀ ମାସ ଠାରୁ ବୈଠକ କରାଯାଇଛି । କାର୍ଯ୍ୟର ଅଗ୍ରଗତି ସନ୍ତୋଷ ଜନକ । ଜୁଲାଇ ୫ ତାରିଖ ପର ଠାରୁ ପୁରୀ ସହରରେ କୌଣସି ରାସ୍ତା ଘାଟ ଖୋଳିବାର ଅନୁମତି ଦିଆଯିବ ନାହିଁ।ପୁରୀ ସହର ବାସୀଙ୍କ ଶ୍ରୀମନ୍ଦିର ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି । ଓକାକ ଏକ ପୁରୀ ର ଦୁଇଟି ପୋଷ୍ଟାଲ ପିନ ନମ୍ବରକୁ ସ୍କାନ କରି ପୁରୀ ଲୋକଙ୍କୁ ଚିହ୍ନଟ କରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଥିଲେ । ସେହିପରି ପୁରୀ ରେ ସ୍ଥାୟୀ ଫୁଡ ସେଫ୍ଟି ଟେଷ୍ଟିଂ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ ।ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟ ସେବା ପାଇଁ ଅତିରିକ୍ତ (୯ ପୃଷ୍ଠାରେ)

## ତାମିଲନାଡୁରୁ ଆସିଲା ୫ ଓଡ଼ିଆଙ୍କ ମୃତଦେହ



ମୃତକଙ୍କ ପରିବାରକୁ ସହାୟତା ରାଶି ୧୦ ଲକ୍ଷକୁ ବୃଦ୍ଧି

ବିମାନ ବନ୍ଦରରେ ଶ୍ରଦ୍ଧାଞ୍ଜଳି ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୬ (ସବ୍ୟୁ) : ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲାରେ ଏକ ଘରୋଇ ସି-ଫୁଡ୍ ପ୍ରକ୍ରିୟାକରଣ କାରଖାନାରେ ଆମୋନିଆ ଗ୍ୟାସ୍ ଲିକ୍ ଯୋଗୁ ମୃତ୍ୟୁବରଣ କରିଥିବା ୫ ଓଡ଼ିଆଙ୍କ ମୃତଦେହ ଆଜି ଭୁବନେଶ୍ୱରରେ ପହଞ୍ଚିଛି । ମୃତଦେହଗୁଡ଼ିକୁ ଏକ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ଅଣାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିମାନ ବନ୍ଦରରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପୀଡ଼ିତ ପରିବାରବର୍ଗଙ୍କୁ ଭେଟିଛନ୍ତି ।

ଏହା ପୂର୍ବରୁ ଆମୋନିଆ ଗ୍ୟାସ୍ ଲିକ୍ ଘଟଣାରେ ମୃତ୍ୟୁବରଣ କରିଥିବା ଓଡ଼ିଆଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିଥିଲେ । ପ୍ରଥମେ ମୃତ ଶ୍ରମିକଙ୍କ ପରିବାରର (୯ ପୃଷ୍ଠାରେ)

## ଆର୍‌ଆଇ/ଅମିନ, ଓଟିଇଟି ପରୀକ୍ଷା ଦ୍ୱନ୍ଦ୍ୱ ଦୂର

ଭୁବନେଶ୍ୱର, ୨୩।୬ (ସବ୍ୟୁ) : ଗୋଟିଏ ଦିନରେ ଥିବା ଆର୍‌ଆଇ-ଅମିନ ଓ ଓଟିଇଟି ପରୀକ୍ଷା ନେଇ ହୋଇଥିବା ଦ୍ୱନ୍ଦ୍ୱ ଦୂର ହୋଇଛି । ଆର୍‌ଆଇ-ଅମିନ ପରୀକ୍ଷା ୨୮ ତାରିଖରେ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।

ଓଟିଇଟି ପରୀକ୍ଷା ତାରିଖ ବଦଳାଇବା ନେଇ ଗଣଶିକ୍ଷା ବିଭାଗ ସହ ଆଲୋଚନା ହେଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ତେବେ ସୂଚନା ଅନୁଯାୟୀ ଓଟିଇଟି ପରୀକ୍ଷା ୨୦୨୬କୁ ଜୁଲାଇ ୫କୁ ଘୁଞ୍ଚାଇ ଦିଆଯାଇଛି । ପୂର୍ବରୁ ଜୁନ୍ ୨୮ରେ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ପେପର-୧ ପରୀକ୍ଷା ସକାଳ ୯ ରୁ ୧୧.୩୦, ପେପର-୨ ପରୀକ୍ଷା ଦିନ ୨ଟାରୁ ୪.୩୦ ଯାଏ ଚାଲିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ସେହିଭଳି ୨୮ ତାରିଖରେ ହେବାକୁ ଥିବା ଅମିନ, ଆର୍‌ଆଇ ପରୀକ୍ଷାରେ ୧୬ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ ।

## ଭବାନୀପୁର ଇଭିଏମ୍, ସିସିଟିଭି ଫୁଟେଜ୍ ସଂରକ୍ଷିତ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୩।୬ : ପଶ୍ଚିମବଙ୍ଗର ଭବାନୀପୁରରେ ସଦ୍ୟ ଶେଷ ହୋଇଥିବା ନିର୍ବାଚନକୁ ଚ୍ୟାଲେଞ୍ଜ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ ହାଇକୋର୍ଟରେ ଯେଉଁ ଆବେଦନ କରିଥିଲେ ତାହାକୁ ଗ୍ରହଣ କରାଯାଇଛି । ଭବାନୀପୁର ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ପ.ବଙ୍ଗର ମୁଖ୍ୟମନ୍ତ୍ରୀ ଥିବା ଶୁଭେନ୍ଦୁ ଅଧିକାରୀ ନିର୍ବାଚନ ଜିତିଥିଲେ । ଶୁଭେନ୍ଦୁ ୭୩ ହଜାର ୯୧୭ ଭୋଟ୍ ପାଇ ବିଜୟୀ ହୋଇଥିଲେ । ତେବେ ଏହି ନିର୍ବାଚନକୁ ନେଇ ମମତା ଆପତ୍ତି ଉଠାଇଛନ୍ତି । କୋର୍ଟ ଏହାକୁ ଗ୍ରହଣ କରିବା ସହ ଇଭିଏମ୍ ଓ ସିସିଟିଭିକୁ ସଂରକ୍ଷଣ ରଖିବା ଲାଗି ନିର୍ବଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ନିର୍ଦ୍ଦେଶରେ କୁହାଯାଇଛି ଯେ ସିସିଟିଭି ଫୁଟେଜ୍, (୯ ପୃଷ୍ଠାରେ)

## କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ





■ ୧୫ ପ୍ଲଟ୍, ୭ ହଜାର ବର୍ଗଫୁଟର କୋଠା ଠାବ

■ ଜେସିବି ମେସିନ୍, ବିଦେଶୀ ଟଙ୍କା ଜବତ

ସମ୍ବଲପୁର, ୨୩।୬ (ସବ୍ୟୁ): ସମ୍ବଲପୁର ଡିଭିଜନ କାଡା ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦ୍ମଲୋଚନ ନାୟକ ଘରେ ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର ଚଢ଼ଉ କରାଯାଇଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏକକାଳୀନ ସମ୍ବଲପୁର ସମେତ କଟକ, ବାଲେଶ୍ୱର ଓ ମାଲକାନଗିରି ଜିଲ୍ଲାର ୭ଟି ସ୍ଥାନରେ ଚଢ଼ଉ ହୋଇଥିଲା । ଚଢ଼ଉ ବେଳେ କଟକର ବିଦ୍ୟାଧରପୁର ଠାରେ ଥିବା ତିନି ମହଲା ବାସଭବନ, ବାଲେଶ୍ୱର ଜିଲ୍ଲାର ବସ୍ତା ଥାନା ଅଧୀନ ମୁକୁଳିସ ଅଞ୍ଚଳରେ ଥିବା ଦୁଇ ମହଲା ଘର ଓ ଅନ୍ୟ ଏକ ସ୍ଥାନରେ ଥିବା ଏକ ଘର, ୧୮ ଟି ମୂଲ୍ୟବାନ ଜମିପ୍ଲଟ, ନଗଦ ୩ଲକ୍ଷ୪୫ହଜାର ଟଙ୍କା, ୨ଟି ଜେସିବି ମେସିନ୍, ୧ଟି ଟ୍ୟାଙ୍କର, ୧ଟି ଟ୍ରାକଫର, ୧ଟି ପାଓ୍ୱାର ଟିଲର, ୩ଟି ଚାରି ଚକିଆ ଯାନ, ୧ଟି ବାଇକ୍ ସହ ୨୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ଠାବ କରାଯାଇଛି ।

ଏଥିସହ ଶ୍ରୀଲଙ୍କା, ନେପାଳ, ବାହାରିନ୍ ଓ ଆମେରିକାର କିଛି ବୈଦେଶିକ ମୁଦ୍ରା ମଧ୍ୟ ଜବତ ହୋଇଛି । ତେବେ ସେ ବାରମ୍ବାର ଶ୍ରୀଲଙ୍କା ଯାଇଥିବା ଓ ସଟ୍ଟା ଖେଳରେ ସାମିଲ ଥିବା ଅନୁମାନ କରାଯାଉଛି । ଏହି ଚଢ଼ଉ ଜାରି ରହିଥିବା ବେଳେ ତାଙ୍କୁ ଭିଜିଲାନ୍ସ ପକ୍ଷରୁ ଅଟକ କରାଯାଇଛି । ସୂଚନାଯୋଗ୍ୟ, ପଦ୍ମଲୋଚନ ୧୧ଜୁଲାଇ, ୧୯୯୧ରେ ସମ୍ବଲପୁରରେ କନିଷ୍ଠ କୃଷି ଇଞ୍ଜିନିୟର ଭାବେ ସରକାରୀ ଚାକିରୀରେ ଯୋଗ ଦେଇଥିଲେ । ତାଙ୍କର ପ୍ରାରମ୍ଭିକ ଦରମା ମାତ୍ର ୨୬ଶହ ଟଙ୍କା ଥିବାବେଳେ ସେ ପରବର୍ତ୍ତୀ ସମୟରେ ସୋନପୁର, କଟକ ଓ ବ୍ରହ୍ମପୁର ଆଦି ଜିଲ୍ଲାରେ କାଡା ଓ ଏମ୍‌ଆଇ ବିଭାଗ ଅଧିନରେ କାର୍ଯ୍ୟ କରିଥିଲେ । ୧ଅଗଷ୍ଟ, ୨୦୦୭ରେ ତାଙ୍କୁ ସହାୟକ କୃଷି (୯ ପୃଷ୍ଠାରେ)

### ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ଲାଗି ଏଲ୍‌ଓଏ ଜାତୀୟ କାର୍ଯ୍ୟକ୍ରମ

## ୯ରେ ଭୁବନେଶ୍ୱର ଆସିବେ ଉପରାଷ୍ଟ୍ରପତି

ଭୁବନେଶ୍ୱର, ୨୩।୬ (ସବ୍ୟୁ): ଗଭୀର ସମୁଦ୍ର ଅଞ୍ଚଳରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ ଲେଟର ଅଫ୍ ଅଥରାଇଜେସନ୍ (ପ୍ରାଧିକୃତ ଅନୁମତି ପତ୍ର)ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି । ଆସନ୍ତା ଜୁଲାଇ ୯ରେ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) କୃଷି ଶିକ୍ଷା ସଦନ ଠାରେ ଏହି ଜାତୀୟ କାର୍ଯ୍ୟକ୍ରମ ଆୟୋଜନ ହେବ । ଏହି କାର୍ଯ୍ୟକ୍ରମରେ ଭାରତର ଉପରାଷ୍ଟ୍ରପତି ସିପି. ରାଧାକ୍ରିଷ୍ଣନ୍ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ମଙ୍ଗଳବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରୁ ଜଣାପଡ଼ିଛି ଯେ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସଂପୃକ୍ତ କେନ୍ଦ୍ର ମନ୍ତ୍ରୀମଣ୍ଡଳ ସଦସ୍ୟ, ବିଭିନ୍ନ ରାଜ୍ୟର ପ୍ରତିନିଧି, ଜାତୀୟ ମତ୍ସ୍ୟ ସଂସ୍ଥାଗୁଡ଼ିକର ଅଧିକାରୀ ଏବଂ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ମତ୍ସ୍ୟଜୀବୀ, ମତ୍ସ୍ୟଚାଷ କ୍ଷେତ୍ରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଆଦି ଅଂଶଗ୍ରହଣ କରିବେ । କାର୍ଯ୍ୟକ୍ରମରେ ପ୍ରାୟ ୧୦୦୦ ଜଣ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଏହି "ଲେଟର ଅଫ୍ ଅଥରାଇଜେସନ୍ (ଏଲ୍‌ଓଏ) ଯୋଗ୍ୟ ଭାରତୀୟ ପତାକାଧାରୀ ମାଛ ଧରା ଜାହାଜଗୁଡ଼ିକୁ ଜାତୀୟ ଓ ଆନ୍ତର୍ଜାତିକ ନିୟମାବଳୀ ଅନୁସାରେ ଦୂର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ (୯ ପୃଷ୍ଠାରେ)

### ୪ରେ ଓଡ଼ିଶା ଆସିବେ ଅମିତ ଶାହା

ଭୁବନେଶ୍ୱର, ୨୩।୬ (ସବ୍ୟୁ): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଜୁଲାଇ ୪ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ । ରାଜ୍ୟରେ ଆୟୋଜନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଶ୍ରୀ ଶାହା ଯୋଗ ଦେବେ । ସରକାରୀ କାର୍ଯ୍ୟକ୍ରମ ସହିତ ଦଳୀୟ ସଂଗଠନ ପକ୍ଷରୁ ଆୟୋଜିତ ବୈଠକ ଓ ସମାବେଶରେ ମଧ ଶ୍ରୀ ଶାହଙ୍କ ଉପସ୍ଥିତି ରହିବ । ଏହି ଗସ୍ତରେ ସେ ରାଜ୍ୟର ବିଭିନ୍ନ ସାଙ୍ଗଠନିକ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହ ଦଳୀୟ ନେତୃତ୍ୱ ଓ କର୍ମୀମାନଙ୍କୁ ମାର୍ଗଦର୍ଶନ ଦେଇପାରନ୍ତି । ଶ୍ରୀ ଶାହାଙ୍କ ଗସ୍ତକୁ ନେଇ ରାଜ୍ୟ ବିଜେପି ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଥିବାବେଳେ ସୁରକ୍ଷା ବ୍ୟବସ୍ଥାକୁ ମଧ କଡ଼ାକଡ଼ି କରାଯାଉଛି । ତାଙ୍କ ଏହି ଗସ୍ତକୁ ରାଜ୍ୟ ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଭାବେ ଦେଖାଯାଉଛି ।

## ଇତିହାସ

୧୫୬୪- ଭାରତର ବିରାଙ୍ଗନା ମହାରାଣୀ ଦୁର୍ଗାବତୀ ମୋଗଲଙ୍କ ଯୁଦ୍ଧରେ ଶହୀଦ ହେଲେ ।

୧୯୨୨- ଆମେରିକା ପ୍ରଫେସନାଲ ଫୁଟ୍‌ବଲ ଆସୋସିଏସନ୍ ନ୍ୟାସ୍‌ନାଲ୍ ଫୁଟବଲ ଲିଗ୍‌ର ନାମ ପରିବର୍ତ୍ତମ କଲା ।

୧୯୪୮- ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ପ୍ରଥମ ବିଶ୍ୱସ୍ତରୀୟ ପରିଷଦ ଜେନେଭାରେ ଆୟୋଜିତ କରାଗଲା ।

୧୯୬୩- ଡାକ ଏବଂ ଟେଲିଗ୍ରାଫ୍ ବିଭାଗ ତରଫରୁ ରାଷ୍ଟ୍ରୀୟ ଟେଲେକ୍ସ ସେବାର ଶୁଭାରମ୍ଭ କରାଗଲା ।

୧୯୬୧- ଭାରତର ପ୍ରଥମ ସ୍ୱଦେଶୀ ଏଚ୍‌ଏଫ୍ ୨୪ ସୁପରସୈନିକ ଯୁଦ୍ଧବାହୀ ବିମାନ ଉଡାଣ ଭରିଲା ।

୧୯୯୫- ଦକ୍ଷିଣ ଆଫ୍ରିକା ରଗ୍‌ବି ବିଶ୍ୱକପ୍ ଜିତିଲା ।

୨୦୦୪- ନ୍ୟୁୟର୍କରେ ମୃତ୍ୟୁଦଣ୍ଡକୁ ଅସାମ୍ବିଧାନିକ ଘୋଷିତ କରାଗଲା ।

୨୦୦୬- ଫିଲିପିନ୍ସରେ ମୃତ୍ୟୁଦଣ୍ଡକୁ ଶେଷ କରାଗଲା ।

୨୦୧୦- ବିବଲ୍‌ଡନ୍‌ରେ ଐତିହାସିକ ତଥା ସବୁଠୁ ଅଧିକ ସମୟ ଧରି ଟେନିସ୍ ଖେଳାଗଲା । ଏହି ମ୍ୟାଚ୍ ୧୧ ଘଣ୍ଟା ଏବଂ ୫ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା ।

୨୦୧୨- ମୁସଲିମ୍ ବ୍ରଦରହୁଡ୍‌ର ନେତା ମହମ୍ମଦ ମୁର୍ସୀ ଇଜିପ୍ଟର ରାଷ୍ଟ୍ରପତି ହେଲେ ।

## ଘାତକ ହୋଇପାରେ ଆଲର୍ଜି



'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍‌'ର ଆକଳନ ଅନୁଯାୟୀ ବିଶ୍ୱର ପ୍ରାୟ ୨୦-୩୦% ଲୋକ କୌଣସି ନା କୌଣସି ଆଲର୍ଜି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେବେ ଏହାର ସାଧାରଣ ଲକ୍ଷଣ ଯେପରିକି ଛିଙ୍କ, କାଛୁକୁଣ୍ଡିଆ କିମ୍ବା ଆଖିରୁ ପାଣି ବାହାରିବା ହୋଇଥାଏ । ତେବେ କିଛି ଲୋକଙ୍କ କ୍ଷେତ୍ରରେ ହଠାତ୍ 'ଏନାଫିଲାକ୍ସିସ୍' ଭଳି ଏକ ସଂଘାତିକ ଓ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଆଲର୍ଜିକ ପ୍ରତିକ୍ରିୟାର ରୂପ ମଧ୍ୟ ନେଇଥାଏ । ଯେଉଁଥିରେ ରକ୍ତଚାପ ହ୍ରାସ ପାଇବା ସହ ଅଙ୍ଗପ୍ରତ୍ୟଙ୍ଗ ଅଚଳ ହେବାର ଆଶଙ୍କା ଥାଏ । ବିଶେଷଜ୍ଞଙ୍କ ଅନୁସାରେ ଏହା ଏକ ମେଡିକାଲ ଏମରଜେନ୍ସି ଏବଂ ସାଧାରଣ ଆଲର୍ଜି ପରି ଏହା ଶରୀରର ଗୋଟିଏ ଅଂଶରେ ସୀମିତ ନ ରହି ମାତ୍ର ୫ ରୁ ୩୦ ମିନିଟ୍ ମଧ୍ୟରେ ସମଗ୍ର ଶରୀରରେ ବ୍ୟାପିଥାଏ । ଯେପରି ଶ୍ୱାସକ୍ରିୟାରେ ପ୍ରତିବନ୍ଧକ, ବେକ ଓ ଜିଭ ସିଝିଯିବା ଏବଂ ଚେତାଶୂନ୍ୟ ଭଳି ଗମ୍ଭୀର ସମସ୍ୟା ସୃଷ୍ଟି କରିଥାଏ । କ୍ଷୀର, ଅଣ୍ଡା, ଚିନାବାଦାମ ଭଳି ଖାଦ୍ୟ ପଦାର୍ଥ, କେତେକ ନିର୍ଦ୍ଦିଷ୍ଟ ଆଣ୍ଟିବାୟୋଟିକ୍ ବା ପେନ୍ କିଲର ଔଷଧ କିମ୍ବା ବିଷାକ୍ତ କୀଟପତଙ୍ଗର ଦଂଶନ ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ଅତ୍ୟଧିକ ସକ୍ରିୟ ହୋଇ 'ହିଷ୍ଟାମିନ' ନାମକ କେମିକାଲ୍ ନିର୍ଗତ କରିବା ଫଳରେ ଏହି ସ୍ଥିତି ଉପୁଜିଥାଏ । ତେବେ ଏହା ଘାତକ ହୋଇଥିବାରୁ ଏହାର ତୁରନ୍ତ ଚିକିତ୍ସା ଆବଶ୍ୟକତା ହୋଇଥାଏ । ଏହାର କୌଣସି ଲକ୍ଷଣ ଦେଖାଯିବାମାତ୍ରେ ସଙ୍ଗେସଙ୍ଗେ ଡାକ୍ତରଙ୍କୁ ଦେଖେଇବାକୁ ହୋଇଥାଏ । ତେଣୁ ଯଦି ଆଲର୍ଜି ହେଉଛି ତେବେ ସବୁବେଳେ ସତର୍କ ରୁହନ୍ତୁ ।

## ସୋସିଆଲ କୋଟ୍ସ



ଆମେ ଦୁଇଜଣଯାକ ଏହି ବିବାହକୁ ଖୁବ ବ୍ୟକ୍ତିଗତ ରଖିବାକୁ ଚାହୁଁଛୁ । ଉଭୟଙ୍କର କେବଳ ପରିବାର ଲୋକ ହିଁ ଏଥିରେ ସାମିଲ ହେବେ । ପୁରା ସାଧାରଣଭାବେ ଏହା ହେବ ।

**ଆମିର ଖାନ, ଅଭିନେତା**



ଇରଫାନ ଖାନ ମୋ ପାଇଁ ମୋ ବଡଭାଇ ଥିଲେ । ତାଙ୍କ ସହିତ ମୋର କେବେ ବି ମନମାଳିନ୍ୟ ହୋଇ ନାହିଁ । ଯାହା କିଛି ବି ଚର୍ଚ୍ଚା ହୋଇଛି ମିଛ ।

**ନୱାଜୁଦ୍ଦିନ ସିଦ୍ଦିକି, ଅଭିନେତା**



ଧର୍ମେନ୍ଦ୍ରଙ୍କ ଦେହାନ୍ତ ବଲିଉଡ ପାଇଁ ଏକ ଗମ୍ଭୀର କ୍ଷତି ହୋଇଥିଲା । ଏହା ମୋର ଏକ ବଡ ବ୍ୟକ୍ତିଗତ କ୍ଷତିଥିଲା । ତାଙ୍କ ଦେହାନ୍ତ ମୋ ବାପାଙ୍କ ଜନ୍ମଦିନରେ ହୋଇଥିଲା, ଯାହା ମୋତେ ବେଶି ବ୍ୟଥିତ କରିଥିଲା ।

**ସଲମାନ ଖାନ, ଅଭିନେତା**

## କାର ହେଡଲାଇଟରେ ଦେଖିହେବ ଫିଲ୍ମ




ଚୀନର ପ୍ରମୁଖ ଟେକ୍ନୋଲୋଜି କମ୍ପାନୀ ହୁଆୱେ ଏକ ନୂତନ ଏବଂ ଅତ୍ୟାଧୁନିକ ସ୍ମାର୍ଟ କାର ହେଡ୍‌ଲାଇଟ୍ ଡିଜାଇନ କରିଛି,ଯାହାର ନାମ 'ଏକ୍ସପିକ୍ସେଲ ' ରଖାଯାଇଛି । ଏହି ସ୍ମାର୍ଟ ହେଡ୍‌ଲାଇଟ୍ ସିଷ୍ଟମ୍ କେବଳ ସାଧାରଣ ଭାବେ ରାସ୍ତାକୁ ଆଲୋକିତ କରିନଥାଏ, ବରଂ ଏଥିରେ ଅନେକ ଆଧୁନିକ ସୁବିଧା ରହିଛି । ଏହି ଟେକ୍ନୋଲୋଜି ସାହାଯ୍ୟରେ କାର୍ ସାମ୍ନାରେ ଥିବା ଯେକୌଣସି ସମତଳ କାନ୍ଥ ଉପରେ ପ୍ରାୟ ୧୦୦ ଇଞ୍ଚର ସ୍କ୍ରିନ୍ ଭଳି ଭିଡିଓ ଗେମ୍ କିମ୍ବା ଫିଲ୍ମ ପ୍ରଦର୍ଶନ କରାଯାଇପାରିବ । ଏହା ସହିତ ଗାଡ଼ି ଚଲାଇବା ସମୟରେ ଏହା ରାସ୍ତା ଉପରେ ହିଁ ନେଭିଗେସନ୍ ପ୍ରୋଜେକ୍ଟ କରିବାର କ୍ଷମତା ମଧ୍ୟ ରଖିଛି । ଏହି ସମ୍ପୂର୍ଣ୍ଣ ସିଷ୍ଟମ୍‌ଟି ଏକ ଫୁଲ୍-କଲର୍ ପ୍ରୋଜେକ୍ସନ ପ୍ରଣାଳୀ ସହିତ କାମ କରିଥାଏ । କମ୍ପାନୀର ଦାବି ଅନୁଯାୟୀ, ଏହି ହେଡ୍‌ଲାଇଟ୍ ଯାତ୍ରୀ ଏବଂ ଚାଳକଙ୍କ ସୁରକ୍ଷା କ୍ଷେତ୍ରରେ ମଧ୍ୟ ବିଶେଷ ସହାୟକ ହେବ । ଖରାପ ପାଗ ଯେପରିକି ପ୍ରବଳ ବର୍ଷା କିମ୍ବା କୁହୁଡ଼ି ସମୟରେ ଏହି ଲାଇଟ୍ ନିଜର ରଙ୍ଗ ଏବଂ ତାପମାତ୍ରାକୁ ସ୍ୱୟଂଚାଳିତ ଭାବେ ବଦଳାଇ ପାରେ । ଯାହା ଦ୍ୱାରା ସାମ୍ନା ରାସ୍ତା ସ୍ପଷ୍ଟ ଭାବେ ଦେଖାଯାଇଥାଏ । ଏହି ନୂଆ ଜ୍ଞାନକୌଶଳ ସର୍ବପ୍ରଥମେ 'ଏଟିଓ ଏମ ୯ ' କାର୍‌ର ଆଗାମୀ ନୂଆ ସଂସ୍କରଣରେ ଗ୍ରାହକମାନଙ୍କୁ ଦେଖିବାକୁ ମିଳିବ । ସୂଚନାଯୋଗ୍ୟ ଯେ, ହୁଆୱେ ଏବଂ ତାର ସହଯୋଗୀ କମ୍ପାନୀଗୁଡ଼ିକ ମିଳିତ ଭାବେ ୨୦୨୩ ମସିହାରୁ ଏହି ଏସୟୁଭି କାର୍‌କୁ ବିକଶିତ କରିବା ଦିଗରେ କାର୍ଯ୍ୟ କରୁଛନ୍ତି ।

## ଚେହେରାର ଭ୍ରମ ପାଇଁ ଦଣ୍ଡିତ

ଆମେରିକାରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ କେବଳ ତାଙ୍କ ଚେହେରା ସହ ମିଶୁଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କ ଯୋଗୁଁ ଦୀର୍ଘ ୧୭ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିଥିଲା । କାନସାସର ବାସିନ୍ଦା ରିଚାର୍ଡ ଏନ୍ଥନୀ ଜୋନ୍ସ ନାମକ ଏହି ବ୍ୟକ୍ତିଜଣକ ଜେଲ୍‌ରେ ଥିବା ସମୟରେ କ୍ରମାଗତ ଭାବେ ସେ ନିର୍ଦ୍ଦୋଷ ବୋଲି କହିଆସୁଥିଲେ ହେଲେ ସାକ୍ଷୀମାନଙ୍କ ବୟାନ ଆଧାରରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ହେଲେ ପରବର୍ତ୍ତୀ ସମୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଜଣାପଡିଥିଲା । ସେହି ଅଞ୍ଚଳରେ ରିଚାର୍ଡ ନାମକ ଅନ୍ୟ ଜଣେ ବ୍ୟକ୍ତି ରହୁଥିଲେ ଯାହାଙ୍କ ଚେହେରା ଜୋନ୍ସଙ୍କ ସହ ବହୁତ ମିଶୁଥିଲା । ତେଣୁ ସାକ୍ଷୀମାନେ ଭୁଲରେ ଜୋନସଙ୍କୁ ରିଚାର୍ଡବୋଲି ଭାବିଥିଲେ । ଏହି ହମଶକ୍ଲ ବ୍ୟକ୍ତିଙ୍କ ବିଷୟରେ ଜଣାପଡ଼ିବା ପରେ ସମ୍ପୂର୍ଣ୍ଣ ମାମଲା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଏହାପରେ ଆଧାରରେ ଶେଷରେ ୨୦୧୭ ମସିହାରେ ଜୋନ୍ସଙ୍କ ସଜା ରଦ୍ଦ କରାଯାଇଥିଲା ଏବଂ ସେ ଜେଲ୍‌ରୁ ମୁକ୍ତ ହୋଇଥିଲେ । ଜେଲ୍‌ରୁ ଖଲାସ ହେବା ପରେ ଜୋନ୍ସ କ୍ଷତିପୂରଣ ଦାବି କରିଥିଲେ ଏବଂ ଗତ ୨୦୧୮ ମସିହାରେ କାନସାସ୍ ସରକାର ଭୁଲ୍ ଦଣ୍ଡ ପାଇଁ ତାଙ୍କୁ ୧୧ ଲକ୍ଷ ଡଲାର (ପ୍ରାୟ ୯ କୋଟି ଟଙ୍କା) ର କ୍ଷତିପୂରଣ ପ୍ରଦାନ କରିଥିଲେ ।



## ବଡ଼ ପ୍ରୋଜେକ୍ଟରେ ପ୍ରିୟଙ୍କା



ପ୍ରିୟଙ୍କା ସବୁବେଳେ ନିଜର ପ୍ରୋଜେକ୍ଟ ପାଇଁ ଖୁବ ଚର୍ଚ୍ଚାରେ ରହିଥାଆନ୍ତି । ସେହିଭଳି ଏକ ବଡ଼ ପ୍ରୋଜେକ୍ଟରେ ସେ ନଜର ଆସିବାକୁ ଯାଉଛନ୍ତି । ଆଗକୁ ପ୍ରିୟଙ୍କା ଚୋପ୍ରାଙ୍କୁ ହଲିଉଡର ଆଞ୍ଜେଲିନା ଜୋଲିଙ୍କ ସହ ଏକାଠି ସ୍କ୍ରିନ ସେୟାର କରୁଥିବାର ଦର୍ଶକ ଦେଖିବେ । ଏନେଇ ସୂଚନା ମିଳିବାପରେ ପିସିଙ୍କର ଫ୍ୟାନମାନେ ଖୁବ ଖୁସି ଅଛନ୍ତି । ନିଜେ ପ୍ରିୟଙ୍କା, ଆଞ୍ଜେଲିନାଙ୍କ ସହ କାମ କରିବା କଥାନେଇ ସୂଚନା ଦେଇଛନ୍ତି । ତେବେ ଏହି ପ୍ରୋଜେକ୍ଟ ଏକ ହାଇ-ପ୍ରୋଫାଇଲ୍ ଫିଲ୍ମ, ବ୍ୟାବସାୟିକ ବିଜ୍ଞାପନ କିମ୍ବା କୌଣସି ସୋସିଆଲ କାର୍ଯ୍ୟକ୍ରମ ହେବ ତାହାକୁ ନେଇ ସ୍ପଷ୍ଟ ସୂଚନା ଜଣା ପଡିନାହିଁ ।

ବର୍ତ୍ତମାନ ପିସି ନିଜ କ୍ୟାରିୟରର ସବୁଠାରୁ ବ୍ୟସ୍ତବହୁଳ ପର୍ଯ୍ୟାୟରେ ଅଛନ୍ତି । ଆଗକୁ ତାଙ୍କର ମହେଶ ବାବୁ ଏବଂ ପୃଥ୍ୱୀରାଜ ସୁକୁମାରନ୍‌ଙ୍କ ସହ ଏସ.ଏସ. ରାଜାମୌଲିଙ୍କ ନିର୍ଦ୍ଦେଶିତ ମେଗା ଫିଲ୍ମ 'ବାରାଣସୀ' ଆସିବାକୁ ଅଛି । ଏହା ବ୍ୟତୀତ ତାଙ୍କ ହାତରେ ମୀରା ନାୟାରଙ୍କ ଜୀବନୀ ଭିତ୍ତିକ ନାଟକ 'ଅମ୍ରି' ଏବଂ ନିକୋଲାସ୍ ଷ୍ଟୋଲରଙ୍କ 'ଜଜ୍‌ମେଣ୍ଟ ଡେ' ଭଳି ବହୁ ପ୍ରତୀକ୍ଷିତ ଆନ୍ତର୍ଜାତୀୟ ପ୍ରୋଜେକ୍ଟ ମଧ୍ୟ ରହିଛି ।

## ଛତୁ ଖାଇ ଫେରିଲା ସ୍ମୃତିଶକ୍ତି

ସୂଚନା ଅନୁଯାୟୀ ଏକ ପ୍ରାୟୋଗିକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଛତୁ ଖାଇବା ଦ୍ୱାରା ଜଣେ ମହିଳାଙ୍କ ସ୍ମରଣଶକ୍ତି ଫେରିଆସିଛି । ଏହି ଗବେଷଣାରେ ଆଡଭାନ୍ସଡ ଅଲଜାଇମର ରୋଗରେ ପୀଡ଼ିତ ଜଣେ ୮୦ ବର୍ଷୀୟା ବୃଦ୍ଧାଙ୍କୁ ୫ ଗ୍ରାମର 'ସାଇଲୋସାଇବିନ ମସରୁମ୍' ଦିଆଯାଇଥିଲା । ଏହାପରେ ତାଙ୍କଠାରେ କିଛି ସମୟ ପାଇଁ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ସେ ପୂର୍ବ ଅପେକ୍ଷା ଅଧିକ ସ୍ପଷ୍ଟ ଭାବେ କଥାବାର୍ତ୍ତା କରିବା ସହ ସମ୍ପୂର୍ଣ୍ଣ ବାକ୍ୟ କହିପାରିଲେ ଏବଂ ବହୁଦିନରୁ ଭୁଲିଯାଇଥିବା ସ୍ମୃତିକୁ ମଧ୍ୟ ମନେ ପକାଇପାରିଲେ । ପରିବାର ଲୋକ ଓ ସଂଶୋଧକମାନେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି କହିଥିଲେ । ହେଲେ ଏହି ସୁଧାର ସ୍ଥାୟୀ ନଥିଲା ଏବଂ କିଛି ସମୟ ପରେ ଏହାର ପ୍ରଭାବ ଶେଷ ହୋଇଯାଇଥିଲା । ଯେହେତୁ ଏହି ମାମଲାଟି ମାତ୍ର ଜଣେ ରୋଗୀଙ୍କ ସହ ଜଡ଼ିତ ଥିଲା, ତେଣୁ ବୈଜ୍ଞାନିକମାନେ ଏହା ଦ୍ୱାରା ରୋଗ ସମ୍ପୂର୍ଣ୍ଣ ଭଲ ହେବା ନେଇ କୌଣସି ଦାବି କରିନାହାନ୍ତି । ସୂଚନାଯୋଗ୍ୟ ଯେ, ସାଇଲୋସାଇବିନ ହେଉଛି କେତେକ ବିଶେଷ ପ୍ରକାରର ମସରୁମ୍‌ରେ ମିଳୁଥିବା ଏକ ସାଇକୋଆକ୍ଟିଭ୍ କମ୍ପାଉଣ୍ଡ । ବର୍ତ୍ତମାନ ସମୟରେ ଡିପ୍ରେସନ, ଆଙ୍ଗଜାଇଟି, ପିଟିଏସଡି, ନିଶା ଏବଂ ମାନସିକ କାର୍ଯ୍ୟଦକ୍ଷତା ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ନେଇ ଅଧିକ ଗବେଷଣା ଜାରି ରହିଛି ।





**ମେଷ:** ଦ୍ରବ୍ୟଲାଭ, ଶରୀର ସୁସ୍ଥ, ବିଦ୍ୟାରେ ସଫଳତା, ପାରିବାରିକ ଖୁସି, ନୂତନ ନିଯୁକ୍ତି, ବନ୍ଧୁସାହାଯ୍ୟ, ଶତ୍ରୁ ପରାଜିତ, ବ୍ୟବସାୟରେ ଲାଭ । ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା' ଭଗବତୀ ।

**ବୃଷ:** ବନ୍ଧୁସହଯୋଗ, ନୂତନ ଆୟ, ମାନସିକ ଶାନ୍ତି, କର୍ମକ୍ଷେତ୍ରେ ପରିଶ୍ରମ, ଦାମ୍ପତ୍ୟଖୁସି, ଅନୁଷ୍ଠାନରୁ ଲାଭ, ଶତ୍ରୁସମସ୍ୟା, ବିଦେଶ ଭ୍ରମଣ, ଭୂସମ୍ପତ୍ତିଲାଭ । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା- ଭଗବାନ ବିଷ୍ଣୁ ।

**ମିଥୁନ:** ଚିଡ଼ିଚିଡ଼ା ସ୍ୱଭାବ, ହେବାକାର୍ଯ୍ୟ ବିଳମ୍ବ, ବ୍ୟବସାୟରେ ଶତ୍ରୁବୃଦ୍ଧି, ପାରିବାରିକ ସହଯୋଗ, ବନ୍ଧୁଲାଭ, ଅର୍ଥଚିନ୍ତା, ଦାମ୍ପତ୍ୟକଳହ, ଭ୍ରାତୃସ୍ନେହ । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୬, ଆରାଧନା- ପ୍ରଭୁ ହନୁମାନ ।

**କର୍କଟ:** ଶରୀର ଅସୁସ୍ଥ, ହଠାତ ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପଲାଭ, କର୍ମକ୍ଷେତ୍ରେ ସ୍ଥାନାନ୍ତର, ପଦବୀଲାଭ, ବିଶିଷ୍ଟ କାର୍ଯ୍ୟରେ ଧନବ୍ୟୟ, ଶତ୍ରୁ ପରାଜିତ, ଦାମ୍ପତ୍ୟସୁଖ । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶୀ, ସଂଖ୍ୟା-୫, ଆରାଧନା-ମା' ଗୌରୀ ।

**ସିଂହ:** ନୂତନ କର୍ମଆରମ୍ଭ, ବ୍ୟବସାୟରେ ଉନ୍ନତି, ପାରିବାରିକ ସୁଖ, ଅଯଥା ଖର୍ଚ୍ଚ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ସମ୍ପତ୍ତିଲାଭ, କର୍ମକ୍ଷେତ୍ରେ ସହଯୋଗ । ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା' ମଙ୍ଗଳା ।

**କନ୍ୟା:** ବ୍ୟବସାୟରେ ସ୍ୱଳ୍ପ ଲାଭ, ପାରିବାରିକ ସାହାଯ୍ୟ, ନୂତନ ବନ୍ଧୁଲାଭ, ମାନସିକ ଶାନ୍ତି, ଯାତ୍ରା ସଫଳ, କିଛି କ୍ରୟବିକ୍ରୟ, ଅନୁଷ୍ଠାନରୁ ଲାଭ, ଶତ୍ରୁସମସ୍ୟା, ହେବାକାର୍ଯ୍ୟ ବିଳମ୍ବ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୬, ଆରାଧନା- ପ୍ରଭୁ ହନୁମାନ ।

**ତୁଳା:** ଶୁଭଖବର, କର୍ମକ୍ଷେତ୍ରେ ସମସ୍ୟା, ଦାମ୍ପତ୍ୟସୁଖ, ଅନୁଷ୍ଠାନରୁ ଲାଭ, ସମ୍ମାନପ୍ରାପ୍ତି, ଦ୍ରବ୍ୟଲାଭ, ବନ୍ଧୁସାହାଯ୍ୟ, ଅର୍ଥଲାଭ, ବିଶିଷ୍ଟ ବ୍ୟକ୍ତି ସାହାଯ୍ୟ । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ଶଙ୍କର ଭଗବାନ ।

**ବିଛା:** ଦ୍ରବ୍ୟବୃଦ୍ଧି, ମାନସିକ ଅବସାଦ, ବ୍ୟବସାୟିକ କଷ୍ଟ, ସନ୍ତାନଲାଭ, ମେଡ଼ିକାଲ ସମସ୍ୟା, ଲୋକସମ୍ପର୍କରେ ଉନ୍ନତି, ତୀର୍ଥଯାତ୍ରା ସଫଳ । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** ଯାତ୍ରା ଶୁଭ, ଦ୍ରବ୍ୟଲାଭ, ସମ୍ମାନପ୍ରାପ୍ତି, ଅର୍ଥଲାଭ, ଦୂରଯାତ୍ରାରେ କଷ୍ଟ, ବ୍ୟବସାୟରେ ଲାଭ, ଉତ୍ତମବ୍ୟକ୍ତି ସାହାଯ୍ୟ, ଦେବକାର୍ଯ୍ୟରେ ସଫଳ, ସ୍ୱାଦିଷ୍ଟ ଭୋଜନ । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ମହାଲକ୍ଷ୍ମୀ ।

**ମକର:** ସମ୍ମାନଲାଭ, ବନ୍ଧୁସାହାଯ୍ୟ, ପାରିବାରିକ ଖୁସି, ଅର୍ଥଲାଭ, ଦେବକାର୍ଯ୍ୟ ସଫଳ, ଶତ୍ରୁ ପରାଜିତ, ମାନସିକ ଶାନ୍ତି, ଗୃହେ ଶୁଭଆଲୋଚନା । ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୮, ଆରାଧନା- ମା' ମାଣିକେଶ୍ୱରୀ ।

**କୁମ୍ଭ:** ଶୁଭଖବର, ଦ୍ରବ୍ୟଲାଭ, ସମ୍ପତ୍ତିସୁଖ,ଶୁଭ ଆଲୋଚନା, ବନ୍ଧୁଲାଭ, ପାରିବାରିକ ଶାନ୍ତି, ଦୂରଯାତ୍ରା ସଫଳ, ସ୍ୱାସ୍ଥ୍ୟଲାଭ, ଲୋକସମ୍ପର୍କରେ ଉନ୍ନତି, ସ୍ୱାଦିଷ୍ଟ ଭୋଜନ । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣୀ, ସଂଖ୍ୟା-୧୦, ଆରାଧନା- ମା' ଦକ୍ଷିଣକାଳୀ ।

**ମୀନ:** ଶରୀର କଷ୍ଟ, ହେବାକାର୍ଯ୍ୟ ବିଳମ୍ବ, ଯାତ୍ରାରେ ସତର୍କ, ବନ୍ଧୁସହଯୋଗ, ପାରିବାରିକ ବିବାଦ, ତୀର୍ଥାଟନ, ଦେବଦର୍ଶନ, ଦ୍ରବ୍ୟନଷ୍ଟ, ଶତ୍ରୁକଷ୍ଟ, ଲୋକସମ୍ପର୍କରେ ଉନ୍ନତି । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୫, ଆରାଧନା- ମା' ଗୌରୀ ।

**ଜ୍ୟେଷ୍ଠ ଶୁକ୍ଳପକ୍ଷ ଦଶମୀ**
**୨୪.୬.୨୦୨୬, ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

# 'ରାଷ୍ଟ୍ର ପ୍ରଥମ' ନୀତିରେ ଅନୁପ୍ରାଣିତ ହୋଇ ବିକଶିତ ଭାରତ ଗଠନ ପାଇଁ ଯୁବପିଢ଼ିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ଭାରତ ମାତାର ମହାନ ସୁପୁତ୍ର ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ 'ରାଷ୍ଟ୍ର ପ୍ରଥମ' ନୀତିରେ ଅନୁପ୍ରାଣିତ ହୋଇ ପବିତ୍ର ଓଡ଼ିଶା ମାଟି ତଥା ସମଗ୍ର ଭାରତବର୍ଷକୁ ସଶକ୍ତ, ସମୃଦ୍ଧ ଓ ଏକତାର ସୂତ୍ରରେ ବାନ୍ଧି ରଖିବା ପାଇଁ କାର୍ଯ୍ୟ କରିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି । ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଯୁବପିଢ଼ିଙ୍କୁ ଏହି ଆହ୍ୱାନ ଦେଇଛନ୍ତି। ଡଃ ମୁଖାର୍ଜୀଙ୍କ ଅତୁଳନୀୟ ତ୍ୟାଗ ଓ ଶିକ୍ଷା ସଂସ୍କାର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାତ୍ର ୩୩ ବର୍ଷ ବୟସରେ ସେ କଲିକତା ବିଶ୍ୱବିଦ୍ୟାଳୟର ସର୍ବକନିଷ୍ଠ କୁଳପତି ଭାବେ ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲେ। ଦେଶର ଏକତା ଓ ଅଖଣ୍ଡତା ପାଇଁ ଜାମ୍ମୁ-କାଶ୍ମୀର ଆନ୍ଦୋଳନରେ ସେ ଦେଇଥିବା ଐତିହାସିକ ସ୍ଲୋଗାନ "ଏକ ଦେଶ ମେଁ ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ ନେହିଁ ଚଲେଙ୍ଗେ" ସମଗ୍ର ରାଷ୍ଟ୍ରକୁ ଏକତା ସୂତ୍ରରେ ବାନ୍ଧିଥିଲା।



ସେ କହିଥିଲେ ଯେ କଂଗ୍ରେସର ତୁଷ୍ଟୀକରଣ ରାଜନୀତି ଏବଂ ଭୁଲ୍ ନୀତି ଯୋଗୁଁ କାଶ୍ମୀର ଉପରେ ଲଦି ଦିଆଯାଇଥିବା ଧାରା ୩୭୦ ଭଳି କଳା ଆଇନ ଯୋଗୁଁ ଦୀର୍ଘ ଦଶନ୍ଧି ଧରି ଲକ୍ଷ ଲକ୍ଷ ନିରୀହ ଲୋକ ପ୍ରାଣ ହରାଇଥିଲେ ଓ ଶରଣାର୍ଥୀ ସଦୃଶ ଜୀବନ ବିତାଇଥିଲେ । ସେ ପ୍ରକାଶ କରିଥିଲେ ଯେ, ବିନା ପରମିଟ୍‌ରେ କାଶ୍ମୀର ପ୍ରବେଶ କରି ଗିରଫ ହେବା ପରେ ଜେଲ୍ ଭିତରେ ସନ୍ଦେହଜନକ ପରିସ୍ଥିତିରେ ଡଃ ମୁଖାର୍ଜୀଙ୍କ ମୃତ୍ୟୁର କୌଣସି ତଦନ୍ତ ତତ୍କାଳୀନ କଂଗ୍ରେସ ସରକାର କରାଇନଥିଲେ, ଯାହା ଇତିହାସର ସବୁଠାରୁ ବଡ଼ ଦୁର୍ଭାଗ୍ୟଜନକ ଅଧ୍ୟାୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଗତ ୫ ଅଗଷ୍ଟ ୨୦୧୯ ମସିହାରେ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରାଯାଇ ଡଃ ମୁଖାର୍ଜୀଙ୍କ ସେହି ଅଧୁରା ସ୍ୱପ୍ନକୁ ସାକାର କରାଯାଇଛି ଏବଂ ଏହାହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି। କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଆଜି ଗୋଟିଏ ସମ୍ବିଧାନ ଏବଂ ଗୋଟିଏ ତ୍ରିରଙ୍ଗା ଭାରତର ବିଜୟ ପତକା ଉଡ଼ାଉଛି। ୨୧ ଅକ୍ଟୋବର ୧୯୫୧ରେ ଡଃ ମୁଖାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠିତ 'ଭାରତୀୟ ଜନସଂଘ' ଆଜି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ "ଭାରତୀୟ ଜନତା ପାର୍ଟି" ଭାବେ ଉଭା ହୋଇଛି, ଯାହାର ମୂଳମନ୍ତ୍ର ହେଉଛି ସାଂସ୍କୃତିକ ରାଷ୍ଟ୍ରବାଦ।

ସେ ଆହୁରି କହିଥିଲେ ଯେ, ପୂର୍ବ ସରକାର ଡଃ ମୁଖାର୍ଜୀଙ୍କ ସ୍ମୃତି ଦିବସକୁ ଅଣଦେଖା କରୁଥିବା ବେଳେ ବର୍ତ୍ତମାନର ସରକାର ଏହାକୁ ଏକ ଜାତୀୟ କର୍ତ୍ତବ୍ୟ ଭାବେ ଗ୍ରହଣ କରି ପାଳନ କରୁଛନ୍ତି । ଏହି ଅବସରରେ ସେ ଦେଶ ଓ ରାଜ୍ୟକୁ ଦୁର୍ବଳ କରୁଥିବା ଭ୍ରଷ୍ଟ, ଦେଶବିରୋଧୀ ଏବଂ ପରିବାରବାଦୀ ଶକ୍ତିମାନଙ୍କ ପ୍ରତି ସତର୍କ ରହିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ କହିଥିଲେ ଯେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଜାତୀୟତାବାଦ ଚିନ୍ତାଧାରାକୁ ଯିଏ ବିଚ୍ଛୁରିତ କରିଥିଲେ ସେ ହେଉଛନ୍ତି ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ । ସେ ହେଉଛନ୍ତି ପ୍ରକୃତ ଦେଶ ଭକ୍ତର ନିଦର୍ଶନ, ଯିଏ କି ଦଳ ମତ ନିର୍ବିଶେଷରେ ନିଜ ଦେଶକୁ ଭଲପାଉଥିଲେ । ଏହି ଅବସରରେ ପୂର୍ବତନ ରାଜ୍ୟସଭା ସାଂସଦ ଦୁଷ୍ମନ୍ତ କୁମାର ଗୌତମ, ଏକାମ୍ର ବିଧାୟକ ବାବୁ ସିଂହ ପ୍ରମୁଖ ମତବ୍ୟକ୍ତ କରିଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ।

## ରାଜନୈତିକ ଦଳ ସହ ସିଇଓଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

# ଏସ୍‌ଆଇଆର୍‌ରେ ଯୋଗ୍ୟ ମତଦାତା ବାଦ୍ ନପଡିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟରେ ଏକ ସମ୍ପୂର୍ଣ୍ଣ, ସଠିକ୍ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ପ୍ରକ୍ରିୟାରେ କେହି ଜଣେ ବି ଯୋଗ୍ୟ ଭୋଟର ଯେମିତି ବାଦ୍ ନପଡିବେ, ସେଥିଲାଗି ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଆସନ୍ତାକାଲି(ବୁଧବାର) ଓ ୨୫ ତାରିଖରେ ଅୟୋଜନ ଲାଗି ନିଷ୍ପତ୍ତି ନିଆଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ. ଗୋପାଳନ କହିଛନ୍ତି ।

ଶ୍ରୀ ଗୋପାଳନଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ସମଗ୍ର ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ଏସ୍‌ଆଇଆର ଏବଂ ଡିଜିଟାଇଜେସନର ବର୍ତ୍ତମାନର ସ୍ଥିତି ଉପରେ ଆଲୋଚନା ହୋଇଥିଲା । ଏଥିସହ ଆସନ୍ତା ଜୁଲାଇ ୫ରେ ପ୍ରକାଶ ପାଇବାକୁ ଥିବା ଚିଠା ଭୋଟର ତାଲିକା ଏବଂ ଏହି ସଂଶୋଧନ ପ୍ରକ୍ରିୟାର ପରବର୍ତ୍ତୀ ପର୍ଯ୍ୟାୟଗୁଡ଼ିକର ସୁପରିଚାଳନା ନେଇ ରଣନୀତି ପ୍ରସ୍ତୁତ କରାଯାଇଛି । ଏହି ଚିଠା ଭୋଟର ତାଲିକାକୁ ନେଇ କୌଣସି ପ୍ରକାରର ଆପତ୍ତି କିମ୍ବା ଅଭିଯୋଗ ଥିଲେ



ଜୁଲାଇ୫ରୁ ଅଗଷ୍ଟ ୪ ତାରିଖ ମଧ୍ୟରେ ଆପତ୍ତି ଦାଖଲ କରାଯାଇପାରିବ । ଜୁଲାଇ ୫ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ଫର୍ମ-୬ ମାଧ୍ୟମରେ ନୂତନ

- ଜୁଲାଇ ୫ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା
- ଅଗଷ୍ଟ ୪ ମଧ୍ୟରେ ଆପତ୍ତି ଦାଖଲ କରିପାରିବେ ଭୋଟର

ନାମ ଯୋଡ଼ିପାରିବେ,ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଓ ଫର୍ମ-୮ ମାଧ୍ୟମରେ ଯେକୌଣସି ପ୍ରକାରର ସଂଶୋଧନ କରିପାରିବେ ।ରାଜ୍ୟରେ ଆଜି ସୁଦ୍ଧା ୯୯.୯୧ ପ୍ରତିଶତ ଅର୍ଥାତ ୩କୋଟି ୩୩ଲକ୍ଷ ୬୯ହଜାର ୬୨୭ ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ହୋଇଥିବା ବେଳେ ସେଥି ମଧ୍ୟରୁ ୯୦.୮୬ ପ୍ରତିଶତ ଅର୍ଥାତ ୩କୋଟି ୩୪ଲକ୍ଷ ୬ହଜାର ୭୨୯ଜଣ ଭୋଟରଙ୍କର ଡିଜିଟାଇଜେସନ କରାଯାଇଛି । ଏହି ବୈଠକରେ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର, ଡେ଼ପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ଓ ଅନାମିକା ସିଂ ଙ୍କ ସମେତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଘର ବିକ୍ରି ବାହାନାରେ ୧.୫୦ କୋଟି ଠକେଇ, ବାପ -ପୁଅ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଘର ବିକ୍ରି ବାହାନାରେ ୧.୫୦ କୋଟି ଟଙ୍କା ଠକେଇ କରିଥିବା ବାପ ରମେଶ ଚନ୍ଦ୍ର ନାୟକ (୬୪) ଓ ପୁଅ ସ୍ୱାଧୀନ କୁମାର ନାୟକଙ୍କୁ ପାହାଳ ଥାନାପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି ।ଅଭିଯୋଗକାରିଣୀ ମାନସୀ ଦାସ ୨୦୨୫ ମସିହା ମେ ମାସରେ ଅଭିଯୁକ୍ତ ସ୍ୱାଧୀନ କୁମାର ନାୟକଙ୍କଠାରୁ ନଖରାସ୍ଥିତ ବୈଭବନଗରରେ ଏକ ୩ ମହଲା ବିଶିଷ୍ଟ ଘରକୁ ମୋଟ ୧.୫୦ କୋଟି ଟଙ୍କାରେ କିଣିଥିଲେ । ଏସମ୍ପର୍କରେ ଏକ ରେଜିଷ୍ଟ୍ରୀକୃତ ବିକ୍ରୟ ଦଲିଲ୍ ସମ୍ପାଦିତ ହୋଇଥିଲା । ଅଭିଯୋଗକାରିଣୀ ଜମିର ରେକର୍ଡ ମଧ୍ୟ ହାସଲ କରିଥିଲେ । ଏକ ନୋଟାରିକୃତ ଚୁକ୍ତି ଅନୁଯାୟୀ ଅଭିଯୁକ୍ତଙ୍କୁ ଘରେ ୧ ବର୍ଷ ପର୍ଯ୍ୟନ୍ତ ରହିବାକୁ ଅନୁମତି ଦିଆଯାଇଥିଲା । ସମ୍ପୂର୍ଣ୍ଣ ଟଙ୍କା ପାଇବା ପରେ ଘର ଖାଲି କରି ହସ୍ତାନ୍ତର କରିବାକୁ ସର୍ତ୍ତ ରହିଥିଲା । ଅଭିଯୋଗକାରିଣୀ ବ୍ୟାଙ୍କ ମାଧ୍ୟରେ ୧ କୋଟି ଟଙ୍କା ଦେଇଥିଲେ । ଯେଉଁଥିରେ ଅଭିଯୁକ୍ତଙ୍କ ଘର ଋଣ ପରିଶୋଧ ମଧ୍ୟ ସାମିଲ ଥିଲା । ପରବର୍ତ୍ତୀ ସମୟରେ ନଗଦ, ଚେକ୍ ଓ ଅନଲାଇନ୍ ମାଧ୍ୟମରେ ପ୍ରାୟ ୪୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଦେଇଥିଲେ । କେବଳ ୨ ଲକ୍ଷ ଟଙ୍କା ବାକି ଥିଲା । ଯାହା ଘର ଦଖଲ ହସ୍ତାନ୍ତର ସମୟରେ ଦେବାକୁ ଉଭୟ ପକ୍ଷ ମଧ୍ୟରେ ସ୍ଥିର ହୋଇଥିଲା । କିନ୍ତୁ ୨୦୨୬ ଏପ୍ରିଲ ୩୦ତାରିଖରେ ଚୁକ୍ତିର ଅବଧି ସମାପ୍ତି ହେବା ପରେ ଅଭିଯୁକ୍ତମାନେ ୧.୪୬ ଲକ୍ଷ ଟଙ୍କା ଗ୍ରହଣ କରିଥିଲେ ମଧ୍ୟ ଘର ହସ୍ତାନ୍ତର କରିବାକୁ ମନା କରିଥିଲେ । ଅଭିଯୁକ୍ତ ରମେଶ ଚନ୍ଦ୍ର ନାୟକ ଉକ୍ତ ଘର ଉପରେ ନିଜର ମାଲିକାନା ଦାବି କରିଥିଲେ । ତାଙ୍କ ଅଜ୍ଞାତସାରରେ ଘର ବିକ୍ରି ହୋଇଥିବା କହି ଘର ଖାଲି କରିବାକୁ ଅସ୍ୱୀକାର କରିଥିଲଶ । ଅଭିଯୁକ୍ତମାନେ ଅଭିଯୋଗକାରିଣୀଙ୍କୁ ଧମକ ଦେବା ସହ ବ୍ୟବହାର ଖରାପ କରିଥିଲେ ଏବଂ ଘର ହସ୍ତାନ୍ତର କରିନଥିଲେ ।

ଅଭିଯୁକ୍ତ ରମେଶ କୁମାର ନାୟକ ତାଙ୍କ ପୁଅ ସ୍ୱାଧୀନ କୁମାର ନାୟକଙ୍କ ସହ ମିଶି ଷଡଯନ୍ତ୍ର କରିଥିଲେ ଏବଂ ଘରର ମୂଲ୍ୟକାଟି ବାକି ଟଙ୍କା ଫେରାଇବାକୁ ପ୍ରସ୍ତାବ ଦେଇଥିଲେ । ବିକ୍ରୟ ଦଲିଲ୍, ଚୁକ୍ତିପତ୍ର ଓ ଅନ୍ୟାନ୍ୟ ସମ୍ବନ୍ଧିତ ଦସ୍ତାବିତ ଯାଞ୍ଚ କରାଯାଇଥିଲା । ଯାଞ୍ଚରୁ ଅଭିଯୁକ୍ତମାନଙ୍କ ବିରୋଧରେ ପ୍ରତାରଣା, ଧମକ ଓ ସମ୍ପୃକ୍ତ ଅପରାଧ ସ୍ପଷ୍ଟ ହୋଇଥିଲା । ପୋଲିସ ବାପ -ପୁଅଙ୍କୁ ଗିରଫ କରିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଉଭୟଙ୍କୁ ଜେଲ ହାଜତ ପଠାଇଦିଆଯାଇଛି ।

# ୧୦ ବିଚାରାଧୀନ କଏଦୀ ଅସୁସ୍ଥ

ଭୁବନେଶ୍ୱର,(ସବ୍ୟୁ) : ଝାରପଡ଼ା ସ୍ୱତନ୍ତ୍ର କାରାଗାରର ୧୦ ବିଚାରାଧୀନ କଏଦୀ ଅସୁସ୍ଥ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅସୁସ୍ଥତାର କାରଣ ଜଣାପଡ଼ି ନଥିବାବେଳେ ଖାଦ୍ୟ ନା ଅନ୍ୟ କେଉଁ କାରଣରୁ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ସୂଚନା ମିଳିଛି। କ୍ୟାପିଟାଲ ହସ୍ପିଟାକୁ ଡିସିପି ଜଗମୋହନ ମିନା ଯାଇ ସେମାନଙ୍କୁ ଦେଖିଛନ୍ତି। କେଉଁ କାରଣ ପାଇଁ କ୍ୟାପିଟାଲ ହସ୍ପିଟାଲ ପୋଲିସ ଛାଉଣିରେ ପରିଣତ ହୋଇଛି ତାହା ମଧ୍ୟ ପୋଲିସ ସ୍ପଷ୍ଟ କରୁନାହିଁ। ଚିକିତ୍ସିତ କଏଦୀଙ୍କୁ ଜଗିବା ପାଇଁ ପୋଲିସ ଛାଉଣି ହୋଇଥିବା କୁହାଯାଉଛି। ହେଲେ ଏକକାଳୀନ ଏତେ ସଂଖ୍ୟାରେ କଏଦୀ କିପରି ଅସୁସ୍ଥ ହେଲେ ତାହା ପରେ ଜଣାପଡ଼ିବ ବୋଲି କୁହାଯାଉଛି। କ୍ୟାପିଟାଲ ହସ୍ପିଟାଲକୁ ଏମାନେ ଆସିଥିବା ବେଳେ ଜେଲ୍ ଡିସ୍‌ପେନସାରୀରେ ଚିକିତ୍ସିତ ହେଉଛନ୍ତି।

# ଚାରୋଟି ଘଟଣାରେ ୪୦ଲକ୍ଷରୁ ଉର୍ଦ୍ଧ୍ୱ ସାଇବର ଠକେଇ

ଭୁବନେଶ୍ୱର, (ସବ୍ୟୁ) : ନିୟନ୍ତ୍ରଣ ବାହାରେ ସାଇବର ଠକେଇ । ଗୋଟିଏ ଦିନରେ ଚାରୋଟି ଘଟଣାରେ ସାଇବର ଠକ ୪୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି । ସାଇବର ଥାନାରେ ଅଭିଯୋଗ ହେବା ପରେ ତଦନ୍ତ ଆରମ୍ଭ ହୋଇଛି ।

ରିଜର୍ଭ ବ୍ୟାଙ୍କରେ ଚାକିରି କରିଥିବା ଆନ୍ଧ୍ରର ଜଣେ ମହିଳାଙ୍କ ଆକାଉଣ୍ଟରୁ ୯ଲକ୍ଷ ଟଙ୍କା ସାଇବର ଠକ ଲୁଟି ନେବାରେ ସମର୍ଥ ହୋଇଛନ୍ତି । ଇନ୍‌ଷ୍ଟାଗ୍ରାମ୍‌ରେ ଲୋଭନୀୟ ଅଫର ଦେଖି ସେ ହ୍ୱାଟ୍‌ସଆପ୍‌ରେ କଥା ହେବା ପରେ ଏହି ଠକେଇ ହୋଇଛି । ସେହିପରି ଶୈଳଶ୍ରୀବିହାର ଅଞ୍ଚଳର ରଜନୀକାନ୍ତ ଭୂୟାଁଙ୍କ ଆକାଉଣ୍ଟରୁ ସାଇବର ଠକ ୨୫ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ଗୁଗୁଲ୍‌ର ୱାଟ୍‌କୋର ନମ୍ବର ଖୋଜିବାକୁ ଯାଇ ସାଇବର ଠକେଇର ଶିକାର ହୋଇଛନ୍ତି ବମିଖାଲର ବିସି ଦାସମହାପାତ୍ର । ଯେଉଁ ନମ୍ବର ସେ ଗୁଗୁଲରୁ ସଂଗ୍ରହ କରିଥିଲେ ତାହା ସାଇବର ଠକଙ୍କ ଥିଲା ବୋଲି ସେ ଜାଣିନଥିଲେ । ସେହି ନମ୍ବରରେ ଟେଲିଫୋନ୍ କରିବା ପରେ ତାଙ୍କୁ ଉତ୍ତର ମିଳିଥିଲା ୫ଟଙ୍କା ପଠାଇବାକୁ । ୫ଟଙ୍କା ପଠାଇବା ପରେ ତାଙ୍କ ଆକାଉଣ୍ଟରେ ଥିବା ପ୍ରାୟ ୩ଲକ୍ଷ ଟଙ୍କା ଲୁଟି ନେଇଥିଲେ ସାଇବର ଠକ । ସେହିପରି ରଘୁନାଥପୁରର ବାସୁଦାସ ସାମଲଙ୍କ ଆକାଉଣ୍ଟରୁ ବିନା ଓଟିପିରେ ୬ଲକ୍ଷ ଟଙ୍କା ଲୁଟ୍ ହୋଇଛି । ସାଇବର ବିଶେଷଜ୍ଞଙ୍କ କହିବା କଥା ଏପିକେ ଫାଇଲ ଓ ଅଜଣା ଲିଙ୍କ୍ ଆଦୌ ବ୍ୟବହାର କରନ୍ତୁ ନାହିଁ । ସ୍କିନ୍‌ରେ ଲୋଭନୀୟ ଅଫର ଦେଖି ଲୋକମାନେ ତାହାକୁ ବ୍ୟବହାର କରି ସାଇବର ଠକେଇର ଶିକାର ହେଉଛନ୍ତି ।

## ସ୍ୱର୍ଗତଃ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୭୪ତମ ବଳିଦାନ ଦିବସ

# ଦେଶବାସୀଙ୍କ ସେବାରେ ଜୀବନ ଉତ୍ସର୍ଗ କରିଥିଲେ ସ୍ୱର୍ଗତଃ ମୁଖାର୍ଜୀ: ମନମୋହନ

ଭୁବନେଶ୍ୱର, (ସବ୍ୟୁ): ଆମ ସମସ୍ତଙ୍କ ପ୍ରେରଣାର ଉତ୍ସ, ମାର୍ଗଦର୍ଶକ ତଥା ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସ। ସାରା ଦେଶରେ ଏହାକୁ ବଳିଦାନ ଦିବସ ଭାବେ ପାଳନ କରାଯାଏ। ସ୍ୱର୍ଗତଃ ମୁଖାର୍ଜୀ ବହୁତ କମ୍ ସମୟ ମଧ୍ୟରେ ନିଜ କାର୍ଯ୍ୟକୁ ଦକ୍ଷତାର ସହ ସମ୍ପାଦନ କରି ଶୀର୍ଷରେ ପହଂଚି ପାରିଥିଲେ। କଂଗ୍ରେସର ମନମୁଖୀ ଶାସନକୁ ସେ ବରଦାସ୍ତ କରି ନଥିଲେ। ଦେଶର ସ୍ୱାଧୀନତା ପରେ ମନ୍ତ୍ରୀ ହୋଇଥିଲେ ମଧ୍ୟ ତାଙ୍କର କେବେ କ୍ଷମତା ଲୋଭ ନଥିଲା। ଦେଶବାସୀଙ୍କ ସେବାରେ ସେ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ। ସ୍ୱର୍ଗତଃ ମୁଖାର୍ଜୀଙ୍କ ପାଇଁ ଦେଶ ଥିଲା ସର୍ବୋପରି। ତାଙ୍କ ଦୃଢ଼ତା ଓ ଆତ୍ମବିଶ୍ୱାସ ପାଇଁ ଦେଶର ଏକତା ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ହୋଇପାରିଛି ବୋଲି ରାଜ୍ୟ



କାର୍ଯ୍ୟାଳୟରେ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୭୪ତମ ବଳିଦାନ ଦିବସ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ସ୍ୱର୍ଗତଃ ମୁଖାର୍ଜୀ ଜଣେ ବିଶିଷ୍ଟ ରାଜନେତା ହେବା ସହ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ। ସେ ପଶ୍ଚିମବଙ୍ଗ ଓ ଜାମ୍ମୁକାଶ୍ମୀର ବିଭାଜନକାରୀ ଶକ୍ତିଗୁଡ଼ିକ ସହ ସାଲିସ କରି ନ ଥିଲେ। ୧୯୫୧ ମସିହାରେ ପ୍ରତିଷ୍ଠା ହୋଇଥିବା ଭାରତୀୟ ଜନସଂଘ ପରବର୍ତ୍ତୀ ସମୟରେ ବିଜେପି ଭଳି ବିଶାଳ ରାଜନୈତିକ ଦଳରେ ପରିଣତ ହୋଇଛି। ଆଜି ଦେଶର ୨୨ଟି ରାଜ୍ୟରେ ବିଜେପି ନେତୃତ୍ୱାଧୀନ ମେଂଟ କ୍ଷମତାରେ ରହିଛି। ବିଶ୍ୱର ସର୍ବବୃହତ ରାଜନୈତିକ ଦଳଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏଭଳି ଜଣେ ମହାପୁରୁଷଙ୍କ ୧୨୫ତମ ଜନ୍ମବର୍ଷ ପୂର୍ତ୍ତି ୬ ଜୁଲାଇରେ ପଡୁଛି। ୬ ଜୁଲାଇରେ ସ୍ୱର୍ଗତଃ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳୀ ଅର୍ପଣ କରାଯିବ। ସ୍ୱର୍ଗତଃ ମୁର୍ଖାଜୀଙ୍କ ବିଷୟରେ ଯୁବ ସମାଜ ଅଧିକ ଜାଣିବା ପାଇଁ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଛି। ସ୍ୱର୍ଗତଃ ମୁର୍ଖାଜୀଙ୍କ ବିଚାରଧାରା ଓ ଆଦର୍ଶକୁ ଅନୁସରରଣ କରି ତାଙ୍କ ବାର୍ତ୍ତାକୁ ରାଜ୍ୟର କୋଣ ଅନୁକୋଣରେ ପହଂଚାଇବା ପାଇଁ ରାଜ୍ୟ ସଭାପତି ଶ୍ରୀ ସାମଲ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ମଂଚ ପରିଚାଳନା କରିଥିବାବେଳେ ସାଂସଦ ତଥା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ସ୍ମୃତିପକ୍ଷ କାର୍ଯ୍ୟକ୍ରମର ସଂଯୋଜକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଓ ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲିଅନ୍ତା ସୌମ୍ୟ ହତ୍ୟାକାଣ୍ଡ, ଆଉ ଜଣେ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବାଲିଅନ୍ତାରେ ଜିଆର୍‌ପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ହତ୍ୟାକାଣ୍ଡ ମାମଲା କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରୁଥିବା ବେଳେ ଆଉ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି । ଗିରଫ ଅଭିଯୁକ୍ତ ହେଲା ବିଭୂତି ଭୂଷଣ ପରିଡା ଓରଫ ହାପି (୨୬) । ତାକୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା କ୍ରାଇମ୍‌ବ୍ରାଞ୍ଚ କହିଛି । ସୌମ୍ୟ ହତ୍ୟାକାଣ୍ଡରେ ପୂର୍ବରୁ ୧୮ ଜଣ ଗିରଫ ହୋଇଥିଲେ । ହାପିକୁ ମିଶାଇ ୧୯ ଅଭିଯୁକ୍ତ ଗିରଫ ହେଲେଣି । କଟକ ବିଡାନାସୀରେ ସେ ଲୁଚିଥିବା ତଦନ୍ତକାରୀ ଟିମ୍ ଖବର ପାଇବା ପରେ ସେଠାରେ ଚଢାଉ କରି ଗିରଫ କରିବାକୁ ସମର୍ଥ ହୋଇଥିଲେ ୨୨ ତାରିଖ ରାତିରେ । ହାପି ନିଜ ଘର ବାଲିଅନ୍ତା ଥାନା ଅନ୍ତର୍ଗତ ବେଣୁପୁର (କୁମାରସାହି)ରେ । ଗତ ମାସ ୭ ତାରିଖରେ ଭିଙ୍ଗାରପୁର କାଜ ନିକଟରେ ଦୁର୍ଘଟଣାକୁ କେନ୍ଦ୍ରକରି ସୌମ୍ୟଙ୍କୁ ପିଟି ପିଟି ହତ୍ୟା କରିଥିଲେ ଅଭିଯୁକ୍ତମାନେ । ବାଲିଅନ୍ତା ଥାନାରେ ପ୍ରଥମେ ମାମଲା ରୁଜୁ କରାଯାଇ ୯ଜଣଙ୍କୁ ଗିରଫ କରାଯାଇଥିଲା । ସରକାରଙ୍କ ନିର୍ଦ୍ଦେଶରେ ମାମଲାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ ହାତକୁ ନେଇ ୧୦ଜଣଙ୍କୁ ଗିରଫ କଲାଣି । ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ତଦନ୍ତକୁ ତ୍ୱରାନ୍ୱିତ କରାଯାଉଥିବା ଜଣେ ତଦନ୍ତକାରୀ ଅଫିସର କହିଛନ୍ତି । କୋର୍ଟଚାଲାଣ ପରେ ହାପିର ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ୬୦କେଜି ଗଞ୍ଜେଇ ସମେତ ଭ୍ୟାନ୍ ଜବତ୍; ଜଣେ ଗିରଫ

ଖୋର୍ଦ୍ଧା, (ସବ୍ୟୁ) : ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଦୋଳପଡିଆ ସମ୍ମୁଖ ରାସ୍ତାରେ ଚଢାଉ କରି ଅବକାରୀ ଟିମ୍ ଏକ ଧଳା ରଙ୍ଗର ପିକ୍‌ଅପ୍ ଭ୍ୟାନ୍ ରୁ ୬୦



କେଜି ଗଞ୍ଜେଇ ଜବତ୍ କରିଛି। ଏହି ଘଟଣାରେ ଜଣକୁ ଅବକାରୀ ଟିମ୍ ଗିରଫ କରିଛି। ଗିରଫ ଜଣକ ହେଲେ ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ଫୁଲବାଣୀ ଶୁଣ୍ଢିସାହି ର ଅମିତ୍ କୁମାର ସାହୁ(୩୨)।

ସୂଚନା ଅନୁସାରେ, ଫୁଲବାଣୀ ରୁ ଭୁବନେଶ୍ୱର ଅଭିମୁଖେ ଏକ ପିକଅପ ଭ୍ୟାନ ରେ ଗଞ୍ଜେଇ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବା ପାଇଥିଲା ଅବକାରୀ ବିଭାଗ। ଅବକାରୀ ଅଧିକ୍ଷିକା ସୁମତି ତ୍ରୀପାଠୀଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ସୁପରିଟେଣ୍ଡେଣ୍ଟ ରାଧାକାନ୍ତ ଭୋଇ ଏବଂ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ଅଜିତ କୁମାର ପାତ୍ରଙ୍କ ତତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା।

ଏହି ଟିମ୍ ଟାଙ୍ଗୀ ଅବକାରୀ ଅଧିକାରୀ ରମେଶ ଚନ୍ଦ୍ର ବାରିକ ଙ୍କର ନେତୃତ୍ୱରେ ଆଜି ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଦୋଳପଡ଼ିଆ ସାମ୍ନା ରାସ୍ତାରେ ଚଢାଉ କରିଥିଲେ। ସେଠାରୁ ଏକ ଧଳା ରଙ୍ଗର ପିକ୍‌ଅପ୍ ଭ୍ୟାନ୍ ଯାହାର ନଂ ଓଡି-୦୨-ସିଡବ୍ଲୁ-୬୫୩୧ ସହିତ ତିନି ଗୋଟି ଜରି ବସ୍ତାରେ ଥିବା ୬୦ କେଜି ଗଞ୍ଜେଇ ଜବତ କରାଯିବା ସହ ଅମିତ୍ କୁ ଗିରଫ କରାଯାଇଛି। ଜବତ୍ ଗଞ୍ଜେଇର ଆନୁମାନିକ ମୂଲ୍ୟ ୬ଲକ୍ଷ ଟଙ୍କା ହେବ। ୫୬/୨୬ନଂ ମାମଲାରେ ଗିରଫ ଅମିତ୍ କୁ ଅବକାରୀ ଟିମ୍ କୋର୍ଟ ଚାଲାଣ କରିଛି।

ଏହି ଚଢଉରେ ଟାଙ୍ଗି ଓ.ଆଇ.ସି. ବାରିକଙ୍କ ସମେତେ ଖୋର୍ଦ୍ଧା ଓ.ଆଇ.ସି. ସୁଜିତ କୁମାର ମୁଦୁଲି, ଏଏସଆଇ ଜିତେନ୍ଦ୍ର ବେହେରା, କନେଷ୍ଟବଲ ଟିଟୁ ସାହୁ, ଅନୀଲ ପ୍ରଧାନ, ମନୋଜ ଜୟସିଂହ, ପ୍ରଣବ ବେହେରା ପ୍ରମୁଖ ଚଢଉ ରେ ସାମିଲ ହୋଇଥିଲେ।

# ବାଛୁରୀର ଜୀବନ ରକ୍ଷା କଲା ସୋଆ ପଶୁ ଚିକିତ୍ସାଳୟ

ଭୁବନେଶ୍ୱର, (ସବ୍ୟୁ): ରଜ ସଂକ୍ରାନ୍ତି ସନ୍ଧ୍ୟା ସମୟରେ ରାସ୍ତାରେ ଶୋଇ ରହିଥିବା ଏକ ବାଛୁରୀ ଉପରେ ହଠାତ୍ ମାଡିଯାଇଥିଲା ଏକ ଚାରିଚକିଆ ଯାନ। ଦୁର୍ଘଟଣା ଘଟାଇବା ପରେ ବାଛୁରୀଟିର ଅବସ୍ଥା ବୁଝିବା ବଦଳରେ ସେଠାରୁ ଉଭାନ ହୋଇଯାଇଥିଲା ଗାଡି ଚାଳକ। କଥା କହି ପାରୁନଥିବା ଏହି ନିରୀହ ପ୍ରାଣୀଟି ଗୁରୁତର ଓ ରକ୍ତାକ୍ତ ଅବସ୍ଥାରେ ସ୍ଥାନୀୟ ଅଂଚଳର ଜଣେ ବ୍ୟକ୍ତିଙ୍କ ଘର ସାମ୍‌ନାରେ ପହଂଚି ବିକଟାଳ ସ୍ୱରରେ ନିଜର କଷ୍ଟ ଜଣାଇଥିଲା। ତାର ଦେହ ସାରା କ୍ଷତାକ୍ତ ହୋଇଥିବା ବେଳେ ପାଟି ବାଟେ ପାଣି କିମ୍ବା ଖାଦ୍ୟ ଗ୍ରହଣ କରିବାକୁ ମଧ୍ୟ ସକ୍ଷମ ନଥିଲା। ସ୍ଥାନୀୟ ବାସିନ୍ଦା ଅନେକ ଚେଷ୍ଟା କରିବା ପରେ ବାଛୁରୀଟିର ଚିକିତ୍ସା ପାଇଁ କୌଣସି ସନ୍ଧାନ ପାଇପାରି ନଥିଲେ। ଶେଷରେ ଜଣେ ସ୍ଥାନୀୟ ବ୍ୟକ୍ତି ଶିକ୍ଷା ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ ଭେଟେରିନାରୀ ସାଇନସେସ୍ ଆଣ୍ଡ ଆନିମଲ ହଜ୍‌ବାଣ୍ଡରୀ (ଆଭିଏସ୍ଏଏଚ୍) ପରିଚାଳିତ ପ୍ରାଣୀ ଚିକିତ୍ସାଳୟ (ଭେଟେରିନାରୀ କ୍ଲିନିକାଲ୍ କମ୍ପ୍ଲେକ୍ସ) କୁ ଯୋଗାଯୋଗ କରିବା ପରେ ଏହାର ଆମ୍ବୁଲାନ୍ସ କିଛି ସମୟ ମଧ୍ୟରେ ଘଟଣାସ୍ଥଳରେ ପହଂଚି ବାଛୁରୀଟିକୁ ଉଦ୍ଧାର କରି ଚିକିତ୍ସା ପାଇଁ ନେଇ ଯାଇଥିଲେ।

## ଏନ୍‌ଏଲ୍‌ସି ଇଣ୍ଡିଆ ରିନ୍ୟୁଏବଲ୍ସ-ଓରେଡ଼ା ମଧ୍ୟରେ ଏମ୍‌ଓୟୁ

# ଓଡ଼ିଶାରେ ୧୦୦୦ ମେଗାୱାଟର ସବୁଜ ଶକ୍ତି ପ୍ରକଳ୍ପ ବିକାଶ ଲକ୍ଷ୍ୟ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ସ୍ଥାୟୀ ଶକ୍ତିର ପ୍ରସାରକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏନ୍‌ଏଲ୍‌ସି ଇଣ୍ଡିଆ ରିନ୍ୟୁଏବଲ୍ସ ଲିମିଟେଡ୍ (ଏନଆଇଆରଏଲ) ଏବଂ ଓଡ଼ିଶା ଅକ୍ଷୟ ଶକ୍ତି ଉନ୍ନୟନ ସଂସ୍ଥା (ଓରେଡା) ମଧ୍ୟରେ ଏକ ଯୌଥ ଉଦ୍ୟୋଗ ଚୁକ୍ତିନାମା ସ୍ୱାକ୍ଷରିତ(ଏମ୍‌ଓୟୁ) ହୋଇଛି । ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଏହି ସ୍ୱାକ୍ଷର ହୋଇଥିଲା ।

ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଖାରବେଳ ଭବନଠାରେ ଏହି ଯୌଥ ଉଦ୍ୟୋଗ କମ୍ପାନୀ ଓଡ଼ିଶାରେ ୧୦୦୦ ମେଗାୱାଟର ସବୁଜ ଶକ୍ତି ପ୍ରକଳ୍ପ ବିକାଶ କରିବା ଲକ୍ଷ୍ୟ ରଖିଛି । ଏହି ସହାଭାଗିତା ମାଧ୍ୟମରେ ୨୫୦ ମେଗାୱାଟ ପବନ ଶକ୍ତି ଏବଂ ୨୨୫ ମେଗାୱାଟ ଭାସମାନ ସୌର ଶକ୍ତି ପ୍ରକଳ୍ପ ସମେତ ଅନ୍ୟାନ୍ୟ ଅକ୍ଷୟ ଶକ୍ତି ପ୍ରକଳ୍ପ ରହିଛି । ଏହି ଯୌଥ ଉଦ୍ୟୋଗରେ ଏନଆଇଆରଏଲ ୫୧% ଏବଂ ଓରେଡା ୪୯% ଅଂଶଧନ ନିବେଶ କରିବେ । କମ୍ପାନୀର ପରିଚାଳନା ବୋର୍ଡରେ ମୋଟ




ପାଞ୍ଚ ଜଣ ସଦସ୍ୟ ରହିବେ । ଯେଉଁଥିରେ ଏନଆଇଆରଏଲ ପକ୍ଷରୁ ତିନି ଜଣ ଏବଂ ଓରେଡା ପକ୍ଷରୁ ଦୁଇ ଜଣ ସଦସ୍ୟ ରହିବେ ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ କହିଛନ୍ତି, ଏହି ଉଦ୍ୟୋଗ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଓଡ଼ିଶାକୁ ଭାରତର ଏକ ସବୁଜ ଶକ୍ତି କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବ । ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ କହିଛନ୍ତି, ବୃହତ ଆକାରର ଅକ୍ଷୟ ଶକ୍ତି ପ୍ରକଳ୍ପ ପରିଚାଳନା ନିମନ୍ତେ ଓଡ଼ିଶାର ପ୍ରତିଷ୍ଠାନିକ କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ।

## ପରିବେଶ ଏବଂ ବ୍ୟବସାୟ ଉତ୍କର୍ଷତା ପାଇଁ

# ଜେଏସ୍‌ଡବ୍ଲୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗ ବହୁ ପୁରସ୍କାର ରେ ସମ୍ମାନିତ

ଭୁବଷଡ଼ଶ୍ୱର (ସବ୍ୟୁ): ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ଓଡ଼ିଶା ଖଣି ବିଭାଗକୁ କୋଲକାତାରେ ଅନୁଷ୍ଠିତ ଖଣିଜ ଏବଂ ଖଣି କନକ୍ଲେଭର ଚତୁର୍ଥ ସଂସ୍କରଣରେ ସମ୍ମାନିତ କରାଯାଇଛି, ଯାହା ଆସୋସିଏଟେଡ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ ପୂର୍ବାଞ୍ଚଳ ଦ୍ୱାରା ଆୟୋଜିତ ହୋଇଛି। ଏହି ବିଭାଗକୁ ବର୍ଷର ବିବିଧତା, ସମାନତା ଏବଂ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଏବଂ ବର୍ଷର ନିଯୁକ୍ତିଦାତା ବ୍ରାଣ୍ଡ ପାଇଁ ସ୍ୱୀକୃତି ମିଳିଛି। ଏହି ପୁରସ୍କାରଗୁଡ଼ିକ ରାମ ଶଙ୍କର ଶର୍ମା, ଅପରେସନ୍ସ ଏବଂ ପ୍ରୋଜେକ୍ଟ ମୁଖ୍ୟ, ତାଙ୍କ ଦଳ ସହିତ ଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀ ଶର୍ମା କହିଥିଲେ ଏହି ପୁରସ୍କାରଗୁଡ଼ିକ ଏକ ଅନ୍ତର୍ଭୁକ୍ତ କର୍ମକ୍ଷେତ୍ର ନିର୍ମାଣ ଏବଂ ପସନ୍ଦର ନିଯୁକ୍ତିଦାତା ଭାବରେ ଆମର ପରିଚୟକୁ ସୁଦୃଢ଼ କରିବା ପାଇଁ ଆମର ସାମୂହିକ ପ୍ରତିବଦ୍ଧତାର ପ୍ରମାଣ। ଏହି ପୁରସ୍କାରଗୁଡ଼ିକ ଶିଳ୍ପରେ ସର୍ବୋଚ୍ଚ ସ୍ୱୀକୃତିକୁ ପ୍ରତିନିଧିତ୍ୱ କରେ, ଯାହା ଗୁରୁତ୍ୱପୂର୍ଣ୍ଣ ଏବଂ ସକାରାତ୍ମକ ପ୍ରଭାବ ବହନ କରେ। ଏହା ସହିତ, ଜେଏସଡବ୍ଲୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗ ଏହାର ସଫଳତାରେ ଆଉ ଏକ ମୁହୂର୍ତ୍ତ ଯୋଡ଼ିଛି। ଏହାର ଦୁଇଟି




ଖଣି - ନୂଆଗାଁ ଲୁହା ଖଣି ଏବଂ ନାରାୟଣପୋଶି ଲୁହା ଏବଂ ମାଙ୍ଗାନିଜ୍ ଖଣି ପରିବେଶଗତ ପଦକ୍ଷେପ ପାଇଁ ଶ୍ରେଷ୍ଠ ପୁରସ୍କାର ପାଇଛି। ନୂଆଗାଁ ଖଣି ଏବଂ ନାରାୟଣପୋଶି ଖଣିକୁ ଯଥାକ୍ରମେ ଏଗର୍ ସ୍ୱଟଲାଇଟ୍ (ପରିବେଶ ପଦକ୍ଷେପ) ପୁରସ୍କାର ଏବଂ ଏଗର୍ ସ୍ୱଟଲାଇଟ୍ (ପରିବେଶ ପରିଚାଳନା) ପୁରସ୍କାର ପ୍ରଦାନ କରାଯାଇଛି। ନୂଆଗାଁ ଖଣି ହୀରା ବର୍ଗରେ ପୁରସ୍କାର ପାଇଥିଲା ବେଳେ ନାରାୟଣପୋଶି ଖଣି ପ୍ଲାଟିନମ୍ ବର୍ଗରେ ପୁରସ୍କାର ପାଇଥିଲା। ଗ୍ୟାଙ୍ଗଟକରେ ଆୟୋଜିତ ଏକ ଔପଚାରିକ କାର୍ଯ୍ୟକ୍ରମରେ ସୁରେଶ କୁମାର ମହାପାତ୍ର ଜେଏସଡବ୍ଲୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗ ଟିମ୍(ପରିବେଶ) ଏବଂ ତାଙ୍କ ଦଳ ପୁରସ୍କାର ଗ୍ରହଣ କରିଥିଲେ।

## ସୁବାସ ସେତୁ ଉପରେ ହାଇୱା କାର ମୁହାଁମୁହିଁ ଧକ୍କା, ଜଣେ ମୃତ

ବାରଙ୍ଗ, (ସବ୍ୟୁ) : ସୁଭାଷ ସେତୁ ଉପରେ ହାଇୱା କାର ମୁହାଁ ମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ତିନି ଜଣ ଆହତ ହୋଇଛନ୍ତି । ମଙ୍ଗଳବାର ଭୋର ୪ ଟାରେ ବାରଙ୍ଗ ଥାନା ଅଧୀନସ୍ଥ ତ୍ରିଶୂଳିଆ ସୁଭାଷ ସେତୁ ଉପରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଅନୁଗୋଳ ଜିଲ୍ଲା ତାଳଚେର ଅଞ୍ଚଳରୁ ଓଡି ୦୨ସିଜେଡ ୭୯୯୧ ନମ୍ବର କାରରେ ଜଣେ ମହିଳାଙ୍କ ସମେତ ୪ ଜଣ କଟକ ଦେଇ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ । ସୁଭାଷ ସେତୁ ଉପରେ ଉପରେ ବିପରୀତ ଦିଗରୁ ଆସୁଥିବା ଏକ ଓଡି ୦୮ଜି ୦୩୮୮ ନମ୍ବର ହାଇୱା ସହିତ ତାଙ୍କର ମୁହାଁ ମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣାରେ କାର ଚାଳକ କାର ଭିତରେ ଚାପିହୋଇ ରହି ଯାଇଥିବାରୁ ସ୍ଥାନୀୟ ଲୋକମାନେ ବାରଙ୍ଗ ଥାନା ପୁଲିସକୁ ସୂଚନା ଦେଇଥିଲେ । ସୂଚନା ପାଇ ବାରଙ୍ଗ ଥାନା ପୁଲିସ ଓ ବାରଙ୍ଗ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଚାପିହୋଇ ରହିଥିବା କାର ଚାଳକକୁ ଉଦ୍ଧାର କରିବା ସହ ସମସ୍ତଙ୍କୁ ଚିକିତ୍ସା ପାଇଁ ବଡ଼ ଡ଼ାକ୍ତରଖାନାକୁ ପଠାଇଥିଲେ । ସେଠାରେ ଡ଼ାକ୍ତର ଚାଳକଙ୍କୁ ମୃତ ଘୋଷଣା କରିଥିଲେ । କାରରେ ଥିବା ମହିଳାଙ୍କ ସହିତ ଅନ୍ୟ ଦୁଇଜଣ ଆହତ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ହାଇୱା ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୁଲିସ ଦୃଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି ।

## ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ଘଟଣା

# ୨ ଦିନିଆ ରିମାଣ୍ଡରେ ପ୍ରେମିକ ଭୀମସେନ

ବାରଙ୍ଗ ,(ସବ୍ୟୁ): ମୟୂରଭଞ୍ଜର ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ଘଟଣାର ରହସ୍ୟ ଫିଟିବ । ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ । ତାଙ୍କ ମୃତ୍ୟୁ ପାଇଁ ଦାୟୀ କୁହାଯାଉଥିବା ପ୍ରେମିକ ତଥା ପ୍ରଶାସନିକ ଅଧିକାରୀ ଭୀମସେନ ଟୁଡୁଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବ । ଏଥିରେ ଭୀମସେନ୍‌ଙ୍କ ନୂଆ ପ୍ରେମିକାଙ୍କର କଣ ସଂପୃକ୍ତି ବା ଭୂମିକା ରହିଛି ତାହା ବି ଜଣାପଡ଼ିବ । ଏ ଘଟଣାରେ ପ୍ରତ୍ୟେକଟି ଅଡୁଆ ଖିଅକୁ ପୁଲିସ ଯୋଡ଼ିବାର ଆଶା ରଖି ବାରଙ୍ଗ ଥାନା ପୋଲିସ ମଙ୍ଗଳବାର ଦିନି ଠାରୁ ଭୀମସେନଙ୍କୁ ଜେରା ଆରମ୍ଭ କରିଛି । ଏଥିପାଇଁ ପୋଲିସ ପକ୍ଷରୁ କଟକ ଜେଏମଏଫ୍ସି କୋର୍ଟରେ ୩ଦିନିଆ ରିମାଣ୍ଡରେ ଭୀମସେନଙ୍କୁ ଆଣି ଜେରା କରିବା ପାଇ ଆବେଦନ କରିଥିଲା । କୋର୍ଟ ଏହି ଆବେଦନ ଉପରେ ବିଚାର କରି ୨ ଦିନିଆ ବା ୪୮ ଘଣ୍ଟା ପର୍ଯ୍ୟନ୍ତ ରିମାଣ୍ଡରେ ନେବାକୁ ଅନୁମତି ପ୍ରଦାନ ଦେଇଥିଲେ । ମଙ୍ଗଳବାର ବାରଙ୍ଗ ଥାନା ପୁଲିସ ଭୀମସେନଙ୍କୁ ଚୌଦ୍ୱାର ଜେଲରୁ ଆଣି ପଚରା ଉଚରା ଆରମ୍ଭ କରିଛି । ଜେରା ସମୟରେ ଜୋନ ଏସିପି, ଥାନା ଅଧିକାରୀ ଓ ମାମଲାର ତଦନ୍ତକାରୀ ଅଧିକାରୀ ଉପସ୍ଥିତ ରହିଥିଲେ । ଜେରା ବେଳେ ଭୀମସେନଙ୍କ ବିରୋଧରେ ମିଳିଥିବା ବୟାନ, ସାକ୍ଷ୍ୟଙ୍କ ବୟାନ ଓ ବୈଷୟିକ ତଥ୍ୟ ରଖାଯାଇଛି । କିଛି ଭିଡିଓ, ଅଡିଓ କ୍ଲିପ, ହ୍ୱାଟସଆପ ଚାଟ, ଫୋନ କଲ ରେକର୍ଡ ଓ ସୋସିଆଲ ମିଡିଆ । ଚାଟକୁ



ପୁଲିସ ପ୍ରମାଣ ଭାବେ ଭୀମସେନଙ୍କ ଆଗରେ ରଖି ଏଯାବତ ମିଳିନଥିବା ପ୍ରଶ୍ନର ଉତ୍ତର ଜାଣିବାକୁ ଉଦ୍ୟମ ଆରମ୍ଭ କରିଛି ।ଆବଶ୍ୟକ ହେଲେ ଭୀମସେନଙ୍କ ନୂଆ ପ୍ରେମିକାଙ୍କୁ ମଧ୍ୟ ଜେରା ପାଇଁ ଡାକିବାର ଯୋଜନା କରିଛି । ଏପରିକି ସାମ୍ନାସାମ୍ନି ବସାଇ ଜେରା କରିବା ଆରମ୍ଭ କରିବା ସହ ଘଟଣା ସ୍ଥଳକୁ ନେଇଛି । ତେବେ ଭୀମସେନ ୧୨ତାରିଖରେ ଆତ୍ମ ସମର୍ପଣ କରିବା ପରେ ୧୩ ତାରିଖରେ ଗିରଫ ହୋଇ ଜେଲ ଯାଇଥିଲେ ।ଏହାପରେ ବାରଙ୍ଗ ଥାନାରେ ଏକ ଟିମ ଚନ୍ଦ୍ରିକାଙ୍କ ଘରକୁ ଯାଇ ତାଙ୍କ ବାପା, ମାଆ, ମାମୁ, ମାଇଁ ଓ ମାମୁ ଝିଅଙ୍କ ବୟାନ ରେକର୍ଡ଼ କରିଥିଲା ।ସେଠାରୁ ମିଳିଥିବା ତଥ୍ୟ ପ୍ରମାଣକୁ ଦେଖିବା ପରେ ଭୀମସେନ୍YP ରିମାଣ୍ଡରେ ଅଣାଯିବ ବୋଲି ପୁଲିସ ସ୍ଥିର କରିଥିଲା । ବାରଙ୍ଗ ପୋଲିସ ରିମାଣ୍ଡ ପାଇଁ ଆବେଦନ କରିଥିଲା ।ତେବେ ୨ ଦିନ ରିମାଣ୍ଡରେ ଆସିବା ପରେ ଯଦି ଆବଶ୍ୟକ ହୁଏ ତାହେଲେ ପୁଣି ଦୁଇ ଦିନ ରିମାଣ୍ଡ ପାଇଁ କୋର୍ଟଙ୍କ ପାଖରେ ଅନୁମତି ମାଗିପାରେ ବୋଲି ସୂଚନା ମିଳିଛି ।

# ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ପ୍ରତିବାଦ

କଟକ, (ସ୍ୱପ୍ର) : ଓଡ଼ିଶାର ରେଭେନ୍ୟୁ ପ୍ରଶାସନର ମେରୁଦଣ୍ଡ ରେଭେନ୍ୟୁ ଇନ୍ସପେକ୍ଟର (ଆରଆଇ), ଆସିଷ୍ଟାଣ୍ଟ ରେଭେନ୍ୟୁ ଇନ୍ସପେକ୍ଟର (ଏଆରଆଇ), ରେଭେନ୍ୟୁ ସୁପରଭାଇଜର (ଆରଏସ୍) ମାନେ ମିଶନ୍ ସ୍ୱାଭିମାନ ଅଧୀନରେ ବ୍ୟାପକ ପ୍ରତିବାଦ ଆରମ୍ଭ କରିଛନ୍ତି । ରାଜ୍ୟର ସମସ୍ତ ୩୧୭ଟି ତହସିଲ ଏହି ପ୍ରତିବାଦରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରୁଛନ୍ତି । ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର (ଓଏସଆରଏଫଓଏ) ପକ୍ଷରୁ ଆଜିଠାରୁ ସମସ୍ତ ସଦସ୍ୟ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ ପ୍ରକାଶ କରିଛନ୍ତି । ସଂଘର ମତରେ ରାଜ୍ୟରେ ମାତ୍ର ୫୦% କର୍ମଚାରୀ ଉପରେ ୨୦୦%ରୁ ଅଧିକ କାର୍ଯ୍ୟଭାର ଚାପି ଦିଆଯାଉଛି । ମୌଳିକ ସୁବିଧା ଯଥା ବିଦ୍ୟୁତ୍, ଇଣ୍ଟରନେଟ୍, ସ୍ଥାୟୀ ଭ୍ରମଣ ଭତ୍ତା (ଏଫଟିଏ), ଗ୍ରୁପ୍-ଡି ପଦବୀ ପୂରଣ ଏବଂ କ୍ୟାଡର ପୁନର୍ଗଠନ ନହେବା ଯୋଗୁଁ ରେଭେନ୍ୟୁ ଫିଲ୍ଡ କର୍ମଚାରୀମାନେ ଅମାନବିକ ପରିସ୍ଥିତିରେ କାର୍ଯ୍ୟ କରୁଛନ୍ତି । ସଂଘର ସାଧାରଣ ସମ୍ପାଦକ କହିଛନ୍ତି ଆମେ ଯନ୍ତ୍ର ନୁହଁ, ଆମେ ମଣିଷ । ବର୍ଷ ବର୍ଷ ଧରି ଆମର ସମ୍ମାନ ଓ ଅଧିକାରକୁ ଅବହେଳା କରାଯାଉଛି । ବାରମ୍ବାର ସରକାରଙ୍କ ଓ ଜିଲ୍ଲା ପ୍ରଶାସନକୁ ଅସୁବିଧା ଜଣାଇବା ପରେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଆଜିଠାରୁ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ଆରମ୍ଭ କରାଯାଇଛି ।

# ସରକାରୀ ଚାକିରି ଦେବାକୁ କହି ୪୦ ଲକ୍ଷ ଠକେଇ, ମହିଳା ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସରକାରୀ ଚାକିରି ଦେବାକୁ କହି ୪୦ ଲକ୍ଷରୁ ଅଧିକ ଟଙ୍କା ଠକେଇ କରିଥିବା ମହିଳା ପ୍ରିୟଙ୍କା ଶତପଥି (୩୩ ) କୁ ମୈତ୍ରୀବିହାର ଥାନା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ୨୦୨୨ ମସିହାରେ ଅଭିଯୋଗକାରୀ କାଳୁଚରଣ ରଣା ତାଙ୍କ ସମ୍ପର୍କିୟ ନୀଳମାଧବ ମହାରଣାଙ୍କ କଥାରେ ପ୍ରଭାବିତ ହୋଇ ପଞ୍ଚାୟତ ଏକଜିକ୍ୟୁଟିଭ୍ ଅଫିସର ଭାବେ ସରକାରୀ ଚାକିରି କରାଇଦେବାର ପ୍ରତିଶ୍ରୁତି ପାଇଥିଲେ । ଅଭିଯୁକ୍ତା ମହିଳା ପ୍ରିୟଙ୍କା ଶତପଥିଙ୍କ ବ୍ୟାଙ୍କ ଖାତାରେ ୫ ଲକ୍ଷ ଟଙ୍କା ଜମା କରିଥିଲେ । ପରବର୍ତ୍ତୀ ସମୟରେ ସେ ଓଏସଏସଏସସି ନାମରେ କଥିତ ନିଯୁକ୍ତି ସମ୍ବନ୍ଧୀୟ ଇମେଲ ପାଇଥିଲେ । ତାଙ୍କୁ ବିଶ୍ୱାସ କରାଯାଇଥିଲା ଯେ, ତାଙ୍କ ନିଯୁକ୍ତି ପ୍ରକ୍ରିୟା ଚାଲିଛି । କିନ୍ତୁ ପରେ ତାଙ୍କୁ କୌଣସି ଚାକିରି ମିଳିନଥିଲା । ବାରମ୍ବାର ଟଙ୍କା ଫେରସ୍ତ ମାଗିଥିଲେ ମଧ ଟଙ୍କା ଫେରିପାଇନଥିଲେ । ସ୍କ୍ରିନ୍‌ସଟ୍ , ଇମେଲ,ବ୍ୟାଙ୍କ କାରବାର ବିବରଣୀ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଦସ୍ତାବିଜ୍ ସଂଗ୍ରହ କରାଯାଇ ଯାଞ୍ଚ କରାଯାଇଥିଲା । ଜଣାପଡିଥିଲା ଯେ, ନିଯୁତି ସମ୍ବନ୍ଧୀୟ ଇମେଲ ଜାଲିଆତିପୂର୍ଣ୍ଣ ଥିଲା । ସରକାରୀ ଚାକିରି ମିଳିବାର ମିଛ ଧାରଣା ସୃଷ୍ଟି କରିବା ପାଇଁ ତାହା ପଠାଯାଇଥିଲା । ଅଧିକ ତଦନ୍ତରୁ ଜଣାପଡିଥିବା ଅଭିଯୁକ୍ତା ସରକାରୀ କରାଇଦେବାର ମିଛ ପ୍ରତିଶ୍ରୁତି ଦେଇ ୮ ଜଣ ଆଶାୟୀଙ୍କଠାରୁ ୪୦ ଲକ୍ଷରୁ ଊର୍ଦ୍ଧ୍ୱଟଙ୍କା ଠକି ନେଇଛି । ମଙ୍ଗଳବାର ଅଭିଯୁକ୍ତାକୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇଦିଆଯାଇଛି ।

# ଡ୍ରିମ୍‌ସ କର୍ମଚାରୀଙ୍କ ବିୟୋଗରେ ଶୋକସଭା

କଟକ, (ସ୍ୱପ୍ର) : ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ବରିଷ୍ଠ କର୍ମଚାରୀ ବଟକୃଷ୍ଣ ଜେନାଙ୍କ ଅକାଳ ବିୟୋଗରେ ଶୋକସଭା ସୋମବାର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସ୍ୱର୍ଗତ ଜେନାଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧକ୍ଷ ଡ଼ଂ ଦୁର୍ଗା ପ୍ରସାଦ ରଥ, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଅଭାସୀ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି



ଅର୍ପଣ କରି ବଟକୃଷ୍ଣଙ୍କ ଉର୍ସିଗୀକୃତ କାର୍ଯ୍ୟଶୈଳୀ ଓ କର୍ତ୍ତବ୍ୟ ପରାୟଣତା ତାଙ୍କୁ ସ୍ମରଣୀୟ କରି ରଖିବ ବୋଲି କହିଥିଲେ । ଏଥିରେ ପୋଠରହିତ୍ୟ କରି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର କହିଲେ ଡ୍ରିମ୍‌ସ ପ୍ରତିଷ୍ଠା ଦିନରୁ ହିଁ କାର୍ଯ୍ୟ କରିଆସୁଥିବା ବଟକୃଷ୍ଣ ସମସ୍ତ ଦାୟିତ୍ୱ ସଠିକ୍ ଭାବରେ ନିର୍ବାହ କରୁଥିଲେ । ତାଙ୍କ ବିୟୋଗରେ ଶିକ୍ଷାନୁଷ୍ଠାନର ଅପୂରଣୀୟ କ୍ଷତି ଘଟିଲା । ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ସ୍ୱର୍ଗତ ଜେନାଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ । ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ନିର୍ଦ୍ଦେଶକ ଲୋକନାଥ ବେହେରା, ନିର୍ଦ୍ଦେଶକ ଡ. ଆଲୋକ ରଂଜନ ବିଶ୍ୱାଳ, ଡିନ୍ ଡ. ବିଶ୍ୱରଂଜନ ମହାନ୍ତି, ଡ. ନୟନ ରଂଜନ ସାମଲ, ଡ. ଦୁର୍ଗା ପ୍ରସାଦ ମିଶ୍ର, ଡ. କୁମ୍ଭକର୍ଣ୍ଣ ରାଉତ, ଡ. ବିଶ୍ୱରଂଜନ ଷଡଙ୍ଗୀ, ସଚିବ ସୁଧାଂଶୁ ଭୂଷଣ କର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ଅଧିକାରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା ସହ ଶୋକ ସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା । ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଅବକାରୀ ବିଭାଗର ମିଳିତ ଚଢଉ

ଆଠଗଡ଼ ,(ସବ୍ୟୁ): କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପଧାନ ଏବଂ ଆଠଗଡ଼ ଥାନା ଅଧିକାରିଣୀ ସୁମତି ମହାନ୍ତି ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମ ଏବଂ ନିକଟସ୍ଥ କାଜୁ ଜଙ୍ଗଲରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ଏବଂ ଆଠଗଡ଼ ଥାନା ସହିତ ଏକ ମିଳିତ ଚଡାଉ କରାଯାଇ ଥିଲା । ଉକ୍ତ ଚଡାଉରେ ସର୍ବମୋଟ ୩୨୨୦ ଲିଟର ଦେଶୀ ମଦ ସହ ୧୭୧୬୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି ଏବଂ ୬ ଗୋଟି ମାମଲା ରୁଜୁ କରା ଯାଇଛି । ଆଠଗଡ଼ ଅଞ୍ଚଳରେ ଆଗାମୀ ଦିନରେ ଦେଶୀ ମଦ ପ୍ରସ୍ତୁତ କାରବାର ସମ୍ପୁର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଇମ୍ଫା ପକ୍ଷରୁ ଲୁକ୍କାୟିତ ପ୍ରତିଭାବାନ୍ ମହିଳା ଉଦ୍ୟୋଗୀଙ୍କୁ

# ଲୋକଲୋଚନକୁ ଆଣିବା ପାଇଁ ସଖୀ ସିଡ୍ ର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା ) ନିଜର ସାମାଜିକ ଦାୟିତ୍ୱବୋଧ ଶାଖା 'ବଂଶୀଧର ଆଣ୍ଡ ଇଲା ପଣ୍ଡା ଫାଉଣ୍ଡେସନ୍' (ବିଆଇପିଏଫ୍ ) ମାଧ୍ୟମରେ ସଖୀ ସିଡ୍‌ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ନେଇ ଘୋଷଣା କରିଛି। ଏହା ଏକ ଅଭିନବ କାର୍ଯ୍ୟକ୍ରମ ଯାହା ଗ୍ରାମାଞ୍ଚଳର ଏବଂ କ୍ଷୁଦ୍ର ମହିଳା ଉଦ୍ୟୋଗୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ମହିଳାମାନଙ୍କ ପାଖରେ ଉତ୍ତମ ବ୍ୟବସାୟିକ ଚିନ୍ତାଧାରା ଏବଂ ଦୃଢ଼ ଉଦ୍ୟୋଗୀ ହେବାର ସାମର୍ଥ୍ୟ ଥିଲେ ମଧ୍ୟ ସେମାନେ ପ୍ରାୟତଃ ପାରମ୍ପରିକ ଆର୍ଥିକ ସ୍ରୋତ ବା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରୁ ବଞ୍ଚିତ ହୋଇଥାନ୍ତି। ଏହି ଯୋଜନା ଅଧୀନରେ ୧୦ ଜଣ ମହିଳା ଉଦ୍ୟୋଗୀଙ୍କୁ ପ୍ରତ୍ୟେକଙ୍କୁ ୫ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯିବ। ଏହା ସହିତ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ



ଭୁବନେଶ୍ୱର ପକ୍ଷରୁ ସେମାନଙ୍କୁ ସୁସଂଗଠିତ ବ୍ୟବସାୟିକ ପରାମର୍ଶ ଦିଆଯିବ, ଯାହାଦ୍ୱାରା ସେମାନେ ନିଜର ସ୍ଥାୟୀ ବ୍ୟବସାୟକୁ ମଜବୁତ ଓ ସଂପ୍ରସାରିତ କରିପାରିବେ। ଏହି କାର୍ଯ୍ୟକ୍ରମଟି କାଟାଲିଟିକ୍ କ୍ୟାପିଟାଲ୍ (ଉତପ୍ରେରକ ପୁଞ୍ଜି) ନୀତି ଉପରେ ଆଧାରିତ, ଯାହା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ଯାତ୍ରାର ପ୍ରାରମ୍ଭିକ ତଥା ସବୁଠାରୁ ଦୁର୍ବଳ ସମୟରେ ଧୈର୍ଯ୍ୟବାନ ଏବଂ ବିପଦ-ସହନଶୀଳ ପାଣ୍ଠି ଯୋଗାଇ ଦେଇ ସଶକ୍ତ କରିଥାଏ। ଏହି ଅବସରରେ ବଂଶୀଧର ଆଣ୍ଡ ଇଲା ପଣ୍ଡା ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସିଇଓ ଶ୍ରୀମତୀ ଶୈଫାଳିକା ପଣ୍ଡା କହିଛନ୍ତି: ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଏକ ପ୍ରମାଣ ସୃଷ୍ଟି କରିବା ଯେ, ଯେଉଁ ମହିଳାମାନେ ବର୍ତ୍ତମାନର ଆନୁଷ୍ଠାନିକ ଋଣ ପାଇଁ ଯୋଗ୍ୟ ନୁହନ୍ତି, ସେମାନଙ୍କୁ ଯଦି ସଠିକ୍ ପୁଞ୍ଜି, ପରାମର୍ଶ ଏବଂ ଆନୁଷଙ୍ଗିକ ସହାୟତା ମିଳେ, ତେବେ ସେମାନେ ମଧ୍ୟ ଏକ ସ୍ଥାୟୀ ଓ ପ୍ରଗତିଶୀଳ ବ୍ୟବସାୟ ପ୍ରତିଷ୍ଠା କରିପାରିବେ। ଏହି ପ୍ରଥମ ବ୍ୟାଚ୍ ପାଇଁ ଆବେଦନ ପ୍ରକ୍ରିୟା ବର୍ତ୍ତମାନ ଆରମ୍ଭ ହୋଇଯାଇଛି ଏବଂ ଏହା ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଆବେଦନ କରିବାକୁ ଆଗ୍ରହୀ ମହିଳା ଉଦ୍ୟୋଗୀମାନେ ନିମ୍ନଲିଖିତ ଲିଙ୍କ୍ ମାଧ୍ୟମରେ ନିଜର ଆବେଦନପତ୍ର ଦାଖଲ କରିପାରିବେ: https://imfasakhiseed.accubate.app/ext/form/23777/1/apply।

## କଳାପଥର ଚୋରି ବେଳେ ବିଛାଖଣ୍ଡି ପାହାଡ଼ରେ ଦୁର୍ଘଟଣା ଘଟଣା

# ଡିଡିଏମ୍‌ଙ୍କ ଚିଠିପରେ ୧୪ ଦିନ ବିତିଲା : ହାତବାନ୍ଧି ବସିଛି ଜେନାପୁର ପୋଲିସ

ଚଣ୍ଡିଖୋଲ (ସବ୍ୟୁ) ଯାଜପୁର ଜିଲ୍ଲା ଲଘୁ ଖଣି ଅଧିକାରୀଙ୍କ ଅଧିନରେଥିବା ଧର୍ମଶାଳା ତହସିଲ ଓ ଜେନାପୁର ଥାନା ଅନ୍ତର୍ଗତ ବିଛାଖଣ୍ଡି ପାହାଡର ବିଏସକ୍ୟୁ ୧୧ ନମ୍ବର ଖଣିରୁ କଳାପଥର ଚୋରି ବେଳେ ଗତ ଶନିବାର ଜୁନ ୬ତାରିଖ ଦିନ ବଡଧରଣର ଦୁର୍ଘଟଣା ଘଟିଥିଲା। ପଥର ଚୋରି ପାଇଁ ଏହି ବେଆଇନ ଓ ନିଶିଦ୍ଧ ଖଣିରେ କମ୍ପରେସର ଡ୍ରିଲିଂ ଚାଲିଥିଲା ବେଳେ ପଥରଖଣ୍ଡ ସହ ମେସିନ ପାହାଡର ପ୍ରାୟ ୬୦ ଫୁଟ ତଳକୁ ଖସି ପଡିବାରୁ କେତେକ ଶ୍ରମିକ ପଥରଖଣ୍ଡ ଓ ମେସିନତଳେ ଚାପିହୋଇ ଯାଇଥିଲେ। ଘଟଣାକୁ ଲୁଚାଇ ଦେବା ପାଇଁ ଉକ୍ତ ଖଣିରେ ବେଆଇନ ଖନନ କରୁଥିବା ପଥର ଚୋରମାନେ ଚାପି ହୋଇ ଯାଇଥିବା ଶ୍ରମିକ ମାନଙ୍କୁ ଓ ମେସିନକୁ ଘଟଣା ସ୍ଥଳରୁ ଅନ୍ୟତ୍ର ନେଇଯାଇଥିଲେ। ତେବେ ଦୁର୍ଘଟଣା ଘଟିବା ବେଳେ ଏହି ଖଣିରେ ତିନିଜଣ ଶ୍ରମିକ ଥିବା ପରେ ବାହାରେ ପ୍ରଘଟ ହୋଇଥିଲା । ଘଟଣା ପରଦିନ ଦୁଇଜଣ ଶ୍ରମିକ ଜେନାପୁର ଥାନା ବାଘୁଆବେଣା ଗ୍ରାମର ବୀର ବେହେରା ଓ ଅନ୍ୟଜଣେ ଢେଙ୍କାନାଳ ଜିଲ୍ଲା ନିହଳପ୍ରସାଦ ଥାନା ବାଲିକିଆରି ଗ୍ରାମର ଚନ୍ଦନ ତପନଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକର ଅଶ୍ୱିନୀ ହସପିଟାଲରୁ ଠାବ କରାଯାଇଥିଲା। ହେଲେ ଆଲୋଚନା ହେଉଥିବା ଆଉ ଜଣେ ଶ୍ରମିକର ପତ୍ତା ମିଳିନଥିଲା। ସେହି ଶ୍ରମିକ ଜଣକଏବେ କେଉଁଠି ,ସେ ମୃତ ନା ଜୀବିତ ତାହା ମଧ୍ୟ ଏବେ ସୁଦ୍ଧା ପୋଲିସ ସ୍ପଷ୍ଟ କରିପାରି ନାହିଁ। ଅପରପକ୍ଷରେ ଏହି ଘଟଣାରେ ସଂପୃକ୍ତ ପଥର ମାଫିଆ, ବେଆଇନ ଖଣି ଖନନ ଓ କଳାପଥର ଚୋରି ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଡିଡିଏମଙ୍କ ନିର୍ଦ୍ଦେଶରେ ମାଇନିଂ ଅଫିସର ଗତ ୧୪ ଦିନ ପୂର୍ବେ ଅର୍ଥାତ ଜୁନ ୯ ତାରିଖରେ ଜେନାପୁର ଥାନା ଅଧିକାରିଣୀଙ୍କୁ ଚିଠି ଲେଖିଥିଲେ ମଧ୍ୟ ଅଦ୍ୟାବଧି ଏହା ଉପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନଥିବା ଜଣାପଡିଛି।

ପଥରଚୋର ଓ ସ୍ଥାନୀୟ ଥାନା ପୋଲିସ ମଧ୍ୟରେ ମଧୁଚନ୍ଦ୍ରିକା ରହିଥିବା ନେଇ ପୂର୍ବରୁ ସାଧାରଣରେ ଯେଉଁ ସଂଦେହ ହେଉଥିଲା ଏବେ ଏହି ଘଟଣାରେ ପୋଲିସର ଚରମ ଶିଥିଳତା ଯୋଗୁଁ ତାର ସତ୍ୟତା ପଦାକୁ ଆସିଛି ବୋଲି ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି । ଜୁନ ୬ତାରିଖ ଦିନ ବେଆଇନ ଖଣିରେ ଏହି ଦୁର୍ଘଟଣା ଘଟିବା ପରେ ଗତ ୭ ତାରିଖରେ ଯାଜପୁର ଲଘୁ ଖଣି ଅଧିକାରୀ, ଧର୍ମଶାଳା ତହସିଲଦାର, ଯାଜପୁର ରୋଡ ପୋଲିସ ଏସଡିପିଓ, ଜେନାପୁର ଥାନା ଅଧିକାରୀ ଙ୍କସହ ରାଜସ୍ୱ ବିଭାଗ ଅଧିକାରୀ ମାନେ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଥିଲେ। ବିଛାଖଣ୍ଡିର ପାହାଡର ବିଏସକ୍ୟୁ-୧୧ କଳାପଥର ଖଣିରେ ମାଫିଆମାନେ ବେଆଇନ ଭାବେ ପଥର ଚୋରି କରୁଥିଲା ବେଳେ ଏହି ଘଟଣା ଘଟିଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ମିଳିତ ତଦନ୍ତ ପରେ ଜିଲ୍ଲା ଲଘୁ ଖଣି ଅଧିକାରୀ (ଡିଡିଏମ)ଙ୍କ ପକ୍ଷରୁ ଜୁନ ୯ ତାରିଖ ଦିନ ପତ୍ର ସଂଖ୍ୟା ୩୭୨୬ରେ ଜେନାପୁର ଥାନା ଅଧିକାରୀଣୀଙ୍କୁ ଚିଠି ଲେଖାଯାଇ ଘଟଣାର ତଦନ୍ତ ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅନୁରୋଧ କରାଯାଇଥିଲା। ଅନୁରୂପ ଭାବେ ବେଆଇନରେ ଚାଲିଥିବା ଏହି କଳାପଥର ଖଣିକୁ ନିଷିଦ୍ଧ ଘୋଷଣା ସହ ପ୍ରଶାସନ ପକ୍ଷରୁ ସଠିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଧ୍ୟ ଡିଡିଏମ ସେହି ୯ ତାରିଖରେ ପତ୍ର ସଂଖ୍ୟା ୩୭୩୭ରେ ଯାଜପୁର ଉପ ଜିଲାପାଳଙ୍କୁ ଚିଠି ଲେଖିଥିଲେ। ଡିଡିଏମଙ୍କ ଚିଠିକୁ ଇତିମଧ୍ୟରେ ୧୪ ଦିନ ବିତିଯିବା ପରେ ବି ପଥର ଚୋରଙ୍କ ବିରୁଦ୍ଧରେ ଅଦ୍ୟାବଧି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବା ତ ଦୂରର କଥା ଜେନାପୁର ଥାନାରେ ଏହି ଘଟଣାରେ ଇତିମଧ୍ୟରେ ମାମଲା ପଞ୍ଜୀକରଣ ହୋଇ ନଥିବା ଜଣାପଡିଛି। ଅପରପକ୍ଷରେ ଯାଜପୁର ଉପଜିଲ୍ଲାପାଳ ଡିଡିଏମଙ୍କ ଚିଠି ପାଇବା ପରେ ବି ଦୁର୍ଘଟଣା ଘଟିଥିବା ଏହି ବେଆଇନ ପଥର ଖଣିକୁ ଅଦ୍ୟାବଧି ନିଶିଦ୍ଧ ଘୋଷଣା କରିନାହାନ୍ତି କି ମାଫିଆଙ୍କ ବିରୁଦ୍ଧରେ କୌଣସି ଠୋସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇନଥିବା ଜଣାପଡିଛି। ଫଳରେ ଏଥିରେ ସଂପୃକ୍ତ ପଥରଚୋରମାନେ ବାହାରେ ଛାତିଫୁଲାଇ ବୁଲୁଛନ୍ତି। ଏତେବଡ ଘଟଣା ପରେ ଜିଲ୍ଲା ପ୍ରଶାସନ ଓ ଜେନାପୁର ଥାନା ପୋଲିସର ଏପରି ନୈରାଶ୍ୟ ଜନକ କାର୍ଯ୍ୟକୁ ନେଇ ଏବେ ସମଗ୍ର ଅଞ୍ଚଳରେ ତିବ୍ର ପ୍ରତିକ୍ରିୟା ପ୍ରକାଶଛି। ପ୍ରଥମରୁ ଏହି ଘଟଣାରେ ଜେନାପୁର ଥାନା ପୋଲିସର କାର୍ଯ୍ୟଧାରାକୁ ନେଇ ସଂଦେହ ସୃଷ୍ଟି ହୋଇଥିବା ବେଳେ ଏବେ ଡିଡିଏମଙ୍କ ଚିଠିପରେ ମଧ କେଶ ପଞ୍ଜୀକରଣ ଓ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେଉନଥିବାରୁ ମାଫିଆ ଓ ଜେନାପୁର ପୋଲିସକୁ ନେଇ ସୃଷ୍ଟି ହୋଇଥିବା ସଂଦେହର ସତ୍ୟତାକୁ ଦୃଢ କରିଛି ।

ଏବେ ଗତ ୧୪ ଦିନ ତଳୁ ଡିଡିଏମଙ୍କ ଚିଠି ପାଇଥିଲେ ମଧ କାହିଁକି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେଉନାହିଁ ବୋଲି ସାଧାରଣରେ ପ୍ରଶ୍ନ ହୋଇଛି। ସ୍ଥାନୀୟ ଅଞ୍ଚଳର ଜଣେ ସରପଞ୍ଚଙ୍କ ଭାଇ ଯାଢୁଆ ସେଠୀ ଏହି ଖଣିରେ ବେଆଇନ ଡେନାମାଇଟ ବିସ୍ଫୋରଣ କରି କୋଟିକୋଟି ଟଙ୍କାର ପଥର ଚୋରି କରୁଥିବା ବେଳେ ସେହି ଖଣିରେ ସ୍ଥାନୀୟ ଗଣେଶ ବାରିକ ନାମକ ଜନୈକ ବ୍ୟକ୍ତିଙ୍କ କମ୍ପରେସର ମେସିନ ପଥର ଚୋରିରେ ନିୟୋଜିତ ଥିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ପୋଲିସ ଓ ପ୍ରଶାସନ ଠାରୁ ଆରମ୍ଭ କରି ସମସ୍ତେ ଜାଣିଛନ୍ତି। ହେଲେ କେଉଁ ଉଦ୍ଦେଶ୍ୟରେ ପୋଲିସ ଓ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଆରମ୍ଭ ନକରି ଏବେବି ଚୁପହୋଇ ବସିଛି ତାହା ପ୍ରଶ୍ନ ହୋଇଛି।

## ସଚିବାଳୟ ଲେଖକ ପରିଷଦର ସାରସ୍ୱତ ଆସର

# ହାତ ଲେଖା ପତ୍ରିକା ପାହାଚ ଉନ୍ମୋଚିତ



ଭୁବନେଶ୍ୱର,(ସବ୍ୟୁ): ସଚିବାଳୟ ଲେଖକ ପରିଷଦର ଜୁନ ମାସର ସାରସ୍ୱତ ଆସର ଖାରବେଳ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସାହିତ୍ୟ ସଭାରେ ସଭାପତିତ୍ୱ କରିଥିଲେ ବନ୍ଦିତା ଦାସ । ସଂଯୋଜନା କରିଥିଲେ ବିଜନବାଳା ପାଟଯୋଷି । ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ, ରଶ୍ମିତା ମହାନ୍ତ ,କାହ୍ନୁ ଚରଣ ଦାସ, ପୁଷ୍ପାଞ୍ଜଳି ବିଶୋୟୀ, ତ୍ରିଲୋଚନ ପ୍ରଧାନ , ବିଜନବାଳା ପାଟଯୋଷି,ସୁକାନ୍ତ ଦାସ , ବନ୍ଦିତା ଦାସ ଓ ସୁଶାନ୍ତ ଧର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ପରିଷଦର 'ହାତ ଲେଖା ପତ୍ରିକା ପାହାଚ'ର ପ୍ରଥମ ସଂଖ୍ୟା ଉନ୍ମୋଚିତ ହୋଇଥିଲା ।ଏ କ ନୂତନ ଶୈଳୀରେ ଏହା ପ୍ରକାଶିତ ହୋଇଛି । ହାତ ଲେଖା ପାହାଚକୁ ଅଳଙ୍କରଣ କରିଛନ୍ତି ପୁଷ୍ପାଞ୍ଜଳି ବିଶୋୟୀ ଓ ବିଜନବାଳା ପାଟଯୋଷି । ସହଯୋଗ କରିଥିଲେ ଛବିରାଣୀ ରାଉତ । ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସୁସ୍ମିତା ମିଶ୍ର । ପରିଷଦରୟୁଟ୍ୟୁବ ପତ୍ରିକାର ପ୍ରଚାର ପ୍ରସାର ପାଇଁ ସମସ୍ତେ ଯତ୍ନବାନ ହେବାକୁ ସାଧାରଣ ସମ୍ପାଦକ ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ ଅନୁରୋଧ କରିଥିଲେ ।

## ବିଡିଓଙ୍କ ଦୁର୍ନୀତି ନେଇ ବିଜେଡିର ବ୍ଲକ୍ କାର୍ଯ୍ୟାଳୟ ଘେରାଉ ଘଟଣା

# ବିଡିଓଙ୍କ ସପକ୍ଷରେ ବାହାରିଲେ ବିଧାୟକ



ବାରିପଦା, (ସବ୍ୟୁ) : ଗତ ୧୮ ତାରିଖ ଦିନ ବିଜୁ ଜନତା ଦଳ ପକ୍ଷରୁ ବାରିପଦା ବ୍ଲକରେ ଦୁର୍ନୀତିର ଅଭିଯୋଗ ଆଣି କରାଯାଇଥିବା ଘେରାଉ କାର୍ଯ୍ୟକ୍ରମକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବାରିପଦା ବିଧାୟକ ପ୍ରକାଶ ସୋରେନ । ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସେ ବିଜେଡିର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ, କାଳ୍ପନିକ ଓ ମିଥ୍ୟା ବୋଲି କହିବା ସହ ଓଲଟା ବିଜେଡିକୁ ଟାର୍ଗେଟ କରିଛନ୍ତି । ବିଧାୟକ ଶ୍ରୀ ସୋରେନଙ୍କ କହିବା କଥା' ବାରିପଦା ବ୍ଲକର ବର୍ତ୍ତମାନର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ସର୍ବାଧିକ ସରପଞ୍ଚ ଓ ସମିତି ସଭ୍ୟ ହେଉଛନ୍ତି ବିଜେଡି ଦଳର । ବ୍ଲକରେ ସେମାନଙ୍କର ହିଁ ସଂଖ୍ୟାଗରିଷ୍ଠତା ରହିଛି ଏବଂ ସେମାନଙ୍କ ଦ୍ୱାରା ହିଁ ଶାସନ ଚାଲିଛି । ଏଭଳି ସ୍ଥିତିରେ ବ୍ଲକରେ ଦୁର୍ନୀତି ବା ଘୋଟାଲା ହେଉଛି ବୋଲି ଅଭିଯୋଗ ଆଣିବା ସେମାନଙ୍କ ପାଇଁ ଲଜ୍ଜାଜନକ । ଯଦି ପ୍ରକୃତରେ କୌଣସି କାର୍ଯ୍ୟରେ ନିମ୍ନମାନର କାମ କିମ୍ବା ଆର୍ଥିକ ଅନିୟମିତତା ହୋଇଛି, ତେବେ ଶାସନରେ ଥାଇ ସେମାନେ ଏହାର ତଦନ୍ତ ପାଇଁ ଜିଲ୍ଲାପାଳ କିମ୍ବା ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରୁନାହାନ୍ତି କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ତାହା ନକରି କେବଳ ରାଜନୈତିକ ଫାଇଦା ପାଇଁ ବିଡିଓଙ୍କ ବିରୋଧରେ ମିଥ୍ୟା ପ୍ରଚାର କରାଯାଉଛି ବୋଲି କହିଛନ୍ତି । ବିଜେଡି ସରକାର ସମୟରେ ବିଡିଓ କାର୍ଯ୍ୟରେ ୬୦ ପ୍ରତିଶତ ସେମାନଙ୍କର ଏବଂ ୪୦ ପ୍ରତିଶତ ଅନ୍ୟମାନଙ୍କର ସେୟାର ରହୁଥିଲା । କିନ୍ତୁ ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଆସିବା ପରେ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟରୁ କାଉଣ୍ଟର ସାଇନ' ବ୍ୟବସ୍ଥା ଉଠାଇ ଦିଆଯାଇଛି । ଫଳରେ ବ୍ଲକରେ ଚାଲିଥିବା ପିସି କାରବାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ପିସି ଖାଇବାକୁ ନମିଳିବାରୁ ବିଜେଡିର ନେତା, ଚେୟାରମ୍ୟାନ ଓ ଭାଇସ ଚେୟାରମ୍ୟାନ ମାନେ ଏବେ ଅସ୍ତବ୍ୟସ୍ତ ହୋଇ ଏଭଳି ନାଟକ କରୁଛନ୍ତି । ଏହାସହିତ ବାରିପଦା ବିଡିଓଙ୍କୁ ତାଙ୍କର କାର୍ଯ୍ୟକଳାପକୁ ନେଇ ପ୍ରଶଂସାରେ ପୋତି ପକାଇଛନ୍ତି ବିଧାୟକ ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ



ବାରିପଦା, (ସବ୍ୟୁ) : ଚଳିତ ବର୍ଷ ବାରିପଦା ରଥଯାତ୍ରା-୨୦୨୬କୁ ଶାନ୍ତି, ଶୃଙ୍ଖଳା ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ସୁପରିଚାଳନା କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ବାରିପଦା ଦେବୋତ୍ତର ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରଥ ନିର୍ମାଣ, ନୀତିକାନ୍ତି ପାଳନ, ସୁରକ୍ଷା ବ୍ୟବସ୍ଥା, ବିଦ୍ୟୁତ୍ ଆଲୋକୀକରଣ, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ସ୍ୱଚ୍ଛତା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଯାତାୟାତ ନିୟନ୍ତ୍ରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସମ୍ପୃକ୍ତ ସମସ୍ତ ବିଭାଗ, ଦେବୋତ୍ତର ବିଭାଗ ଏବଂ ସେବାୟତମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସୁଚାରୁ ରୂପେ ସମ୍ପାଦନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ସୟ ଉପସ୍ଥିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ଚଳିତ ବର୍ଷ ରଥଯାତ୍ରାକୁ ପୂର୍ବବର୍ଷ ପରି ମହାପ୍ରଭୁଙ୍କ ନୀତିକାନ୍ତି ଅନୁଯାୟୀ ଶାନ୍ତି ଓ ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ବାରିପଦା ପୌରପାଳିକା ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ ଓ ବାରିପଦା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ରଥଯାତ୍ରାର କାର୍ଯ୍ୟନିର୍ଘଣ୍ଟ ଓ ପ୍ରସ୍ତୁତି ସମ୍ପର୍କିତ ବିସ୍ତୃତ ବିବରଣୀ ଉପସ୍ଥାପନ କରାଯାଇଥିଲା । ରଥଯାତ୍ରା ସମୟରେ ବଡଦାଣ୍ଡ ଏବଂ ସହରର ବିଭିନ୍ନ ସ୍ଥାନରେ ବିଦ୍ୟୁତ ଆଲୋକୀକରଣ, ଯଥେଷ୍ଟ ପୋଲିସ ମୁତୟନ, ଟ୍ରାଫିକ ନିୟନ୍ତ୍ରଣ, ସିସିଟିଭି ନଜରଦାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ସେବାମୂଳକ କାର୍ଯ୍ୟରେ ନିୟୋଜିତ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବା ଓ ଆମ୍ବୁଲାନ୍ସ ବ୍ୟବସ୍ଥା ସହିତ ଅଗ୍ନିକାଣ୍ଡ ଓ ଆକସ୍ମିକ ଦୁର୍ଘଟଣାର ମୁକାବିଲା ପାଇଁ ଅଗ୍ନିଶମ ବିଭାଗକୁ ଆବଶ୍ୟକୀୟ ପ୍ରସ୍ତୁତି ରଖିବାକୁ ଦାୟିତ୍ୱ ଦିଆଯାଇଛି ।

ସହର ଓ ବଡଦାଣ୍ଡ ଅଞ୍ଚଳରେ ସ୍ୱଚ୍ଛତା ଏବଂ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା, ବଡଦାଣ୍ଡରେ ଆମିଷ ଭୋଜନ ପ୍ରସ୍ତୁତି ଓ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରିବା ସହ ମଦ ଦୋକାନଗୁଡ଼ିକୁ ବନ୍ଦ ରଖାଯିବା ଏବଂ ନିୟମିତ ଚଢ଼ାଉ କରାଯିବା ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସେବାୟତ, ରଥ ମହାରଣା, ରଥ ମହାପାତ୍ର, ପରିଛା ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷମାନେ ଯୋଗଦେଇ ରଥଯାତ୍ରା ସମ୍ପର୍କିତ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ ।

## ସରସ୍ୱତୀ ବିଦ୍ୟାମନ୍ଦିର ନୀଳକଣ୍ଠ ନଗରରେ ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ବିଭାଗର ସମ୍ବର୍ଦ୍ଧନା ଉତ୍ସବ



ବ୍ରହ୍ମପୁର, (ସବ୍ୟୁ) : ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚମାଧ୍ୟମିକ ବଦ୍ୟାଳୟ, ନୀଳକଣ୍ଠ ନଗର ପରିସର ମଧ୍ୟରେ ପରିଚାଳନା ସମିତିର ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀଙ୍କର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ଏସ୍. ମୋହନ ରାଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ପରିଚାଳନା ସମିତିର ସଭାପତି ଡଃ. ତ୍ରିପାଠୀ ସାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ୍ କୁମାର ଯୋଗ ଦେଇ ଶିଶୁମାନଙ୍କୁ ଭବିଷ୍ୟତରେ ସୁନାଗରିକ ହୋଇ ଦେଶ ମାତୃକାର ସେବାରେ ବ୍ରତୀ ହେବା ପାଇଁ ଉପଦେଶ ଦେଇଥିଲେ ।

ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଡଃ. କୁଳମଣି ଓଝା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଭାରତୀୟ ଶିକ୍ଷା, ସଂସ୍କୃତି, ପରମ୍ପରାକୁ ସର୍ବଦା ବଜାୟ ରଖିବା ସହିତ ଉନ୍ନତିର ଉଚ୍ଚତର ସୋପାନରେ ପହଞ୍ଚିବାକୁ ମାର୍ଗଦର୍ଶନ କରିଥିଲେ । ଚଳିତ ଶିକ୍ଷାବର୍ଷ ଯୁକ୍ତ ୨ ବିଜ୍ଞାନ ବୋର୍ଡ ପରୀକ୍ଷାରେ ରାଜ୍ୟରେ ଷଷ୍ଠ ସ୍ଥାନ ରଖିଥିବା ଛାତ୍ର ଶାନ୍ତନୁ କୁମାର ସାହୁ, ସପ୍ତମ ସ୍ଥାନ ରଖିଥିବା ଛାତ୍ର ଅନିମେଶ ପାତ୍ର, ୨୪୬୬ ଅଷ୍ଟମ ସ୍ଥାନ ରଖିଥିବା ଛାତ୍ରୀ ସୁଶ୍ରୀ ଅପର୍ଣ୍ଣା ଆଚାରୀ, ରାଜ୍ୟରେ ନବମ ସ୍ଥାନ ରଖିଥିବା ଛାତ୍ରୀ ସୁଶ୍ରୀ ପି. ସ୍ମୃତିମୟୀ ପାତ୍ର ଏବଂ ବାଣିଜ୍ୟ ବିଭାଗରେ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ରଖିଥିବା ଛାତ୍ରୀ ସୁଶ୍ରୀ କେ. ହଂସିକା ପାତ୍ର, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଈଶାନ୍ କାର୍ତ୍ତିକ ସୁବୁଦ୍ଧି, ସପ୍ତମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ସୁଶ୍ରୀ ପ୍ରତୀକ୍ଷା ପଟ୍ଟନାୟକ, କ, ଅଷ୍ଟମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ସୁଶ୍ରୀ ଶ୍ୱେତାସ୍ମିତା ସାହୁ, ନବମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ସୁଶ୍ରୀ ତ୍ରିଷ୍ଣା ପ୍ରହରାଜ ଓ ରାଜ୍ୟରେ ଦଶମ ସ୍ଥାନ ଅଧିକାର କରିଥିବା ଛାତ୍ର ଶିବାଶିଷ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରିବା ସହିତ ଉକ୍ତ ଛାତ୍ରଛାତ୍ରୀମାନଙ୍କ ପିତା, ମାତାଙ୍କୁ ଉପଢୌକନ ସହି ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ତତ୍ ସଙ୍ଗେ ସଙ୍ଗେ ଶତକଡ଼ା ୯୦ରୁ ଉର୍ଦ୍ଧ୍ୱ ସଂଖ୍ୟା ହାସଲ କରିଥିବା ବିଜ୍ଞାନ ବିଭାଗର ୨୦୪ ଜଣ ଓ ବାଣିଜ୍ୟ ବିଭାଗର ୪୧ ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟ ମାନପତ୍ର, ପୁରସ୍କାର ପ୍ରଦାନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ପରବର୍ତ୍ତି ପର୍ଯ୍ୟାୟରେ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ଛାତ୍ରଛାତ୍ରୀମା ମାନଙ୍କୁ ଶପଥପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଦ୍ୟାଳୟର ଆଚାର୍ଯ୍ୟ ମନ୍ଦାକିନୀ ମିଶ୍ର ଓ ପ୍ରିୟଦର୍ଶିନୀ ସାହୁ । ଡିଗ୍ରୀ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଡଃ. ସୁବ୍ରତ କୁମାର କୁମାର ପାଣିଗ୍ରାହୀ ନିଟ, ଆଇଟି ଓ ଆଇଆଇଟି ସମ୍ବନ୍ଧୀୟ ସୂଚନା ଦେଇଥିଲେ । ଶେଷରେ ଯୁକ୍ତଦୁଇ ବିଭାଗର ପର୍ଯ୍ୟାୟ ପ୍ରମୁଖ ତଥା ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ସ୍ୱରାଜ୍ୟ ମାଝି ନିମନ୍ତ୍ରିତ ଅତିଥି ତଥା ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଓ ଛାତ୍ରୀ ଓ ଅଭିଭାବକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତଥିମାନଙ୍କ ମଧ୍ୟରେ ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ, ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ , କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ପରିଚାଳନା ସମିତିର ଉପଦେଷ୍ଟା ଧର୍ମରାଜ ସାହୁ, ହରେକୃଷ୍ଣ କୃଷ୍ଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଗଞ୍ଜେଇ ଚାଲାଣ: ପୋଲିସ ଧରୁଛି, ଅବକାରୀ ଶୋଇଛି

# ୧୦୨ କିଲୋ ଗଞ୍ଜେଇ ଜବତ, ୩ ଗିରଫ

ଭଞ୍ଜନଗର, (ସବ୍ୟୁ) : କନ୍ଧମାଳରୁ ବ୍ରହ୍ମପୁର ଅଭିମୁଖେ ଦାମୀ କାର୍‌ରେ ଚାଲାଣ ହେଉଥିଲା ଗଞ୍ଜେଇ । ଏ ସଂକ୍ରାନ୍ତରେ ସୂଚନା ପାଇ ଥାନାଧିକାରୀ ଜୀବନାନନ୍ଦ ଜେନାଙ୍କ ନିର୍ଦ୍ଦେଶ ପ୍ରକାରେ, ରାସ୍ତାରେ ଚଢ଼ାଉ କରିଥିଲା ପୋଲିସ । ଭଞ୍ଜନଗର - ଫୁଲବାଣୀ ରାସ୍ତାର ନିଧିଆପଲ୍ଲୀ ଛକ ନିକଟରେ କାର୍ କୁ ଯାଞ୍ଚ କରିବା ସମୟରେ, ସେଥିରୁ ୪ ଟି ବସ୍ତାରେ ରହିଥିବା ୧୦୨ କିଲୋ ଗଞ୍ଜେଇ ଜବତ ଜବତ ହୋଇଥିଲା । ଏହି ଘଟଣାରେ ଚାଲାଣ କରୁଥିବା ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ପୋଲିସ । ସେମାନଙ୍କ ଠାରୁ ଗୋଟିଏ ମୋବାଇଲ ଏବଂ ନଗଦ ୨୨ଶହ ଟଙ୍କା ମଧ୍ୟ ଜବତ ହୋଇଥିଲା ।

ଏ ସଂକ୍ରାନ୍ତରେ ଭଞ୍ଜନଗର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ ଅତିରିକ୍ତ ଏସପି ରଞ୍ଜନ କୁମାର ଦେ । ଗିରଫ ଅଭିଯୁକ୍ତ ମାନେ ହେଲେ ଗଂଜାମ ଜରଡା ଥାନା ପାତ୍ରପୁରର ପିତବାସ ମହାନ୍ତି, ମନ୍ଦାରଡା ଗ୍ରାମର ଲକ୍ଷ୍ମଣ ଦାସ ଏବଂ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅନ୍ତର୍ଗତ ଚାଙ୍ଗେର ଗ୍ରାମର ଦୂବାଦଳ ମଲ୍ଲିକ । ଗିରଫ ପରେ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଶ୍ରୀ ଦେ ଦେଇଥିବା ସୂଚନା ପ୍ରକାରେ ଚଳିତ ବର୍ଷ ୮ ଟି ଗଞ୍ଜେଇ ଚାଲାଣ ଘଟଣାରେ ମାଫିଆ ମାନଙ୍କୁ ଧରିବାରେ ସଫଳ ହୋଇଛି ଭଞ୍ଜନଗର ଥାନା ପୋଲିସ ।

ଏ ବାବଦରେ ସମୁଦାୟ ୩୫୬ କିଲୋ ଗଞ୍ଜେଇ ଜବତ ହୋଇଛି । ଏହାସହ ଗୋଟିଏ ଇନୋଭା, ଗୋଟିଏ ବୋଲେରୋ, ଗୋଟିଏ ସୁଇଫଟ୍ ଡିଜାର ଏବଂ ଗୋଟିଏ ସ୍କୁଟି ଜବତ ହୋଇଛି । ଏସବୁ ଘଟଣାକୁ ଅନୁଧ୍ୟାନ କଲେ ଜଣା ପଡୁଛି ଯେ, ଗଞ୍ଜେଇ ମାଫିଆ ମାନେ ଚାଲାଣ ସମୟରେ ପୋଲିସର ନଜର ହଟାଇବା ପାଇଁ ଦାମୀ କାର୍ ବ୍ୟବହାର କରୁଛନ୍ତି । ସେହିପରି ଫୁଲବାଣୀରୁ ଭଞ୍ଜନଗର ରାସ୍ତା ଗଞ୍ଜେଇ ଚାଲାଣର କରିଡର୍ ପାଲଟିଥିବା ବେଳେ ଏ କ୍ଷେତ୍ରରେ ଅବକାରୀ ବିଭାଗର କାର୍ଯ୍ୟକଳାପକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି ।

## ଆଦାନୀ ଫାଉଣ୍ଡେସନ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ



ଛତ୍ରପୁର, (ସବ୍ୟୁ): ଆଦାନୀ ଗ୍ରୁପ ଅଧ୍ୟକ୍ଷ ଗୌତମ ଆଦାନୀଙ୍କ ୬୪ ତମ ଜନ୍ମ ଦିବସ ପାଳନ ଅବସରରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଗୋପାଳପୁର ବନ୍ଦରର ପାଶ୍ୱର୍ବର୍ତ୍ତୀ ଆର୍ଯ୍ୟପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ମଙ୍ଗଳବାର ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସହାୟକ ଉପକରଣ ବଣ୍ଟନସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ସେବା କାର୍ଯ୍ୟକ୍ରମରେ ୨୦ ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା । ଏହି ପ୍ରୟାସ ଶାରୀରିକ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିବା ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଅଧିକ ସ୍ୱାବଲମ୍ବୀ ଓ ସମ୍ମାନର ସହ ଜୀବନଯାପନ କରିବାରେ ସହାୟକ ହେବା ସହ ଦୈନନ୍ଦିନ ଜୀବନକୁ ଅଧିକ ସୁଗମ କରିବ । ଆଜି ଏକ ସ୍ୱତନ୍ତ୍ର ସେବା କାର୍ଯ୍ୟକ୍ରମ ମାଧ୍ୟମରେ ଗୋପାଳପୁର ପୋର୍ଟର ବିଜନେସ ହେଡ୍, ପ୍ରଶାନ୍ତ ପାତ୍ର ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ସହାୟକ ଉପକରଣ ବଣ୍ଟନ ସେବା ସଂପାଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ଜନପ୍ରତିନିଧି, ସ୍ଥାନୀୟ ବୁଦ୍ଧିଜୀବୀ, ଗୋପାଳପୁର ବନ୍ଦରର ବରିଷ୍ଠ ଅଧିକାରୀ ଏବଂ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । ଉପସ୍ଥିତ ଅତିଥିମାନେ ସମାଜର ପଛୁଆ ଓ ଦିବ୍ୟାଙ୍ଗ ବର୍ଗଙ୍କ ସଶକ୍ତିକରଣ ଦିଗରେ ଆଦାନୀ ଫାଉଣ୍ଡେସନର ଏଭଳି ସାମାଜିକ ପଦକ୍ଷେପକୁ ପ୍ରଶଂସା କରିଥିଲେ । ସହାୟକ ଉପକରଣ ପାଇଥିବା ହିତାଧିକାରୀମାନେ ଆଦାନୀ ଫାଉଣ୍ଡେସନ ପ୍ରତି କୃତଜ୍ଞତା ପ୍ରକାଶ କରିବା ସହ ଏହି ଉପକରଣ ସେମାନଙ୍କ ଦୈନନ୍ଦିନ ଜୀବନରେ ବେଶ୍ ସହାୟକ ହେବ ବୋଲି କହିଥିଲେ । ଏହା ସହ ଜୁନ ୨୪ ତାରିଖରେ ଆଦାନୀ ଗ୍ରୁପ ଚେୟାରମ୍ୟାନ୍ ଗୌତମ ଆଦାନୀଙ୍କ ଜନ୍ମ ଦିବସ ଅବସରରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଗୋପାଳପୁର ବନ୍ଦର ପରିସରରେ ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି ।

## ବଳାତ୍କାର ଉଦ୍ୟମ ମାମଲା, ଅଭିଯୁକ୍ତକୁ ୩ବର୍ଷ ଜେଲ

ବ୍ରହ୍ମପୁର, (ସବ୍ୟୁ): ସ୍ୱତନ୍ତ୍ର ପୋକସ ଜଜ ପ୍ରଣତି ପଟ୍ଟନାୟକ ମଙ୍ଗଳବାର ଏକ ବଳାତ୍କାର ମାମଲାର ଶୁଣାଣି କରିଛନ୍ତି । ଉପଯୁକ୍ତ ପ୍ରମାଣ ଆଧାରରେ ସେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସେ ହେଲେ ଛତ୍ରପୁର ଥାନା ଅଞ୍ଚଳର ଶଶାଙ୍କ ପରିଡା ଓରଫ ବାଉରୀ (୨୪)ଙ୍କୁ ଜଜ ତିନି ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୬ ହଜାର ଟଙ୍କା ଜାରିମନା ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲଦଣ୍ଡ ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି । ସେହିପରି ପିଡ଼ିତାଙ୍କୁ ୨ଲକ୍ଷ ଟଙ୍କା ସହାୟତା ରାଶି ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ ନିର୍ଦ୍ଦେଶ ଦେଇଛନ୍ତି । ଛତ୍ରପୁର ଅଞ୍ଚଳରେ ୨୦୨୫ ଏପ୍ରିଲ ୭ ରେ ଦଣ୍ଡ ନାଚ ଚାଲିଥିବା ବେଳେ ଜଣେ ୧୪ ବର୍ଷର ନାବାଳିକା ଘରେ ଏକାକୀ ଥିଲେ । ସେହି ସମୟରେ ଉକ୍ତ ଯୁବକ ଶଶାଙ୍କ ଘରର ପଛପଟୁ ଯାଇ ଘର ଭିତକରୁ ଯାଇଥିଲେ । ନାବାଳିକା ଜଣଙ୍କ ଘରେ ଶୋଇଥିବା ବେଳେ ସେ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ । ନାବାଳିକା ଜଣଙ୍କ ଚିତ୍କାର କରିବାରୁ ସେ ଏକ ଛୁରୀରେ ତାଙ୍କ ନାକକୁ କାଟି ଦେଇଥିଲେ । ସେ ଚିତ୍କାର କରିବାରୁ ସାହି ଲୋକ ଘରର କବାଟ ବାଡେଥିଲେ । ଘର ଭିତରେ ଥିବା ଶଶାଙ୍କ କବାଟ ଖୋଲି ଲୋକଙ୍କୁ ଛୁରୀ ଦେଖାଇ ସେଠାରୁ ଚାଲିଯାଇଥିଲେ । ପରେ ଏନେଇ ତାଙ୍କ ବଡ଼ ଭଉଣୀ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଉକ୍ତ ଅଭିଯୁକ୍ତଙ୍କୁ ମାମଲା ନଂ ୨୦୯/୨୫ ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

## ମାନବସେବା ସମିତି ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ

ଆସିକା, (ସବ୍ୟୁ) : ସ୍ଥାନୀୟ ମାନବସେବା ସମିତି, ବରିଷ୍ଠ ନାଗରିକ ସଂଘ ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ବାଣୀବିହାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଏଥିରେ ଓଡିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ୨୦୨୪ ବର୍ଷର ଓଡିଶା ପ୍ରଶାସନିକ ସେବା (ଓସିଏସ) ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଆସିକା ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଥିବା ଇତିଶ୍ରୀ ଜେନା, ସ୍ନିଗ୍ଧା ସେନାପତି ଓ ସ୍ମୃତିରଂଜନ ବେହେରାଙ୍କୁ ଏହି ସ୍ୱତନ୍ତ୍ର ସମାରୋହ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି । ସଂଘର ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ଗଣେଶ ରଥଙ୍କ ଅଧ୍ୟକ୍ଷତାରେ ଏହି ପ୍ରତିଭା ସମ୍ମାନ ସମାରୋହ କାର୍ଯ୍ୟକ୍ରମକୁ ଆସିକା ପ୍ରେସକ୍ଲବର ସଭାପତି ତଥା ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ରଥ ସଂଯୋଜନା କରିଥିବାବେଳେ ଯୋଗଗୁରୁ ତଥା ଶିକ୍ଷାବିତ ପ୍ରସନ୍ନ କୁମାର ଦାଶ ଅତିଥି ଭାବେ ଯୋଗଦେଇ ଇତିଶ୍ରୀ ଜେନା, ସ୍ନିଗ୍ଧା ସେନାପତି ଓ ସ୍ମୃତିରଂଜନ ବେହେରା ତିନି ସଫଳ ପ୍ରତିଯୋଗୀଙ୍କୁ ପ୍ରଶଂସା ପତ୍ର, ଉପଢୌକନ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହ ସଫଳତାର ଶୀର୍ଷ ସୋପାନରେ ପହଞ୍ଚିବାକୁ ହେଲେ ଦୃଢ ଇଚ୍ଛାଶକ୍ତି ଓ ଆତ୍ମ ବିଶ୍ୱାସର ଜରୁରୀ ହୋଇଥିବା ବେଳେ ଉତ୍ତମ ଓ ଦକ୍ଷ ତଥା କର୍ତ୍ତବ୍ୟନିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ ସଫଳ ହୋଇ ତିନିହେଁ ନିଜ ପରିବାର, ମା ଓ ମାଟିର ସମ୍ମାନ ରକ୍ଷା ନେଇ କାମ କରିବେ ବୋଲି ଆଶା ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଦୁର୍ଗାଚରଣ ମିଶ୍ର, ଦିଲ୍ଲୀପ କୁମାର ପାଣିଗ୍ରାହୀ, ଉତ୍ତର ପରିଡା, ଏମ. ତାରିଣୀ ସେନାପତି, ପ୍ରଦୀପ କେଶରୀ ରାଉତ, ବିଦେଶୀ ନାହାକ, ଅନୀଲ ପାଣିଗ୍ରାହୀ, ସୁଶିଲ କୁମାର ପାତ୍ର, ଡି.ବଦ୍ରିନାଥ ପାତ୍ର, ଜୟରାମ ନାୟକ, ଅଶୋକ ମହାରଣା, ମନୋଜ କୁମାର ମିଶ୍ର, ଅରବିନ୍ଦ ପାତ୍ର, ପିତବାସ ମୁନି, ବିଜୟ କୁମାର ଜେନା, ଭି. କ୍ରିଷ୍ଣାସ୍ୱାମୀ ରାଓ ପ୍ରମୁଖ ଶତାଧିକ ଯୋଗ ଦେଇଥିବା ବେଳେ ଆଇନଜୀବୀ ସନ୍ତୋଷ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ - ପ୍ଲାଷ୍ଟିକ ମୁକ୍ତ ଅଭିଯାନ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ କମାପଲ୍ଲୀ ସ୍ଥିତ ପରିବା ମାର୍କେଟ ଠାରେ ଏକ ବ୍ୟାପକ ସ୍ୱଚ୍ଛତା ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ମେୟର ସଂଘମିତ୍ରା ଦଲେଇ, କମିଶନର ଏ ଶସ୍ୟ ରେଡ୍ଡୀ ଏବଂ ଡେପୁଟି କମିଶନରଙ୍କ ସମେତ ପୂର୍ବତନ କର୍ପୋରେଟର ବଦ୍ରୀ ନାୟକ, ବିପନ ଦାସଙ୍କ ସମେତ ସଫେଇ କର୍ମଚାରୀ ବହୁ ସଦସ୍ୟ ଉପସ୍ଥିତ ରହି ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ । ବିଧାୟକ କେ. ଅନୀଲ କୁମାର ପରିବା ବ୍ୟବସାୟୀ, ଗ୍ରାହକ ଏବଂ ସାଧାରଣ ଜନତାଙ୍କୁ ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଆହ୍ୱାନ କରିଥିଲେ । ଏହି ଅଭିଯାନ ଅବସରରେ ବିଧାୟକ କେ. ଅନୀଲ କୁମାର ବଜାରରେ ଉପସ୍ଥିତ ସାଧାରଣ ଲୋକଙ୍କୁ କପଡ଼ା ବ୍ୟାଗ ବଣ୍ଟନ କରି ପଲିଥିନ ବର୍ଜନ କରିବାକୁ ଅନୁରୋଧ କରି ପଲିଥିନ ଛାଡ଼ନ୍ତୁ- କପଡ଼ା ବ୍ୟାଗ ଆପଣାନ୍ତୁ ବୋଲି ବାର୍ତ୍ତା ଦେଇଛନ୍ତି । ସ୍ୱଚ୍ଛ ବ୍ରହ୍ମପୁର-ସୁସ୍ଥ ବ୍ରହ୍ମପୁର ସ୍ୱଚ୍ଛ ଗଞ୍ଜାମ - ସୁନ୍ଦର ଗଞ୍ଜାମ ସ୍ଲୋଗାନ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ନୂତନ ଖାଉଟି କାର୍ଡ ବଣ୍ଟନ

ବ୍ରହ୍ମପୁର, (ସବ୍ୟୁ) : ଆଜିଠାରୁ ବ୍ରହ୍ମପୁର ମହାନଗର ନିଗମରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ନୂତନ ଖାଉଟି କାର୍ଡ ବିତରଣର ଶୁଭାରମ୍ଭ କରାଯାଇଛି । ଖାଦ୍ୟ ନିରାପତ୍ତାକୁ ସୁଦୃଢ଼ କରିବା ତଥା ଯୋଗ୍ୟ ହିତାଧିକାରୀମାନଙ୍କୁ ଅତିରିକ୍ତ ସହାୟତା ଯୋଗାଇଦେବା ଲକ୍ଷ୍ୟରେ ଆରମ୍ଭ କରାଯାଇଥିବା ଉକ୍ତ ଯୋଜନା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ଜୁନ୍ ମାସ ୧୨ ତାରିଖରୁ ସାରା ଓଡିଶାରେ ଆରମ୍ଭ କରାଯାଇଥିଲା । ବ୍ରହ୍ମପୁର ୱାର୍ଡ ନଂ.୧୯ ଅନ୍ତର୍ଗତ ବୈଦ୍ୟନାଥପୁର ବଜାର ସ୍ଥିତ ଅଭିମନ୍ୟୁ ନାୟକଙ୍କ ଦ୍ୱାରା ପରିଚାଳିତ ସୁଲଭ ଖାଉଟି କେନ୍ଦ୍ରରେ ବ୍ରହ୍ମପୁରର ବିଧାୟକ କେ. ଅନିଲ୍ କୁମାର ନୂତନ ଖାଉଟି କାର୍ଡ ବିତରଣର ଶୁଭାରମ୍ଭ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାନଗର ନିଗମ ମେୟର ସଙ୍ଘମିତ୍ରା ଦଳାଇ, କମିଶନର



ସୁଶ୍ରୀ ଏ.ସସ୍ୟା ରେଡ୍ଡୀ (ଆଇଏଏସ୍), ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା ଏବଂ ୱାର୍ଡ ନଂ. ୧୯ ର କର୍ପୋରେଟର କାଦମ୍ବରୀ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି ଯୋଜନା ଦ୍ୱାରା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ସମସ୍ତ ହିତାଧିକାରୀ ପରିବାରର ସଦସ୍ୟ ସେମାନଙ୍କର ପ୍ରାପ୍ୟ ସହିତ ଅତିରିକ୍ତ ୫ କି.ଗ୍ରା ଚାଉଳ ପାଇବେ । ସଂପ୍ରତି ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ୭୭ଟି ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ୪୬,୯୮୦ ଖାଉଟି କାର୍ଡଧାରୀ ଉପକୃତ ହେଉଛନ୍ତି । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ଯୋଗାଣ ଅଧିକାରୀ ଶୁଭରାଜ ସାମନ୍ତରା ସମନ୍ୱୟ ରକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯୋଗାଣ ଅଧିକାରୀ ସଞ୍ଜୟ ମଲ୍ଲିକ, ମାର୍କେଟିଂ ଇନ୍ସପେକଟର ପୁଷ୍ପାଞ୍ଜଳି ମେହେର, ମହାନଗର ନିଗମର ଅଧିକାରୀଗଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ କର୍ମଚାରୀ ଏବଂ ସ୍ଥାନୀୟ ସାଧାରଣ ବଣ୍ଟନ ଯୋଜନାର ଡିଲରମାନେ ଉପସ୍ଥିତ ଥିଲେ । ଯୋଗ୍ୟ ହିତାଧିକାରୀମାନଙ୍କୁ ଖାଉଟି କାର୍ଡ ସହ ଖାଦ୍ୟଶସ୍ୟର ସୁଚାରୁରୂପେ ବଣ୍ଟନକୁ ସୁନିଶ୍ଚିତ କରିବାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରଶାସନ ଏବଂ ସୁଲଭ ମୂଲ୍ୟ ଦୋକାନର ଡିଲରମାନଙ୍କ ମିଳିତ ପ୍ରଚେଷ୍ଟାକୁ ମେୟର ଏବଂ କମିଶନର ଉଚ୍ଚ ପ୍ରଶଂସା କରିଥିଲେ । ଏହି ଖାଉଟି କାର୍ଡ ବିତରଣ କାର୍ଯ୍ୟକ୍ରମ ଜୁନ୍ ୨୩ ରୁ ଜୁନ୍ ୨୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଚାଲିବ ।

## ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର

# ନୂତନ ପାଠ୍ୟପୁସ୍ତକ ପ୍ରଦାନ ଦାବିରେ ଛାତ୍ର ବିକ୍ଷୋଭ




ବାରିପଦା, (ସବ୍ୟୁ) : ଚଳିତବର୍ଷ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛପାଯାଇଥିବା ସମସ୍ତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ଥିବା ଲୋକ ଲୋଚନକୁ ଆସିଛି । ଏହା ଫଳରେ ରାଜ୍ୟର ଛାତ୍ର, ଶିକ୍ଷକ, ଅଭିଭାବକ ଓ ଶିକ୍ଷାପ୍ରେମୀ ଜନଗଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ୍ (ଏଆଇଡିଏସଓ) ପକ୍ଷରୁ ସାରା ଓଡ଼ିଶାରେ ଏହାକୁ ଦୃଢ଼ ବିରୋଧ କରାଯାଇଥିବା ବେଳେ ଆଜି ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଥିବା ସହିତ ମୟୂରଭଂଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସଂପର୍କରେ ଗଣଶିକ୍ଷା ମନ୍ତ୍ରୀ ପ୍ରଦାନ କରିଥିବା ଅତ୍ୟନ୍ତ ଖାମଖିଆଲି ମନ୍ତବ୍ୟକୁ ଦୃଢ଼ ନିନ୍ଦା କରିଛନ୍ତି ଓ ଗଣଶିକ୍ଷାମନ୍ତ୍ରୀ ସମେତ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ନୂତନ ଜାତୀୟ ଶିକ୍ଷାନୀତି ପ୍ରଚଳନ କରିବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ଧ୍ୱଂସମୁଖୀ କରାଯାଇଥିବା ବେଳେ ଅତ୍ୟନ୍ତ ବେପରୁଆ ଭାବେ ଏହି ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯାଇଛି । କେବଳ ଅଷ୍ଟମ ଶ୍ରେଣୀ ବହିରେ ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱର୍ ଏବଂ ସପ୍ତମ ଶ୍ରେଣୀ ବହିରେ ୩୮୦ ରୁ ଉର୍ଦ୍ଧ୍ୱର୍ ଭୁଲ ଥିବା ଦୃଷ୍ଟିଗୋଚର ହୋଇଛି । ମୋଟ୍ ୧୭୦୦ଟି ଭୁଲ ପରିଲକ୍ଷିତ ହୋଇଥିବା ବେଳେ ନିରିଖେଇ ଦେଖିଲେ ଆହୁରି ଅଧିକ ଭୁଲ ବାହାରି ପାରେ ।

ଏଆଇଡିଏସଓ ପକ୍ଷରୁ କୁହାଯାଇଛି ଯେ ଯେଉଁ ୧୭୦୦ଟି ଭୁଲ ବାହାରିଛି ସେଗୁଡ଼ିକ ମୁଖ୍ୟତଃ ତଥ୍ୟ ଭିତ୍ତିକ । ମାତ୍ର ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗଢ଼ା କାହାଣୀକୁ ଭର୍ତ୍ତି କରାଯାଇ ପାଠ୍ୟକ୍ରମର ଏକ ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି । ଏହାଦ୍ୱାରା ଛାତ୍ରଛାତ୍ରୀମାନେ କେବଳ ତଥ୍ୟଗତ ଭାବେ ଭୁଲ ଶିକ୍ଷା ପାଇବେ ନାହିଁ ଆହୁରି ମଧ୍ୟ ବିକୃତ ଶିକ୍ଷା ପାଇବେ, ଯଦ୍ୱାରାକି ସେମାନଙ୍କର ଚିନ୍ତା କରିବାର କ୍ଷମତା ମଧ୍ୟ ଭୟଙ୍କର ଭାବେ ବାଧାପ୍ରାପ୍ତ ହେବ । ଫଳରେ ଏହି ଭୁଲ ଶିକ୍ଷା ଗ୍ରହଣ କରି ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଯେ ଅନ୍ଧକାରମୟ ହେବ କେବଳ ସେତିକି ନୁହେଁ ସେମାନେ ଅନ୍ଧତା, କୂପମଣ୍ଡୁକତାର ମଧ୍ୟ ଶୀକାର ହେବେ । ଅସଲରେ ଏହି ପାଠ୍ୟ ପୁସ୍ତକ ପରିବର୍ତ୍ତନ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବା ପାଇଁ ଏକ ସୁଦୂର ପ୍ରସାରୀ ଷଡ଼ଯନ୍ତ୍ର ଏବଂ ବିଜ୍ଞାନ ସମ୍ମତ ଶିକ୍ଷା ଠାରୁ ଭବିଷ୍ୟତ ପିଢ଼ିକୁ ଦୂରେଇ ରଖିବା ପାଇଁ ଏକ ହୀନ ଚକ୍ରାନ୍ତ ବୋଲି ଏଆଇଡିଏସଓ ପକ୍ଷରୁ ଅଭିଯୋଗ କରାଯାଇଛି । ତୁରନ୍ତ ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦କୁ ସଂପୂର୍ଣ୍ଣ ବାତିଲ କରିବା, ବିଜ୍ଞାନ ସମ୍ମତ ପାଠ୍ୟକ୍ରମ ପ୍ରଚଳନ କରିବା ସହ ଗଣ-ଶିକ୍ଷାମନ୍ତ୍ରୀ ସମେତ ପାଠ୍ୟପୁସ୍ତକରେ ଭୁଲ ବିଷୟ ଛାପିବାରେ ସଂପୃକ୍ତ ସମସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ସଂଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇଛି । ସରକାର ଅବିଳମ୍ବେ ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରି ଛାତ୍ରଛାତ୍ରୀମାନଙ୍କୁ ନୂତନ ପାଠ୍ୟପୁସ୍ତକ ପ୍ରଦାନ କରନ୍ତୁ ନହେଲେ ଆଗାମୀ ଦିନରେ ଦୃଢ଼ ଛାତ୍ର ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଏଆଇଡିଏସଓ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ସଂଗଠନର ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ଫୁଲଚାନ୍ଦ ଲୋହର, ଜିଲ୍ଲା ଅଫିସ ସମ୍ପାଦକ ଯତୀନ ବାନରା, ଜିଲ୍ଲା କମିଟି ସଦସ୍ୟ, ମାନସିଂ ହୋ, ସରୋଜ ମୁଣ୍ଡା, ଅଭିଭାବକ ସୀମାନ୍ତ କୁମାର ହେମ୍ବ୍ରମ, ବାଧା ମାର୍ଣ୍ଡି ଓ ଦଶରଥ ହେମ୍ବ୍ରମ ପ୍ରମୁଖ ।

## କାଜୁ ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଭଞ୍ଜନଗର, (ସବ୍ୟୁ) : ତାରାସିଙ୍ଗି ଥାନା ଅନ୍ତର୍ଗତ ଶିଶୁଣ୍ଡା ଗାଁ ନିକଟ କାଜୁ ଜଙ୍ଗଲର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ସେହି ଗାଁର କୁନା ଗୌଡ ବୋଲି ଜଣାପଡ଼ିଛି । ମଙ୍ଗଳବାର ସକାଳୁ ଗାଁ ନିକଟ କାଜୁ ଜଙ୍ଗଲରେ ଏକ ଗଛରେ କୁନାଙ୍କ ମୃତ ଦେହ ଝୁଲୁଥିବା ଲୋକେ ଦେଖିବାକୁ ପାଇଥିଲେ । ପରିବାର ଲୋକେ ଖବର ପାଇ ପୋଲିସକୁ ଜଣାଇଥିଲେ । ଘଟଣା ସ୍ଥଳରେ ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ଏବଂ ପୋଲିସ ଟିମ୍ ପହଞ୍ଚି ମୃତ ଦେହକୁ ଉଦ୍ଧାର କରିଥିଲେ । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ, ପ୍ରାଥମିକ ଅନୁସନ୍ଧାନରୁ ଏହା ଏକ ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ଥାନା ଅଧିକାରୀ ଶ୍ରୀମତୀ ପୂଜାରୀ ସୁଚନା ଦେଇଛନ୍ତି ।

## 'ବିକାଶ ଧାରା ଓଡିଶା ସାରା' କାର୍ଯ୍ୟକ୍ରମ ଉଦଯାପିତ

ବୁଗୁଡା, (ସବ୍ୟୁ) : ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ବୁଗୁଡା ବ୍ଲକ ସ୍ତରୀୟ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଡିଓ ଦ୍ୟୁତିକୃଷ୍ଣ ପାତ୍ର, ତହସିଲଦାର ତାପସ ରାଉତ, ସିଡିପିଓ ବବିତା କୁମାରୀ ପଣ୍ଡା, ଏବିଡ଼ିଓ ଧର୍ମରାଜ ପରିଡା, ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା ପ୍ରମୁଖ ମଞ୍ଚାସୀନ ରହିଥିଲେ । ଏହି ଜନସମ୍ପର୍କ ଓ ଜନସହଭାଗିତା କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ଜନାଭିମୁଖୀ ଯୋଜନା ଦ୍ୱାରା ହିତାଧିକାରୀମାନେ କିପରି ଉପକୃତ ହେଉଛନ୍ତି ସେନେଇ ଆଲୋକପାତ କରାଯାଇଥିଲା । ଏଥିସହ ଅତିଥିଙ୍କ ଦ୍ୱାରା ଅନ୍ନପୂର୍ଣ୍ଣା ଯୋଜନାରେ ହିତାଧିକାରୀଙ୍କୁ ରାସନ କାର୍ଡ, ନୂତନ ଭତ୍ତା, ଅନ୍ତୋଦୟ ଗୃହ କାର୍ଯ୍ୟାଦେଶ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ସବସିଡି ପ୍ରଦାନ ଏବଂ ଅଙ୍ଗନୱାଡି କର୍ମୀଙ୍କୁ ମୋବାଇଲ ଫୋନ ପ୍ରଦାନ କରାଯାଇଥିଲା ।

## ୨୦ ମେଣ୍ଢା ଜୀବନ୍ତ ଦଗ୍ଧ : ୫ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡାର କନ୍ହେଇପୁର ଗ୍ରାମରେ ବିଳମ୍ବିତ ରାତିରେ ନିଆଁ ଲାଗି ଘର ଭସ୍ମୀଭୂତ ହେବା ସହ ପ୍ରାୟ ୨୦ଟି ମେଣ୍ଢା ଜୀବନ୍ତ ଦଗ୍ଧ ହେବା ସହ ୫ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡିଛି। କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ କନ୍ହେଇପୁର ଗ୍ରାମର ଅଜୟ ବେହେରାଙ୍କ ଘରକୁ ଲାଗି ଗୁହାଳଘରେ କୌଣସି କାରଣରୁ ନିଆଁ ଲାଗିଯିବା ଫଳରେ ଗୁହାଳଘରେ ଥିବା ୨୦ଟି ମେଣ୍ଢା ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଗ୍ରାମବାସୀ ନିଆଁକୁ ଲିଭାଇବା ପାଇଁ ଯେତେ ଚେଷ୍ଟା କଲେ ମଧ ନିଆଁକୁ ଆୟତ୍ତ କରିପାରୁନଥିଲେ। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଁଚିଲା ବେଳକୁ ଗୁହାଳ ଘର ସହିତ ମେଣ୍ଢା ଓ ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିବା ଜଣାପଡିଛି।

### କୃଷକ ମଞ୍ଚର ଦାବି

## ଶଗଡ଼ିଆ ନାଳ ପଙ୍କ ଉଦ୍ଧାର

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ବ୍ଲକ ଅନ୍ତର୍ଗତ ଶଗଡ଼ିଆ ନାଳର ପଙ୍କଉଦ୍ଧାର ପାଇଁ ମିର୍ଜାପୁର କୃଷକ ମଂଚ ପକ୍ଷରୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏବଂ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏହି ନାଳ ଓଡ଼ିଶାର ଏକ ପ୍ରାଚୀନ ଓ ଐତିହାସିକ ଜଳପଥ ସହ ଜଡ଼ିତ। ଧର୍ମଶାଳା ବ୍ଲକର ବିଭିନ୍ନ ଅଂଚଳ ଦେଇ ପ୍ରବାହିତ ହେଉଥିବା ଏକ ପ୍ରମୁଖ ଜଳଧାରା ଶେଷରେ ଗେଙ୍ଗୁଟି ନଦୀରେ ମିଶିଛି। ଯାହା ଫଳରେ ଏହି ନାଳରେ ଥିବା ପାଣି ଯୋଗୁ ଏହି ଅଂଚଳର ଚାଷୀ ମାନେ ବିଶେଷ ଭାବେ ନିର୍ଭର କରିଥାନ୍ତି। କିନ୍ତୁ ଏହାର ରକ୍ଷଣାବେକ୍ଷଣ ଓ ସଫେଇ ଅଭାବରୁ ଏହି ନାଳ ମଧରେ ପଙ୍କ ଓ ବିଲାତି ଦଳ ପରିପୂର୍ଣ୍ଣ ହୋଇ ରହିଛି। ଯାହା ଫଳରେ ଜଳ ପ୍ରବାହ ରେ ବାଧା ସୃଷ୍ଟି ହେଉଛି। ଏହା ପାର୍ଶ୍ୱରେ ରହିଥିବା ହଜାର ହଜାର ହେକ୍ଟର ଚାଷ ଜମି ପାଣି ଅଭାବ ରୁ ଧାନ ବିରି ମୁଗ ଆଦି ଫସଲ ନଷ୍ଟ ହୋଇ ଯାଉଛି। ଏଥିପ୍ରତି ଦୃଷ୍ଟି ଦେବାକୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏବଂ ଜିଲ୍ଲା ପ୍ରଶାସନ ନିକଟରେ ମଂଚର ସଭାପତି ବିଶ୍ୱମ୍ବର ଜେନା ସାମନ୍ତରାୟ ସମେତ ବହୁ ଚାଷୀ ନିବେଦନ କରିଛନ୍ତି।

## ବାସି ବିରିୟାନୀ କହିବାରୁ ଗ୍ରାହକଙ୍କୁ ହୋଟେଲ କର୍ମଚାରୀଙ୍କ ମାଡ

ପାରାଦୀପ, ( ଜି ପ୍ର) : ରାଜ୍ୟରେ ଭିଡ ହିଂଶା ଏବେ ସମସ୍ତଙ୍କ ଚିନ୍ତାର କାରଣ ପାଲଟିଛି । ପୋଲିସ ଅନେକ ଗିରଫଦାରୀ କଲେ ମଧ ଭିଡ ଭିତରେ ହିଂଶା ଥମିବାର ନା ଧରୁନି । ଅନେକ ଜାଗାରେ ଲୋକେ ଆଇନ ହାତକୁ ନେଇ ନିରୀହ ଲୋକଙ୍କୁ ପ୍ରବଳ ମାଡ ମାରୁଥିବା ଘଟଣା ପ୍ରତିଦିନ ଘଟି ଚାଲିଛି । ଆଜି କୁଜଙ୍ଗ ଥାନା ଅନ୍ତର୍ଗତ ୧୫ ନମ୍ବର ପାଖରେ ଥିବା ଏକ ହୋଟେଲରେ ଜଣେ ଗ୍ରାହକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ଓ ଆକ୍ରମଣ କରି ତାଙ୍କୁ କଟକ - ପାରାଦୀପ ଜାତୀୟ ରାଜପଥରେ ଅଭିଯୁକ୍ତ ମାନେ ଫୋପାଡି ଦେଇଥିବା କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ରାସ୍ତା ଏକ ଘଣ୍ଟା ଧରି ଯାମ ହୋଇ ଯାଇଥିବା ମଧ ଦେଖିବାକୁ ମିଳିଛି । କୁଜଙ୍ଗ ଥାନାରେ ସସ୍ମିତା ବେହେରା କରିଥିବା ଅଭିଯୋଗ ଅନୁଯାଇ ତାଙ୍କ ସ୍ୱାମୀ ଜୟସଂଖପୁର ଗ୍ରାମର ସଞ୍ଜୟ ମାଝୀ ୧୫ ନମ୍ବର ପାଖରେ ଥିବା ହୋଟେଲ ଜଷ୍ଟ କୁକରେ ମଧାହ୍ନ ସମୟରେ ଖାଇବାକୁ ଯାଇଥିଲେ । ସେଠାରେ ସେ



ବିରିୟାନୀ ମାଗି ଖାଉଥିବା ବେଳେ ବିରିୟାନୀ ବାସି ଗନ୍ଧ ଛାଡ଼ିବାରୁ ସେ ହୋଟେଲ କର୍ମଚାରୀଙ୍କୁ ଅଭିଯୋଗ କରିବାରୁ ହୋଟେଲ କର୍ମଚାରୀ ମାନେ ତାଙ୍କୁ ଗାଳି କରିଥିଲେ । ସଞ୍ଜୟ ଏହାକୁ ପ୍ରତିବାଦ କରିବାରୁ ହୋଟେଲ କର୍ମଚାରୀ ମିଳିତ ଭାବେ ସଞ୍ଜୟଙ୍କୁ ଭୁଜାଲିରେ ଆକ୍ରମଣ କରି ସଞ୍ଜୟଙ୍କୁ ଲହୁଲୁହାଣ କରିବା ସହ ବିଧା ଗୋଇଠା ମଧ ମାରିଥିବା ଅଭିଯୋଗ ହୋଇଛି । କଟକ- ପାରାଦୀପ ମୁଖ୍ୟ ରାସ୍ତା ଉପରେ ରକ୍ତ ଜୁଡୁବୁଡୁ ହୋଇ ସଞ୍ଜୟ ପଡିଥିବା ବେଳେ ଦୁଇ ପଟରୁ ଆସୁଥିବା ଗାଡି ଗୁଡିକ ଅଟକି ରହିବା ଓ ରାସ୍ତା ଯାମ ହେବା ପରି ଘଟଣା ସୃଷ୍ଟି ହୋଇଥିଲା । ଘଟଣାକୁ ନେଇ କୁଜଙ୍ଗ ପୋଲିସ ଉକ୍ତ ହୋଟେଲରେ ଆସି ସିସିଟିଭି ଯାଞ୍ଚ କରୁଥିବା ବେଳେ ଆହତ ସଞ୍ଜୟଙ୍କୁ ପ୍ରଥମେ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଛି । ଦୋଷୀ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ତହସିଲ ଆଗରେ ନରଣଗଡ଼ ଗ୍ରାମବାସୀଙ୍କ ଗଣଧାରଣା

ରାଜନଗର ,(ସବ୍ୟୁ) : କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତର ନରଣଗଡ଼ ଗ୍ରାମବାସୀ ମାନେ ମଙ୍ଗଳବାର ସକାଳ ୧୦ ଘଟିକା ଠାରୁ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି । ଗ୍ରାମର ଦୀନବନ୍ଧୁ ପ୍ରଧାନ, ଅକ୍ଷୟ ବେହେରା, ଭାଗ୍ୟଧର ଚମ୍ପତିରାୟ, ନବକିଶୋର ବେହେରା, ବିଚିତ୍ର ଦାସ, ମମତା ନାୟକ,ସ୍ୱର୍ଣ୍ଣ ଲତା ବେହେରା, ଶାନ୍ତି ଲତା ଚମ୍ପତିରାୟ,ଯଶୋମତି ବେହେରା, ସୁନିତା ବେହେରା, ମିନତୀ ବେହେରା, ସାବିତ୍ରୀ ଖଟୁଆ ପ୍ରମୁଖ ଶତାଧିକ ଲୋକ ଧାରଣାରେ ସାମିଲ ହୋଇଛନ୍ତି ।ସେମାନଙ୍କ କହିବା କଥା ଆମ ଗ୍ରାମରେ ଥିବା ଏକ ସରକାରୀ ଜମିରେ ଆମର ଗାଁ ଉତ୍ସବ ହେବା ସହିତ ସ୍ୱୟଂସହାଇକା ଗୋଷ୍ଠୀର ଏକ ଘରନିର୍ମାଣ କରିବା ସମୟରେ ଜଣାପଡିଲା ଆମ ପଡୋଶୀ ଗାଁ କାନଫୁଲିଆ ଗ୍ରାମର ନିରଞ୍ଜନ ବାରିକ, ପାର୍ବତୀ ବାରିକ ଓ ଫକୀର ବାରିକ ନିଜ ନାମରେ ବେଆଇନ ଭାବରେ ପଟ୍ଟା କରିନେଇଛନ୍ତି । ଏହା ଜାଣିବା ପରେ ଆମେ ଲିଖିତଭାବେ ଏଇ ବେଆଇନ ପଟ୍ଟା କୁ ରଦ୍ଦ କରି ଆମ ଜାଗା ଆମ ଦଖଲରେ ଦେବାକୁ ତହସିଲଦାରଙ୍କୁ ଅଭିଯୋଗ କରିଥିଲୁ । ହେଲେ ତହସିଲଦାର ଏଦିଗରେ କୌଣସି ପଦକ୍ଷେପ ନେଲେ ନାହିଁ । ଏହାର ପ୍ରତିବାଦରେ ଆମେ ଗଣ ଧାରଣା ଦେଉଛୁ ।ଏ ସମ୍ପର୍କରେ ତହସିଲଦାର ଯୀଶୁ କୃଷ୍ଣ ଦାସଙ୍କୁ ପଚାରିବାରୁ ୧୯୯୭ ମସିହାରୁ ନିରଞ୍ଜନ ବାରିକ ସେ ଜାଗାର ସ୍ଥାୟୀ ପଟ୍ଟା ପାଇଛନ୍ତି ।ତାଙ୍କ ଜାଗାର ଡିମାରଗେସନ ଚଳିତ ମାସ ୨୪ ତାରିଖ ଦିନ କରାଯିବ ବୋଲ ନୋଟିସ ହୋଇଛି ବୋଲି କହିଛନ୍ତି ।

## ବିକାଶର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମ ଉଦ୍‌ଯାପିତ

ରାଜକନିକା, (ସବ୍ୟୁ) : ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ ଅବସରରେ ରାଜକନିକା ବ୍ଲକ ପରିସରରେ ବିକାଶର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ବିଡିଓ କୈଳାସ ଚନ୍ଦ୍ର ମହାଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ମିନତୀ ରାଉତ ଯୋଗଦେଇ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନା, ଅନ୍ତୋଦୟ ଗୃହ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ଆୟୁଷ୍ମାନ ଭାରତ ଯୋଜନାରେ କିପରି ପ୍ରକୃତ ହିତାଧିକାରୀ ଫାଇଦା ପାଇପାରିବେ ସେଥିପାଇଁ ଜନଭାଗିଦାରି କାର୍ଯ୍ୟକ୍ରମ ମାଧମରେ ପ୍ରଚାର ପ୍ରସାର କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧରେ ଏବିଡିଓ ଅଜୟ କୁମାର ବେହେରା ,ସାଂସଦ ଙ୍କ ପ୍ରତିନିଧି ଅଞ୍ଚଳ ନାୟକ,ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ଅଧିକାରିଣୀ ଆରତୀ



ସାହୁ,ସି ଡି ପି ଓ ଭାରତୀ ବେହେରା, ଏମ. ଆଇ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଉପରେ ଆଲୋଚନା କରିଥିଲେ ।ବ୍ଲକ ସାମାଜିକ ସମୀକ୍ଷକ ସୁବ୍ରତ ସାମଲ ମଞ୍ଚ ପରିଚାଳନା ,ସାମାଜିକ ସୁରକ୍ଷା ଅଧିକାରୀ ବିଶଦୀପ ବଳିଆର ସିଂହ, ଜି ପି ଡି ଓ ମାନସ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜିପିଏଲଏଫ ଗୃହ ନିର୍ମାଣ ଜାଗା ଚିହ୍ନଟ ନେଇ ବ୍ଲକ ଘେରାଉ

ରଘୁନାଥପୁର,(ସବ୍ୟୁ) : ରଘୁନାଥପୁର ବ୍ଲକ ଗୁଆଳିପୁର ପଞ୍ଚାୟତର ନୂତନ ଜିପିଏଲଏଫ ଗୃହ ନିର୍ମାଣ ଜାଗା ଚିହ୍ନଟ ନେଇ ଆଜି ପଞ୍ଚାୟତର ଶତାଧିକ ମହିଳା ବ୍ଲକ ଅଫିସ ଘେରାଉ କରିଥିଲେ। ପ୍ରକାଶ ଥାଉକି, ଏହି ପଞ୍ଚାୟତରେ ଏକ ନୂତନ ଜିପିଏଲଏଫ ଗୃହ ନିର୍ମାଣ ପାଇଁ ସରକାରୀ ନିୟମ ମୁତାବକ ଏହି ଗୃହ ପଞ୍ଚାୟତ ପରିସରରେ ସ୍ଥାନ ଅଭାବ ହେଲେ ନିକଟସ୍ଥ ଅନ୍ୟ ସ୍ଥାନରେ ନିର୍ମାଣ କରାଯିବ। କିନ୍ତୁ ଆମ୍ଭ ପଞ୍ଚାୟତ ଅଫିସ ପରିସରରେ ଗୃହ ନିର୍ମାଣ ପାଇଁ ଯଥେଷ୍ଟ ସ୍ଥାନ ଉପଲବ୍ଧି ରହିଛି ବୋଲି ସେମାନେ ବିଡିଓଙ୍କ ନିକଟରେ ଯୁକ୍ତି ଉପସ୍ଥାପନ



୨୩ଲକ୍ଷ ଟଙ୍କାର ଏକ ଟେଣ୍ଡର ଆହ୍ୱାନ କରାଯାଇଛି। ତେବେ ଏହି ଗୃହନିର୍ମାଣ ପାଇଁ ବ୍ଲକ ପକ୍ଷରୁ ନିକଟସ୍ଥ ରାଧାନଗର ଗ୍ରାମରେ ସ୍ଥାନ ନିରୂପଣ କରାଯାଇଛି। ଏହାକୁ ବିରୋଧ କରି ପଞ୍ଚାୟତର ଶତାଧିକ ମହିଳା ବ୍ଲକ ଅଫିସ ଘେରାଉ କରିଥିଲେ। ବିରୋଧୀଙ୍କ ଦାବି ଅନୁଯାୟୀ ପଞ୍ଚାୟତ ଅଫିସ ପରିସରରେ ଗୃହ ନିର୍ମାଣ ପାଇଁ ଯଥେଷ୍ଟ ସ୍ଥାନ ରହିଥିବା ବେଳେ କେତେକ କୁଚକ୍ରୀ ଙ୍କ ଚକ୍ରାନ୍ତରେ ଏହି ଗୃହ ରାଧାନଗର ଗ୍ରାମରେ ହେବାକୁ ଯାଉଛି। କରିଥିଲେ। ଏହାର ଶୁଣାଣି କରି ଅଭିଯୋଗ ଆଧାରରେ ଜେଇ ଏବଂ ଏଇ ସ୍ଥାନ ନିରୂପଣ କରିବା ପରେ ଗୃହ ନିର୍ମାଣ କରାଯିବ ବୋଲି ବିଡିଓ ବିରେଞ୍ଚି ନାରାୟଣ ବେହେରା ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଘେରାଉରୁ ଓହରି ଯାଇଥିଲେ। ଆସନ୍ତା ଦିନରେ ବ୍ଲକ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ପୁନରାବୃତ୍ତି କରାଗଲେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ବିରୋଧକାରୀ ମାନେ ମନ୍ତବ୍ୟ ଦେଇଥିଲେ।

## ନିଲମ୍ବିତ ଶିକ୍ଷକ ୫୧୭ ଦିନ ଅଣସ୍ୱୀକୃତିପ୍ରାପ୍ତ ଛୁଟିରେ ରହି ହାତେଇଛନ୍ତି ଦରମା

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ପୁଣି ଏକ ତୃଟିପୂର୍ଣ୍ଣ ଗୁମର ପଦାରେ ପଡିଛି। ଜଣେ ନିଲମ୍ବିତ ଶିକ୍ଷକଙ୍କୁ ୫୧୭ଦିନ ଅଣ ସ୍ୱୀକୃତିପ୍ରାପ୍ତ ଛୁଟି ଦରମା ପ୍ରଦାନ କରାଯାଇଥିବାର ସୂଚନା ଅଧିକାରରୁ ଜଣାପଡିଛି। ଏହାର ତଦନ୍ତ ଦାବି ହୋଇଛି। ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧିନ ବରାଦୋ ଗ୍ରାମପଂଚାୟତ ପାଟପୁରସ୍ଥିତ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ । ଶିକ୍ଷକ ସୀତାକାନ୍ତ ସାମଲଙ୍କୁ କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗତ ଫେବ୍ରୁଆରୀ ୯ତାରିଖ ଦିନ ଚାକିରୀରୁ ନିଲମ୍ବନ କରାଯାଇଥିଲା । ଏହା ପୂର୍ବରୁ ଶ୍ରୀ ସାମଲ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ସମୟରେ ମୋଟ ୫୧୭ ଦିନ ଅଣମଞ୍ଜୁରୀ ସ୍ୱୀକୃତୀପ୍ରାପ୍ତ ଛୁଟିରେ ରହିଥିବା ବେଳେ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ନିୟମିତ ଦରମା ଦିଆଯିବା ସହିତ ସମସ୍ତ ସରକାରୀ ସୁବିଧା ସୁଯୋଗ ସେ ପାଇଥିବା ନେଇ ସୂଚନା ଅଧିକାର ଅଧିନିୟମ ତଥ୍ୟରୁ ଜଣାପଡିଛି । ସଂପୃକ୍ତ ଶିକ୍ଷକ କାର୍ଯ୍ୟ କରୁଥିବା ସମୟରେବିଭିନ୍ନ ବିଦ୍ୟାଳୟରେ କେତେଦିନ ଛୁଟିରେ ରହିଥିଲେ ସେ ସଂପର୍କରେ ଜଣେ ବ୍ୟକ୍ତି ଅମରେନ୍ଦ୍ର ସାମଲ ସୂଚନା ଅଧିକାର ଅଧିନିୟମରେ ତଥ୍ୟ ମାଗିବାରୁ ଏହାର ସତ୍ୟାସତ୍ୟ ଜଣାପଡିଛି । ଜଣେ ଶିକ୍ଷକ ୫୧୭ ଦିନ ଅଣସ୍ୱୀକୃତୀପ୍ରାପ୍ତ ଛୁଟିରେ ରହିଥିବା ବେଳେ ତାଙ୍କୁ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ୨୦୧୭ ମସିହାରୁ ୨୦୨୫ ମସିହା ମଧରେ ନିୟମିତ ବେତନ ବୃଦ୍ଧି(ବାର୍ଷିକ ଇନକ୍ରିମେଂଟ) କରାଯାଇଥିବା ବେଳେ ପତ୍ର ସଂଖ୍ୟା ୧୮୬୫, ତା.୮.୮.୨୦୨୩ ବଦଳି ତାଲିକା କ୍ରମାଙ୍କ ନମ୍ବର ୧୪ ରେ ସଂପୃକ୍ତ ଶିକ୍ଷକଙ୍କୁ ଲେବୁଲ ଭି-ଏ ରୁ ଲେବୁଲ ଭି-ବି କୁ ପଦୋନ୍ନତି ମଧ ଦିଆଯାଇଛି । ଏହାଛଡା ସମସ୍ତ ଅଣମଞ୍ଜୁରୀ ସ୍ୱୀକୃତୀପ୍ରାପ୍ତ ଛୁଟି ଦିବସ ଗୁଡିକୁ କାର୍ଯ୍ୟଦିବସ ଭାବେ ଗଣାଯାଇ ବିଲ କରାଯାଇ ଦରମା ମଧ ପ୍ରଦାନ କରାଯାଇଛି । ଅପରପକ୍ଷରେ ଏଭଳି ନିୟମ ବର୍ହିଭୂତ ଅଣସ୍ୱୀକୃତୀପ୍ରାପ୍ତ ଛୁଟିରେ ରହିଥିବା ଶିକ୍ଷକଙ୍କ ବିରୁଦ୍ଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ସେ ନେଇ ମଧ ପ୍ରଶ୍ନ ଉଠିଛି । ତେବେ ଜଣେ ଶିକ୍ଷକଙ୍କୁ ସରକାରୀ ରାଜକୋଷରୁ କିଭଳି ଭାବେ ଲକ୍ଷାଧିକ ଟଙ୍କାର ଦରମା ଦିଆଗଲା ତାହା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହି ଘଟଣାକୁ ନେଇ ଶିକ୍ଷା ବିଭାଗର ବିଭାଗୀୟ ଅଧିକାରୀ ହରଡଘଣାରେ ପଡିଛନ୍ତି।

## ଶିଶୁଆରେ ଚୋରଙ୍କ ପାଦୁର୍ଭାବ ବୃଦ୍ଧି,ଲୋକେ ଭୟଭୀତ

ସାଲେପୁର, (ସବ୍ୟୁ) : ସାଲେପୁର ଥାନା ଅଧିନ ଶିଶୁଆ ଅଞ୍ଚଳରେ କିଛି ଦିନ ହେବ ଚୋରଙ୍କ ପାଦୁର୍ଭାବ ବୃଦ୍ଧି ଘଟୁଥିବାରୁ ଲୋକେ ଭୟଭୀତ ହେବା ସହିତ ଅଞ୍ଚଳବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ପାଞ୍ଚ ଦିନ ମଧରେ ଶିଶୁଆର ଦୁଇ ଗୋଟି ସ୍ଥାନରୁ ଚୋରି ହୋଇଛି।ଗତ ବୁଧବାର ସ୍ୱଷ୍ଟ ଦିବାଲୋକରେ ଶିଶୁଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ଦୁର୍ବୃତ୍ତ ଏକ ବାଇକ ଲୁଟି ନେଇଛନ୍ତି।ସୂଚନା ମୁତାବକ ପୁରୁଷୋତ୍ତମପୁର ଗ୍ରାମର ରଂଜନ କୁମାର ଦାଶ ନିଜ ସ୍ପେଣ୍ଡର ବାଇକରେ କୌଣସି କାର୍ଯ୍ୟ ନିମନ୍ତେ ଶିଶୁଆ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ।ସେ ବାଇକ କାର୍ଯ୍ୟାଳୟ ସମ୍ମୁଖରେ ରଖି ଥିଲେ।ସେହିପରି ରବିବାର ବିଳମ୍ବିତ ରାତ୍ରରେ କଟକ -ଚାନ୍ଦବାଲି ରାସ୍ତାର ଶିଶୁଆ ବଜାର ଠାରୁ ସମ୍ୟକ ଦୂରରେ ଅବସ୍ଥିତ ବାହାବଳପୁର ଗ୍ରାମର ଦାଣ୍ଡ ନାହାକାଣୀ ମନ୍ଦିର ବିଭିନ୍ନ ସାମଗ୍ରୀକୁ ଚୋର ମାନେ ଲୁଟି ନେଇଥିବା ଜଣାପଡ଼ିଛି।ଚୋର ମାନେ ମନ୍ଦିର ପରିସରରେ ଥିବା ତିନୋଟି ଘରର ସମ୍ମୁଖ କବାଟର ତାଲା ଭାଙ୍ଗି ଗୃହ ମଧରେ ଥିବା ମନ୍ଦିରର ମାଇକ ସେଟ, ବକ୍ସ,କଡ଼େଇ, ଡିକ୍ସ ଆଦି ବିଭିନ୍ନ ସାମଗ୍ରୀ ଲୁଟି ନେଇଛନ୍ତି।ଯାହାର ଆନୁମାନିକ ମୂଲ୍ୟ ତିନି ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି।ସେହିପରି କିଛି ମାସ ତଳେ ସପନପୁର ଗ୍ରାମର ଦୁଇ ଜଣ ବ୍ୟକ୍ତିଙ୍କ ଘରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟ ହୋଇଥିଲା। ଚୋରଙ୍କ ପାଦୁଭବ ବୃଦ୍ଧି ଯୋଗୁଁ ଅଞ୍ଚଳବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ପୋଲିସ ପ୍ରଶାସନ ପକ୍ଷରୁ ରାତ୍ରିକାଳୀନ ପେଟ୍ରୋଲିଂ କଡ଼ା କଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

## ପୂର୍ବତନ ଶିକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା

ନାଉଗାଁ, (ସବ୍ୟୁ) : ନାଉଗାଁ ବ୍ଲକ ଅଙ୍ଗେଶ୍ୱରପଡା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପି.ଟି ଶିକ୍ଷକ କେଦାର ନାଥ ବିଶ୍ୱାଳଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି ।ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ଅଙ୍ଗେଶ୍ୱର ପଡା ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ନିଳୁରାମ ଜେନା, ବ୍ରଜକିଶୋର ମୁଦୁଲି, ଉପେନ୍ଦ୍ର ନାଥ ବିଶ୍ୱାଳ, ଶିକ୍ଷକ ଶିଶିର ପାତ୍ର , ଆତ୍ମବିଶ୍ୱାସର ଏକ ଜୀବନ୍ତ ପ୍ରତୀକ ଥିଲେ। ଖେଳ ପଡ଼ିଆରେ ସେ ଆମକୁ କେବଳ ଖେଳ ଶିଖାଇ ନଥିଲେ, ବରଂ ଜୀବନରେ କିପରି ସଂଘର୍ଷ କରିବା, ଦଳଗତ ଭାବନା ରଖିବା ଏବଂ ଶୃଙ୍ଖଳିତ ଜୀବନ ବିତାଇବା ସେଥି ମଧ ଶିଖାଇଥିଲେ।ତାଙ୍କର ଭିତରେ ଲୁଚି ରହିଥିଲା ଛାତ୍ରଛାତ୍ରୀଙ୍କ ପ୍ରତି ଅପାର ସ୍ନେହ ଓ ଭଲପାଇବା। ତାଙ୍କର ପ୍ରେରଣା ଓ ମାର୍ଗଦର୍ଶନରେ ଅନେକ ଛାତ୍ରଛାତ୍ରୀ



ଗିରିଧାରୀ ପୁହାଣ, ଶିକ୍ଷକ ଜ୍ଞାନରଞ୍ଜନ ବିଶ୍ୱାଳ ଓ ଛାତ୍ର ନେତା ସୁନୀଲ କୁମାର ମାଟିଆ ପ୍ରମୁଖ ଉପସ୍ଥିତଥିଲା ବେଳେ ସୁକାନ୍ତ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ ।ଅତିଥି ମାନେ ତାଙ୍କ ଭାଷଣ ମାଧମରେ କେଦାର ସାର କେବଳ ଜଣେ ପି.ଟି. ଶିକ୍ଷକ ନୁହେଁ, ସେ ଆମ ସମସ୍ତଙ୍କ ପାଇଁ ଶୃଙ୍ଖଳା, ପରିଶ୍ରମ ଓ ଖେଳ ଓ ଜୀବନର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି । ପରମେଶ୍ୱରଙ୍କ ନିକଟରେ ଆମର ପ୍ରାର୍ଥନା, ଦିବଙ୍ଗତ ଆତ୍ମାଙ୍କୁ ଚିର ଶାନ୍ତି ପ୍ରଦାନ କରନ୍ତୁ ଏବଂ ଶୋକାକୁଳ ପରିବାରକୁ ଏହି ଦୁଃଖ ସହିବାର ଶକ୍ତି ଦିଅନ୍ତୁ। ଦିବଙ୍ଗତ କେଦାର ନାଥ ବିଶ୍ୱାଳ ସାରଙ୍କ ପ୍ରତି ଆମର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।

## ଯାଜପୁର ମେଡିକାଲ କଲେଜରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟସୁବିଧା ଉଦ୍‌ଘାଟନ କଲେ ଜିଲ୍ଲାପାଳ

ଯାଜପୁର ସଦର/ବ୍ୟାସନଗର, (ସବ୍ୟୁ) : ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଯାଜପୁର ଜିଲ୍ଲାକୁ ମିଳିଛି ନୂତନ ତଥା ଅତ୍ୟାଧୁନିକ ସୁବିଧା। ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ, ଯାଜପୁରଠାରେ ଏକାଧିକ ନୂତନ ଚିକିତ୍ସା ସେବା ଆରମ୍ଭ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଭାବେ ପ୍ରତିଷ୍ଠିତ ଇକୋ, ମାମୋଗ୍ରାଫି, ଶଲ୍ୟ ଚିକିତ୍ସା ବହିଃର୍ବିଭାଗ, ଏଣ୍ଡୋସ୍କୋପି ଏବଂ ସମସ୍ତ ସୁବିଧା ସମ୍ପନ୍ନ ଅର୍ଥୋପେଡିକ ଅସ୍ତ୍ରୋପଚାର ଗୃହର ଉଦଘାଟନ କରିଛନ୍ତି। ମାମୋଗ୍ରାଫି ୟୁନିଟରେ ପ୍ରସିଦ୍ଧ ଫୁଜିଫିଲ୍ମ ବ୍ରାଣ୍ଡର ଅତ୍ୟାଧୁନିକ ମେସିନ ସ୍ଥାପନ କରାଯାଇଛି, ଯାହା ମହିଳାମାନଙ୍କ ସ୍ତନ କର୍କଟର ପ୍ରାଥମିକ ଚିହ୍ନଟ ଓ ନିଦାନରେ ସହାୟକ ହେବ। ଇକୋକାର୍ଡିଓଗ୍ରାଫି ୟୁନିଟରେ ହୃଦରୋଗର ସଠିକ ପରୀକ୍ଷା ପାଇଁ ଜିଇ ହେଲଥକେୟାର ବ୍ରାଣ୍ଡର ଇକୋ ମେସିନ କାର୍ଯ୍ୟକ୍ଷମ ହୋଇଛି। ପେଟ ଓ ଗ୍ୟାଷ୍ଟ୍ରିକ ସମ୍ବନ୍ଧୀୟ ସମସ୍ୟାର ଚିକିତ୍ସା ତଥା ପରୀକ୍ଷା ପାଇଁ ଫୁଜିଫିଲ୍ମ ବ୍ରାଣ୍ଡର ଏଣ୍ଡୋସ୍କୋପି ୟୁନିଟ ଆରମ୍ଭ କରାଯାଇଛି। ଅସ୍ତ୍ରୋପଚାର ଆବଶ୍ୟକ କରୁଥିବା ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ସର୍ଜରୀ ବହିଃ ବିଭାଗ କାର୍ଯ୍ୟକ୍ଷମ ହୋଇଛି। ଏହାସହ ହାଡ଼ ଓ ଗଣ୍ଠି ଜନିତ ଜଟିଳ ଅସ୍ତ୍ରୋପଚାର ପାଇଁ ଏକ ସମ୍ପୂର୍ଣ୍ଣ ଭାବେ ସ୍ୱତନ୍ତ୍ର ଅପରେସନ ଥିଏଟର ଉଦଘାଟନ କରାଯାଇଛି। ଏହି ସମସ୍ତ ସୁବିଧା ଉପଲବ୍ଧ ହେବା ଦ୍ୱାରା ଯାଜପୁର ଏବଂ ଏହାର ଆଖପାଖ ଅଞ୍ଚଳର ରୋଗୀମାନେ ବିଶେଷ ଭାବେ ଉପକୃତ ହେବେ। ଜଟିଳ ଅସ୍ତ୍ରୋପଚାର ଏବଂ ହୃଦରୋଗ ସମ୍ପର୍କିତ ପରୀକ୍ଷା ପାଇଁ ଏଣିକି ରୋଗୀଙ୍କୁ ବାହାରକୁ ଯିବାକୁ ପଡ଼ିବ ନାହିଁ। ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲରେ ଏହି ସେବାଗୁଡ଼ିକର ଶୁଭାରମ୍ଭ ଜିଲ୍ଲାରେ ସ୍ୱତନ୍ତ୍ର ସେବାର ଗୁଣବତ୍ତା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସଦୃଶ ହୋଇଛି। ଏହା ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣଙ୍କୁ ଉନ୍ନତ ରୋଗ ନିଦାନ ଓ ଚିକିତ୍ସା ପ୍ରଦାନ କରିବାରେ ବେଶ ସହାୟକ ହେବ। ଉଦଘାଟନ ପରେ ଜିଲ୍ଲାପାଳ ଶ୍ରୀ କର ନୂତନ ଭାବେ ସ୍ଥାପିତ ଏହି ସମସ୍ତ ଚିକିତ୍ସା ୟୁନିଟଗୁଡ଼ିକ ନିରୀକ୍ଷଣ କରିଥିଲେ। ରୋଗୀମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ଓ ଚିକିତ୍ସକମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉଦଘାଟନୀ ସମାରୋହରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱତନ୍ତ୍ର ଅଧିକାରୀ ଡ. ବିଜୟ କୁମାର ମିଶ୍ର, ମେଡିକାଲ କଲେଜର ଅଧୀକ୍ଷକ ପ୍ରଫେସର ଡ. ଜାମି ସାଗର ପୃଷ୍ଟି, ପ୍ରଫେସର ଡ. ମନୋରମା ସଓ୍ୱାଇଁ, ମେଡିକାଲ କଲେଜର ପ୍ରଶାସନିକ ଅଧିକାରୀ ଶୈଳସେବା ମୁଦୁଲି, ଅର୍ଥୋପେଡିକ ବିଭାଗ ପ୍ରଫେସର ଡ. ଅତନୁ ମହାନ୍ତି, ସର୍ଜରୀ ବିଭାଗ ପ୍ରଫେସର ଡ. ବିପିନ କୁମାର ବର, ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ ଏବଂ ମେଡିକାଲ କଲେଜର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସିତାଲୋଇ ୬ ନମ୍ବର ଓ୍ୱାର୍ଡରେ ଅଗ୍ନିକାଣ୍ଡ

ଯାଜପୁର/ଯାଜପୁର ସଦର,(ସବ୍ୟୁ) : ବିଳମ୍ବିତ ରାତିରେ ବ୍ରହ୍ମବରଦା ଥାନା ଅନ୍ତର୍ଗତ ରୁଦ୍ରପୁର ପଞ୍ଚାୟତ ସିତାଲୋଇ ଗ୍ରାମ ୬ ନମ୍ବର ଓ୍ୱାର୍ଡରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଦୋଳଗୋବିନ୍ଦ ଓଝାଙ୍କ ଘରପୋଡ଼ି ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡରେ ୨ଟି ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଇଲେକ୍ଟ୍ରି ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ,ସିତାଲୋଇ ଗ୍ରାମର ଦୋଳଗୋବିନ୍ଦ ଓଝାଙ୍କ ଘରେ ଗତକାଲି ରାତି ପ୍ରାୟ ୩ଟା ୩୦ ମିନିଟ ସମୟରେ ଅଚାନକ ନିଆଁ ଲାଗିଥିଲା। ପରିବାର ଲୋକେ ଶୋଇଥିବା ବେଳେ ଘର ଭିତରେ ଧୂଆଁ ଭରିଯାଇଥିବା ଦେଖି ବାହାରକୁ ଆସିଥିଲେ। ସେତେବେଳକୁ ନିଆଁ ସମଗ୍ର ଘରକୁ କବଳିତ କରିସାରିଥିଲା।ଗ୍ରାମବାସୀମାନେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ ଅଗ୍ନିର ପ୍ରକୋପ ଅଧିକ ଥିବାରୁ ନିଆଁ ଲିଭାଇବାରେ ସଫଳ ହୋଇ ପାରିନଥିଲେ। ଖବର ପାଇ ବରୁଆଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଉଦ୍ୟମ କରି ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ଘରେ ଥିବା ଏକ ଓକିନାଓ୍ୱା ଇଲେକ୍ଟ୍ରି ସ୍କୁଟର, ଏକ ବଜାଜ ପଲସର,ଏକାଧିକ ୱେଲ୍ଡିଂ ମେସିନ, ଘରର ଆସବାବପତ୍ର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ସମ୍ପୂର୍ଣ୍ଣ ଭାବେ ଜଳିପୋଡ଼ି ପାଉଁଶହୋଇ ଯାଇଥିଲା।ସେହିପରି ଗୁହାଳ ଘରେ ବନ୍ଧା ଥିବା ଦୁଇଟି ଗାଈ ମଧ ନିଆଁରେ ପୋଡ଼ି ମୃତ୍ୟୁବରଣ କରିଥିଲେ। ପ୍ରାଥମିକ ଆକଳନ ଅନୁସାରେ ଏହି ଅଗ୍ନିକାଣ୍ଡରେ ୨୦ ଲକ୍ଷ ଟଙ୍କାରୁ ଅଧିକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ବିଜେପି ନେତା ରତିକାନ୍ତ ରାଜବଂଶୀ, କାକୁଡ଼ିକୁଦ ରାଜସ୍ୱ ନିରୀକ୍ଷକ ଏବଂ ପଶୁ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ପଟ୍ଟାମୁଣ୍ଡାଇ ଜଳ ସେଚନ ବିଭାଗ ରାସ୍ତା ଦୁର୍ନୀତି, ଦ୍ୱିତୀୟ ଦିନରେ ଅନଶନ

ପଟ୍ଟାମୁଣ୍ଡାଇ, (ସବ୍ୟୁ) : ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ଗ୍ରାମ ପଞ୍ଚାୟତର ବାତ୍ୟା କଲୋନୀ ନିକଟରେ ୧୯ ଲକ୍ଷ ୬୨ ହଜାର ୫ଶହ ୨୫ଟଙ୍କା ବ୍ୟୟ ବରାଦରେ ( ସୂଚନା ଫଳକ ହିସାବରେ ) ୧୬ ନଂ ଡିସଟ୍ରିବୁଟରୀ କେନାଲର ୩.୦୩ କିମି ଠାରୁ ୩.୬୧୫ କିମି ପର୍ଯ୍ୟନ୍ତ ମାତ୍ର ୬୦୦ମିଟର ରାସ୍ତା କାମ ଆରମ୍ଭରୁ ଅତ୍ୟନ୍ତ ନିମ୍ନମାନର କାମ ହେଉଥିବା ଏବଂ ରାସ୍ତାର ବର୍ମ ଏରିଆ ବିଲକୁଲ ତିଆରି କରାଯାଇ ନଥିବାର ଅଭିଯୋଗ କରି ଗ୍ରାମବାସୀ ବାରମ୍ବାର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏବଂ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ ଜଣାଇଥିଲେ । ସୂଚନା ଅଧିକାର ଆଇନ ବଳରେ ମଗା ଯାଇଥିବା ତଥ୍ୟ ର ବିଭାଗୀୟ ଜନସୂଚନା ଅଧିକାରୀ ଏବଂ ପ୍ରଥମ ଅପିଲ ଅଧିକାରୀ ତଥ୍ୟ ପ୍ରଦାନ କରି ନ ଥିଲେ । ତେଣୁ ଗ୍ରାମବାସୀ ଗତ ଏପ୍ରିଲ ୨୦ ତାରିଖରେ ପଟ୍ଟାମୁଣ୍ଡାଇ ସ୍ଥିତ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଥିଲେ । ବିଭାଗୀୟ ସହ ନିର୍ବାହୀଯନ୍ତ୍ରୀ ଆଶିଷ ସ୍ୱାଇ ଘଟଣା ସ୍ଥଳରେ ପହଞ୍ଚି ପୋଲିସ ଏବଂ ଗଣମାଧମ




ଉପସ୍ଥିତିରେ ଦୁଇ ସପ୍ତାହ ମଧରେ ଉକ୍ତ ରାସ୍ତା କାର୍ଯ୍ୟକୁ ଏଷ୍ଟିମେଟ , ଏଗ୍ରିମେଣ୍ଟ, ଡିଜାଇନ, ଡ୍ରଇଂ ଅନୁଯାୟୀ ରାସ୍ତା କାମ ସଂଶୋଧନ କରିବା ସହିତ ରାସ୍ତା ସମ୍ପର୍କିତ ମଗା ଯାଇଥିବା ସମସ୍ତ ସୂଚନା ଦୁଇ ସପ୍ତାହ ମଧରେ ପ୍ରଦାନ କରିବେ ବୋଲି ଲିଖିତ ପ୍ରତିଶୃତି ପ୍ରଦାନ କରଥିଲେ । କିନ୍ତୁ ଧାର୍ଯ୍ୟ ତାରିଖ ବିତି ଯାଇଥିଲେବି ବିଭାଗୀୟ ଅଧିକାରୀ ତାଙ୍କର ଲିଖିତ ପ୍ରତିଶୃତିକୁ ପାଳନ କରିନଥିଲେ । ଏହା ପରେ ବିଭାଗୀୟ ଅଧିକାରୀମାନେ ବାରମ୍ବାର ପ୍ରତିଶ୍ରୁତି ଦେଇ ମଧ ପାଳନ କଲେ ନାହିଁ। ଫଳରେ ଗ୍ରାମବାସୀ ଅନଶନକୁ ୧୫ ଜୁନ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ । କିନ୍ତୁ ଦୁଇ ମାସ ବିତି ଯାଇଥିଲେବି ବିଭାଗ ତରଫରୁ ପ୍ରତିଶ୍ରୁତି ପୂରଣ କରା ଯାଇ ନଥିଲା । ବିଭାଗୀୟ ଅଧିକାରୀଙ୍କ ତରଫରୁ ବାରମ୍ବାର ଦିଆ ଯାଉଥିବା ମିଥ୍ୟା ପ୍ରତିଶୃତି ପୂରଣ କରା ଯାଉ ନଥିବାରୁ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜାଣିଶୁଣି ଠିକାଦାରଙ୍କୁ କାମ ନ କରି ମିଥ୍ୟା ବିଲ କରି ଟଙ୍କା ଉଠାଇବାରେ ସହଯୋଗ କରିଥିବା ବିଭାଗୀୟ ଅଧିକାରୀଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ବିଭିନ୍ନ ବାହାନା କରି ବର୍ଷା ଦିନ ଅତିକ୍ରମ କରାଇ ବର୍ଷାରେ ରାସ୍ତା ମୋରମ ରାସ୍ତା ଧୋଇଗଲା ବୋଲି ସରକାରଙ୍କୁ ଠକିବା ପାଇଁ ବିଭାଗର ଉପରିସ୍ଥ ଅଧିକାରୀ ଚେଷ୍ଟା ଚଳାଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଣୁ ଗତ ସୋମବାର ଠାରୁ ପୁନର୍ବାର ପଟ୍ଟାମୁଣ୍ଡାଇ ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଆମରଣ ଅନଶନ ଆରମ୍ଭ କରିଛନ୍ତି। ରାସ୍ତା ଦୁର୍ନୀତିରେ ସମ୍ପୃକ୍ତ ରହି ଠିକାଦାରର ବିଲ କରିଥିବା ବିଭାଗୀୟ ଅଧିକାରୀଙ୍କୁ ଗିରଫ କରାଯିବା ଓ ତତସହିତ ମଗା ଯାଇଥିବା ସୂଚନା ତଥ୍ୟ ବିଭାଗ ତରଫରୁ ପ୍ରଦାନ କରା ଯିବା ପର୍ଯ୍ୟନ୍ତ ବିଭାଗୀୟ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସି ରହିବେ ବୋଲି ଅନଶନ କାରୀ ପ୍ରକାଶ କରିଛନ୍ତି। ଅନଶନ ର ଦ୍ୱିତୀୟ ଦିନରେ ଅତିରିକ୍ତ ଜିଲ୍ଲାପାଳ, ଏସ ଡି ପି ଓ ଏବଂ ଆଦର୍ଶ ଥାନା ଆଇଆଇସି ଅନଶନ କାରୀଙ୍କ ନିକଟରେ ପହଞ୍ଚି ତଦନ୍ତ ପାଇଁ ୧୫ ଦିନ ସମୟ ଦେଇ ଅନଶନ କାରୀଙ୍କୁ ଅନଶନ ଭଙ୍ଗ କରିବାକୁ କହିଥିଲେ। କିନ୍ତୁ ଅନଶନ କାରୀ ଦୁର୍ନୀତିଗ୍ରସ୍ତ ଅଧିକାରୀ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରେ ହିଁ ଅନଶନ ପ୍ରତ୍ୟାହାର କରିବାକୁ ଅଡି ବସିଛନ୍ତି।

## ଜଳିଗଲା ଗୋରୁ ବୋଝେଇ ପିକ୍‌ଅପ୍

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲପମ୍ପ ନିକଟରେ ସେମାବାର ବିଳମ୍ବିତ ରାତ୍ରୀରେ ଏକ ଗୋରୁ ବୋଝେଇ ପିକଅପ (ଓଡି ୦୮ ଡି ୮୭୭୮) କଟକ ପଟୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ପିକଅପଟିରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳିଥିଲା । ସ୍ଥାନୀୟ ଲୋକମାନେ ପିକଅପରେ ଥବା ୭ଟି ବାଛୁରୀକୁ ଖୋଲି ଦେଇଥିଲେ । ହେଲେ ଚାଳକ ଅଳ୍ପକେ ବର୍ତିଯାଇଥିଲା । ଖବରପାଇ ରାଜପଥ ପେଟ୍ରୋଲିଂଗ ଓ ପୁଲିସ ପହଂଚିଥିଲେ । ଦମକଳ ବାହିନୀ ଦ୍ୱାରା ନିଆଁ ଲିଭାଯାଇଥିଲେ ମଧ୍ୟ ପିକଅପଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା । ପୁଲିସ ଗାଡିଟିକୁ ଜବତ କରି ତଦନ୍ତ ଜାରି ରଖିଛି ।

## ଓଡିଆ ସମାଜ ପକ୍ଷରୁ ଯୋଗ ଉତ୍ସବ ପାଳନ

ନାଉଗାଁ, (ସବୁ) : ବାହାରିନ ଓଡିଆ ସମାଜର ସଦସ୍ୟମାନେ ମାନମାସ୍ଥିତ ଭାରତୀୟ ଦୂତାବାସ ଦ୍ୱାରା ଏବଂ ନିଶ୍ୱାସ ପ୍ରଶ୍ୱାସ ଅଭ୍ୟାସ କରିଥିଲେ।ଏହି ଯୋଗ ଦିବସରେ ଓଡ଼ିଆ ସମାଜର ମହିଳା ସଦସ୍ୟ ଏବଂ



ଆୟୋଜିତ ୧୨ତମ ଅନ୍ତରାଷ୍ଟ୍ରିୟ ଯୋଗ ଉତ୍ସବ ପାଳନ କରିଥିଲେ। ଏହି ମହା ଉତ୍ସବରେ ଭାରତୀୟ ରାଜଦୂତ ବିନୋଦ କେ ଜାକବ ଯୋଗ ଦେଇ ଯୋଗର ଉପକାରିତା ବିଷୟରେ ବର୍ଣ୍ଣନା କରିଥିଲେ ଏବଂ ସେଠାରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟଙ୍କ ସହ ମିଶି ଅନେକ ଲାଭବାନ ଯୋଗ ଆସନ ପିଲାମାନେ ମଧ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।ଯୋଗ ହେଉଛି ଏକ ପ୍ରାଚୀନ ଭାରତୀୟ ବ୍ୟାୟାମ, ଯାହା ଦ୍ୱାରା କୌଣସି ମଣିଷ ନିଜ ଜୀବନକୁ ଏକ ସକାରାତ୍ମକ ଢଙ୍ଗରେ ପରିବର୍ତ୍ତନ କରିପାରିବ ବୋଲି ବାହାରିନ ଓଡ଼ିଆ ସମାଜର ସଭାପତି ରାମଚନ୍ଦ୍ର ସାହୁ ଦୃଢୋକ୍ତି ପ୍ରକାଶ କରିଥିଲେ।

# ସିଡିପିଓ କାର୍ଯ୍ୟାଳୟରେ ତାଲା ପକାଇ ଘଟଣା: ଥାନା ଘେରିବ ଅଙ୍ଗନୱାଡ଼ି ସଂଘ



କଣାସ, (ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ ଶିଶୁ ବିକାଶ କାର୍ଯ୍ୟାଳୟରେ ଗତ ୧୮ ତାରିଖ ଗୁରୁବାର ଦିନ ବିନା ନୋଟିସରେ ବ୍ଲକ ମହିଳା ମହାସଂଘ ସମ୍ପାଦିକା ଓ ତାଙ୍କ ସହଯୋଗୀ ସିଡିପିଓ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ । ଫଳରେ ସରକାରୀ କାର୍ଯ୍ୟରେ ବାଧାପ୍ରାପ୍ତ ସୃଷ୍ଟି ହେବା ସହ କର୍ମଚାରୀମାନେ ଖରାରେ ବାହାରେ ବୁଲିଥିଲେ ।

ଏନେଇ ଶିଶୁ ବିକାଶ ଅଧିକାରିଣୀ ସ୍ମିତା ମହାନ୍ତି କଣାସ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେକି ଯେଉଁ ବ୍ୟକ୍ତିମାନେ କୌଣସି ପୂର୍ବ ସୂଚନା ନଦେଇ ସିଡିପିଓ କାର୍ଯ୍ୟାଳୟରେ ତାଲା ପକାଇଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ହେଲେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ । ସେପଟେ ଅଲ ଓଡିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କରସ ଆସୋସିଏସନ ସଭାନେତ୍ରୀ ପ୍ରତିମା ମଞ୍ଜରୀ ଦତ୍ତ, ସମ୍ପାଦିକା ମମତା ପ୍ରଧାନ, ଜ୍ୟୋସ୍ନାରାଣୀ ପ୍ରଧାନ, କୁନିମଣି ବେହେରା ଓ ଚିତ୍ରୋତ୍ପଳା ହରିଚନ୍ଦନ କଣାସ ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି ଗତ ୧୮/୦୬/୨୦୨୬ ରିଖରେ ବ୍ଲକ ମହିଳା ମହାସଂଘ ସମ୍ପାଦିକା ଓ ପୁରୀ ଡିଏସଡବ୍ଲ୍ୟୁ ଉଭୟ ସିଡିପିଓ କାର୍ଯ୍ୟାଳୟରେ ଅଲ ଓଡିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କରସ ଆସୋସିଏସନ ସଭାନେତ୍ରୀ ପ୍ରତିମା ମଞ୍ଜରୀ ଦତ୍ତଙ୍କୁ ଖରାପ ବ୍ୟବହାର ଦେଖାଇବା ନେଇ କଣାସ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ପୁନଃଶ୍ଚ ସେହି ବ୍ଲକ ମହିଳା ମହାସଂଘ ସମ୍ପାଦିକା ଓ ତାଙ୍କ ସହଯୋଗୀ ସିଡ଼ିପିଓ କାର୍ଯ୍ୟାଳୟରେ ତାଲା ପକାଇଲେ ଏହି ଘଟଣାର ମଧ୍ୟ ଲିଖିତ ଅଭିଯୋଗ କରାଯାଇଛି । ହେଲେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଆସନ୍ତା ୨୪ ତାରିଖ ମଧ୍ୟରେ ତାଲା ପକାଇଥିବା ବ୍ୟକ୍ତିଙ୍କୁ ଗିରଫ କରାନଗଲେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା କଣାସ ଥାନା ଘେରାଉ କରିବା ପାଇଁ ଅଲ ଓଡିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କରସ ସଂଘ କହିଛି ।

# ନନ୍ଦନକାନନ ବୋତଲ ଘୋଟାଲା: ଷ୍ଟିକର ନାଁରେ ସରକାରୀ ଲୁଟ !

ବାରଙ୍ଗ ,(ସବ୍ୟୁ) : ନନ୍ଦନକାନନ ଏବେ ପ୍ରାଣୀ ଉଦ୍ୟାନ ନୁହେଁ, ପର୍ଯ୍ୟଟକଙ୍କ ଲୁଟ କେନ୍ଦ୍ର ପାଲଟିଛି ବୋଲି ଅଭିଯୋଗ ହୋଇଛି । ପରିବେଶ ସୁରକ୍ଷା ନାଁରେ ଏଠି ଚାଲିଛି ସିଧା ଦାଦାବଟି । ଗୋଟେ ପାଣି ବୋତଲ, ଗୋଟେ କାଗଜ ଷ୍ଟିକର, ଆଉ ୫୦ ଟଙ୍କାର ଜୋର ଜବରଦସ୍ତ ବଟି ।ଭିତରକୁ ପାଣି ବୋତଲ ନେଲେ ଗେଟ ରେ ବୋତଲ କାଉଣ୍ଟର ଅଛି । ବୋତଲ ପିଛା ୫୦ ଟଙ୍କା ଦିଅ, ନହେଲେ ଭିତରକୁ ପାଣି ନେଇପାରିବେ ନାହିଁ । ବୋତଲ ଉପରେ ମାରିଦିଆଯିବ ଗୋଟେ କାଗଜ ଷ୍ଟିକର । ଫେରିବା ବେଳେ ସେହି ଷ୍ଟିକର ସହ ବୋତଲ ଦେଖାଇଲେ ଟଙ୍କା ଫେରସ୍ତ ମିଳିବାର ନିୟମ ଅଛି । ହେଲେ ବାସ୍ତବତା ଭିନ୍ନ । ଷ୍ଟିକର ଛିଣ୍ଡିଲା ତ ଟଙ୍କା ଗଲା । ବୋତଲ ହଜିଲା ତ ଟଙ୍କା ଗଲା । ଫେରସ୍ତ ଲାଇନରେ ଛିଡା ହୋଇ ନ ପାରିଲେ ମଧ୍ୟ ଟଙ୍କା ଗଲା । ରସିଦ ନାହିଁ, ପ୍ରମାଣ ନାହିଁ, ଫେରସ୍ତ ମଧ୍ୟ ନାହିଁ ।କୋଲକାତାରୁ ଆସିଥିବା ପର୍ଯ୍ୟଟକ ସୋନାଲି ଦୁବେ କୁହନ୍ତି, ଏହା ଲୁଟେରା ରାଜ । ଏହା ପରିବେଶ ସୁରକ୍ଷା ନୁହେଁ, ଏହା




ପକେଟ ସଫା ଅଭିଯାନ । ଷ୍ଟିକରଟା ଜାଣିଶୁଣି ଏମିତି ବନାଯାଇଛି ଯେମିତି ଦୁଇ ଘଣ୍ଟାରେ ଛିଣ୍ଡିଯିବ । ଆମେ ୪ ବୋତଲ ପାଇଁ ୨୦୦ ଟଙ୍କା ଦେଇଥିଲୁ, ଗୋଟିଏ ଷ୍ଟିକର ଛିଣ୍ଡିଯିବାରୁ ଟଙ୍କା ଫେରସ୍ତ ପାଇଲୁ ନାହିଁ ।ସେହିପରି ବଲାଙ୍ଗିରରୁ ଆସିଥିବା ଯୁଧିଷ୍ଠିର ବେଜ କୁହନ୍ତି, ଷ୍ଟିକରଟା ଗୋଟେ ସାଧା କାଗଜ । ଟିକେ ପାଣି ପଡିଲେ ଛିଣ୍ଡିଯାଏ, ଅଠା ଛାଡି ଉଠିଯାଏ । ରସିଦ ବି ଦେଉନାହାନ୍ତି, ପ୍ରମାଣ କଣ?

ଏହା ଜାଣିଶୁଣି କରାଯାଇଥିବା ଡିଜାଇନ ନୁହେଁ ତ ? ଭୁବନେଶ୍ୱରରୁ ଆସିଥିବା ପାୟଲ ଦାସ ମହାପାତ୍ର କୁହନ୍ତି, ଯିବା ବେଳେ କାଉଣ୍ଟର ଖୋଲା, ଫେରିବା ବେଳେ ଲାଇନ ଆଉ ଭିଡ । ଖରାରେ ୪ ଘଣ୍ଟା ବୁଲିଲା ପରେ ୫୦ ଟଙ୍କା ପାଇଁ ଅଧ ଘଣ୍ଟା ଠିଆ ହେବୁ କେମିତି ।

ଦୈନିକ ହଜାର ହଜାର ପର୍ଯ୍ୟଟକ ଆସୁଥିବାରୁ ଲକ୍ଷ ଲକ୍ଷ ଟଙ୍କା ଜମା ହେଉଛି । ପ୍ରତିଦିନ ଫେରସ୍ତ ନ ହୋଇଥିବା ଏହି ଅଧାରୁ ଅଧିକ ଟଙ୍କା କେଉଁ ଆକାଉଣ୍ଟକୁ ଯାଉଛି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କୌଣସି ଅଡିଟ ନାହିଁ, କୌଣସି ବୋର୍ଡ ନାହିଁ, କୌଣସି ଅନଲାଇନ ହିସାବ ନାହିଁ ।

ଏ ନେଇ ନନ୍ଦନକାନନ ଉପନିର୍ଦ୍ଦେଶକଙ୍କୁ ପଚାରିବାରୁ ସେ କହିଛନ୍ତି, ବଳକା ଟଙ୍କା ନନ୍ଦନକାନନ ସୋସାଇଟି ଆକାଉଣ୍ଟକୁ ଯାଉଛି । ବୋତଲ ବିକ୍ରି ପ୍ରଶ୍ନରେ ସେ କହିଛନ୍ତି, ବୋତଲ ସବୁ ବିଏମ୍‌ସିକୁ ଦିଆଯାଉଛି । ପର୍ଯ୍ୟଟକମାନେ ଦାବି କରିଛନ୍ତି, ଷ୍ଟିକର ସହିତ ଡିଜିଟାଲ ରସିଦ ଦିଆଯାଉ, ଏବଂ ଫେରସ୍ତ ପ୍ରକ୍ରିୟା ସ୍ୱଚ୍ଛ କରାଯାଉ । ପରିବେଶ ସୁରକ୍ଷା ଭଲ କଥା, କିନ୍ତୁ ସ୍ୱଚ୍ଛତା କୁଆଡେ ଗଲା? ଏହା ପ୍ଲାଷ୍ଟିକ ମୁକ୍ତ ନନ୍ଦନକାନନ ନା ପର୍ଯ୍ୟଟକଙ୍କ ପକେଟ କାଟିବାର ସରକାରୀ ଯୋଜନା, ଏବେ ଏହାହିଁ ବଡ ପ୍ରଶ୍ନ ।

# ଏସଆଇଆର ସଚେତନତା ପଦଯାତ୍ରା




ନୟାଗଡ଼, ,(ସବ୍ୟୁ): ଜିଲ୍ଲା ପ୍ରଶାସନ, ନୟାଗଡ ପକ୍ଷରୁ ସଓ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର) ୨୦୨୬ ଉପରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

ନୟାଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଚେତନତା ପଦଯାତ୍ରା ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲା । ଜିଲ୍ଲାପାଳ ମଧୁମିତା ରଥ ସବୁଜ ପତାକା ଦେଖାଇ ଏହି ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ରୋଜିନା ଦାସ, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଡେପୁଟି କଲେକ୍ଟର ଶିବାନୀ ରାଉତ, ସନ୍ତୋଷ କୁମାର ଜେନା, ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଜାତା ସାହୁ, ସହକାରୀକଲେକ୍ଟର ଅକ୍ଷୟକୁମାର ବେହେରା, ସ୍ଥାନୀୟ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ, ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ, ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ।

# ଦିନରେ ଫେରି , ରାତିରେ ଚୋରି
# ଚୋରକୁ ଧରି ପୋଲିସକୁ ଦେଲେ ଗାଆଁ ଲୋକେ

ବାଙ୍କୀ ,(ସବ୍ୟୁ): କଟକ ଜିଲ୍ଲାର ବାଙ୍କୀ ବ୍ଲକ ବୈଦେଶ୍ୱର ଥାନା ଅଞ୍ଚଳରେ କେତେବେଳେ ସିରିଜ ଲୁଟ ତ କେତେବେଳେ ମନ୍ଦିର ହୁଣ୍ଡି ଭାଙ୍ଗି ହଜାର ହଜାର ଟଙ୍କା ନେଇ ଛୁ ମାରିଛନ୍ତି ଲୁଟେରା । ହେଲେ ବୈଦେଶ୍ୱର ପୋଲିସ ଚୋରଙ୍କ ଟେର୍ ପାଇ ପାରୁ ନାହିଁ । ପ୍ରାୟ ଏକ ବର୍ଷ ହେବ ଏହି ଥାନା ଅଞ୍ଚଳରେ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଚୋରି ହୋଇ ଯାଇ ଥିବା ବେଳେ ପ୍ରକୃତ ଚୋର ଗ୍ୟାଙ୍ଗକୁ ପୋଲିସ ଧରିବାରେ ସକ୍ଷମ ହୋଇ ପାରି ନାହିଁ ।ଗତ ସପ୍ତାହ ରେ ପୁଇଞ୍ଚା ଗ୍ରାମ ପଞ୍ଚାୟତର ପୂର୍ବ ଗାଡ଼ିଆ ଗ୍ରାମର ଅମୃତନିଧି ଠାକୁରଙ୍କ ହୁଣ୍ଡି ଭାଙ୍ଗି ହଜାର ହଜାର ଟଙ୍କା ନେଇ ଯାଇଥିବାର ଥାନାରେ ଅଭିଯୋଗ କରିଥିଲେ ଗ୍ରାମବାସୀ ।



ସେହି ପରି ଜଗନ୍ନାଥପୁର , ନୂଆ ଗାଆଁ , କେନ୍ଦୁପଲ୍ଲୀ, ଖଳିପଲ୍ଲୀ, ବୈଦେଶ୍ୱର୍ ଗ୍ରାମରେ ଥିବା ଅନେକ ମନ୍ଦିରୁ ହୁଣ୍ଡିରୁ ଚୋରି କରି ଚଂପଟ ମାରନ୍ତି ଚୋର । ହେଲେ ଗତ ୧୭ ତାରିଖରେ ପୂର୍ବ ଗାଡ଼ିଆ ଗ୍ରାମର ଜଣେ ଦୋକାନୀଙ୍କ ଦୋକାନରୁ ଚୋର ଚୋରି କରୁଥିବାର ସିସିଟିଭି ଫୁଟେଜରୁ ଦୃଶ୍ୟକୁ ଦେଖି ଚୋରକୁ ଗ୍ରାମବାସୀମାନେ ଚିହ୍ନଟ କରି ପୁଣି ମନ୍ଦିର ନିକଟରେ ଚୋର ବୁଲୁ ଥିବା ବେଳେ ଚୋରକୁ ଗ୍ରାମର ଯୁବକ ଅଟକ ରଖି ପଚାରିବାରେ ସେ ସତ ମାନି ଯାଇଥିଲା ଚୋର । ତା ପରେ ଚୋରକୁ ବୈଦେଶ୍ୱର ପୋଲିସ୍ୱ ହସ୍ତାନ୍ତର କରିଛନ୍ତି ପୂର୍ବଗାଡ଼ିଆ ଗ୍ରାମର ଲେକେ । ଏହି ଚୋରମାନେ ଦିନରେ ଖଟ ବିକ୍ରୀ କରିବାକୁ ଆସୁଥିବା ବେଳେ କେତେବେଳେ ଫେରି ବାଲାଭାବେ ଆସି ବିଭିନ୍ନ ସାମଗ୍ରୀ ବିକ୍ରୀ କରିବାକୁ ଆସୁଥିବା ବେଳେ ରାତିରେ କିଭଳି ଆସି ଚୋରି କରିବେ ତାହା ଯୋଜନା କରନ୍ତି ବୋଲି ଧରା ପଡ଼ି ଥିବା ଚୋର ବୟାନ କରିଛି । ଅଭିଯୁକ୍ତ ର ଘର୍ କେନ୍ଦୁଝର ଜିଲ୍ଲା ରେ ବୋଲି କହୁ ଥିବା ବେଳେ ସଠିକ ଭାବେ ତାର ନାଆଁ କହୁନାହିଁ ।

ତେବେ ବୈଦେଶ୍ୱର ପୋଲିସ ତଦନ୍ତ କୁ ଜୋରଦାର କରିବ ନା ଧରିଥିବା ଅଭିଯୁକ୍ତଙ୍କୁ ଜେଲ ପଠାଇ ହାତ ବାନ୍ଧି ବସିବ ତାହା ଆଗାମୀ ଦିନରେ ଜଣା ପଡିବ । ଏ ସମ୍ପର୍କ ରେ ବୈଦେଶ୍ୱର ଥାନା ଅଧିକାରୀଣି ପ୍ରିୟଦର୍ଶିନୀ ଇଂତା ଙ୍କୁ ପଚାରିବାରୁ ସେ କହିଲେ ସେ ଚୋର କୁ କରା ଯାଇ ଅଦାଲତ ଚାଲାଣ କରା ଯାଇଛି ।

# ଠିକାଦାରଙ୍କ ଘରୁ କୋଟିଏରୁ ଅଧିକ ଗହଣା ସହ ନଗଦ ଟଙ୍କା ଲୁଟ

ବୋଲଗଡ଼, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ବାଙ୍କୋଇଦେଶ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଏକ ବଡ଼ଧରଣର ସିନ୍ଧି ଚୋରି ହୋଇଥିବା ଅଭିଯୋଗ ହୋଇଛି । ଅଞ୍ଚଳ ଜଣାଶୁଣା ଠିକାଦାର ଶିବାଜୀ ମଙ୍ଗରାଜଙ୍କ ବାସଭବନରୁ ଚୋରମାନେ ଲୁହା ଆଲମିରା ତାଲା ଭାଙ୍ଗି ବିପୁଳ ପରିମାଣର ସୁନା, ରୁପା ଅଳଙ୍କାର ସମେତ ନଗଦ ଟଙ୍କା ଲୁଟି ନେଇଛନ୍ତି । ଲୁଟ ହୋଇଥିବା ସମଗ୍ର ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୧ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆଶଙ୍କା କରାଯାଉଛି । ଚୋରି ପୂର୍ବରୁ ଦୁର୍ବୃତ୍ତମାନେ ଘରେ କେମିକାଲ ସ୍ପ୍ରେ କରି ପରିବାରର ସମସ୍ତ ସଦସ୍ୟଙ୍କୁ ଅଚେତ କରି ଏହି ଲୁଟ ଚଳାଇଥିବା ପରିବାର ପକ୍ଷରୁ ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ରବିବାର ବିଳମ୍ବିତ ରାତ୍ର ପ୍ରାୟ ୨ଟା ସମୟରେ ଚୋର ଦଳ ଘରର ଚାବି କାଟି ଭିତରେ ପଶିଥିଲେ । ଏହି ଘଟଣା ନେଇ ଗୃହକର୍ତ୍ତା ଶିବାଜୀ ମଙ୍ଗରାଜଙ୍କ ପକ୍ଷରୁ ବାଙ୍କୋଇ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗ ପତ୍ର ଅନୁସାରେ, ଘରୁ ନଗଦ ୧ ଲକ୍ଷ ୨୦ ହଜାର ଟଙ୍କା ସହ ପ୍ରାୟ ଦେଢ଼ କିଲୋଗ୍ରାମର ରୁପା ଅଳଙ୍କାର ଏବଂ ପ୍ରାୟ ୮୫୦ ଗ୍ରାମ ଓଜନର ବିପୁଳ ସୁନା ଗହଣା ଚୋରି ହୋଇଛି । ଏହି ସୁନା ଅଳଙ୍କାର ମଧ୍ୟରେ ଅନେକ ଗୁଡ଼ିଏ ମଙ୍ଗଳସୂତ୍ର, ଚେନ, କାନଫୁଲ, ବାଜୁବନ୍ଧ, ପାଉଞ୍ଜି ଓ ପ୍ରାୟ ୩୦ଟି ସୁନା ମୁଦି ସାମିଲ ରହିଥିଲା । ସୂଚନାଯୋଗ୍ୟ ଯେ, ଶିବାଜୀ ନିଜେ ଜଣେ ଠିକାଦାର ଭାବେ କାର୍ଯ୍ୟ କରନ୍ତି ଏବଂ ନିଜ କାର୍ଯ୍ୟର ଆବଶ୍ୟକତା ପାଇଁ ସେ ପୂର୍ବରୁ ସୁନା ବନ୍ଧା ରଖି ବ୍ୟାଙ୍କରୁ ୬୦ ଲକ୍ଷ ଟଙ୍କାର ଋଣ କରିଥିଲେ । ଗତ ୨ ଦିନ ତଳେ ହିଁ ସେ ବ୍ୟାଙ୍କରୁ ସେହି ସୁନା ମୁକୁଳାଇ ଆଣି ଘରେ ରଖିଥିବା ବେଳେ ଏହି ଅଭାବନୀୟ ଘଟଣା ଘଟିଛି । ଏତେ ବଡ଼ ଧରଣର ଚୋରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ଓ ଆତଙ୍କ ସୃଷ୍ଟି କରିଛି । ଚୋରମାନେ କାଣ୍ଡ ଭିଆଇବା ପରେ ପିଚୁକୁଳି-ବାଙ୍କୋଇ ରାସ୍ତାର ବାଙ୍କୋଇ ଗହିର ରାସ୍ତା ପାଶ୍ୱର୍ରେ ଅବଶିଷ୍ଟ ଗହଣା ବାକ୍ସ ଓ ଖାଲି ଖୋଳ ଗୁଡ଼ିକୁ ପକାଇ ଫେରାର୍ ହୋଇଯାଇଥିବା ଦେଖିବାକୁ ମିଳିଛି ।

# ସୁଧ ଟଙ୍କାକୁ କେନ୍ଦ୍ରକରି ଟାଙ୍ଗିଆରେ ଆକ୍ରମଣ, ଯୁବକ ଗୁରୁତର

ନିମାପଡା,(ସବ୍ୟୁ) : ମଙ୍ଗଳବାର ସଂଧ୍ୟା ପ୍ରାୟ ସାଢେ ୮ଟା ରେ ଚାରିଛକ ଥାନା ଅଂଚଳରେ ସୁଧ ଟଙ୍କା ମଗାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇ ରକ୍ତର ସୁତ୍ରପାତ ଘଟିଛି। ଟାଙ୍ଗିଆ ଚୋଟରେ ରାମଚନ୍ଦ୍ର ନାମକ ଯୁବକ ଗୁରୁତର ହୋଇଛନ୍ତି। ସୁଚନା ମୁତାବକ ଚାରଛକ ଥାନା ଅନ୍ତର୍ଗତ ପଥରପଦା ଗ୍ରାମର ରାମଚନ୍ଦ୍ର ବାରିକ ଚହଟା ଗ୍ରାମର ଲିପୁ ଭୋଇ ନାମକ ଜଣେ ଯୁବକକୁ ସୁଧ ଟଙ୍କା ମାଗିବାରୁ ଦୁଇ ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଲିପୁ ଉତ୍ତେଜକ୍ତ ହୋଇ ରାମଚନ୍ଦ୍ରଙ୍କୁ ଏକ ଟାଙ୍ଗିଆରେ ମରଣାତ୍ମକ ଆକ୍ରମଣ କରିଥିଲେ ବୋଲି ଆହତ ରାମଚନ୍ଦ୍ର ପ୍ରକାଶ କରିଛନ୍ତି। ଆକ୍ରମଣ ସ୍ଥଳରେ ରକ୍ତାକ୍ତ ଅବସ୍ଥାରେ ରାମଚନ୍ଦ୍ର ପଡି ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ରାମଚନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରିଥିଲେ। ପୁଲିସ ଘଟଣା ସ୍ଥଳରୁ ଟାଙ୍ଗିଆ ଜବତ କରିବା ସହିତ ତଦନ୍ତ ଚଳାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ଜଣାପଡିଛି।

# ତିଗିରିଆରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ଆଠଗଡ଼, ,(ସବ୍ୟୁ) : ସୋମବାର ତିଗିରିଆ ବ୍ଲକ କାର୍ଯ୍ୟାଳୟ ଠାରେ ସୋମବାର ଦିନ ଜିଲ୍ଲାପାଳ ଡାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଅଭିଯୋଗ ଅନୁଷ୍ଠିତ ହୋଇଯାଇଛି ।ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୯୬ଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ସେଥିମଧ୍ୟରୁ ୮୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୩ଟି ସାମୂହିକ ଅଭିଯୋଗ ରହିଥିଲା । ଜନସାଧାରଣଙ୍କ ଦ୍ୱାରା ଉପସ୍ଥାପିତ ବିଭିନ୍ନ ଅଭିଯୋଗ ମଧ୍ୟରେ ଭତ୍ତା, ପାନୀୟ ଜଳ, ରାସ୍ତାଘାଟ, ଜମିଜମା, ରାଜସ୍ୱ, କୃଷି, ଗ୍ରାମୀଣ ଉନ୍ନୟନ ଓ ଅନ୍ୟାନ୍ୟ ଜନକଲ୍ୟାଣ ମୂଳକ ଯୋଜନା ସମ୍ବନ୍ଧୀୟ ବିଷୟ ପ୍ରମୁଖ ଥିଲା ।ଶୁଣାଣି କାଳରେ ଜିଲ୍ଲାପାଳ ଶ୍ରୀ ସିନ୍ଧେ ପ୍ରତ୍ୟେକ ଅଭିଯୋଗର ଗୁରୁତ୍ୱକୁ ବିଚାରକୁ ନେଇ ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସରକାରୀ ସେବାର ସୁଫଳ ଯେପରି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରିବ ଏବଂ ଲୋକମାନଙ୍କ ସମସ୍ୟାର ଶୀଘ୍ର ସମାଧାନ ହୋଇପାରିବ, ସେଥିପ୍ରତି ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ତିଗିରିଆ ମଣ୍ଡଳ ଉନ୍ନୟନ ଅଧିକାରୀ, ଙ୍କ ସହିତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଜଳିଗଲା ଦାମୀ କାର

ବୋଲଗଡ଼ ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆରୁ ତାଲତୁମ୍ବ ରାସ୍ତାର ଚଟୁଆ ଛକ ନିକଟରେ ମଙ୍ଗଳବାର ଦିନ ଏକ ଦାମୀ ଏମଜି ଗ୍ଲୋସଫର କାର ଜଳିଯାଇଛି । ଅଳ୍ପକେ ବର୍ତ୍ତିଲେ ଗାଡିରେ ଥିବା ୩ ଯାତ୍ରୀ । ବେଗୁନିଆ ଆଡୁ ଏହି ଗାଡିଟି ତାଲତୁମ୍ବ ରାସ୍ତାରେ ଯାଉଥିବା ବେଳେ ହଠାତ ଧୂଆଁ ବାହାରିବାର ଦେଖିବା ପରେ ଡ୍ରାଇଭର ଓହ୍ଲାଇ ଥିଲେ ।ଇଞ୍ଜିନ ପାଖରୁ ନିଆଁ ବାହାରିଥିବା ଡ୍ରାଇଭର ଦେଖିବାକୁ ପାଇଥିଲା ।

ସଙ୍ଗେ ସଙ୍ଗେ ଗାଡିରୁ ୩ଜଣ ଓହ୍ଲାଇ ପଡ଼ିଥିଲେ । ବେଗୁନିଆ ଦମକଳ ବାହିନୀ ପହଁଚି ନିଆଁକୁ ଆୟତ୍ତ କରିଥିଲା ତେବେ କେଉଁ କାରଣରୁ ଲାଗିଲା ନିଆଁ ତାହା ଅସ୍ପଷ୍ଟ ଅଛି ।

# ପ୍ରତିକାରର ସ୍ୱନକ୍ଷତ୍ର ଉତ୍ସବ

ବାଲିଅନ୍ତା, (ସବ୍ୟୁ): ଭୁବନେଶ୍ୱର ଜୟଦେବ ଭବନ ଠାରେ ପ୍ରତିକାର ପକ୍ଷରୁ ଏକ ରାଜ୍ୟସ୍ତରୀୟ ଓଡିଶା ପ୍ରତିଭା ସମ୍ମାନ ଓ ୧୯ ତମ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରମୁଖ ବିଷୟ ଥିଲା ସାମ୍ବାଦିକତା ଏବଂ ନ୍ୟାୟ । ଏଥିରେ ଉ଼ଦଘାଟକ ଭାବରେ ସାମ୍ବାଦିକ ଶ୍ରୀରାମ ଦାସ ଯୋଗଦେବା ସହ ମୁଖ୍ୟତିଥି ଭାବେ ପୂର୍ବତନ ବିଧାୟକ, ବରିଷ୍ଠ ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, ସାମ୍ବାଦିକ ଡାକ୍ତର ମହେଶ୍ୱର, ରାକେଶ ମହାନ୍ତି, ସୂର୍ଯ୍ୟପ୍ରକାଶ ମହାନ୍ତି, ସିନମା ଅଭିନେତ୍ରୀ ଶୀତଲ ପାତ୍ର, ସାମ୍ବାଦିକ ସୁଧାଂଶୁ ମହାପାତ୍ର, କ୍ଷିରୋଦ ଚନ୍ଦ୍ର ପତି, ସୁନାମଧନ୍ୟ ଲେଖକ ଡଃ ପ୍ରସାନ୍ତ ବିଶ୍ୱାଳ,ପାପଡାହାଣ୍ଡି ଉନ୍ନୟନ ଅଧକ୍ଷ ସୁଶାନ୍ତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବା ବେଳେ ପ୍ରତିକାରର ପ୍ରତିଷ୍ଠାତା ଏବଂ ସମ୍ପାଦକ ଶୁଭାଶିଷ ମିଶ୍ର ଅଧକ୍ଷତା କରିଥିଲେ ।

# ଟାଙ୍ଗୀ ବନାଞ୍ଚଳରେ ହାତୀ ଆତଙ୍କ
# ଗୟାବନ୍ଧରେ ଭାଙ୍ଗିଲେ ପାଚେରୀ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଗାଁ ଗହଳିରେ ଏବେ ବନ୍ୟହାତୀଙ୍କ ଉପଦ୍ରବ ଚରମ ସୀମାରେ ପହଞ୍ଚିଛି । ଏକାଧିକ ହାତୀ ଦିନରାତି ବିଭିନ୍ନ ଅଞ୍ଚଳରେ ଘୁରି ବୁଲି ବ୍ୟାପକ ଫସଲ ନଷ୍ଟ କରିବା ସହିତ ଜନବସତି ମୁହାଁ ହେଉଥିବାରୁ ସ୍ଥାନୀୟ ବାସିନ୍ଦା ଭୟଭୀତ ଅବସ୍ଥାରେ ରହିଛନ୍ତି ।ବିଶେଷ କରି ବନାଞ୍ଚଳର ଗୟାବନ୍ଧ ଅଞ୍ଚଳରେ ଦୀର୍ଘ ଦିନ ହେବ ୪ ରୁ ୫ଟି ହାତୀ ସବୁବେଳେ ଡେରା ଜମାଇ ରହୁଛନ୍ତି । ଗତକାଲି ବିଳମ୍ବିତ ରାତିରେ ଏହି ହାତୀପଲ ସ୍ଥାନୀୟ ବାସିନ୍ଦା ଗଫର୍ ଖାଁଙ୍କ ଜାଗାରେ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି । ହାତୀମାନେ ସେଠାରେ ନିର୍ମିତ ପଥର ପାଚେରୀକୁ ଭାଙ୍ଗି ଚୂରମାର କରିବା ସହ ସୁରକ୍ଷା ପାଇଁ ଦିଆଯାଇଥିବା ସିମେଣ୍ଟ ଖୁଣ୍ଟ ଓ ତାର ବାଡ଼କୁ ସମ୍ପୂର୍ଣ୍ଣ ଉପାଡ଼ି ନଷ୍ଟ କରିଦେଇଛନ୍ତି । ହାତୀଙ୍କ ଏଭଳି ସନ୍ତ୍ରାସ ଯୋଗୁଁ ସ୍ଥାନୀୟ ଚାଷୀ ଓ ଜନସାଧାରଣ ଆର୍ଥିକ ସ୍ତରରେ ସର୍ବସଓ୍ୱାନ୍ତ ହେବାକୁ ବସିଲେଣି । ବାରମ୍ବାର କ୍ଷୟକ୍ଷତି ଘଟୁଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନଥିବା ଅଭିଯୋଗ ହେଉଛି । ତେଣୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ସହ କ୍ଷତିଗ୍ରସ୍ତ ଗଫର୍ ଖାଁଙ୍କୁ ଉପଯୁକ୍ତ ସରକାରୀ ସାହାଯ୍ୟ ଓ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି ।

# କବି ପ୍ରସନ୍ନ ପାଟଶାଣୀ ଯୁକ୍ତ ୨ କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା



ନିରାକାରପୁର (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ମଳିପଡାସ୍ଥ କବି ପ୍ରସନ୍ନ ପାଟଶାଣୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ଯୁକ୍ତ ୨ କଲେଜ)ରେ ଅଧ୍ୟକ୍ଷ ତଥା ରାଜନୀତି ବିଜ୍ଞାନ ଅଧ୍ୟାପକ ମିହିର ଚନ୍ଦ୍ର ମହାପାତ୍ର ଏବଂ ଇତିହାସ ଅଧ୍ୟାପକ କିଶୋର କୁମାର ସାହୁଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି ।ଏହି ଉପଲକ୍ଷେ ଆୟୋଜିତ ହୋଇଥିବା ସଭାରେ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଣେଶ୍ୱର ଜୟସିଂହ ସଭାପତିତ୍ୱ କରଥିଲେ ।ବିଶିଷ୍ଟ ସମାଜସେବୀ ଓ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଦୁଃଶାସନ ଗୁମାନସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୁଇ ଅଧ୍ୟାପକଙ୍କ ତ୍ୟାଗ, କର୍ମପ୍ରବଣତା, ଉତ୍ସର୍ଗୀକୃତ ମନୋଭାବ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଉତ୍ସବରେ ବାଣପୁରସ୍ଥିତ ଗୋଦାବରୀଶ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀପ୍ରସାଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦୁଇ ବିଦାୟୀ ଅଧ୍ୟାପକଙ୍କ ବିଦ୍ୟାଳୟ ପ୍ରତି ଥିବା ଭଲ ପାଇବା ହେତୁ ସଭିଙ୍କ ପାଖରେ ଚିର ସ୍ମରଣୀୟ ହୋଇ ରହିବେ ବୋଲି ମତ ପ୍ରକାଶ କରିଥିଲେ ।ସର୍ବଶେଷରେ ପୁଷ୍ପଗୁଚ୍ଛ ଓ ମାନପତ୍ର ମାଧ୍ୟମରେ ଦୁହିଁଙ୍କୁ ସମ୍ମାନିତ କରାଯାଇଥିଲା । ଯୁକ୍ତ ଦୁଇ ଓ ଯୁକ୍ତ ତିନି ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ବରିଷ୍ଠ ଅଧ୍ୟାପକ ନରୋତ୍ତମ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ଗୁଟ୍‌କା ଜବତ : ଜୋରିମାନା ଆଦାୟ

କଣ୍ଟିଲୋ ,(ସବ୍ୟୁ): ମଙ୍ଗଳବାର ସକାଳେ ନୟାଗଡ଼ ଜିଲ୍ଲା ଡ୍ରଗ ଇନ୍ସପେକ୍ଟର ସନ୍ତୋଷ କୁମାର ପ୍ରଧାନ, ସହକାରୀ ମ୍ୟାନେଜର ଏନ ସି ଦୀନବନ୍ଧୁ ସାହୁ, ଅବକାରୀ ବିଭାଗ ଲକ୍ଷ୍ମୀଧର ବେହେରାଅଚାନକ କଣ୍ଟିଲୋ ଗସ୍ତରେ ଆସି ସ୍ଥାନୀୟ ପୁଲିସ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସଙ୍କ ସହାୟତାରେ ମେଡିକାଲ ପାଖ ଅଞ୍ଚଳ ସମେତ କଣ୍ଟିଲୋ ବଜାର ଓ ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ରାସ୍ତାରେ ଥିବା କେତେକ ଦୋକାନକୁ ଯାଇ ଗୁଟ୍‌ଖା ଜବତ କରିବା ସଙ୍ଗେ ସଙ୍ଗେ ୧୧ ଜଣଙ୍କ ଠାରୁ ୪୫୦୦ ଟଙ୍କା ଜୋରିମାନା ଆଦାୟ କରିଥିବା ଜଣାଯାଇଛି । ଭବିଷ୍ୟତରେ ଗୁଟଖା ଆଦି ନିଶା ଦ୍ରବ୍ୟ ବିକ୍ରି ନକରିବା ପାଇଁ ତାଗିଦ କରିଥିବା ପ୍ରକାଶ ।

# ନଗରୀ ପଞ୍ଚାୟତରେ ବିକାଶ , ଜନସେବାର ମହାସମାବେଶ

ଫୁଲନଖରା ,(ସବ୍ୟୁ):ବାରଙ୍ଗ ବ୍ଲକର ୩୩ ନମ୍ବର ଜୋନ ଅନ୍ତର୍ଗତ ନଗରୀ ଗ୍ରାମ ପଞ୍ଚାୟତରେ ଏକ ବିଶାଳ ସମାବେଶ ଓ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଉନ୍ନୟନ ଅଧିକାରୀ ସଞ୍ଜୟ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ଓ ମିଶନ ଶକ୍ତିର ସଦସ୍ୟାମାନେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର ବାରିକ, ସରପଞ୍ଚ ନରୋତ୍ତମ ଦାସ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ମଲ୍ଲିକ, ଡାଃ ଅନଙ୍ଗ କୁମାର ପତି ଓ ଡାଃ ହରପ୍ରିୟା ବାରିକ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଗତ ଦୁଇ ବର୍ଷର ସଫଳତା ଓ ବିକାଶମୂଳକ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ ।

ବିଶେଷକରି ଗ୍ରାମାଞ୍ଚଳରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ,



ସାମାଜିକ ସୁରକ୍ଷା ଓ ଜୀବିକା ବିକାଶ କ୍ଷେତ୍ରରେ ସରକାରଙ୍କ ଅବଦାନକୁ ପ୍ରଶଂସା କରାଯାଇଥିଲା । ନଗରୀ ଗ୍ରାମ ପଞ୍ଚାୟତ ସ୍ତରୀୟ ମହାସଂଘର ସଭାନେତ୍ରୀ ଶ୍ରୀମତୀ କାଦମ୍ବିନୀ ଦାଶ ଓ ସମ୍ପାଦିକା ସଂଯୁକ୍ତା ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ମିଶନ ଶକ୍ତି ଓ ଅନ୍ୟାନ୍ୟ ସରକାରୀ ଯୋଜନା ମାଧ୍ୟମରେ ଆଜି ମହିଳାମାନେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଏହି ଅବସରରେ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜିତ ହୋଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁହାସିନୀ ମହାପାତ୍ର, ଇତିଶ୍ରୀ ବିଶ୍ୱାଳ, ସ୍ୱାସ୍ଥ୍ୟକର୍ମୀ କୃତିବାସ ପଣ୍ଡା, ମେଲ ସୁପରଭାଇଜର ବିଦ୍ୟୁତ କୁମାର ପୃଷ୍ଟି ଓ ଏ.ଏନ.ଏମ କଳ୍ପନା କୁମାରୀ ଗୁରୁ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ । ସମାବେଶର ଏକ ମୁଖ୍ୟ ଆକର୍ଷଣ ଥିଲା ନୂତନ ଭାବେ ପଞ୍ଜୀକୃତ ହିତାଧିକାରୀମାନଙ୍କୁ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ । ଏହା ସହିତ ମିଶନ ଶକ୍ତି ଅଧୀନ ବିଭିନ୍ନ ସଓ୍ୱଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ଓ ଘରୋଇ ଉତ୍ପାଦ ସାମଗ୍ରୀର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ପ୍ରଣବ ପଟ୍ଟନାୟକ, ନଳିନୀକାନ୍ତ ପଟ୍ଟନାୟକ, ବିକାଶ ସାହୁ, ପ୍ରଦୀପ ସୁନ୍ଦରରାୟ, ପ୍ରହଲ୍ଲାଦ ପାଇକରାୟ, ରମେଶ ମହାପାତ୍ର, ବରାଦ ପ୍ରସାଦ ବେଉରା, ସୁନୀଲ କୁମାର ରଥ, ପ୍ରଦୀପ ସାହୁ ଓ ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ ।

ପଞ୍ଚାୟତ ଏ .ଡି.ଇ.ଓ ପ୍ରିୟଦର୍ଶିନୀ ଆଲିନ ଓ ଏମ.ବି.କେ ପ୍ରିୟଙ୍କା ଦାସ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ମହାସଂଘର ସଦସ୍ୟା,ସମସ୍ତ ସି.ଆର୍.ପି,ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀମାନେ ସକ୍ରିୟ ସହଯୋଗ କରିଥିଲେ । ନଗରୀ ପଞ୍ଚାୟତରେ ଆୟୋଜିତ ଏହି ସମାବେଶ ସରକାରଙ୍କ ବିକାଶମୁଖୀ ଦୃଷ୍ଟିଭଙ୍ଗୀ ଓ ଜନସେବା ପ୍ରତି ଅଙ୍ଗୀକାରର ଏକ ଜ୍ୱଳନ୍ତ ପ୍ରତିଫଳନ ବୋଲି ଉପସ୍ଥିତ ଜନସାଧାରଣ ମତ ପ୍ରକାଶ କରିଛନ୍ତି ।

# ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

କଣ୍ଟାପଡ଼ା , (ସବ୍ୟୁ) : କଣ୍ଟାପଡ଼ା ବ୍ଲକରେ ବହୁ ପ୍ରତୀକ୍ଷିତ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ ହୋଇଛି । ନିଆଳି ବିଧାୟକ ଛବି ମଲିକ ଏହାକୁ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲାବେଳେ ବିଡ଼ିଓ ସ୍ୱପ୍ନିତା ନାୟକ, ଅତିରିକ୍ତ ବିଡ଼ିଓ ରୁଚିତପସ୍ୱିନୀ ଦାସ, ଆମ୍ବା ଅଧ୍ୟକ୍ଷ ପ୍ରଦୀପ୍ତ ପାତ୍ର, କାପଡା ସରପଞ୍ଚ ନିର୍ମଳ ସାହୁ, ସମାଜସେବୀ ବିପିନ ବେହେରା, ଡିମିରି ସରପଞ୍ଚ ଅଭିଷେକ ମହାପାତ୍ର, ମଣ୍ଡଳ ସଭାପତି ଲଲାଟେନ୍ଦୁ ପାତ୍ର, ସାଂସଦଙ୍କ ପ୍ରତିନିଧି ସଂଗ୍ରାମ ପଟ୍ଟନାୟକ, ନାରୀନେତ୍ରୀ ମଧୁସ୍ମିତା ମହାନ୍ତି, ରଂଜନକୁମାର ଦାସ, ସୁଦର୍ଶନ ଜେନା, ସୁରେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ରାଜ୍ୟ ସରକାରଙ୍କ ଏହି ଯୋଜନାରେ ହିତାଧିକାରୀଙ୍କୁ ଅତିରିକ୍ତ ୫କେଜି ଏହିପରି



ମୋଟ ୧୦ କେଜି ଚାଉଳ ବିନା ମୂଲରେ ପ୍ରଦାନ କରାଯାଉଛି । ଏହି ଅବସରରେ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସା ଓ ହିତାଧିକାରୀ ଉପସ୍ଥିତ ଥିଲେ ଓ ମହିଳା ଗୋଷ୍ଠୀଙ୍କ ତରଫରୁ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ ହୋଇଥିଲା । ସୂଚନାଯୋଗ ଜାତୀୟ ଖାଦ ନିରାପତ୍ତା ଯୋଜନା ଅଧିନରେ କଣ୍ଟାପଡ଼ା ବ୍ଲକରେ ମୋଟ ୧୮୯୪୨ ସଂଖ୍ୟକ ପରିବାର ରହିଥିଲାବେଳେ ସେମାନଙ୍କ ମଧ୍ୟରେ ୫୭୫୬୩ ଜଣ ହିତାଧିକାରୀ ଏହି ଯୋଜନାର ସୁଫଳ ପାଉଛନ୍ତି । ଗତ ଏପ୍ରିଲ ମାସଠାରୁ ପିଛିଲା ଭାବେ ରାଜ ସରକାରଙ୍କ ଦ୍ୱାରା ପ୍ରଦ ଅତିରିକ୍ତ ୫କେଜି ଚାଉଳ ପଡ଼ିକାର୍ଡ଼ ହିତାଧିକାରୀଙ୍କୁ ବନ କରାଯିବବୋଲି ଯୋଗାଣ ବିଭାଗ ନିରୀକ୍ଷକ ମୋଚିରାମ ଦାସ ସୂଚନା ଦେଇଛନ୍ତି ।

# ସମ୍ପାଦକୀୟ

## ରାଜ୍ୟସଭା ନିର୍ବାଚନବେଳେ କ୍ରସ ଭୋଟିଂ

ଆମ ରାଜ୍ୟ ଓଡ଼ିଶା କଥା ଦେଖାଯାଉ । ଗତ ମାର୍ଚ୍ଚ ୧୬ (୨୦୨୬)ରେ ବିଧାନସଭାରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଭିନ୍ନ ଦଳର ଏଗାର ଜଣ ବିଧାୟକ କ୍ରସ ଭୋଟିଂ କରି ଶାସକ ଦଳର ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରାଇଥିଲେ । ସେମାନଙ୍କ ବିରୋଧରେ ଉଭୟ ବିଜେଡି ଓ କଂଗ୍ରେସ ଦଳ ପକ୍ଷରୁ ଓଡ଼ିଶା ବିଧାନସଭାରେ ବାଚସ୍ପତି ସୁରମା ପାଢ଼ୀଙ୍କ ନିକଟରେ ଆପତ୍ତି କରି ଯେଉଁ ଦରଖାସ୍ତ କରା ଯାଇଥିଲା, ସେ ସବୁକୁ ବାଚସ୍ପତି ଶ୍ରୀମତୀ ପାଢ଼ୀ ଖାରଜ କରି ଦେଇଛନ୍ତି । ଶାସକ ବିଜେପି ଦଳର ଦୁଇଜଣ ପ୍ରାର୍ଥୀ ଜୟଯୁକ୍ତ ହୋଇଥିଲେ, ସେମାନେ ଥିଲେ ସୁଜିତ କୁମାର ଓ ମନମୋହନ ସାମଲ । ଏପରିକି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦୀଲିପ ରାୟ ମଧ୍ୟ ନିର୍ବାଚିତ ହୋଇଥିଲେ । ଉଭୟ ବିଜେଡି ଓ କଂଗ୍ରେସ ଦଳ ଦୁଇଟିଦ୍ୱାରା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ଏହି ନିର୍ବାଚନରେ ବିଧାୟକମାନଙ୍କ କ୍ରସ ଭୋଟିଂ ଯୋଗୁଁ କିନ୍ତୁ ହାରି ଯାଇଥିଲେ ।

**ରାଜ୍ୟସଭା ନିର୍ବାଚନରେ ବିଧାୟକମାନଙ୍କ କ୍ରସ ଭୋଟିଂ କିଛି ନୂଆ କଥା ନୁହେଁ । ଅତୀତରେ ଏପରି ହୋଇଛି ବୋଲି ଶୁଣାଯାଏ ଯେ ନବୀନ ପଟ୍ଟନାୟକ ସରକାର ବେଳେ ଜଣେ ବାଚସ୍ପତି କୁଆଡ଼େ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇ ଥିଲେ । ଶାସକ ବିଜେଡ଼ି ଦଳର ଏକାଧିକ ବିଧାୟକ ମଧ୍ୟ ପ୍ରଲୋଭନର ବଶବର୍ତ୍ତୀ ହୋଇ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ପକ୍ଷରେ ସେତେବେଳେ ଭୋଟ ଦେଇଥିଲେ, ଫଳରେ ସେହି ସ୍ୱାଧୀନ ପ୍ରାର୍ଥୀ ରାଜ୍ୟସଭା ନିର୍ବାଚନରେ ଜୟଯୁକ୍ତ ହୋଇଥିଲେ । ଯାହା ମନେହୁଏ, ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ଏପରି ଆପତ୍ତି ଓ ଅଭିଯୋଗ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବାଚସ୍ପତିଙ୍କ ନିକଟରେ ବା ଅଦାଲତରେ କରା ଯାଉଛି ।**

ଏହା ପରେ ଉଭୟ ବିଜେଡି ଓ କଂଗ୍ରେସ, ଏ ଦୁଇଟି ଦଳ ପକ୍ଷରୁ ବାଚସ୍ପତି ଶ୍ରୀମତୀ ପାଢ଼ୀଙ୍କ ନିକଟରେ ଆପତ୍ତି କରାଯାଇ ଯେଉଁ ଦରଖାସ୍ତ ଦିଆ ଯାଇଥିଲା, ବାଚସ୍ପତି ଶ୍ରୀମତୀ ପାଢ଼ୀ ସେ ସବୁକୁ ଖାରଜ କରିବାର କାରଣ ଦରଖାସ୍ତ ଦୁଇଟି ନୀତିନିୟମରହିତ ଥିଲା । ଦରଖାସ୍ତ ଦୁଇଟିରେ ନିୟମର ଉଲଂଘନ ହୋଇଥିବା ବିଷୟରେ ଉଲ୍ଲେଖ କରା ଯାଇଥିଲେ ମଧ୍ୟ ତାହା ପ୍ରକୃତରେ ହୋଇ ନାହିଁ ବୋଲି ବାଚସ୍ପତି ମହୋଦୟା ଉଲ୍ଲେଖ କରିଛନ୍ତି । ସେମାନଙ୍କର ବିଧାୟକ ପଦବୀ ରଦ୍ଦ ମଧ୍ୟ କରାଯିବ ନାହିଁ ବୋଲି ବାଚସ୍ପତି ସୂଚନା ଦେଇଛନ୍ତି । ଏ ସଂକ୍ରାନ୍ତରେ ବିରୋଧୀ ଦଳ ପକ୍ଷରୁ ବିଧାୟିକା ପ୍ରମିଳା ମଲ୍ଲିକ ହୁଅନ୍ତୁ ବା ଅନ୍ୟ ଯେ କେହି ହୁଅନ୍ତୁ, ଦଳରୁ ନିଲମ୍ବିତ ହୋଇଥିବା ବିଧାୟକମାନଙ୍କ କ୍ରସ ଭୋଟିଂ ପକ୍ଷରେ ଯେଉଁସବୁ ଯୁକ୍ତି ବାଢ଼ିଛନ୍ତି, ସେଗୁଡ଼ିକ ପ୍ରମାଣଯୋଗ୍ୟ ନୁହେଁ ବୋଲି ଜଣାଯାଇଛି ।

ଶାସକ ବିଜେପି ଦଳର ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ କହିଛନ୍ତି ଯେ ଦଳ ବଦଳ ନିରୋଧ ଆଇନକୁ ବିରୋଧୀ ଦଳ ଭଲ ଭାବେ ପଢ଼ି, ପ୍ରସ୍ତୁତ ହୋଇ ଏପରି ଆପତ୍ତି କରିଥିଲେ, ଭଲ ହୋଇଥା'ନ୍ତା । କଂଗ୍ରେସ ଦଳର ରାଜ୍ୟ ଶାଖା ସଭାପତି ଭକ୍ତଚରଣ ଦାସଙ୍କ ସମେତ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ବାଚସ୍ପତିଙ୍କ ଆଦେଶ ବିରୋଧରେ ଅଦାଲତଙ୍କ ଆଶ୍ରୟ ନେବେ ବୋଲି ବିବୃତିମାନ ଦେଇଛନ୍ତି । ମାତ୍ର ଅଦାଲତକୁ ଗଲେ ଯେ ସେମାନଙ୍କ ଆବେଦନ ବିଶେଷ ଫଳପ୍ରଦ ହେବ, ସେପରି ମନେ ହେଉନାହିଁ । ନୀତି ନିୟମ ଆଧାରିତ ହୋଇଥିଲେ ଏପରି ଆପତ୍ତି ଅଭିଯୋଗର ଯୋଗ୍ୟତା ହୁଏତ ଥାଆନ୍ତା ।

ରାଜ୍ୟସଭା ନିର୍ବାଚନରେ ବିଧାୟକମାନଙ୍କ କ୍ରସ ଭୋଟିଂ କିଛି ନୂଆ କଥା ନୁହେଁ । ଅତୀତରେ ଏପରି ହୋଇଛି ବୋଲି ଶୁଣାଯାଏ ଯେ ନବୀନ ପଟ୍ଟନାୟକ ସରକାର ବେଳେ ଜଣେ ବାଚସ୍ପତି କୁଆଡ଼େ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇ ଥିଲେ । ଶାସକ ବିଜେଡ଼ି ଦଳର ଏକାଧିକ ବିଧାୟକ ମଧ୍ୟ ପ୍ରଲୋଭନର ବଶବର୍ତ୍ତୀ ହୋଇ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ପକ୍ଷରେ ସେତେବେଳେ ଭୋଟ ଦେଇଥିଲେ, ଫଳରେ ସେହି ସ୍ୱାଧୀନ ପ୍ରାର୍ଥୀ ରାଜ୍ୟସଭା ନିର୍ବାଚନରେ ଜୟଯୁକ୍ତ ହୋଇଥିଲେ । ଯାହା ମନେହୁଏ, ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ଏପରି ଆପତ୍ତି ଓ ଅଭିଯୋଗ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବାଚସ୍ପତିଙ୍କ ନିକଟରେ ବା ଅଦାଲତରେ କରା ଯାଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ,
ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ
ମୁଁ ଚୋରିକଲି ବୋଲି କହିବାକୁ ହେବ ।
(ମହାତ୍ମା ଗାନ୍ଧି)

## ଆଜିର ଅନୁଚିନ୍ତା :

# କେହି ନିରୀହ ନାହାଁନ୍ତି



ରତ୍ନାକର ରାଉତ

ମୋତେ ଯିଏ ଖରାପ ଭାବୁ ଭଲ ଭାବୁ, ମୋର ସେଥିରେ କୌଣସି ଆପତ୍ତି ନାହିଁ । ମୋର ଯାହା ହୃଦ୍‌ବୋଧ ହୋଇଛି ଜୀବନରେ ଏତେ ବର୍ଷର ଅଭିଜ୍ଞତାରୁ ତାହାକୁ ମୁଁ ନିଃସଙ୍କୋଚରେ ପ୍ରକାଶ କରୁଛି ନିମ୍ନରେ ।

ମୁଁ ସବୁବେଳେ କହିଆସିଛି, ଆମ ଲୋକେ ସାଂଘାତିକ ଭାବରେ ସ୍ୱାର୍ଥୀ ଓ ସୁବିଧାବାଦୀ । କେହି ନିରୀହ ନାହାଁନ୍ତି । ଲୋକଙ୍କ ଆଚରଣ ଏପରି ଯେ, ମୁହୂର୍ତ୍ତକେ ସେମାନେ ଅନ୍ୟ କେଉଁଠୁ ସାମାନ୍ୟ ସୁବିଧା ପାଇଲେ, ବର୍ଷ ବର୍ଷର ସଂପର୍କକୁ ଆଦୌ ଗୁରୁତ୍ୱ ନ ଦେଇ ମୁହଁ ବୁଲେଇ ଦେବେ । ଆଦର୍ଶ ବୋଲି କିଛି ନାହିଁ ଅନେକଙ୍କର । ସଂପର୍କର ପ୍ରତିବଦ୍ଧତା କାହାଠୁ ଆଶା କରିବା ବୃଥା । ଯେଉଁଠି କ୍ଷମତା, ପ୍ରତିପତ୍ତି, ସଂପତ୍ତି, ସେଇଠି ଲସରପସର ହେବାର ମକ୍ଷି ତୁଲ୍ୟ ପ୍ରବୃତ୍ତି ।

ଯେ ଯାଏଁ ଯିଏ କଷଣ ଭୋଗୁଛି, ସେ ଅନୁଭବ ନ କରିଛି, କାହିଁକି ସେ କଷଣ ଭୋଗୁଛି, କାହା ପାଇଁ କଷଣ ଭୋଗୁଛି, କିଏ ଏଥିପାଇଁ ଦାୟୀ, ଅବସ୍ଥାକୁ ସୁଧାରିବା ପାଇଁ ତାକୁ କଣ କରିବାକୁ ପଡ଼ିବ, ସେଯାବତ୍ ସେହି ଲୋକ ଅନେଇ ରହିବ ତାର ଦୁଃଖ ଓ କଷଣର ଅପନୋଦନ ପାଇଁ ଅନ୍ୟମାନେ କିଛି କରନ୍ତୁ, ସେ କେବଳ ନିରାପଦ ଦୂରତାରେ ସୁରକ୍ଷିତ ରହି ସବୁକାଳେ ଶ୍ରେୟର ଉପଭୋକ୍ତା ହେବ ।

ଏଭଳି ସୁବିଧାବାଦକୁ ଯେଯାବତ୍ ନାନାଦି ଜ୍ଞାତ ଅଜ୍ଞାତ କାରଣରୁ ଦେଶରେ ବିଭିନ୍ନ ଗୋଷ୍ଠୀଙ୍କ ଦ୍ୱାରା ପ୍ରୋତ୍ସାହନ ଦିଆଯାଉଥିବ, ସେ ଯାଏଁ ପ୍ରଚଳିତ ବ୍ୟବସ୍ଥାର ସ୍ଥାୟୀ ପ୍ରତିକାର ହେବାର କୌଣସି ସମ୍ଭାବନା ମୁଁ ଦେଖୁନାହିଁ । ଯାହାକୁ ଶୋଷ ଲାଗୁଛି, ସେ ପାଣି ଖୋଜୁ, ପାଣି ପାଖରେ ପହଁଚୁ ଏବଂ ପାଣି ଆହରଣ ନିମନ୍ତେ ଉଦ୍ୟମ ଜାରି ରହୁ । ପାଣି ତୃଷାର୍ତ୍ତକୁ ଖୋଜିଖୋଜି ତା ପାଖରେ ନ ପହଁଚୁ । ସେ ଚାହୁଁ ନ ଚାହୁଁ, ତାକୁ ପାଣି ପିଇବାରେ ସହାୟତା କରୁଛି ।

**ଜନ ଜାଗରଣ କୌଣସି ଶାସନ ବ୍ୟବସ୍ଥାର ସୁପରିଚାଳନା ପାଇଁ ଯେ ଉତପ୍ରେରକ ଏହା ଯୁଗେ ଯୁଗେ ପ୍ରମାଣିତ । ଲୋକେ ଜାଗନ୍ତୁ, ତାଙ୍କ ସ୍ୱର ଶୁଣାନ୍ତୁ, ତାଙ୍କ ସମସ୍ୟାକୁ ଉତ୍ଥାପନ କରନ୍ତୁ, ତାଙ୍କ ଭିତରୁ ସ୍ୱତଃ ସ୍ୱାଭାବିକ ପ୍ରକ୍ରିୟାରେ ନେତୃତ୍ୱ ତିଆରି ହେଉ, ତାପରେ ଦେଖାଯିବ ଆପଣାଛାଏଁ ମନକୁ ମନ ବ୍ୟବସ୍ଥା ସୁଧୁରିଯିବ ।**

ଏବେ ଲୋକେ ତାଙ୍କ ସମସ୍ୟା ସଂପର୍କରେ ନିରବ, ଆଲୋଚନାରୁ ବିରତ, ବରଂ ପ୍ରତିକ୍ରିୟା ଶୂନ୍ୟ ଓ ମଉନ ରହିବାକୁ ଶ୍ରେୟ ମଣୁଛନ୍ତି । ଅନ୍ୟ ପକ୍ଷରେ ରାଜନୈତିକ ଦଳ ଓ ସେହି ସବୁ ଦଳର କର୍ମକର୍ତ୍ତାମାନେ ନିଜର ସ୍ଥିତି ଜାହିର କରିବା ସହିତ ନିଜର ସୁରକ୍ଷା ପାଇଁ ନାନାଦି ସମସ୍ୟା ଲୋକଙ୍କ ସମସ୍ୟା କହି ଉତ୍ଥାପନ କରି ଆସୁଛନ୍ତି ।

ଦେଖାଯାଉଛି, ଏଥିରେ ସ୍ୱତଃପ୍ରବୃତ୍ତ ନିର୍ଦ୍ଦଳୀୟ ଲୋକଙ୍କ ସହଯୋଗ ଓ ସମର୍ଥନ ନ ରହିବା ଫଳରେ ସେହି ପ୍ରତିବାଦଜନିତ ଆନ୍ଦୋଳନ ଦାନା ବାନ୍ଧୁ ନାହିଁ ଏବଂ କୌଣସି ଦୀର୍ଘସ୍ଥାୟୀ ପ୍ରଭାବ ପକେଇବାରେ ତାହା ବିଫଳ ହେଉଛି । ଫଳରେ ପ୍ରଚଳିତ ବ୍ୟବସ୍ଥାରେ ନାନାଦି ଦୁର୍ବଳତା ଥାଇ ମଧ୍ୟ ସେଥିରେ ପରିବର୍ତ୍ତନର କୌଣସି ଆଭାସ ଦେଖିବାକୁ ମିଳୁ ନାହିଁ ।

ଏଥି ଯୋଗୁଁ ଯେଉଁ ବ୍ୟତିକ୍ରମ ସବୁ ସମାଜରେ ଦେଖାଯାଉଛି, ତାହା ଅସମାହିତ ରହି ସେହିଭଳି ପିଢ଼ିରୁ ପିଢ଼ିକୁ ନିର୍ବିରୋଧେ ଗଡ଼ି ଚାଲିଛି । ଏତିକି ଚାଲିଛି ଯେ ସେହି ପୁରୁଣା ମଦକୁ କେବଳ ବୋତଲ ଅଦଳବଦଳ କରି ନୂଆ ନୂଆ ପ୍ୟାକିଂରେ ମାର୍କେଟକୁ ଛଡ଼ା ଯାଉଛି ।

ବିଜ୍ଞାପନର ଭେଳିକିରେ ଅନ୍ଧ ଗରାଖମାନେ ସାମୟିକ ଆକର୍ଷଣ, ଉତ୍ତେଜନା ଓ ଭାବପ୍ରଣତାର ଆବେଶରେ ତାକୁ ଆପଣେଇ ନେଉଛନ୍ତି ଥରକୁ ଥର ଆଗ୍ରହରେ ।

ଏହାକୁ କଣ କେବେ କୁହାଯାଇ ପାରିବ ପରିବର୍ତ୍ତନ ? ରାମ ନ ହେଲେ ହରି, ହରି ନ ହେଲେ ନରି, ଏହିଭଳି ସତ୍ତା ବଦଳ ଚାଲିଛି । କିନ୍ତୁ ରାମ, ହରି, ନରି ସଭିଏଁ ଯେ ଗୋଟିଏ ଲାଉର ମଞ୍ଜି, ସେମାନେ ସକଳେ ସେହି ଲଙ୍କାର ଅସୁର ଦଳ, ସେ କଥା ଅନୁଧ୍ୟାନ କରି ଜାଣିବାକୁ କାହାର ନା ସାମାନ୍ୟ ଆଗ୍ରହ ଅଛି ନା ବେଳ ଅଛି ?

ଜନ ସଚେତନତା ଓ ଜନ ଜାଗୃତି ଯେ ଜନତନ୍ତ୍ରର ମୌଳିକ ଆବଶ୍ୟକତା ଏକଥା ବୁଝିବାକୁ ସଂପ୍ରତି କିଏ ବା ରାଜି ଅଛି ? ଜନ ସାଧାରଣଙ୍କର ଏହି ଅନାଗ୍ରହ ଓ ଅନିଚ୍ଛା ସଂଭୂତ ମନୋଭାବ ହିଁ ସକଳ ଦୁଃସ୍ଥିତି ଓ ଅବ୍ୟବସ୍ଥାର ମୁଖ୍ୟ କାରଣ, ଏହା କହିବା ନିଷ୍ପ୍ରୟୋଜନ ।

ଜନ ଜାଗରଣ କୌଣସି ଶାସନ ବ୍ୟବସ୍ଥାର ସୁପରିଚାଳନା ପାଇଁ ଯେ ଉତପ୍ରେରକ ଏହା ଯୁଗେ ଯୁଗେ ପ୍ରମାଣିତ । ଲୋକେ ଜାଗନ୍ତୁ, ତାଙ୍କ ସ୍ୱର ଶୁଣାନ୍ତୁ, ତାଙ୍କ ସମସ୍ୟାକୁ ଉତ୍ଥାପନ କରନ୍ତୁ, ତାଙ୍କ ଭିତରୁ ସ୍ୱତଃ ସ୍ୱାଭାବିକ ପ୍ରକ୍ରିୟାରେ ନେତୃତ୍ୱ ତିଆରି ହେଉ, ତାପରେ ଦେଖାଯିବ ଆପଣାଛାଏଁ ମନକୁ ମନ ବ୍ୟବସ୍ଥା ସୁଧୁରିଯିବ ।

ଛୁଆ ନ କାନ୍ଦିଲେ ଯେପରି ମାଆ କ୍ଷୀର ଖୁଆଏ ନାହିଁ, ଠିକ୍ ସେହିପରି ଜନଗଣ ନିଜେ ନ ଚାହିଁବା ପର୍ଯ୍ୟନ୍ତ ତାଙ୍କ ଉପରେ ଦୟାପରବଶ ହୋଇ ଓ ତାଙ୍କୁ ଅନୁକମ୍ପା ଦେଖେଇବାକୁ ଯାଇ କୌଣସି ଭତ୍ତା, ଭାତିଆ, ଅନୁଗ୍ରହ ଅଜାଡ଼ି ଦେବା ଅର୍ଥ ଶ୍ରମଶକ୍ତି ଓ ବୁଦ୍ଧିମତ୍ତାକୁ ଦେବାଳିଆ କରି ପିଢ଼ି ପରେ ପିଢ଼ିକୁ ଦୁର୍ବଳ, ଅସହାୟ, ଅଥର୍ବ ଏବଂ ପରମୁଖାପେଖୀ କରିଦେବା । ଏସବୁର ପରିଣତି ହେଉଛି ଗୋଟେ ଜାତିର ଶକ୍ତି ଓ ସାମର୍ଥ୍ୟକୁ ଦେବୀଗଡ଼ାରେ ଦେବୀଙ୍କୁ ବିସର୍ଜନ କଲାଭଳି ସାଗର ଗର୍ଭରେ ସବୁଦିନ ପାଇଁ ବିସର୍ଜନ କରିଦେବା ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)**
**ପ୍ଲଟ ନମ୍ବର -୭୬୭(ପାର୍ଟ)ଜୟଦୁର୍ଗା ନଗର,ଭୁବନେଶ୍ୱର,ପିନ୍-୭୫୧୦୦୬,**
**ମୋ- ୯୪୩୭୩୮୨୨୮୧**

# ଯେଉଁଠି ନଦୀକୁ ମା' କୁହାଯାଏ

**ଶ୍ରୀବତ୍ସ ନାୟକ**

ଭାରତୀୟ ସଂସ୍କୃତି ଏବଂ ସନାତନ ଧର୍ମର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି-ଏଠାରେ ଭଗବାନ କେବଳ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ ବା ଆକାଶରେ ସୀମିତ ନାହାନ୍ତି, ବରଂ ସୃଷ୍ଟିର ପ୍ରତିଟି କଣିକାରେ ଈଶ୍ୱରଙ୍କ ସତ୍ତାକୁ ସ୍ୱୀକାର କରାଯାଇଛି ।

ଆମ ଦେଶ ଭାରତରେ ନଦୀକୁ କେବଳ ପାଣିର ଏକ ଉତ୍ସ ବୋଲି ଭାବି ପ୍ରଣାମ କରାଯାଏ ନାହିଁ, ବରଂ ତାଙ୍କୁ 'ମା' ର ଆଖ୍ୟା ଦିଆଯାଇ ଦେବୀ ରୂପରେ ପୂଜା କରାଯାଏ । ଜଣେ ମା' ଯେପରି ନିଜ ସନ୍ତାନକୁ ସ୍ତନ୍ୟପାନ କରାଇ, ଖାଦ୍ୟ ଦେଇ ବଡ଼ କରିଥାଏ, ନଦୀ ମଧ୍ୟ ଠିକ୍ ସେହିପରି ସମଗ୍ର ଜୀବଜଗତର ପାଳନ କରିଥାଏ । ନଦୀର ଜଳ ଦ୍ୱାରା ହିଁ କୃଷି କାର୍ଯ୍ୟ ହୁଏ, ଯାହା ସଂସାରକୁ ଖାଦ୍ୟ ଯୋଗାଇଥାଏ । ମଣିଷ, ପଶୁପକ୍ଷୀ ଏବଂ ଗଛଲତା-ସମସ୍ତଙ୍କ ତୃଷା ମେଣ୍ଟାଇ ନଦୀ ସୃଷ୍ଟିକୁ ଜୀବନ୍ତ ରଖେ । ଏହି ପାଳନ କରିବା ଗୁଣ ଯୋଗୁଁ ନଦୀକୁ ମା' କୁହାଯାଏ । କେବଳ ସେତିକି ନୁହଁ ବରଂ ନଦୀ ହେଉଛି ଆମ ସଭ୍ୟତାର ଜନ୍ମଦାତ୍ରୀ ।

ଜଣେ ମା' ଶିଶୁକୁ ଜନ୍ମ ଦେଇଥାଏ । ଠିକ୍ ସେହିପରି ପୃଥିବୀର ବଡ଼ ବଡ଼ ମାନବ ସଭ୍ୟତାଗୁଡ଼ିକ ନଦୀ କୂଳରେ ହିଁ ଜନ୍ମ ନେଇଛନ୍ତି ଓ ଗଢ଼ି ଉଠିଛନ୍ତି । ଭାରତର ସବୁଠାରୁ ପୁରୁଣା 'ସିନ୍ଧୁ ସଭ୍ୟତା', ସିନ୍ଧୁ ନଦୀ କୂଳରେ ହିଁ ବିକଶିତ ହୋଇଥିଲା । ନଦୀମାନେ ମାନବ ସଭ୍ୟତାକୁ ଜନ୍ମ ଦେଇଥିବାରୁ ସେମାନେ ଆମର ମା' ଅଟନ୍ତି ।

ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ନର୍ମଦା, ସିନ୍ଧୁ ଏବଂ କାବେରୀ-ଏହି ସପ୍ତନଦୀକୁ ଦେବୀ ବୋଲି କୁହାଯାଏ । ବିଶ୍ୱାସ ରହିଛି ଯେ ମା' ଗଙ୍ଗାଙ୍କ ଜଳରେ ସ୍ନାନ କଲେ ମନୁଷ୍ୟର ସମସ୍ତ ପାପ ଧୋଇଯାଏ ଏବଂ ମନ ନିର୍ମଳ ହୁଏ । ମା' ଯେପରି ସନ୍ତାନର ସବୁ ଭୁଲକୁ କ୍ଷମା କରିଦିଏ, ନଦୀ ମଧ୍ୟ ମଣିଷର ପାପକୁ ନିଜ ଭିତରେ ସମାହିତ କରିନିଏ । ଜଣେ ସୁମାତା କେବେ ବି ନିଜ ସନ୍ତାନଠାରୁ କିଛି ଆଶା ନକରି କେବଳ ସ୍ନେହ ଓ ସୁରକ୍ଷା ଦେଇଥାଏ । ନଦୀର ସ୍ୱଭାବ ମଧ୍ୟ ଠିକ୍ ସେଇଆ । ନଦୀ ନିଜ ପାଣି କେବେ ନିଜେ ପିଏ ନାହିଁ । ସେ ପାହାଡ଼ ପର୍ବତରୁ ବାହାରି ସମୁଦ୍ରରେ ମିଶିବା ପର୍ଯ୍ୟନ୍ତ କେବଳ ଦେଇ ଚାଲିଥାଏ । ଏହି ନିଃସ୍ୱାର୍ଥପର ତ୍ୟାଗ କେବଳ ଜଣେ ମା' ହିଁ କରିପାରିବ ।

ନଦୀଗୁଡ଼ିକ କେବଳ ଜଳ ପ୍ରବାହ କରିଥାନ୍ତି ତା' ନୁହଁ କିନ୍ତୁ ସେମାନେ ସେହି ଅଞ୍ଚଳର ପରିବେଶକୁ ସନ୍ତୁଳିତ ରଖନ୍ତି । ନଦୀ ଯୋଗୁଁ ଆଖପାଖର ଭୂତଳ ଜଳସ୍ତର ଭଲ ରହେ, ମାଟି ଉର୍ବର ହୁଏ ଏବଂ ପାଣିପାଗ ଅନୁକୂଳ ରହେ । ନଦୀ ନଥିଲେ ମରୁଭୂମି ସୃଷ୍ଟି ହେବ । ଏହି ଜୈବିକ ସନ୍ତୁଳନ ରକ୍ଷା କରିବା ଗୁଣ ଯୋଗୁଁ ପୂର୍ବଜମାନେ ନଦୀକୁ ମା' ରୂପରେ ସମ୍ମାନ ଦେବାକୁ ଶିଖାଇଥିଲେ, ଯେପରି ଲୋକେ ତାଙ୍କର ସୁରକ୍ଷା କରିବେ ।

କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଜୀବନଦାତ୍ରୀ ନଦୀକୁ ମା'ର ଆଖ୍ୟା ଦେଇଥିବା ଦେଶରେ, ନଦୀର ଦୁର୍ଗତି ବିଷୟରେ କିଛି ନକହିବା ଭଲ ହେବ । ନଦୀଗୁଡ଼ିକ ଆଜି ସବୁଠାରୁ ଅଧିକ ଅବହେଳିତ, ବିଷାକ୍ତ ଏବଂ ପ୍ରଦୂଷିତ । ତାରି ବିଳାପ ଆଜି ସମଗ୍ର ସଭ୍ୟତାକୁ ଚେତାବନୀ ଦେଉଛି । ଏହି ଦ୍ୱନ୍ଦ୍ୱାତ୍ମକ ବାସ୍ତବତା ଆମର ଆଧ୍ୟାତ୍ମିକ ଚେତନା ଏବଂ ସାମାଜିକ ଦାୟିତ୍ୱବୋଧ ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ଲଗାଇ ଦେଇଛି ।

ଭାରତରେ ନଦୀ ପ୍ରଦୂଷଣ ଆଜି ଏକ ଭୟାବହ ରୂପ ଧାରଣ କରିଛି । ନଦୀ ଜଳରେ ସ୍ୱାଭାବିକ ପରିମାଣଠାରୁ ଅଧିକ କିମ୍ବା ବାହାରୁ ଆସିଥିବା କେତେକ କ୍ଷତିକାରକ ରାସାୟନିକ ପଦାର୍ଥ ମିଶି ଜଳ ପ୍ରଦୂଷିତ ହୋଇଥାଏ । କଳକାରଖାନା ଯୋଗୁଁ ନଦୀ ଜଳରେ ମୁଖ୍ୟତଃ ଭାରୀ ଧାତୁ ଯଥା ସୀସା (ମସ୍ତିଷ୍କ ଓ ସ୍ନାୟୁତନ୍ତ୍ରକୁ ନଷ୍ଟ କରେ), ପାରଦ (ଏହା ଜଳଚର ଜୀବ ଓ ମାଛଙ୍କ ଶରୀର ଦେଇ ମଣିଷ ଖାଦ୍ୟ ଚକ୍ରରେ ପହଞ୍ଚେ, ଯାହା ମିନାମାଟା ରୋଗର କାରଣ ସାଜେ), କାଡ଼ମିୟମ୍ ( କିଡନୀ ଏବଂ ହାଡ଼ ପାଇଁ ଅତ୍ୟନ୍ତ କ୍ଷତିକାରକ), କ୍ରୋମିୟମ୍ ଓ ଆର୍ସେନିକ(ପାଣିକୁ ସମ୍ପୂର୍ଣ୍ଣ ବିଷାକ୍ତ କରିଦିଏ) ନଦୀ ଜଳରେ ମିଶି ଜଳକୁ ପ୍ରଦୂଷଣ କରିଥାନ୍ତି । କୃଷି କାର୍ଯ୍ୟରୁ ଆସୁଥିବା ରାସାୟନିକ ପଦାର୍ଥ ଯଥା ନାଇଟ୍ରେଟ୍ ଏବଂ ଫସଫେଟ୍ (ଏହାଦ୍ୱାରା ଜଳରେ ଅମ୍ଳଜାନର ପରିମାଣ ହ୍ରାସପାଏ) ଓ କୀଟନାଶକ (ଏହା ଜଳରେ ସହଜରେ ମିଶେ ନାହିଁ ଏବଂ ଜଳଚର ଜୀବ ମରିଯାଆନ୍ତି) ଆଦି ବିଷାକ୍ତ ପଦାର୍ଥ ମିଶି ଜଳକୁ ଦୂଷିତ କରେ । ଘରୋଇ ଓ ସହରୀ ବର୍ଜ୍ୟବସ୍ତୁରୁ ଆସୁଥିବା ରସାୟନ ମଧ୍ୟରେ ଡିଟରଜେଣ୍ଟ ଏବଂ ସାବୁନ୍ (ଏଥିରେ ଉଚ୍ଚ ପରିମାଣର ସଲଫେଟ୍ ଓ ଫସଫେଟ୍ ଥାଏ, ଯାହା ପାଣିରେ ଫେଣ ସୃଷ୍ଟି କରେ ଯେପରି ଯମୁନା ନଦୀରେ ଦେଖିବାକୁ ମିଳେ ଏବଂ ସୂର୍ଯ୍ୟକିରଣକୁ ପାଣି ଭିତରକୁ ଯିବାକୁ ଦିଏ ନାହିଁ), କ୍ଲୋରିନ୍ ଏବଂ ବ୍ଲିଚିଂ ପାଉଡର (ଅତ୍ୟଧିକ ପରିମାଣରେ ମିଶିଲେ ଜଳର ପ୍ରାକୃତିକ ସନ୍ତୁଳନ ବିଗିଡ଼ିଯାଏ), ଶିଳ୍ପଭିତ୍ତିକ ଏସିଡ୍ ଏବଂ କ୍ଷାର ମଧ୍ୟରେ ସଲଫ୍ୟୁରିକ୍ ଏସିଡ୍, ନାଇଟ୍ରିକ୍ ଏସିଡ୍ ଆଦି ବିଭିନ୍ନ କେମିକାଲ୍ ଫ୍ୟାକ୍ଟ୍ରିରୁ ନିର୍ଗତ ହୋଇ ନଦୀ ଜଳର ଅମ୍ଳ ସ୍ତରକୁ ବଦଳାଇ ଦିଅନ୍ତି । ଫଳରେ ନଦୀ ଜଳ ଅତ୍ୟଧିକ ଅମ୍ଳୀୟ କିମ୍ବା କ୍ଷାରୀୟ ହୋଇଯାଏ, ଯାହା ଜୀବଜଗତ ପ୍ରତି ବିପଦ ସୃଷ୍ଟି କରେ । ପେଟ୍ରୋଲିୟମ୍ ଏବଂ ତୈଳ ଜାତୀୟ ପଦାର୍ଥ ମଧ୍ୟରେ ଦେଖିଲେ ଗ୍ୟାରେଜରୁ ବାହାରୁଥିବା ପୋଡ଼ା ମୋବିଲ୍ ଏବଂ ତେଲ ଧୋଇହୋଇ ନଦୀରେ ମିଶିଲେ ଜଳ ଉପରେ ଏକ ଅଦୃଶ୍ୟ ସ୍ତର ତିଆରି କରେ । ଏହାଦ୍ୱାରା ବାୟୁମଣ୍ଡଳର ଅମ୍ଳଜାନ ପାଣି ଭିତରକୁ ଯାଇପାରେ ନାହିଁ । ଫଳରେ ଏହା ବ୍ୟବହାର ଉପଯୋଗୀ ହୋଇପାରେ ନାହିଁ ପ୍ଲାଷ୍ଟିକ୍, ଔଷଧ ଏବଂ ଷ୍ଟିଲ୍ ପ୍ଲାଣ୍ଟରୁ ବାହାରୁଥିବା ରସାୟନଗୁଡ଼ିକ ଯଥା-ସାନ୍ଦ୍ର ପ୍ରଦୂଷକ, ଫେନଲ୍ସ ଏବଂ ସାୟାନାଇଡ୍ ଏହା ଅତ୍ୟନ୍ତ ବିଷାକ୍ତ ଅଟନ୍ତି । ନଦୀ ଜଳରେ ଏହି ସବୁ ରସାୟନ ମିଶିବା ଦ୍ୱାରା ପାଣିରେ BOD (Biochemical Oxygen Demand) ଏବଂ COD (Chemical Oxygen Demand) ବଢ଼ିଯାଏ ଏବଂ DO (Dissolved Oxygen - ଦ୍ରବୀଭୂତ ଅମ୍ଳଜାନ) କମିଯାଏ, ଯାହା ନଦୀକୁ ଏକ 'ମୃତ ନଦୀ'ରେ ପରିଣତ କରେ ।

କେନ୍ଦ୍ରୀୟ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ (CPCB)ର ରିପୋର୍ଟ ଅନୁସାରେ, ଭାରତର ସହରଗୁଡ଼ିକରୁ ବାହାରୁଥିବା ନର୍ଦ୍ଦମା ଜଳର ମାତ୍ର ଏକ-ତୃତୀୟାଂଶ ପରିଶୋଧନ କରାଯାଇଥାଏ, ବାକି ସବୁ ନଦୀକୁ ଦୂଷିତ କରେ । ପ୍ଲାଷ୍ଟିକ୍ ବୋତଲ, ପଲିଥିନ୍ ଏବଂ ପ୍ୟାକେଜିଂ ସାମଗ୍ରୀର ଅତ୍ୟଧିକ ବ୍ୟବହାର ନଦୀର ସ୍ୱାଭାବିକ ଗତିପଥକୁ ଅବରୋଧ କରୁଛି । ନଦୀ ଶଯ୍ୟାରେ ଜମି ରହୁଥିବା ପ୍ଲାଷ୍ଟିକ୍, ଜଳକୁ ବିଷାକ୍ତ କରିବା ସହ ଜଳଜୀବଙ୍କ ପାଇଁ କାଳ ସାଜିଛି । ପବିତ୍ରତା ନାମରେ ନଦୀରେ ମୂର୍ତ୍ତି ବିସର୍ଜନ, ଶବ ସଂସ୍କାର ପରେ ପାଉଁଶ ଓ ଅଧାପୋଡ଼ା ଶବ ଭସାଇବା, ପୂଜା ସାମଗ୍ରୀ ଏବଂ ପଲିଥିନ୍ ବ୍ୟାଗ୍ ନଦୀରେ ପକାଇବା ଫଳରେ ପ୍ରଦୂଷଣ ଆହୁରି ବଢ଼ିଚାଲିଛି । ମୂର୍ତ୍ତିରେ ବ୍ୟବହୃତ ହେଉଥିବା 'ପ୍ଲାଷ୍ଟର ଅଫ୍ ପ୍ୟାରିସ୍' ଏବଂ କେମିକାଲ୍ ରଙ୍ଗ ଜଳର ଅମ୍ଳଜାନ ସ୍ତରକୁ ସମ୍ପୂର୍ଣ୍ଣ କମାଇ ଦେଉଛି ।

ନଦୀର ଜଳ ପ୍ରଦୂଷିତ ହେବାଦ୍ୱାରା ନଦୀ କେବଳ ନିଜେ ମରୁନାହିଁ, ବରଂ ତାହା ସହିତ ସମଗ୍ର ଜୀବଜଗତକୁ ବିନାଶ ଆଡ଼କୁ ଟାଣି ନେଉଛି । ଦୂଷିତ ଜଳ ବ୍ୟବହାର କରିବା ଫଳରେ ଜନସାଧାରଣ କାମଳ, ହଇଜା, ଟାଇଫଏଡ୍ ଏବଂ ଚର୍ମରୋଗ ଭଳି ମାରାତ୍ମକ ରୋଗର ଶିକାର ହେଉଛନ୍ତି । ଏପରିକି ଭୂତଳ ଜଳ ମଧ୍ୟ ଏହା ଦ୍ୱାରା ପ୍ରଦୂଷିତ ହେଉଛି, ଯାହାଦ୍ୱାରା ପିଇବା ପାଣିର ଘୋର ଅଭାବ ଦେଖାଦେଉଛି । ନଦୀରେ ଅମ୍ଳଜାନର ମାତ୍ରା କମିଯିବା ହେତୁ ଲକ୍ଷ ଲକ୍ଷ ମାଛ ଏବଂ ଅନ୍ୟାନ୍ୟ ଜଳଚର ଜୀବ ମୃତ୍ୟୁବରଣ କରୁଛନ୍ତି । ଗଙ୍ଗା ନଦୀର ପ୍ରସିଦ୍ଧ 'ଡଲଫିନ୍' ଏବଂ ଅନେକ ପ୍ରଜାତିର ମାଛ ଆଜି ବିଲୁପ୍ତପ୍ରାୟ ।

**ନଦୀର ଜଳ ପ୍ରଦୂଷିତ ହେବାଦ୍ୱାରା ନଦୀ କେବଳ ନିଜେ ମରୁନାହିଁ, ବରଂ ତାହା ସହିତ ସମଗ୍ର ଜୀବଜଗତକୁ ବିନାଶ ଆଡ଼କୁ ଟାଣି ନେଉଛି । ଦୂଷିତ ଜଳ ବ୍ୟବହାର କରିବା ଫଳରେ ଜନସାଧାରଣ କାମଳ, ହଇଜା, ଟାଇଫଏଡ୍ ଏବଂ ଚର୍ମରୋଗ ଭଳି ମାରାତ୍ମକ ରୋଗର ଶିକାର ହେଉଛନ୍ତି । ଏପରିକି ଭୂତଳ ଜଳ ମଧ୍ୟ ଏହା ଦ୍ୱାରା ପ୍ରଦୂଷିତ ହେଉଛି, ଯାହାଦ୍ୱାରା ପିଇବା ପାଣିର ଘୋର ଅଭାବ ଦେଖାଦେଉଛି ।**

ନଦୀର ପ୍ରଦୂଷିତ ଜଳ ଯେତେବେଳେ ଜଳସେଚନ ମାଧ୍ୟମରେ ବିଲକୁ ଯାଏ, ତାହା ମାଟିର ଉର୍ବରତା ନଷ୍ଟ କରେ । ସେହି ମାଟିରୁ ଉତ୍ପନ୍ନ ଖାଦ୍ୟଶସ୍ୟରେ କେମିକାଲର ମାତ୍ରା ରହୁଥିବାରୁ ତାହା ମନୁଷ୍ୟ ଶରୀରରେ କ୍ୟାନ୍ସର ଭଳି ରୋଗ ସୃଷ୍ଟି କରିଥାଏ ।

ଭାରତ ସରକାର ଗଙ୍ଗାର ସଫେଇ ପାଇଁ 'ନମାମି ଗଙ୍ଗେ' (Namami Gange) ଭଳି ମହତ୍ତ୍ୱାକାଂକ୍ଷୀ ଯୋଜନା ଆରମ୍ଭ କରିଛନ୍ତି, ଯେଉଁଥିରେ ହଜାର ହଜାର କୋଟି ଟଙ୍କା ପାଣି ଭଳି ବୁହାଯାଉଛି । ପୂର୍ବରୁ ମଧ୍ୟ 'ଗଙ୍ଗା ଆକ୍ସନ ପ୍ଲାନ' ଆସିଥିଲା । କିନ୍ତୁ ବାସ୍ତବ ଚିତ୍ର ବିଶେଷ ବଦଳି ନାହିଁ । କେବଳ ଯୋଜନା ପ୍ରଣୟନ କଲେ କିମ୍ବା ବଜେଟରେ ବ୍ୟୟବରାଦ କଲେ ନଦୀ ସଫା ହୁଏନାହିଁ, ଏଥିପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ ଦୁର୍ନୀତିମୁକ୍ତ କାର୍ଯ୍ୟାନ୍ୱୟନର ଆବଶ୍ୟକତା ରହିଛି ।

ଆଇନ ଅଛି, ହେଲେ ପ୍ରଦୂଷଣ କରୁଥିବା କାରଖାନା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ପ୍ରତ୍ୟେକ କାରଖାନାରେ 'ଶୂନ୍ୟ ତରଳ ନିର୍ଗମନ' (Zero Liquid Discharge) ବ୍ୟବସ୍ଥା ବାଧ୍ୟତାମୂଳକ କରାଯାଉ । ବିଷାକ୍ତ ପାଣି ଛାଡୁଥିବା ସଂସ୍ଥାର ଲାଇସେନ୍ସ ରଦ୍ଦ ହେଉ । ୱେଷ୍ଟ ମ୍ୟାନେଜମେଣ୍ଟ ସହରଗୁଡ଼ିକରେ ଅତ୍ୟାଧୁନିକ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (STP) ପ୍ରତିଷ୍ଠା କରାଯାଉ, ଯେପରି ଗୋଟିଏ ବି ବୁନ୍ଦା ଅପରିଷ୍କାର ପାଣି ସିଧା ନଦୀକୁ ଯିବନାହିଁ । ନଦୀ କୂଳରେ ଅଳିଆ ପକାଇଲେ କିମ୍ବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଫିଙ୍ଗିଲେ ସାଧାରଣ ଲୋକଙ୍କ ଉପରେ ମଧ୍ୟ ବଡ଼ ଆକାରର ଜରିମାନା ଲାଗୁ ହେଉ । ନଦୀ ପଠାରେ ବ୍ୟାପକ ବୃକ୍ଷରୋପଣ (Afforestation) କରାଯାଉ, ଯାହା ମାଟି କ୍ଷୟ ରୋକିବା ସହ ନଦୀର ଜଳଧାରଣ କ୍ଷମତା ବଢ଼ାଇବ ।

ସମୟ ଆସିଛି ଏ ସବୁକୁ ବିଚାର କରିବା । ଖାଲି ସରକାରଙ୍କ ଉପରେ ଦୋଷ ଲଦି ଦେଲେ ହେବ ନାହିଁ ଆମକୁ ସମୀକ୍ଷା କରିବାକୁ ପଡିବ । ଯେପର୍ଯ୍ୟନ୍ତ ଦେଶର ନାଗରିକଙ୍କ ମଧ୍ୟରେ ଆତ୍ମସମୀକ୍ଷା ଆସି ନାହିଁ, ସେ ପର୍ଯ୍ୟନ୍ତ କୌଣସି ଯୋଜନା ସଫଳ ହୋଇପାରିବ ନାହିଁ । ଆମକୁ ଆମର ମାନସିକତା ବଦଳାଇବାକୁ ହେବ । ନଦୀ ହେଉଛି ସଭ୍ୟତାର ଜୀବନରେଖା । ନଦୀ ଶୁଖିଗଲେ କିମ୍ବା ବିଷାକ୍ତ ହୋଇଗଲେ ସମଗ୍ର ମାନବ ସମାଜର ଅସ୍ତିତ୍ୱ ବିପନ୍ନ ହୋଇପଡ଼ିବ ।

ଆମ ଦେଶରେ ନଦୀକୁ ମା' ବୋଲି ସମ୍ବୋଧନ କରାଯାଏ ଓ ପୂଜା କରାଯାଏ । ପୂଜାର ଅର୍ଥ ନୁହେଁ ଆଳତି କିମ୍ବା ଧୂପ ଭୋଗ ଦେବା ବରଂ ତାହାକୁ ସୁରକ୍ଷା କରିବା । ଆମେ ନଦୀକୁ ମା' ବୋଲି କହୁ କିନ୍ତୁ ସଫା ସୁତରା ଦୃଷ୍ଟିରୁ ଦେଖିଲେ ବେଲଜିୟମର ନଦୀଗୁଡିକ ପୃଥିବୀରେ ପ୍ରଥମ । ବୈଦିକ କାଳରୁ ଭାରତୀୟ ସଭ୍ୟତା ନଦୀ କୂଳରେ ହିଁ ଗଢ଼ି ଉଠିଛି । ପୁରାଣରେ କୁହାଯାଇଛି, ନଦୀର ଜଳ ସମସ୍ତ ପାପ ଧୋଇଦିଏ । କିନ୍ତୁ ଆଜିର ଉପଭୋକ୍ତାବାଦୀ ସମାଜ ଓ ଶିଳ୍ପାୟନର ଅନ୍ଧ ଦୌଡ଼ରେ ଆମେ ନିଜେ ନଦୀର ଅସ୍ତିତ୍ୱକୁ ଧୋଇଦେବାକୁ ବସିଛୁ । ଯେଉଁ ନଦୀର ଶୀତଳ ଜଳରେ ଆମେ ପବିତ୍ର ବୁଡ଼ ପକାଉ, ସେହି ନଦୀକୁ ମଳମୂତ୍ର, ବିଷାକ୍ତ କେମିକାଲ୍ ଏବଂ ଆବର୍ଜନା ପକାଇବାର ସବୁଠାରୁ ସହଜ ମାଧ୍ୟମ ବୋଲି ଭାବିନେଇଛୁ । ଆମର ଶ୍ରଦ୍ଧା ଆଜି କେବଳ ପୂଜାପାଠ ଏବଂ ଆଳତି ମଧ୍ୟରେ ସୀମିତ ହୋଇଯାଇଛି, ବାସ୍ତବ ଜୀବନରେ ଆମେ ସେହି 'ମା'କୁ ତିଳ ତିଳ କରି ମାରିବାକୁ ପଛାଉନାହୁଁ । ବର୍ତ୍ତମାନ ସମୟ ଆସିଛି, ଆମେ କେବଳ ସ୍ଲୋଗାନ କିମ୍ବା ଭାଷଣରେ ନଦୀର ଜୟଗାନ ନକରି, ବାସ୍ତବ କର୍ମରେ ନଦୀର ସୁରକ୍ଷା ପାଇଁ ଆଗେଇ ଆସିବା । ନଦୀ ବଞ୍ଚିଲେ ହିଁ ଆମେ ବଞ୍ଚିବା ଏବଂ ଆମର ଆଗାମୀ ପିଢ଼ି ଏକ ସୁସ୍ଥ, ନିର୍ମଳ ପରିବେଶ ପାଇପାରିବ ।

**ଅଧ୍ୟାପକ,**
**ବାଣିଜ୍ୟ ବିଭାଗ, କଟକ**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଇରାନ...

ପଡ଼ିଥାଏ । ଦେଶର ତୈଳ ଯୋଗାଣ ପ୍ରକ୍ରିୟା ଗତ ୪ ବର୍ଷ ହେଲାଣି ପରିବର୍ତ୍ତନ ହେଉଛି । ଋଷ୍ ଏବଂ ୟୁକ୍ରେନ୍ ଯୁଦ୍ଧ ସମୟରେ ଭାରତ ରିହାତି ଦରରେ ଋଷରୁ ତୈଳ ଆଣୁଥିଲା । ଏହି ସମୟରେ ମଧ୍ୟ ଭାରତ ଅନ୍ୟ ଗଲ୍ଫ ରାଷ୍ଟ୍ରଗୁଡ଼ିକରୁ ମଧ୍ୟ ତେଲ ଆମଦାନୀ କରୁଥିଲା । ତେବେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଯୋଗୁ ଏଥିରେ ହ୍ରାସ ଘଟିଥିଲା । ଭାରତ ତୁରନ୍ତ ତେଲ କିଣିବ କି ନାହିଁ ତାହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବର୍ତ୍ତମାନ ୬୦ ଦିନ ପାଇଁ ତୁଟିଥିବା କଟକଣାରେ ମଧ୍ୟ ଲମ୍ବା ସମୟ ଧରି କୂଟନୈତିକ ବୁଝାମଣା ହୋଇପାରେ । ତେବେ ଭାରତ ମଧ୍ୟ ହରମୁଜ୍ ପ୍ରଣାଳୀ ଦେଇ ତେଲ ଆମଦାନୀ କରିଥାଏ । ହରମୁଜ୍ ପ୍ରଣାଳୀରୁ ଉତ୍ତେଜନା ହ୍ରାସ ପାଇଥିବାରୁ ଭାରତ ଲାଗି ଆଶ୍ୱସ୍ତି ମିଳିଛି ।

## ୩ ଓଡ଼ିଆଙ୍କୁ...

ଦ୍ରୌପଦୀ ମୁର୍ମୁ ଏମାନଙ୍କୁ ରାଷ୍ଟ୍ରପତି ଭବନରେ ସମ୍ମାନୀତ କରିଛନ୍ତି । ଏହାଛଡା ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ୬୫ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ମିଳିଛି । ଏଥିରେ ଦୁଇ ଜଣ ପଦ୍ମ ବିଭୂଷଣ, ୭ ଜଣଙ୍କୁ ପଦ୍ମଭୂଷଣ ଓ ୫୬ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ମିଳିଛି । ବଲିଉଡ୍ କଣ୍ଠଶିଳ୍ପ ଅଲକା ୟାଗନିକ, ସେହିଭଳି ଟେନିସ୍ ଲିଜେଣ୍ଡ ବିଜୟ ଅମୃତରାଜ, ମାଲାୟମ ସୁପରଷ୍ଟାର ମାମୁଥିଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଛି । ଝାଡଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କୁ ମରଣୋତ୍ତର ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଛି । ସେହିଭଳି ପଦ୍ମଶ୍ରୀ ପାଇଥିବା ଶରତ ପାତ୍ର ହେଉଛନ୍ତି କଟକ ନୂଆପାଟଣା ମାଣିଆବନ୍ଧ ହସ୍ତତନ୍ତର ବୁଣାକାର । ସେ ଇକତ୍ ଓ ବାନ୍ଧ କଳାରେ ନିପୁରଣତା ହାସଲ କରିଛନ୍ତି । ସୀମାଞ୍ଚଳ ପାତ୍ର ଗଞ୍ଜାମ ଅଞ୍ଚଳର ପ୍ରସିଦ୍ଧ ଲୋକ କଳାକାର । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସମସ୍ତ ବ୍ୟକ୍ତିତ୍ୱଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ସାରା...

ମୌସୁମୀ ବାୟୁ ସମଗ୍ର ଓଡିଶାକୁ ଛୁଇଁଥିବା ବେଳେ ଏହାର ପଡୋଶୀ ରାଜ୍ୟ ଗୁଡିକରେ ପ୍ରବେଶ କରିବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି । ଆସନ୍ତା ୪ ଦିନ ମଧ୍ୟରେ ଉତ୍ତର ଭାରତର ଅଧିକାଂଶ ରାଜ୍ୟରେ ଏହା ପ୍ରବେଶ କରିବ ବୋଲି ଆକଳନ କରାଯାଇଛି । ମୌସୁମୀ ସକ୍ରିୟ ହେବା ଯୋଗୁଁ ଆକାଶରେ ବାଦଲ ସଂଖ୍ୟା ବଢ଼ିଛି । ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିପାରେ ।

ଆସନ୍ତାକାଲି (ବୁଧବାର) କଟକ, ରାୟଗଡା, କୋରାପୁଟ, ଗଜପତି ଓ ନୟାଗଡ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ ଓ ନୟାଗଡ ଜିଲ୍ଲାର ସ୍ଥାନେ ସ୍ଥାନେ କାଳ ବୈଶାଖୀ ବର୍ଷା ହୋଇପାରେ । ତେବେ ୨୬ ତାରିଖରୁ ବର୍ଷାର ପରିମାଣ ବୃଦ୍ଧି ପାଇବ ।

## ପୁରୀ...

୨୦୦ ବେଡ ର ବ୍ୟବସ୍ଥା କରିବା, ଆସନ୍ତା ବର୍ଷ ରଥଯାତ୍ରା ପୂର୍ବରୁ ସ୍ଥାୟୀ ବର୍ଣ୍ଣ ୟୁନିଟ ପ୍ରତିଷ୍ଠା କରାଯିବ ବଡଦାଣ୍ଡର ଉଭୟ ପାଶ୍ୱରେ ଅସ୍ଥାୟୀ ଚିକିତ୍ସା ବ୍ୟବସ୍ଥା କରାଯିବ ଯାହା ଫଳରେ ବାରମ୍ବାର ଆମ୍ବୁଲାନ୍ସ ଯିବା ଆସିବା ର ଆବଶ୍ୟକତା ରହିବ ନାହିଁ, ରଥଯାତ୍ରା ପୂର୍ବରୁ ଡାକ୍ତର ଓ ଫୁଡ ସେଫ୍ଟି ଅଫିସର ପୁରୀ ରେ କାର୍ଯ୍ୟ ଆରମ୍ଭ କରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ସୂଚନା ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ,କ୍ରିଡା ଓ ଯୁବ ସେବା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜ,ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ,ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର,ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଶ୍ରୀମନ୍ଦିର ନୀତି କାନ୍ତି ସମ୍ପର୍କରେ ସୂଚନା ଦେଇଥିଲେ । ବୈଠକ ରେ ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ୍ ପଟ୍ଟନାୟକ, ମଧୁସୂଦନ ମିଶ୍ର, ପ୍ରଦୀପ କୁମାର ମହାନ୍ତି, ଜଗନ୍ନାଥ ବସ୍ତିଆ ପ୍ରମୁଖ ପୁରୀ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ପରିଚାଳନା କମିଟି ସଦସ୍ୟ,ସେବାୟତ,ଅତିରିକ୍ତ ଡିଜି ଆଧୁନିକକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନ ସଚିବ ଡ ପବିତ୍ର ମୋହନ ସାମଲ, ପରିବହନ ଆୟୁକ୍ତ ଅମିତାଭ ଠାକୁର, ଏନଏଚଏମ ର ଏମଡି ଡି ବୃନ୍ଦା, କେନ୍ଦ୍ରାଞ୍ଚଳ ଆରଡିସି କେନ୍ଦ୍ରାଞ୍ଚଳ ଆରକ୍ଷୀ ମହା ନିର୍ଦ୍ଦେଶକ ସତ୍ୟଜିତ ନାୟକ, ଅଗ୍ନିଶମ ଆଇଜି ଉମା ଶଙ୍କର ଦାଶ, ଏସପି ପ୍ରତୀକ ସିଂ,ଡିଏଫଓ ମଗର ଧନିଜ ରାଓସୋ,ଆରସିସିଏଫ ପି ଅର୍ଥନାରୀ, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା, ରେଲୱେ କମିଶନର କୌସ୍ତଭଦୀପ୍ତ ପାଣି, ଜଡିଆରଏମ ପି କେ ବେହେରା, ଦେବୋତ୍ତର କମିଶନର ସତ୍ୟ ସୁନ୍ଦର ଷଡ଼ଙ୍ଗୀ, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ରଥକାଠ ଯୋଗାଣ, ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ,ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରେନ ଚଳାଚଳ ବ୍ୟବସ୍ଥା, ରଥଯାତ୍ରା ର ସିଧାସଳଖ ପ୍ରସାରଣ ବ୍ୟବସ୍ଥା, ଯାତ୍ରୀ ସୁବିଧା ପାଇଁ ଅସ୍ଥାୟୀ ସୂଚନା କେନ୍ଦ୍ର ବ୍ୟବସ୍ଥା, ଚଳିତ ବର୍ଷ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କ ସୁବିଧା ପାଇଁ ଏଲଇଡି ଟିଭି ବ୍ୟବସ୍ଥା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

## ତାମିଲନାଡୁରୁ...

ନିକଟତମ ଆତ୍ମୀୟଙ୍କ ଲାଗି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରାଯାଇଥିଲା । ଆଜି ଏହି ସହାୟତା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ୨୧ ତାରିଖରେ ତାମିଲନାଡୁ ଗ୍ୟାସ୍ ଦୁର୍ଘଟଣାରେ ମୃତ ୭ ଶ୍ରମିକଙ୍କ ମଧ୍ୟରେ ୫ ଓଡ଼ିଆ ଥିଲେ । ଚିକିତ୍ସାଧୀନ ଅବସ୍ଥାରେ ସଜନୀ ଜୁଆଙ୍ଗ, ଜାମିନି ଜୁଆଙ୍ଗଙ୍କର ମୃତ୍ୟୁ ହୋଇଥିଲା । ମୃତ ୫ ଜଣଙ୍କ ଘର କେନ୍ଦୁଝର ଜିଲ୍ଲାରେ । ତେଲକୋଇ ଟାଙ୍ଗୀ ଗାଁରୁ ୧୮ ଜଣ ସେଠାରେ କାମ କରୁଥିଲେ । ବର୍ତ୍ତମାନସୁଦ୍ଧା ୭ ଜଣଙ୍କର ମୃତ୍ୟୁ ହୋଇଛି । ଗ୍ୟାସ୍ ଟ୍ରାଜେଡିରେ ସମୁଦାୟ ୯ ଜଣଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରମ ବିଭାଗ ତାମିଲନାଡୁ ପ୍ରଶାସନ ସହ ନିରନ୍ତର ସମନ୍ୱୟ ରଖିଛି । ମୃତ ଶ୍ରମିକମାନଙ୍କର ପରିଚୟ ସୁନିଶ୍ଚିତ କରାଯାଇଛି । ଆହତ ଶ୍ରମିକମାନଙ୍କ ଚିକିତ୍ସା ଉପରେ ସରକାର ନଜର ରଖିଛନ୍ତି । ଓଡ଼ିଶା ଟିମ୍‌ର ସଦସ୍ୟ ଏମ୍‌ଏମ୍ ପାଇକ ଚେନ୍ନାଇରେ ରହି ଯୁଗ୍ମ ସମାୟୁକ୍ତ ଏବଂ ସରକାରୀ ମେଡିକାଲ କଲେଜ ହସ୍ପିଟାଲର ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷାକରି ଶବ ବ୍ୟବଚ୍ଛେଦ ସହ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ମୁଖ୍ୟ ସଚିବ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

## ଭବାନୀପୁର...

ଇଭିଏମ୍, ଭିଭିପାଟ୍ ମେସିନ୍ ଓ ସିସିଟିଭିର ବିଭିନ୍ନ ଫୁଟେଜକୁ ପ୍ରମାଣ ଲାଗି ସଂରକ୍ଷିତ ରଖାଯାଉ । ଭିଭିପାଟ୍‌ର ତଥ୍ୟକୁ ପ୍ରମାଣ ଭାବେ ଉପସ୍ଥାପନ କରାଯିବ । ଏହାକୁ ସଂରକ୍ଷଣ କରାଯାଇଥିବାରୁ ଏହି ମାମଲା ଏବେ ବିଚାରାଧୀନ ରହିଛି ବୋଲି ବୁଝିବାକୁ ପଡ଼ିବ । ଜନପ୍ରତିନିଧି ଆଇନ୍ ୧୯୫୧ ଅନୁଯାୟୀ ଜଷ୍ଟିସ୍ ଗୌରାଙ୍ଗ କାନ୍ଥ ଏଭଳି ନିର୍ଦ୍ଦେଶ ଦେଇଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଏଭଳି ଆବେଦନକୁ ଖାରଜ କରିହେବନାହିଁ । ତେଣୁ ପ୍ରାରମ୍ଭିକ ପ୍ରମାଣ ଭାବେ ରହୁଥିବା ସିସିଟିଭି ଓ ଇଭିଏମ୍ ଏବଂ ଭିଭିପାଟ୍‌ର ସଂରକ୍ଷଣ ଜରୁରୀ । ଏହାର ସଂରକ୍ଷଣ କୌଣସିପ୍ରକାରେ ବାଦ୍ ଦିଆଯିବନାହିଁ କିମ୍ବା ଏହାକୁ ନଷ୍ଟ କରାଯିବନାହିଁ କିମ୍ବା ଏଥିରେ କୌଣସି ଟାମ୍ପରିଂ ବା ପୁନର୍ବାର ଖୋଲିବାକୁ ହେଲେ କୋର୍ଟର ଅନୁମତି ଦରକାର । ଏହି ମାମଲାଟି ୮ ସପ୍ତାହ ପରେ ଶୁଣାଣି କରାଯିବ ।

## କାର୍ଯ୍ୟନିର୍ବାହୀ...

ଇଞ୍ଜିନିୟର ଭାବେ ପଦୋନ୍ନତି ମିଳିଥିଲା । ସେହିପରି ୧ନଭେମ୍ବର,୨୦୧୯ରେ ସେ ଏଏଇ ଭାବେ ପଦୋନ୍ନତି ପାଇ ମାଲକାନଗିରି, ରାୟଗଡା ଓ ସମ୍ବଲପୁରରେ କାର୍ଯ୍ୟ କରିଥିଲେ । ଏହାପରେ ୧ଡିସେମ୍ବର, ୨୦୨୩ରେ ସେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଭାବେ ପଦୋନ୍ନତି ପାଇ ସମ୍ବଲପୁର କାଡା ଡିଭିଜନର ଦାୟିତ୍ୱ ତୁଲାଉଥିଲେ । ଏହି ଚଢଉରେ ୪ ଜଣ ଡିଏସ୍‌ପି, ୧୩ ଇନ୍ସପେକଟର ଓ ୭ ଜଣ ଏଏସ୍ଆଇ ସାମିଲ ଥିଲେ ।

## ୯ରେ...

ଉପଯୋଗ କରିବା ପାଇଁ ଅନୁମତି ପ୍ରଦାନ କରିବା ସହ ମତ୍ସ୍ୟଜୀବୀମାନଙ୍କର ଆର୍ଥିକ ବିକାଶରେ ସହାୟକ ହେବ ।

ଉପରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରି ବିଭିନ୍ନ ବିଭାଗକୁ ଆବଶ୍ୟକ ପରାମର୍ଶ ଦେଇଛନ୍ତି । ବିଶେଷକରି ପ୍ରୋଟୋକଲ୍ ଅନୁଯାୟୀ ବ୍ୟବସ୍ଥା, ସୁରକ୍ଷା, ଯାତାୟାତ, ସାମୟିକ ରହଣି, ଭିଡ଼ ନିୟନ୍ତ୍ରଣ, ପରିଚ୍ଛନ୍ନତା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଚିକିତ୍ସା ସହାୟତା ଏବଂ ଗଣମାଧ୍ୟମ ପ୍ରଚାର ଉପରେ ଗୁରୁତ୍ୱ ଦେବାକୁ ସେ କହିଥିଲେ । ଏଥି ସହିତ ଓଡ଼ିଶା ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗକୁ ସଂପୃକ୍ତ ଅନ୍ୟ ଅଂଶୀଦାରୀ ବିଭାଗମାନଙ୍କ ସମନ୍ୱୟରେ ଅତିଥିମାନଙ୍କର ସାମୟିକ ରହଣି ଓ ଅନ୍ୟାନ୍ୟ ସୁବିଧା ସହ ମତ୍ସ୍ୟଜୀବୀମାନଙ୍କର ଯାତାୟତ, ବସିବା, ଖାଦ୍ୟପେୟ ଓ ଅନ୍ୟ ଆନୁଷଙ୍ଗିକ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଗୃହ ବିଭାଗ ତଥା ପୋଲିସ କମିଶନରେଟକୁ ଭିଭିଆଇପି ସୁରକ୍ଷା, ଟ୍ରାଫିକ୍ ପରିଚାଳନା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭୁବନେଶ୍ୱର ମହାନଗର ନିଗମ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନକୁ ସହରର ସୌନ୍ଦର୍ଯ୍ୟକରଣ, ସ୍ଥାନ ପରିଚ୍ଛନ୍ନତା, ବେରିକେଡିଂ, ପାର୍କିଂ ବ୍ୟବସ୍ଥା ଓ ଜରୁରୀକାଳୀନ ସହାୟତା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମକୁ ଅତିଥିମାନଙ୍କ ପାଇଁ ଯାତାୟତ ଓ ସାମୟିକ ରହଣି ସମୟରେ ଆବଶ୍ୟକ ସୁବିଧା ଦାୟିତ୍ୱ ଦିଆଯାଇଥିବା ବେଳେ ଓୟୁଏଟି ପକ୍ଷରୁ ମଞ୍ଚ, ଅଡିଓ-ଭିଜୁଆଲ୍ ସୁବିଧା, ଡିଜି ବ୍ୟାକଅପ୍ ସହ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଏବଂ ଛାତ୍ର ସ୍ୱେଚ୍ଛାସେବୀ ସହାୟତା କରିବାକୁ ବ୍ୟବସ୍ଥା କରାଯିବ । ବୈଠକରେ ଶିଳ୍ପ, ଗୃହ ତଥା ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ କମିଶନର ତଥା ଶାସନ ସଚିବ ପ୍ରେମଚନ୍ଦ୍ର ଚୌଧାରୀ, ବିଏମସି କମିଶନର ଚଂଚଳ ରାଣା, ଭାରତ ସରକାରଙ୍କ ମତ୍ସ୍ୟ ବିଭାଗ ଯୁଗ୍ମ ଶାସନ ସଚିବ ଡଃ. ସୁରଭି ରାୟଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭିନ୍ନ ବିଭାଗ ଓ ସଂସ୍ଥାଗୁଡ଼ିକର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଟ୍ରକ ପଛରେ ପଶିଗଲା ବାଇକ : ଦୁଇ ଭାଇ ମୃତ



ବୋଲଗଡ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଫାସିଓଦା ପଞ୍ଚାୟତ ଖୋରଧା-ବଲାଙ୍ଗୀର ୫୭ନମ୍ବର ଜାତୀୟରାଜପଥ ଦିଘିରୀ ବଜାର ନିକଟରେ ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୧୧ଟା୪୫ରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ରାସ୍ତାରେ ଠିଆ ହୋଇଥିବା ଏମ ଟ୍ରକ ପଛରେ ଦ୍ରୁତଗାମୀ ବାଇକ ପଶି ଯିବାରୁ ଘଟଣାସ୍ଥଳରେ ୨ ଭାଇଙ୍କର ମୃତ୍ୟୁ ଘଟିଛି । ମୃତ ୨ ଭାଇ ଦିଘିରୀ ଗ୍ରାମର ବିରଞ୍ଚି ପ୍ରଧାନଙ୍କର ପୁଅ ବିକାଶ ପ୍ରଧାନ (୨୯ ବର୍ଷ) ଓ ଆକାଶ ପ୍ରଧାନ(୨୭ ବର୍ଷ) ବୋଲି ଜଣାଯାଇଛି । ସୂଚନା ଅନୁଯାୟୀ ମଙ୍ଗଳବାର ସାଢ଼େ୫ଟା ସମୟରେ ନୟାଗଡରୁ ସିମେଣ୍ଟ ଖାଲି କରି ଆସୁଥିବା ବେଳେ (ଓଡ଼ି୦୪ଏଚ୦୫୮୮), ନମ୍ବର ବିଶିଷ୍ଟ ଟ୍ରକ ବ୍ରେକ ଡାଉନ ଧରିବାରୁ ରାସ୍ତା କଡ ଚାଳକ ରଖି ମେକାନିକ ଅପେକ୍ଷା ରହିଥିଲା । ମୃତକ ୨ ଭାଇ ନିଜର ପଲସର( ଓଡ଼ି୩୩ଇ୮୯୦୫)ଗାଡ଼ିରେ ଗାଁ ମଧ୍ୟରୁ କୌଣସି କାର୍ଯ୍ୟରେ ଆସି ଦୃତ ଗତିରେ ଛିଡ଼ା ହୋଇଥିବା ହୋଇଥିବା ଟ୍ରକ ପଛରେ ମାଡ ଭିଡ଼ରକୁ ପଶିଯାଇଥିଲେ । । ଘଟଣା ସ୍ଥଳେ ୨ଜଣଙ୍କ ମୁଣ୍ଡ ଗୁରୁତର ଭାବରେ କ୍ଷତି ହୋଇ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ୨ଜଣଙ୍କ ଶବକୁ ବୋଲଗଡ ପୁଲିସ ଖୋରଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମିତ୍ତ ପଠାଇଥିଲା । ମଙ୍ଗଳବାର ଅପରାହ୍ନ ଶବ ପଞ୍ଚିବା ପରେ ଗୋଟିଏ ଜୁଇରେ ୨ଭାଇଙ୍କ ଶବ ଦାହ କରାଯାଇଛି । ୨ ଭାଇ ମଧ୍ୟରୁ ମୃତକ ବଡ ଭାଇ ବିକାଶ ବିବାହ କରିଥିଲା । ତାଙ୍କର ପନୀଙ୍କ, ୩ବର୍ଷ ଝିଅ ଓ ୧୦ ମାସ ଗୋଟିଏ ପୁଅ ରହିଛି । ଏହି ଘଟଣାରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ବୋଲଗଡ ଥାନା କେସ ନମ୍ବର ୨୯୬/୨୬ରେ ଏକ ମାମଲା ରୁଜୁ କରାଯାଇଛି । ବୋଲଗଡ ଥାନା ହାଡ଼ିବନ୍ଧୁ ଦାସ ଅଧିକ ତଦନ୍ତ ଚଳାଇଛନ୍ତି ।

ମାଟାବରର ଜିଲ୍ଲା
ଖାଉଟି କମିଶନ !!
ରାଜମହେନ୍ଦ୍ରବରମ, ପୂର୍ବ ଗୋଦାବରୀ ଜିଲ୍ଲା,
[illegible]
ମଧ୍ୟରେ:
[illegible]
....ଅଭିଯୋଗକାରୀ
ଏବଂ...
[illegible]
...ବିପକ୍ଷ ପକ୍ଷ
ନୋଟିସ୍
[illegible]
କମିଶନଙ୍କ ଆଦେଶ କ୍ରମେ
[illegible]

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/958/2627
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୩୦ **ବିଜ୍ଞାପନ** ତା : ୦୮.୦୬.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଜିଏମ୍-୨୨ (GM-22), ବାସନ୍ତୀ କଲୋନୀ, ୩୦ ଏମ୍ଆଇଜି ସ୍କିମ୍ ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ପ୍ରକାଶ ଚନ୍ଦ୍ର ଦାଶ, ପିତା-ସ୍ୱର୍ଗତ ନରସିଂହ ଦାଶ, ସା-ପ୍ଲଟ ନଂ-ପିପିସି-୬, ସିଭିଲ୍ ଟାଉନସିପ୍, ପୋ-ରାଉରକେଲା-୭୬୯୦୦୪, ଥାନା- ରଘୁନାଥପାଲି, ଜିଲ୍ଲା-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ପ୍ରକାଶ ଚନ୍ଦ୍ର ଦାଶ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଶାନ୍ତି ଦେବୀ ଜୟସ୍ୱାଲ, ସ୍ୱାମୀ-ରାମନାଥ ଜୟସ୍ୱାଲ, ସା-ଘର ନଂ-ଇଏମ୍-୧୦୩, ବାସନ୍ତୀ କଲୋନୀ, ପୋ-ରାଉରକେଲା-୧୨, ଥାନା-ଉଦିତ ନଗର, ଜିଲ୍ଲା-ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
OIPR : 13001/13030/1/26-27/0122 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

Bhuban Dhenkanal - 759017
E-mail :ori-bhuban@nic.in

**OFFICE OF THE PANCHAYAT SAMITI, BHUBAN, DHENKANAL**
**PR & DW DEPARTMENT**
19001/117/2627
**Tender Call Notice**
**Bid Identification No. BDO, Bhuban-02/2026-27**

The Block Development Officer, Bhuban on behalf of Government of Odisha inviting percentage rate from eligible contractors for construction of ACR building work detail in the table below

| | | |
|---|---|---|
| 1. | Name of works | : Construction of Additional Classroom at Govt UP School, Kanheipal & Construction of Additional Classroom at Panchayat High School, Balibo |
| 2. | Nature of work | : Building Works |
| 3. | Number of Work | : 2 (Two) |
| 4. | Tender Cost & EMD | : As mentioned in DTCN |
| 5. | Class of contractor | : s mentioned in DTCN |
| 6. | Available Bid document in the District Website | : From 25.06.2026 10.00 AM to 10.07.2026 up to 5.00 PM |
| 7. | Last date/Time of receipt of the original bid documents | : 25.06.2026 5.00 PM (only Regd. Post/Speed Post) |
| 7. | Date of Opening of Bid | : 14-07-2026 11.00 AM |

8. Name & Address of the Office: Office of the Block Development Officer, Bhuban
9. Further details can be seen from the Dhenkanal Portal www.dhenkanal.nic.in

Any addendum/ Corrigendum/ Cancellation of tender can also be seen in the said website.

Sd/- Block Development Officer
Bhuban
OIPR : 19001/19323/1/26-27/0002

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୧୩୧୪୨/ଭୁ.ଉ.କ., ଭୁବନେଶ୍ୱର ତା.୧୭.୦୬.୨୦୨୬ ରିଖ
CL-83/86
13001/980/2627

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଲକ୍ଷ୍ମୀସାଗର ମାର୍କେଟ କମ୍ପ୍ଲେକ୍ସ, ଲକ୍ଷ୍ମୀସାଗର, ଭୁବନେଶ୍ୱର ଅନ୍ତର୍ଗତ ଦୋକାନ ଗୃହ ନଂ-A-9କୁ ଜନାର୍ଦ୍ଦନ ବେହେରା, ପିତା-ସ୍ୱର୍ଗତ ଶିବ ଚରଣ ବେହେରା, ଗ୍ରାମ- ଲକ୍ଷ୍ମୀସାଗର, ପୋଷ୍ଟ-ଭୁବନେଶ୍ୱରୀ, ଥାନା-ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଅଛି ।

ଆବଣ୍ଟନଗ୍ରାହୀ ଜନାର୍ଦ୍ଦନ ବେହେରା ଗତ ତା.୨୬.୧୧.୨୦୨୩ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death certificate Registration No.13295/2023 dated. 18.12.2023).

Legal heir certificate No. E-LHC/2024/18153 dated. 24.03.2024 ଅନୁଯାୟୀ ଜନାର୍ଦ୍ଦନ ବେହେରାଙ୍କ ଉତ୍ତରାଧିକାରୀ (୧) ସବିତା ବେହେରା (ସ୍ତ୍ରୀ), (୨) ଦିପ୍ତିମୟୀ ବେହେରା (ଅବିବାହିତା କନ୍ୟା) ଓ (୩) ପ୍ରିତିମୟୀ ବେହେରା (ଅବିବାହିତା କନ୍ୟା) ଅଟନ୍ତି ।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଦୋକାନ ଗୃହର ମାଲିକାନାସତ୍ତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଦୋକାନ ଗୃହର ମାଲିକାନା ସତ୍ତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସଂପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR : 13001/13033/1/26-27/9974

# ଭିଜିଲାନ୍ସ ଜାଲରେ ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ

## କଣ୍ଟ୍ରାକ୍ଟରଙ୍କଠାରୁ ନେଉଥିଲେ ୨ ଲକ୍ଷ ଟଙ୍କା



ରାୟଗଡା,(ସବ୍ୟୁ): ରାୟଗଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ ପଟନାୟକ ମଙ୍ଗଳବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ସେ ଠିକାଦାର ତ୍ରିନାଥ ନାୟକଙ୍କ ଠାରୁ ୨ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ରଙ୍ଗେହାତ ଧରିଥିବା ସୂଚନା ମିଳିଛି । ସୂଚନା ଅନୁସାରେ, କଣ୍ଟ୍ରାକ୍ଟର ଜଣକ ଏନେଇ ଭିଜିଲାନ୍ସ ବିଭାଗକୁ ଅବଗତ କରିଥିଲେ । ପରେ ରାୟଗଡା ଭିଜିଲାନ୍ସ ଡିଏସପି ସୂର୍ଯ୍ୟକାନ୍ତି ଟାକ୍ରୀ ଓ ଡିଏସପି ଅଭୟ ପ୍ରଧାନଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ଟିମ୍ କଟୁରୁ ନିକଟସ୍ଥ ସରକାରୀ ବାସଭବନରେ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ଭିଜିଲାନ୍ସ ଟିମ୍ ୨ ଲକ୍ଷ ଟଙ୍କା ଜବତ କରିଥିବାବେଳେ, ପୂର୍ବରୁ ଲଗାଯାଇଥିବା ରାସାୟନିକ ପାଉଡର ଅଧିକାରୀଙ୍କ ହାତରେ ଲାଗିଥିବା ଯାଞ୍ଚରେ ଜଣାପଡ଼ିଛି । ଏହା ଆଧାରରେ ଭିଜିଲାନ୍ସ ତାଙ୍କୁ ରଙ୍ଗେହାତ ଧରିଛି । ଏହା ସହ ନୟାଗଡ଼, କିଲ୍ଲା ଓ ଭୁବନେଶ୍ୱର ସ୍ଥିତ ତାଙ୍କର ବିଭିନ୍ନ ଠିକଣାରେ ମଧ୍ୟ ଚଢ଼ାଉ ଜାରି ରହିଥିବା ସୂଚନା ମିଳିଛି । ଉଲ୍ଲେଖଯୋଗ୍ୟ ଯେ, ପ୍ରସନ୍ନ ପଟନାୟକ ଚଳିତ ମାସରେ ଚାକିରିରୁ ଅବସର ନେଇଥାନ୍ତେ । ତାଙ୍କ ବିରୋଧରେ ସ୍ଥାନୀୟ କଣ୍ଟ୍ରାକ୍ଟରମାନେ ପୂର୍ବରୁ ଦୁର୍ନୀତି ସମ୍ପର୍କିତ ଅଭିଯୋଗ ଆଣିଥିଲେ । ଘଟଣାର ତଦନ୍ତ ଜାରି ରହିଛି । ତଦନ୍ତ ଶେଷ ହେବା ପରେ ତାଙ୍କର ସମ୍ପତ୍ତି ଓ ଅନ୍ୟାନ୍ୟ ତଥ୍ୟ ସାମ୍ନାକୁ ଆସିବ ବୋଲି ରାୟଗଡା ଭିଜିଲାନ୍ସ ଡିଏସପି ସୂର୍ଯ୍ୟକାନ୍ତି ଟାକ୍ରୀ ସୂଚନା ଦେଇଛନ୍ତି ।

24001/230/2627

**ଓଡ଼ିଶା ସରକାର**
**କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଅଧିସୂଚନା**

ନଥି ସଂ-IX(A)-06/2026 294 ତା-09/06/2026

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ତୁତୁର୍ଗା, ଥାନା-ଆନନ୍ଦପୁର, ତହସିଲ-ଆନନ୍ଦପୁର, ଜିଲ୍ଲା- କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୦.୮୯୦ ଡେସିମିଲ ଜମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act-2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦(ଷାଠିଏ) ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ଆନନ୍ଦପୁର ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଆନନ୍ଦପୁର | ତୁତୁର୍ଗା | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୬,୯୯୦ | ୦.୮୯୦ | ସଂଲଗ୍ନ |
| | | | | | ମୋଟ | ୬,୯୯୦ | ୦.୮୯୦ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବନ୍ଧକ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ବିଶାଲ ସିଂ
ଜିଲ୍ଲାପାଳ, କେନ୍ଦୁଝର

**ଭୂମି ଅନୁସୂଚୀ**

ପ୍ରକଳ୍ପର ନାମ - ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ
ମୌଜା-ତୁତୁର୍ଗା, ଥାନା ନଂ-୧୨୭, ଥାନା-ଆନନ୍ଦପୁର, ତହସିଲ-ଆନନ୍ଦପୁର, ଜିଲ୍ଲା-କେନ୍ଦୁଝର

| କ୍ରମିକ ନଂ | ଖତିୟାନ ନଂ | ପ୍ରଜା ର ନାମ ଓ ଠିକଣା | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜନ ରକବା |
|---|---|---|---|---|---|---|
| ୧ | ୭୮ | ଯୋଗି ଦାସ, ପି-କାଙ୍ଗାଳି ଦାସ, ମାୟାଧର ଦାସ, ପାର୍ବତୀ ପରିଡା, ତାରାମଣି ବେହେରା, ପି- କାଙ୍ଗାଳି ଦାସ, ଜା-ଗୋଲା, ବା-ନିଜଗାଁ | ୩୦୬ | ଶାରଦ ଦୁଇ | ୦.୩୯୦ | ୦.୧୨୦ |
| ୨ | ୮୩ | ଡାହାଲ ସାମଲ, ପି- ଚୈତା ସାମଲ, ଅଲି ସାମଲ, ସ୍ୱା-ଚୈତା ସାମଲ, ଜଦା ସାମଲ, ମଙ୍ଗୁଳୁ ସାମଲ, ପି-କୈଳାସ ସାମଲ, ମେଙ୍କି ସାମଲ, ସ୍ୱା-କୈଳାସ ସାମଲ, ଜା-ଶବର, ବା-ନିଜଗାଁ | ୨୦୪ | ଶାରଦ ଏକ | ୦.୫୧୦ | ୦.୦୬୦ |
| ୩ | ୯୯ | ନଣ୍ଡା ଦେହୁରୀ, ପି- ଭିକାରୀ ଦେହୁରୀ, ଜା-ଶବର ବା- ନିଜଗାଁ | ୩୧୫/ ୧୬୮୧ | ଶାରଦ ଦୁଇ | ୦.୨୫୦ | ୦.୦୪୦ |
| | | | ୩୧୫ | ଶାରଦ ଦୁଇ | ୦.୧୦୦ | ୦.୦୩୦ |
| | | | ୩୧୬ | ଶାରଦ ଦୁଇ | ୦.୧୩୦ | ୦.୦୪୦ |
| ୪ | ୧୦୭ | ନବଘନ ତିନରା, ନରେନ୍ଦ୍ର ତିନରା, ପି-ଶ୍ୟାମ ତିନରା, ଜା-ବଣିଆ, ବା-ନିଜଗାଁ | ୨୧୩ | ଶାରଦ ଦୁଇ | ୨.୨୦୦ | ୦.୧୪୦ |
| ୫ | ୧୬୩ | ବରଜୁ ଦେହୁରୀ, କିର୍ତ୍ତନ ଦେହୁରୀ, ପି-ପାଣ୍ଡୁ ଦେହୁରୀ, ଜା- ଶବର, ବା-ନିଜଗାଁ | ୩୧୧ | ଶାରଦ ଦୁଇ | ୦.୫୦୦ | ୦.୦୫୦ |
| ୬ | ୨୦୧ | ଭିକାରୀ ଦେହୁରୀ, ପି-ଗୋବିନ୍ଦ ଦେହୁରୀ ଜା-ଶବର, ବା-ନିଜଗାଁ | ୩୧୧/ ୧୫୩୩ | ଶାରଦ ଦୁଇ | ୦.୨୦୦ | ୦.୦୩୦ |
| ୭ | ୨୧୪ | ମାଗୁଣି ଜେନା, ଗଣି ଜେନା, ପି- ଜୟୀ ଜେନା, ଜା-ଗୋଲା ବା-ନିଜଗାଁ | ୨୧୬ | ଶାରଦ ଦୁଇ | ୦.୪୫୦ | ୦.୦୮୦ |
| ୮ | ୨୧୬ | ମାଗୁଣି ଦେହୁରୀ, ପି- ମାନ ଦେହୁରୀ, ଜା-ଶବର, ବା-ନିଜଗାଁ | ୩୧୪ | ଶାରଦ ଦୁଇ | ୦.୧୫୦ | ୦.୦୩୦ |
| ୯ | ୨୧୮ | ମାୟାଧର ଦାସ, ପି- କାଙ୍ଗାଳି ଦାସ, ଜା- ଗୋଲା, ବା- ନିଜଗାଁ | ୨୧୩/ ୧୬୮୫ | ଶାରଦ ଦୁଇ | ୦.୪୦୦ | ୦.୦୪୦ |
| ୧୦ | ୨୨୭ | ହରିହର ନାଥ, ନାରଣ ନାଥ, ପି-ସାର୍ଥି ନାଥ, ଜା-ଯୋଗି ବା-ଫକିରପୁର | ୩୦୮ ୩୧୦ | ଶାରଦ ଦୁଇ ଶାରଦ ଦୁଇ | ୦.୪୩୦ ୧.୦୫୦ | ୦.୧୪୦ ୦.୦୭୦ |
| ୧୧ | ୨୮୫/ ୫୧ | ବେଣୁଧର ଦେହୁରୀ, ପି- ଟୁରା ଦେହୁରୀ, ଜା- ଶବର, ବା-ନିଜଗାଁ | ୨୦୩ | ଶାରଦ ଏକ | ୦.୨୩୦ | ୦.୦୭୦ |
| | | | | ମୋଟ | ୬,୯୯୦ | ୦.୮୯୦ |

ସ୍ୱା- ଦୁର୍ଯ୍ୟୋଧନ ପାତ୍ର
AMIN
L.A. (Gen.) Section
Collectorate, Keonjhar

ସ୍ୱା- ହୃଷିକେଶ ମାଝୀ
Land Acquisition Inspector
L.A. (Gen.) Section
Collectorate, Keonjhar

ସ୍ୱା- ରିତେଶ୍ କୁମାର ପଣ୍ଡା
ଭୂ-ଅର୍ଜନ ଅଧିକାରୀ, କେନ୍ଦୁଝର
ଭୂ ଅର୍ଜନ ଅଧିକାରୀ
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର

OIPR : 24001/24045/3/26-27/0003

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୭୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ରାକେଶ ଦଳେଇ ହତ୍ୟାକାଣ୍ଡ ଘଟଣା, ଫେରାର ଅଭିଯୁକ୍ତ ରାହୁଲ ଗିରଫ

ଜଟଣୀ, (ସବ୍ୟୁ): ଗତ ୨୦୨୫ ମସିହା ବହୁ ଚର୍ଚ୍ଚିତ ରାକେଶ ଦଳେଇ ଓରଫ ମାନସ ହତ୍ୟାକାଣ୍ଡ ଘଟଣାରେ ଅଭିଯୋଗକାରୀ ବାବୁ ସିଂହ ଦେଓଙ୍କ ଅଭିଯୋଗ କ୍ରମେ ଜଟଣୀ ଥାନା ପୁଲିସ ଫେରାର ଥିବା ରାହୁଲ ପ୍ରଧାନ (୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ମୃତ ମାନସ ଦଳାଇ ଜଟଣୀ ଥାନା ଅନ୍ତଗତ ବଡ଼ନୁଆଗାଁ ବାସିନ୍ଦା ଏବଂ ସମ୍ପର୍କରେ ଅଭିଯୋଗକାରୀଙ୍କ ଭିଣୋଇ । ଗତ ତା.୦୩.୦୪.୨୦୨୫ ରିଖ ବିଳମ୍ବିତ ରାତି ୧.୨୦ ରୁ ୧.୩୦ ମଧ୍ୟରେ ନିକଟକୁ କୌଣସି ଏକ ନମ୍ବରରୁ କଲ ଆସିବା ପରେ ସେ ଷଣ୍ଢପୁର ଅଭିମୁଖେ ଯାଉଥିବା କହି ଘରୁ ବାହାରି ଯାଇଥିଲେ । ଭିଣୋଇ ମାନସଙ୍କ କଥାରେ ସନ୍ଦେହ ପ୍ରକାଶ କରି ଅଭିଯୋଗକାରୀ ତାଙ୍କ ପଛେପଛେ ଯାଇଥିଲେ । ଘଟଣା ସ୍ଥଳରେ ପହଞ୍ଚିବା କ୍ଷଣି ତାଙ୍କ ଭିଣୋଇଙ୍କୁ କିଛି ଦୁର୍ବୃତ୍ତ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରୁଥିବା ଦେଖିବାକୁ ପାଇଥିଲେ । ବାବୁଙ୍କୁ ଦେଖି ଅଭିଯୁକ୍ତମାନେ ଏକ ଲାଲ ରଙ୍ଗର ସ୍ୱିଫ୍ଟ କାର ଓ ତିନୋଟି



ମୋଟରସାଇକେଲରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଗୁରୁତର ଆହତ ମାନସ ଦଳାଇ ମୃତ୍ୟୁ ପୂର୍ବରୁ କିଛି ଆକ୍ରମଣକାରୀଙ୍କ ନାମ ପ୍ରକାଶ କରିଥିଲେ । ତାଙ୍କୁ ତୁରନ୍ତ ଏମ୍ସ, ଭୁବନେଶ୍ୱରକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତଦନ୍ତ ସମୟରେ ଘଟଣାସ୍ଥଳରୁ ଏକ ଲାଲ ରଙ୍ଗର ଏସ୍-ପ୍ରେସୋ କାର, ଏକ ଇଲେକ୍ଟ୍ରିକ୍ ସ୍କୁଟି, ମୋବାଇଲ ଫୋନ, ଚପଲ, ଚାବି ଓ ଅନ୍ୟାନ୍ୟ ସମ୍ପୃକ୍ତ ସାମଗ୍ରୀ ଜବତ କରାଯାଇଥିଲା । ତଦନ୍ତରୁ ଜଣାପଡ଼ିଥିଲା ଯେ ମୃତକ ନିର୍ମାଣ ସାମଗ୍ରୀ ଯୋଗାଣ ବ୍ୟବସାୟରେ ଜଡିତ ଥିବା ବେଳେ ଅଭିଯୁକ୍ତମାନେ ଜେସିବି ଓ ହାଇୱା ବ୍ୟବସାୟ କରୁଥିଲେ । "ଦାଦା ବଟି" ଆଦାୟ ଓ ବ୍ୟବସାୟ ବନ୍ଦ କରିବାକୁ ମୃତକଙ୍କ ପକ୍ଷରୁ ଧମକ ଦିଆଯାଉଥିବା ଅଭିଯୋଗକୁ କେନ୍ଦ୍ର କରି ଉଭୟ ପକ୍ଷ ମଧ୍ୟରେ ଶତ୍ରୁତା ସୃଷ୍ଟି ହୋଇଥିଲା । ଅଧିକ ତଦନ୍ତରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତ ସ୍ୱପ୍ନେଶ୍ୱର ବଳିଆରସିଂହ ଓରଫ ସପନା, ସିଦ୍ଧେଶ୍ୱର ବାଘସିଂହ ଓରଫ କାଲୁ ବଳିଆରସିଂହ, ଅଭିରାମ ବାଘସିଂହ ଓରଫ ଅଭି, ସଞ୍ଜୀବ ବାଘସିଂହ ଓରଫ ହରିଆ ଓ ରାହୁଲ ପ୍ରଧାନ ମିଳିତ ଭାବେ ମାନସ ଓରଫ ରାକେଶ ଦଳାଇଙ୍କୁ ହତ୍ୟା କରିବା ପାଇଁ ଷଡଯନ୍ତ୍ର କରିଥିଲେ । ଯୋଜନା ଅନୁଯାୟୀ ଘଟଣା ରାତିରେ ମୃତକଙ୍କୁ ଡାକି ନେଇ ମାରଣାସ୍ତ୍ରରେ ନିର୍ମମ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ । ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ପୂର୍ବରୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ସୂଚନା ଆଧାରରେ ଘଟଣାରେ ବ୍ୟବହୃତ ଅସ୍ତ୍ର ମଧ୍ୟ ଉଦ୍ଧାର କରାଯାଇଥିଲା । ଏହି ଆଧାରରେ ନିର୍ଭରଯୋଗ୍ୟ ସୂଚନା ମିଳିଥିଲା ଯେ ଦୀର୍ଘ ଦିନ ଧରି ଫେରାର ଥିବା ଅଭିଯୁକ୍ତ ରାହୁଲ ନିଜ ଘର ଉପରବସ୍ତକୁ ଫେରିଛନ୍ତି । ପୁଲିସ କାଳବିଳମ୍ବ ନକରି ତୁରନ୍ତ ସୂଚନା ଆଧାରରେ ଚଢ଼ାଉ କରାଯାଇ ତାଙ୍କୁ କାବୁ କରିଥିଲେ । ପଚରାଉଚରା ବେଳେ ସେ ଘଟଣାରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ । ଅଭିଯୁକ୍ତ ରାହୁଲ ପ୍ରଧାନଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବାରୁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି ।

## ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସୁବର୍ଣ୍ଣଜୟନ୍ତୀ

# ବିଦ୍ୟାର୍ଥୀମାନେ ରାଷ୍ଟ୍ରପାଇଁ ନିଜ ଜୀବନ ଉତ୍ସର୍ଗୀକୃତ ହୁଅନ୍ତୁ : ଡ ପାଣିଗ୍ରାହୀ

ଭୁବନେଶ୍ୱର, (ସବ୍ୟୁ): ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ବାହଦଲପୁରର ସୁବର୍ଣଜୟନ୍ତୀ ମହୋତ୍ସବ ମହାସମାରୋହରେ



ପାଳିତ ହୋଇଛି ଓ ଦୁଇଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ସମ୍ମାନୀତ ଅତିଥି ଭାବରେ ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ଯୋଗଦେଇ କହିଛନ୍ତି ଯେ, ବିଦ୍ୟାର୍ଥୀ ମାନେ ସଦାସର୍ବଦା ନିଜ ଜୀବନକୁ ଦେଶ, ଜାତି,ରାଷ୍ଟ୍ରପ୍ରତି ଉତ୍ସର୍ଗ କରିବା ପାଇଁ ଏବେଠାରୁ ସଂକଳ୍ପବଦ୍ଧ ହୁଅନ୍ତୁ । ଏହି ଅବସରରେ ବିଦ୍ୟାର୍ଥୀ ଜୀବନର ପରାକାଷ୍ଠାକୁ ସ୍ୱତନ୍ତ୍ର ରୁପେ ଦର୍ଶାଇବା ସହ ବିଦ୍ୟା ସଦାସର୍ବଦା ଅନ୍ୟ ମାନଙ୍କର କାମରେ ଆସୁ ବୋଲି ଦର୍ଶାଇବା ସହ ସ୍କୁଲ୍‌କୁ ୬ଟି କମ୍ପ୍ୟୁଟର ବିଶିଷ୍ଟ ଏକ ଲ୍ୟାବ୍ ଦେବାକୁ ଡକ୍ଟର ପାଣିଗ୍ରାହୀ ଘୋଷଣା କରିଥିଲେ । ସ୍କୁଲ୍‌ର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଜଟଣୀ ବିଧାୟକ ବିଭୂତି ଭୁଷଣ ବଡଜେନା ସ୍କୁଲ୍‌ର ଛାତ୍ରଛାତ୍ରୀ ମାନେ ଉତ୍ତମ ଚରିତ୍ର ଗଠନ କରିବା ସହ ନିଜ ସ୍କୁଲ୍ ଓ ବାପାମାଆଙ୍କ ପ୍ରତି କୃତଜ୍ଞତା ରହିବାକୁ ପରାମର୍ଶ ଦେଇଥିବା ବେଳେ, ଏକାମ୍ର ବିଧାୟକ ବାବୁ ସିଂ ଛାତ୍ରଛାତ୍ରୀ ମାନେ ଭଲ ପାଠ ପଢି ଚାକିରୀ ପଛରେ ନଗୋଡାଇ ଆତ୍ମନିର୍ଭରଶୀଳ ହେବାକୁ କହିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ବୁଦ୍ଧିଜୀବି, ଗ୍ରାମବାସୀ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ ।

# କୋଚିଂ ସେଣ୍ଟରରେ ଛାତ୍ରୀଙ୍କୁ ଦୁଷ୍କର୍ମ, ଟିଉସନ ସାର୍ ଗିରଫ

ଭୁବନେଶ୍ୱର,(ସବ୍ୟୁ) : କୋଚିଂ ସେଣ୍ଟରରେ ଜଣେ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ କରାଯାଇଥିବା ମହିଳା ଥାନାରେ ଅଭିଯୋଗ ହେବାପରେ ପୋଲିସ ଟିଉସନ ସାର୍‌ଙ୍କୁ ଗିରଫ କରିଛି । ଟିଉସନ ସରିବା ପରେ ସବୁ ଛାତ୍ରଛାତ୍ରୀ ଚାଲିଯାଇଥିଲେ । ଅଭିଯୁକ୍ତ ଟିଉସନ ସାର୍ ପୀଡ଼ିତା ଛାତ୍ରୀଙ୍କୁ ଡାକି ପାଠ ପଢ଼ାଇବେ ବୋଲି କହିବାରୁ ସେ ଏକୁଟିଆ ରହିଥିଲେ । ଅଭିଯୁକ୍ତ ସାର୍ ପାଠ ପଢ଼ାଇବା ପରିବର୍ତ୍ତେ ତାଙ୍କୁ ଜୋର୍ ଜବରଦସ୍ତ ବଳାତ୍କାର କରିଥିଲେ । ପୀଡ଼ିତା ଛାତ୍ରୀ ଘରେ ଏକଥା କହିବା ପରେ ମହିଳା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇବା ପରେ ପୋଲିସ ଛାତ୍ରୀଙ୍କ ବୟାନ ରେକର୍ଡ଼ କରି ଡାକ୍ତରୀ ମାଇନା କରାଇଛି । ଯେଉଁ ସାର୍‌ଙ୍କ କଥା ସେ ତାଙ୍କ ଏତଲାରେ ଦର୍ଶାଇଥିଲେ ସେହି ସାର୍‌ଙ୍କୁ ଗିରଫ କରାଯାଇଥିବା ବେଳେ ପୋଲିସ ସବିଶେଷ ତଥ୍ୟ ଦେବାକୁ ଅନିଚ୍ଛା ପ୍ରକାଶ କରିଛି ।

# ମୌସୁମୀ ପାଇଁ ଟିପିସିଓଡିଏଲ୍‌ର ପରାମର୍ଶ

ଭୁବନେଶ୍ୱର, (ସବ୍ୟୁ) : ମୌସୁମୀ ଋତୁରେ ପ୍ରବଳ ବର୍ଷା, ବଜ୍ରପାତ ଏବଂ ଜୋରରେ ପବନ ହେଉଥିବାରୁ ଟିପିସିଓଡିଏଲ ସମସ୍ତ ଉପଭୋକ୍ତାମାନଙ୍କୁ ବିଦ୍ୟୁତ ସୁରକ୍ଷାକୁ ପ୍ରାଥମିକତାଦେବାକୁ ଏବଂ ବିଦ୍ୟୁତ ସରଞ୍ଜାମ ଗୁଡ଼ିକ ଆଖପାଖରେ ସତର୍କ ଏବଂ ସଜାଗ ରହିବାକୁ ପରାମର୍ଶ ଦେଇଛି । ଉପଭୋକ୍ତାମାନଙ୍କୁ ବିଦ୍ୟୁତ ଖୁଣ୍ଟ, ଟ୍ରାନ୍ସଫର୍ମର, ଫିଡର ପିଲାର ଏବଂ ଅନ୍ୟାନ୍ୟ ବିଦ୍ୟୁତ ଉପକରଣ ନିକଟରେ ଥିବା ଜଳବନ୍ଦୀସ୍ଥାନଗୁଡିକରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି । ଯଦି କେଉଁଠି ବିଦ୍ୟୁତ ତାର ଛିଣ୍ଡି ପଡ଼ିଥାଏ, କଣ୍ଡକଫର ଭାଙ୍ଗିଯାଇଥାଏ କିମ୍ବା ବିଦ୍ୟୁତ ଭିତିଭୂମି ନଷ୍ଟ ହୋଇଯାଇଥାଏ, ତେବେ ସେଠାରୁ ନିରାପଦ ଦୂରତା ବଜାୟ ରଖିବା ସହିତ ତୁରନ୍ତ ଏ ବିଷୟରେ ଟିପିସିଓଡିଏଲ୍‌କୁ ଖବର ଦିଅନ୍ତୁ । କୌଣସି ପରିସ୍ଥିତିରେ ବି କୌଣସି ବୈଦ୍ୟୁତିକ ଉପକରଣ ବା କେବୁଲ୍‌କୁ ଛୁଇଁବାକୁ କି ମ୍ୱା ଘୁଞ୍ଚାଇବାକୁ ଆଦୌ ଚେଷ୍ଟା କରନ୍ତୁ ନାହିଁବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ଉପଭୋକ୍ତାମାନେ ବିଦ୍ୟୁତ ସମ୍ବନ୍ଧୀୟ ଯେକୌଣସି ଜରୁରୀକାଳୀନ ପରିସ୍ଥିତି ବିଷୟରେ ଟିପିସିଓଡିଏଲ୍‌ର ୨୪ ଘଣ୍ଟିଆ ଟୋଲ୍-ଫ୍ରିହେଲ୍-ଲାଇନ ନମ୍ବର ୧୯୧୨ ମାଧ୍ୟମରେ ତୁରନ୍ତ ଜଣାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି ।

# ଭାରତର ସର୍ବବୃହତ ଆନିମେସନ୍ ଟ୍ରେଲର ଇନ୍ଦ୍ରେଶ ଜୀ ମହାରାଜଙ୍କ ଦ୍ୱାରା ଉନ୍ମୋଚିତ

ଭୁବନେଶ୍ୱର (ସବ୍ୟୁ): ଗଭୀର ଭକ୍ତି ଏବଂ ଆଧୁନିକ ଯୁଗର ଚଳଚ୍ଚିତ୍ର କଳାର ଚମତ୍କାର ସଙ୍ଗମରେ ବହୁ ଆକାଂକ୍ଷିତ ଆନିମେଟେଡ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର ମହାପ୍ରଭୁ ଜଗନ୍ନାଥଙ୍କର ଆନୁଷ୍ଠାନିକ ଟ୍ରେଲର ଆଧାତ୍ମିକ ବକ୍ତା ପୂଜ୍ୟ ଇନ୍ଦ୍ରେଶ ଉପାଧ୍ୟାୟ ମହାରାଜ ଜୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । କଟକରେ ସମ୍ପ୍ରତି ତାଙ୍କର ଚାଲିଥିବା ଶ୍ରୀମଦ ଭାଗବତ କଥା ଅବସରରେ ଭବ୍ୟ ଆୟୋଜନରେ ଏହି ସ୍ମରଣୀୟ ଉନ୍ମୋଚନ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଚଳଚ୍ଚିତ୍ରର ଟ୍ରେଲରକୁ ଉପସ୍ଥିତ ୧୦ ହଜାର ଭକ୍ତଙ୍କ ନିମନ୍ତେ ପ୍ରଦର୍ଶିତ କରାଯାଇଥିଲା । ଏହା ଭାରତରେ



ଯେକୌଣସି ଆନିମେସନ ଚଳଚ୍ଚିତ୍ର ନିମନ୍ତେ ଏହା ସର୍ବବୃହତ ଦର୍ଶକଙ୍କ ଶାରୀରିକ ଉପସ୍ଥିତିରେ ଟ୍ରେଲର ଉନ୍ମୋଚନ କାର୍ଯ୍ୟକ୍ରମ ଥିଲା । ଭଗବାନ ଜଗନ୍ନାଥଙ୍କ ଉପରେ ପ୍ରଥମ ସର୍ବଭାରତୀୟ ଆନିମେଟେଡ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର ଭାବରେ ବର୍ଣ୍ଣନା କରାଯାଉଥିବା ମହାପ୍ରଭୁ ଜଗନ୍ନାଥ ଚଳଚ୍ଚିତ୍ରରେ ପ୍ରାଚୀନ ଐତିହ୍ୟକୁ ରୋମାଞ୍ଚପୂର୍ଣ୍ଣ ଏବଂ ପିଲାମାନଙ୍କ ନିମନ୍ତେ ସମ୍ପର୍କିତ କରି ଗଢିତୋଳିବାକୁ ବିଶ୍ୱଶ୍ରେଣୀର ଆନିମେସନର ପ୍ରୟୋଗ କରାଯାଇଛି । ନୂଆକରି ଉନ୍ମୋଚିତ ଟ୍ରେଲରରେ ଅତି ସୁନ୍ଦର ଭାବରେ ଭକ୍ତି, ଏକତା ଏବଂ ବିଶ୍ୱାସର ମୂଳ ବାର୍ତ୍ତାକୁ ପ୍ରଦର୍ଶିତ କରାଯାଇଛି ।

## ଅନ୍ତର୍ଜାତୀୟ ମହିଳା ଇଞ୍ଜିନିୟରିଂ ଦିବସ

# ବେଦାନ୍ତ ଆଲୁମିନିୟମର ମହିଳା ଇଞ୍ଜିନିୟର କାର୍ଯ୍ୟ କ୍ଷେତ୍ରରେ ପାରଦର୍ଶିତା ଦେଖାଇଛନ୍ତି

ଭୁବନେଶ୍ୱର (ସବ୍ୟୁ): ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମର ଅତ୍ୟାଧୁନିକ କାର୍ଯ୍ୟରେ, ଅନ୍ତର୍ଭୁକ୍ତି ଏହାର ଉତ୍ପାଦନ ଅଭ୍ୟାସର ପ୍ରତ୍ୟେକ ପର୍ଯ୍ୟାୟରେ ପରିଲକ୍ଷିତ



ହେଉଛି । ଝାରସୁଗୁଡା କାର୍ଯ୍ୟରେ ଅନେକ ଶିଳ୍ପ-ପ୍ରମୁଖ ମାଇଲଖୁଣ୍ଟରେ ପରିଣତ ହୋଇଛି, ଯେଉଁଥିରେ ଭାରତର ପ୍ରଥମ ସମ୍ପୂର୍ଣ୍ଣ ମହିଳା ପରିଚାଳିତ ପଟଲାଇନ୍, ଭାରତର ପ୍ରଥମ ସମ୍ପୂର୍ଣ୍ଣ ମହିଳା ଶକ୍ତି ୟୁନିଟ୍ ଏବଂ ଏକ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଦଳ ନିୟୋଜିତ କରାଯାଇଛି । ଏହି ଇକୋସିଷ୍ଟମ ମଧ୍ୟରେ ଏହାର ମହିଳା ଇଞ୍ଜିନିୟରମାନେ 'ଇଞ୍ଜିନିୟରିଂ ଇଂଟେଲିଜେନ୍ସ', ଏହି ବର୍ଷର ଅନ୍ତର୍ଜାତୀୟ ଇଞ୍ଜିନିୟରିଂ ମହିଳା ଦିବସ ପାଳନର ବିଶ୍ୱ ଥିମ୍, ଅଭ୍ୟାସରେ କ'ଣ ଅର୍ଥ ରଖେ ତାହା ପୁନଃପରିଭାଷିତ କରନ୍ତି । ମାନୁଫାକ୍ଚରିଂ ଏକ୍ସଲେନ୍ସ ଏବଂ ବ୍ୟବସାୟ ପାର୍ଟନର ମ୍ୟାନେଜମେଣ୍ଟ ମୁଖ୍ୟ ମମତା ଭଗତଙ୍କ ପାଇଁ, ଜଟିଳ ପ୍ରକ୍ରିୟାଗୁଡ଼ିକୁ ସୁଗମ ଭାବରେ କାମ କରିବା ବୁଝାଏ । ତାଙ୍କର କାର୍ଯ୍ୟ ଇନଭେଣ୍ଟରୀ ଅପ୍ଟିମାଇଜେସନ୍, ଅଡିଟ୍ ଅନୁପାଳନ, ଶାସନ ଉନ୍ନତି ଏବଂ ଦୃଢ଼ ବିକ୍ରେତା ସହଭାଗୀତା ମାଧ୍ୟମରେ ମୂଲ୍ୟ ସୃଷ୍ଟିକୁ ବ୍ୟାପ୍ତ କରେ । ବେଦାନ୍ତ ଆଲୁମିନିୟମରେ ତାଙ୍କର ଅସାଧାରଣ ପ୍ରଦର୍ଶନ ପାଇଁ ଜଣେ ଉଦୀୟମାନ ନେତା ଏବଂ ଉଚ୍ଚ ସମ୍ଭାବନା ନେତା ଭାବରେ ସ୍ୱୀକୃତିପ୍ରାପ୍ତ, ମମତା ଉତ୍ପାଦନ ଶିଳ୍ପରେ ପ୍ରବେଶ କରୁଥିବା ଯୁବ ମହିଳା ଇଞ୍ଜିନିୟରମାନଙ୍କ ପାଇଁ ଆତ୍ମବିଶ୍ୱାସ, ସ୍ଥିରତା ଏବଂ ନିରନ୍ତର ଶିକ୍ଷାକୁ ଜରୁରୀ ବୋଲି ସମର୍ଥନ କରନ୍ତି ।

ସ୍ୱିଗ୍ଧାରୂପା ବିଶ୍ୱାଲ, ବ୍ୟବସାୟ ଉତ୍କର୍ଷର ମୁଖ୍ୟ, ନିରନ୍ତର ଉନ୍ନତି ମାଧ୍ୟମରେ ସମ୍ଭାବନାଗୁଡ଼ିକୁ ଅନଲକ୍ କରିବା ଉପରେ ଧ୍ୟାନ ଦିଅନ୍ତି । ଏହା ତାଙ୍କୁ ବେଦାନ୍ତ ଆଲୁମିନିୟମରେ ଅନେକ ସ୍ୱୀକୃତି ପ୍ରଦାନ କରିଛି, ଯେଉଁଥିରେ ଟେକ୍ନିକାଲ୍ ଷ୍ଟାର ଏବଂ ଉଦୀୟମାନ ନେତା ମଧ୍ୟ ଅନ୍ତର୍ଭୁକ୍ତ । ସେ ଯୁବ ମହିଳା ଇଞ୍ଜିନିୟରମାନଙ୍କୁ ସେମାନଙ୍କର ମୂଲ୍ୟବୋଧରେ ସ୍ଥିର ରହିବା, ଶିଖିବା ଜାରି ରଖିବା ଏବଂ କେବେବି ନିହିତ ସୀମାକୁ ସେମାନଙ୍କର ସମ୍ଭାବନାକୁ ସୀମିତ କରିବାକୁ ଦେବାକୁ ଉତ୍ସାହିତ କରନ୍ତି । ବେଦାନ୍ତ ଆଲୁମିନିୟମର ସିଇଓ ସି. ଚନ୍ଦ୍ରୁ କହିଛନ୍ତି: "ଆନ୍ତର୍ଜାତୀୟ ମହିଳା ଇଞ୍ଜିନିୟରିଂ ଦିବସରେ, ଆମେ ଦକ୍ଷତା, ସ୍ଥିରତା ଏବଂ ନୂତନ ଚିନ୍ତାଧାରା ସହିତ ଉତ୍ପାଦନର ଭବିଷ୍ୟତକୁ ଗଢ଼ି ତୋଳିଥିବା ମହିଳା ବୃତିଗତମାନଙ୍କୁ ପାଳନ କରୁଛୁ । ଆମେ ଏପରି ଏକ ପରିବେଶ ନିର୍ମାଣ କରିବାକୁ ପ୍ରତିବଦ୍ଧ ଯେଉଁଠାରେ ମହିଳା ଇଞ୍ଜିନିୟରମାନେ ଆମର କାର୍ଯ୍ୟରେ ନେତୃତ୍ୱ, ନବସୃଜନ ଏବଂ ଉନ୍ନତି କରିପାରିବେ, ଭାରତର ଶିଳ୍ପ ଅଭିବୃଦ୍ଧିକୁ ଏକ ଅର୍ଥପୂର୍ଣ୍ଣ ଉପାୟରେ ଆଗକୁ ବଢ଼ାଇପାରିବେ ।

# ଟଙ୍କା ସହ ମୋବାଇଲ ଲୁଟ : ଜଣେ ଗିରଫ

ବଲଙ୍ଗା, (ସବ୍ୟୁ) :ବଲଙ୍ଗା-ହରିପୁର ରାସ୍ତାର ଗୋପୀନାଥପୁର କେନାଲବନ୍ଧ ନିକଟରେ ଗତ ୧୩ ତାରିଖ ଶନିବାର ରାତିରେ ରାହାଜାନୀ ହୋଇଥିବା ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ ହୋଇଛି । ବଲଙ୍ଗା ଥାନା ଅଧିକାରୀ ସସ୍ମିତା ସାହୁ କଥାକୁ ଗୁରୁତର ସହ ନେଇ ୧୮୨/୨୬ ରେ ଏକ ମାମଲା ରୁଜୁ କରି ଦଳଭାଣପୁର ଗ୍ରାମର ଆନନ୍ଦ ବେହେରା(ଅନୁ) (୨୦) କୁ ନାମକ ଜଣେ ଅଭିଯୁକ୍ତକୁ ଗିରଫ କରି ମଙ୍ଗଳବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି ।ସୂଚନା ମୁତାବକ, ଗୋପୀନାଥପୁର ଗ୍ରାମର ସତ୍ୟ ନାରାୟଣ ସ୍ୱାଇଁ ବାଇକ ଯୋଗେ ଭୁବନେଶ୍ୱରରୁ ଚନ୍ଦନପୁର ବ୍ରାଞ୍ଚ କେନାଲ ରାସ୍ତାରେ ଘରକୁ ଫେରୁଥିଲେ । ଗୋପୀ ନାଥପୁ ର ଦକ୍ଷିଣ ରାଡସ ଗ୍ରାମ ମଝିରେ ଥିବା ଏକ ପୋଖରୀ ସାମ୍ନାରେ ସତ୍ୟଙ୍କ ଗାଡ଼ିକୁ ଆନନ୍ଦ ବେହେରାଙ୍କ ସହଯୋଗୀ ବାଲିପାଟଣା ଥାନା ଅନ୍ତର୍ଗତ ବିଶ୍ୱଲପଡ଼ାର ଟୁଲୁ ପ୍ରଧାନ ଏବଂ ହରିପୁରର ଅଜୁ ବେହେରାଙ୍କ ସହିତ ଏହି ୩ ଜଣ ଡକାୟତି କରିଥିଲେ । ସତ୍ୟ ଗାଡ଼ି ରଖିବା କ୍ଷଣି ଜଣେ ଏହି ତିନି ଜଣ ଏକ ବନ୍ଧୁକ ବାହାର କରି ତାଙ୍କ ମୁଣ୍ଡରେ ଲଗାଇ ଦେଇଥିଲା । ମୋବାଇଲ ଓ ମନିପର୍ସ ଝାମ୍ପି ନେଇଥିଲେ । ମନିପର୍ସରେ ୭ ହଜାର ଟଙ୍କା ଥିଲା । ଲୁଟ ପରେ ଅଭିଯୁକ୍ତମାନେ ହରିପୁର ଅଭିମୁଖେ ଫେରାର୍ ହୋଇ ଯାଇଥିଲେ ।ବଲାଙ୍ଗା ପୋଲିସ ଆନନ୍ଦ ବେହେରାକୁ ଗରିଫ କରିଥିଲା ବେଳେ ଆଉ ଦୁଇ ଜଣ ଫେରାର ଅଛନ୍ତି । ବଲଙ୍ଗା ପୋଲିସ ଫେରାର ଅଭିଯୁକ୍ତକୁ ଖୁବ ଶୀଘ୍ର ଧରିବ ବୋଲି ସୁଚନା ମିଳିଛି ।

# ଆଦିତ୍ୟ ବିର୍ଲା ପରଫର୍ମିଂ ଆର୍ଟସ୍ ଏକାଡେମୀର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଆଦିତ୍ୟ ବିର୍ଲା ଗ୍ରୁପ୍ ଭାରତର ଅନ୍ୟତମ ସର୍ବାଧିକ ଚର୍ଚ୍ଚିତ ସାଂସ୍କୃତିକ ପ୍ରତିଷ୍ଠାନକୁ ଏକ ନୂଆ ରୂପ ଏବଂ ନବୀକୃତ ଉଦ୍ଦେଶ୍ୟ ପ୍ରଦାନ କରି ଆଇଏନ୍‌ଟି ଆଦିତ୍ୟ ବିର୍ଲା ପରଫର୍ମିଂ ଆର୍ଟସ୍ ଏକାଡେମୀ ଶୁଭାରମ୍ଭ କରିଛି । ଏକାଡେମୀକୁ ଏହାର ଚେୟାରପର୍ସନ ଶ୍ରୀମତୀ ରାଜଶ୍ରୀ ବିର୍ଲା, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଚେୟାରମ୍ୟାନ କୁମାର ମଙ୍ଗଳମ୍ ବିର୍ଲା, ନୀରଜା ବିର୍ଲା, ଶ୍ରୀମତୀ ଅନନ୍ୟା ବିର୍ଲା ଏବଂ ଆର୍ଯ୍ୟମନ୍ ବିକ୍ରମ ବିର୍ଲାଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଛି । ଏହି ପ୍ରୟାସ ଆଦିତ୍ୟ ବିର୍ଲା ଗ୍ରୁପ୍ ଇତିହାସର ଏକ ନିରୂପଣକାରୀ ବୈଶିଷ୍ଟ୍ୟକୁ ପ୍ରତିଫଳିତ କରୁଛି: ତାହା ହେଉଛି ସ୍ଥାୟୀ ବିକାଶମୂଳକ ସମ୍ପତ୍ତି ହେଉଥିବା ପ୍ରତିଷ୍ଠାନଗୁଡିକର ସୃଷ୍ଟି । ପିଢି ପରେ ପିଢି ଏହି ଗ୍ରୁପ୍ ବିଦ୍ୟାଳସମୂହ, ବିଶ୍ୱବିଦ୍ୟାଳୟସମୂହ, ଡାକ୍ତରଖାନା, ଗବେଷଣା କେନ୍ଦ୍ର, ସାଂସ୍କୃତିକ ପ୍ରତିଷ୍ଠାନ ଏବଂ ଗୋଷ୍ଠୀ ମଞ୍ଚଗୁଡିକ ଜରିଆରେ ରାଷ୍ଟ୍ର-ନିର୍ମାଣରେ ଅର୍ଥ ନିବେଶ କରିଛି । ଆଇଏନ୍‌ଟି ପୁନଃ ପରିକଳ୍ପନା ସେହି ପରମ୍ପରାକୁ



ପରିବର୍ଦ୍ଧିତ କରିଛି ଏବଂ ଏଭଳି ଏକ ସ୍ଥାନ ସୃଷ୍ଟି କରିଛି ଯେଉଁଠାରେ ଭାରତର କଳାତ୍ମକ ପରମ୍ପରାକୁ ସଂରକ୍ଷିତ, ପାଳନ ଏବଂ ଭବିଷ୍ୟତ ପିଢିଗୁଡିକ ନିମନ୍ତେ ପୁନଃବ୍ୟାଖ୍ୟାନ କରାଯାଇପାରିବ । ଏହାର ଶୁଭାରମ୍ଭ ଅବସରରେ ପ୍ରକାଶ କରି ଶ୍ରୀମତୀ ରାଜଶ୍ରୀ ବିର୍ଲା କହିଥିଲେ, "ଆଇଏନ୍‌ଟି ଆଦିତ୍ୟ ବିର୍ଲା ଏକାଡେମୀ ହେଉଛି ଭାରତର ଅନନ୍ୟ କଳାତ୍ମକ ଐତିହ୍ୟ ଏବଂ ଏହି ପରମ୍ପରାକୁ ପିଢି ପରେ ପିଢି ଉଜ୍ଜୀବିତ ରଖିଥିବା ଅଗଣିତ ବ୍ୟକ୍ତିବିଶେଷଙ୍କ ପ୍ରତି ଆମର ସମ୍ମାନ ପ୍ରଦର୍ଶନ । ଆମର ଆକାଂକ୍ଷା ହେଉଛି ଏଭଳି ଏକ ଅନୁଷ୍ଠାନ ସୃଷ୍ଟି କରିବା ଯାହା ଆମର ଶାସ୍ତ୍ରୀୟ ମୂଳଦୁଆକୁ ସମ୍ମାନ ପ୍ରଦର୍ଶନ କରିବ, ସମକାଳୀନ ଅଭିବ୍ୟକ୍ତିକୁ ଆପଣାଇବ ଏବଂ ନୂତନ ପ୍ରତିଭାମାନଙ୍କ ପାଇଁ ପଥ ଉନ୍ମୁକ୍ତ କରିବ । ଉଦ୍‌ଘାଟନୀ ସନ୍ଧ୍ୟାରେ ଭାରତର କଳାତ୍ମକ ଚିତ୍ରପଟର ସମୃଦ୍ଧ ଓ ବିବିଧତାକୁ ପାଳନ କରାଯାଇଥିଲା ।

# ୱାକର୍ସ କ୍ଲବ-କଟକ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ

କଟକ, (ସ୍ୱପ୍ର) : ୱାକର୍ସ କ୍ଲବ, କଟକ ଓ ଇଣ୍ଡିଆନ ମେଡିକାଲ ଆସୋସିଏସନ କଟକ ଚାପଟର ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ଆଇ.ଏମ.ଏ ହେରିଟେଜ



ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ୱାକର୍ସ କ୍ଲବର ସଭାପତି ବିଶିଷ୍ଟ ଭେଷଜ ରୋଗ ବିଶେଷଜ୍ଞ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ପ୍ରଫେସର ଡା. ଜନ୍ମେଜୟ ମହାପାତ୍ର, ଡା. ମୃତ୍ୟୁଞ୍ଜୟ ମହାପାତ୍ର, ୱାକର୍ସ କ୍ଲବର ସମ୍ପାଦକ ପ୍ରିୟ ରଞ୍ଜନ ମହାପାତ୍ର, ବରିଷ୍ଠ ସଭ୍ୟ ଶ୍ୟାମ ସୁନ୍ଦର ସାହୁ, ଶ୍ରୀନିବାସ ପାତ୍ର ରୋଟାରୀଆନ ସୁନେଶ୍ୱର ସ୍ୱାଇଁ ଯୋଗଦେଇ ମାନସିକ ଚାପର ଦୂରୀକରଣ, ଏକାଗ୍ରତା ବୃଦ୍ଧି, ଆଧ୍ୟାତ୍ମିକ ଶାନ୍ତି ଓ ଶାରୀରିକ ସୁସ୍ଥତା ହାସଲ କରିବା ନିମନ୍ତେ 'ଯୋଗ ' ହେଉଛି ସବୁଠାରୁ ପ୍ରଭାବଶାଳୀ ବୋଲି ନିଜ ନିଜ ବକ୍ତବ୍ୟରେ ସ୍ପଷ୍ଟ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଯୋଗଗୁରୁ ଗଣେଶ୍ୱର ଗୋଛିକାର ଉପସ୍ଥିତ ରହି ବିଭିନ୍ନ ପ୍ରକାର ଯୋଗ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ସମସ୍ତ ଅତିଥି ମାନଙ୍କୁ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ ଏହି ଯୋଗ ଶିବିରରେ ବନମାଳୀ ଶୁକ୍ଳ, ପ୍ରଶାନ୍ତ କୁମାର କାନୁନଗୋ, ବିଲକେଶ ପରବିନ, ଫନିନ୍ଦ୍ର ମଲ୍ଲିକ, ଗୌତମ କର, ବିଜୟ ଲକ୍ଷ୍ମୀ କର, ପିର ପ୍ରସାଦ ଶତପଥି, ବାବୁଲିଧର ନାୟକ, ଉଷା ଅଗ୍ରୱାଲ, ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ସଦସ୍ୟମାନଙ୍କ ସହିତ ବାରବାଟୀ ଯୋଗ ଅନୁଷ୍ଠାନ, କଟକ ବରିଷ୍ଠ ନାଗରିକ ସଂଘ, ଶାନ୍ତି ୱାକର୍ସ କ୍ଲବ, ମହିଳା ୱାକର୍ସ କ୍ଲବ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଯୋଗ ଅନୁଷ୍ଠାନର ସଦସ୍ୟ ମାନଙ୍କ ସହିତ ଶ୍ରୀ ରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜର ଛାତ୍ରଛାତ୍ରୀ ବୃନ୍ଦ ଉପସ୍ଥିତ ଥିଲେ ।

## ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ

# ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

ଭୁବନେଶ୍ୱର, (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ପକ୍ଷରୁ ଚଳିତ ବର୍ଷର ବିଷୟବସ୍ତୁ— ଯୋଗ ଫର୍ ହେଲ୍‌ଦି ଏଜିଙ୍ଗ୍ ସହ ସମନ୍ୱୟ ରକ୍ଷା କରି ଓଡ଼ିଶାରେ ଏହାର କାର୍ଯ୍ୟକ୍ଷେତ୍ର ଗୁଡ଼ିକରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । କମ୍ପାନୀର ସୁସ୍ଥତା କାର୍ଯ୍ୟକ୍ରମ ୱେଲନେସ୍ ରିଭୋଲ୍ୟୁସନ ୨.୦ – ଷ୍ଟିଲିଙ୍ଗ୍ ୟୋର୍ ଏକ ଅଂଶ ବିଶେଷ ଭାବେ ଆୟୋଜିତ ଏହି ପଦକ୍ଷେପ ମନ ଏବଂ ଶରୀର ମଧ୍ୟରେ ସନ୍ତୁଳନକୁ ପ୍ରୋତ୍ସାହିତ କରିବା ସହିତ କର୍ମଚାରୀ, ସହଯୋଗୀ କର୍ମଚାରୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସାମଗ୍ରିକ କଲ୍ୟାଣ ପ୍ରତି ଏଏମ୍ / ଏନ୍ଏସ୍ ଇଣ୍ଡିଆର ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରିଛି । ଏହାର ସିଏସଆର ପଦକ୍ଷେପର ଏକ ଅଂଶ ସ୍ୱରୂପ, ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ପାରାଦ୍ୱୀପ ନୂଆଗଡ଼ସ୍ଥିତ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଏକ ଯୋଗ ଦିବସ ସମାରୋହ ଆୟୋଜିତ ହୋଇଥିଲା, ଯେଉଁଠାରେ ୨୦୦ ଜଣ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଏକ ସାମୂହିକ ଯୋଗ ଶିବିରରେ ଭାଗ ନେଇଥିଲେ । ବିଶିଷ୍ଟ ଯୋଗ ଗୁରୁ ସୁଶାନ୍ତ କୁମାର ସାହୁ ଏକ



ଲାଇଭ୍ ଅଧିବେଶନ ପରିଚାଳନା କରି ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଆସନ ଏବଂ ଶ୍ୱାସକ୍ରିୟା ବ୍ୟାୟାମ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ଏହା ବ୍ୟତୀତ, ଏଏମ୍/ଏନ୍ଏସ୍ ପୋର୍ଟସର ସିଏସ୍ଆର୍ ଟିମ୍ ପକ୍ଷରୁ ପାରାଦ୍ୱୀପର ଲକ୍‌ପଡ଼ା ପ୍ରାଥମିକ ବିଦ୍ୟାଳୟ ଏବଂ ମା' ଅମ୍ବିକା ହାଇସ୍କୁଲ୍‌ଠାରେ ମଧ୍ୟ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା । ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ ପରିସରରେ ସ୍ୱୀକୃତିପ୍ରାପ୍ତ ଯୋଗ ପ୍ରଶିକ୍ଷକ ତାପସ ରଞ୍ଜନ ପତିଙ୍କ ମାର୍ଗଦର୍ଶନରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଓଡ଼ିଶା ଆସେଟ୍‌ର ଏଚଆର ଓ ଆଇଆର ବିଭାଗ ମୁଖ୍ୟ ସୁନୀଲା ଦାସ ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ମୁଖ୍ୟ ରାଜର୍ଷି ସିହ୍ନା ପ୍ରମୁଖ ଯୋଗ ଦେଇଥିଲେ । କେନ୍ଦୁଝରର ଡାବୁନା ବେନିଫିସିଏସନ୍ ପ୍ଲାଣ୍ଟରେ ଏକ ସ୍ୱତନ୍ତ୍ର ଯୋଗ ଅଧିବେଶନ ଆୟୋଜିତ ହୋଇଥିଲା, ଯେଉଁଥିରେ କର୍ମଚାରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆଭ୍ୟନ୍ତରୀଣ ପ୍ରଶିକ୍ଷିକା ସୁଶ୍ରୀ ରଶ୍ମିରାଣୀ ପରିଡ଼ା ପରିଚାଳନା କରିଥିବାବେଳେ ଏଥିରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ଡାବୁନା ବେନିଫିସିଏସନ୍ ପ୍ଲାଣ୍ଟ ମୁଖ୍ୟ ଜୟବର୍ଦ୍ଧନ ପରୋହାଙ୍କ ସହ ବିଭାଗୀୟ ମୁଖ୍ୟ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ । ଏହି ଅବସରରେ ମାଇନିଂ ଅପରେସନ୍ସ ମୁଖ୍ୟ ଅମିତ ଦୁବେ ଆଜିର ବ୍ୟସ୍ତବହୁଳ ଦୁନିଆରେ ଯୋଗର ବଢୁଥିବା ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ମାଇନିଂ ଏଚ୍.ଆର୍ ମୁଖ୍ୟ ଡକ୍ଟର ମୁରଲୀ ସାହୁ ଏକ ସୁସ୍ଥ ଏବଂ ଅଧିକ ସକାରାତ୍ମକ ଜୀବନଶୈଳୀ ପାଇଁ ଯୋଗକୁ ଜୀବନର ଏକ ଅଂଶ ଭାବେ ଆପଣେଇବାକୁ ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ । ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ସହଯୋଗରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏଚ୍ଆର୍ (ପୂର୍ବ) ମୁଖ୍ୟ ଡକ୍ଟର ଦେବବ୍ରତ ଦାଶ ଯୋଗ ଦେଇ ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ଏବଂ ସାମଗ୍ରିକ ସୁସ୍ଥତା ପାଇଁ ଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

# ଆନ୍ଧ୍ରର ଫାର୍ମା ସିଟିରେ ଅଗ୍ନିକାଣ୍ଡ, ୨ ଶ୍ରମିକଙ୍କ ମୃତ୍ୟୁ



**ଅଣକାପଲ୍ଲୀ:** ଆନ୍ଧ୍ରପ୍ରଦେଶର ଅଣକାପଲ୍ଲୀ ଜିଲ୍ଲା ଅନ୍ତର୍ଗତ ପାରାୱାଡାସ୍ଥିତ ଜବାହରଲାଲ ନେହରୁ ଫାର୍ମା ସିଟିର ଏକ ପ୍ଲାଷ୍ଟିକ ପାଇରୋଲିସିସ୍ ତେଲ ଉତ୍ପାଦନ କାରଖାନାରେ ମଙ୍ଗଳବାର ସକାଳେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ଦୁଇ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଏଥିସହ ଆଉ ଦୁଇ ଜଣ ଶ୍ରମିକ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ମୃତକମାନେ ହେଲେ ଅଣକାପଲ୍ଲୀ ଜିଲ୍ଲାର ଆଚ୍ୟୁତପୁରମ୍ ଅଞ୍ଚଳର ୨୪ ବର୍ଷୀୟ ଭେଙ୍କଟେଶ ଓ ୨୭ ବର୍ଷୀୟ ତ୍ରିନାଥ। ଉଭୟ କାରଖାନାରେ କାମ କରୁଥିଲେ। ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ପ୍ଲାଷ୍ଟିକ ବର୍ଜ୍ୟବସ୍ତୁକୁ ପୁନଃପ୍ରକ୍ରିୟାକରଣ କରି ତେଲ ପ୍ରସ୍ତୁତ କରାଯାଉଥିବା ବେଳେ ଏକ ଷ୍ଟୋରେଜ୍ ଟ୍ୟାଙ୍କରେ ବିସ୍ଫୋରଣ ଘଟିଥିଲା। ଏହା ପରେ ନିଆଁ ଅତି ଦ୍ରୁତଗତିରେ ସମଗ୍ର କାରଖାନାକୁ ବ୍ୟାପିଯାଇଥିଲା। ପରିସରରେ ବହୁ ପରିମାଣରେ ପ୍ଲାଷ୍ଟିକ ସାମଗ୍ରୀ ମହଜୁଦ ଥିବାରୁ ନିଆଁ ଆହୁରି ଉଗ୍ର ରୂପ ଧାରଣ କରିଥିଲା। ଅଗ୍ନିକାଣ୍ଡ ଘଟିବା ପରେ ଅନେକ ଶ୍ରମିକ ସୁରକ୍ଷିତ ଭାବେ ବାହାରକୁ ପଳାଇ ଆସିଥିଲେ। କିନ୍ତୁ କିଛି ଶ୍ରମିକ କାରଖାନା ଭିତରେ ଫସିଯାଇଥିଲେ। ଅଗ୍ନିଶମ ବିଭାଗ ଓ ପୁଲିସ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଫାର୍ମା ସିଟି ଅଗ୍ନିଶମ କେନ୍ଦ୍ରରୁ ଦୁଇଟି ଓ ପାରାୱାଡା ଅଗ୍ନିଶମ କେନ୍ଦ୍ରରୁ ଗୋଟିଏ ଦମକଳ ଗାଡ଼ି ନିୟୋଜିତ ହୋଇଥିଲା। ପ୍ରାୟ ଚାରି ଘଣ୍ଟାର କଠିନ ପ୍ରୟାସ ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିଲା। ଘଟଣାକୁ ନେଇ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଜିଲ୍ଲାର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରି ପରିସ୍ଥିତିର ସମୀକ୍ଷା କରିବା ସହ ଆହତମାନଙ୍କୁ ତୁରନ୍ତ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ପରିବାରକୁ ସମସ୍ତ ସମ୍ଭବ ସରକାରୀ ସହାୟତା ଦେବାକୁ ମଧ୍ୟ ସେ କହିଛନ୍ତି। ଏହାସହ ଶିଳ୍ପାଞ୍ଚଳଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ପାଳନ କରିବା ଓ ଏପରି ଦୁର୍ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଘଟଣାର ସବିଶେଷ ତଦନ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ ଓ ରାଜ୍ୟ ଗୃହମନ୍ତ୍ରୀ ଭଙ୍ଗଲାପୁଡି ଅନୀତା ମଧ୍ୟ ଘଟଣାରେ ଶୋକ ପ୍ରକାଶ କରି ଉଦ୍ଧାର, ରିଲିଫ ଓ ଚିକିତ୍ସା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ କହିଛନ୍ତି।

# ଦିଲ୍ଲୀରେ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା

**ନୂଆଦିଲ୍ଲୀ:** ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ଦିଲ୍ଲୀରେ ଆଜି ଆରମ୍ଭ ହୋଇଛି। ଆମେରିକାର ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରିର୍ଙ୍କ ସହିତ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଏ ନେଇ ଆଲୋଚନା ଚଳାଇଛନ୍ତି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ରାଜିନାମା ସଂପର୍କରେ ଆଲୋଚନା ପାଇଁ ଗ୍ରିର୍ ନୂଆଦିଲ୍ଲୀରେ ପହଞ୍ଚିଥିବା ସଂପର୍କରେ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ୍ କରିଛନ୍ତି।ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟର ମୁଖ୍ୟାଳୟ ବାଣିଜ୍ୟ ଭବନରେ ଏ ନେଇ ବୈଠକ ଚାଲିଛି। ଏଥିରେ ବାଣିଜ୍ୟ ବିଭାଗର ସଚିବ ରାଜେଶ ଅଗ୍ରୱାଲ ଏବଂ ବାଣିଜ୍ୟ ଆଲୋଚନାର ନେତୃତ୍ୱ ନେଉଥିବା ଦର୍ପଣ ଜୈନ ମଧ୍ୟ ଉପସ୍ଥିତ ଅଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତ ଏବଂ ଆମେରିକା ଚଳିତବର୍ଷ ଫେବ୍ରୁଆରିରେ ପ୍ରଥମ ପର୍ଯ୍ୟାୟ ବାଣିଜ୍ୟ ରାଜିନାମାର ଢାଞ୍ଚା ଘୋଷଣା କରିଥିଲେ। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଆମେରିକାର ସୁପ୍ରିମକୋର୍ଟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ବିଭିନ୍ନ ଦେଶ ଉପରେ ଲାଗୁ କରାଯାଇଥିବା ପାଲଟା ଶୁଳ୍କକୁ ବେଆଇନ ଘୋଷଣା କରିଥିଲେ।

## ଉଠିଲା ତୈଳ ଆମଦାନୀ କଟକଣା

# ଭାରତ ପାଇଁ ବିକଳ୍ପ ହେଲା ଇରାନ



**ନୂଆଦିଲ୍ଲୀ:** ଇରାନର ତୈଳ ଶିଳ୍ପକୁ ଆମେରିକା ପକ୍ଷରୁ ମିଳିଛି ଗୋଟିଏ ଅପ୍ରତ୍ୟାଶିତ ଜୀବନ ଦାନ। ଆମେରିକା ନିଜର କଠୋର ଆଭିମୁଖ୍ୟରେ କରିଛି ପରବର୍ତ୍ତନ। ନିଜ ନୀତିକୁ ବଦଳାଇ ଇରାନ ତୈଳ ଉପରେ ଲାଗିଥିବା କଟକଣାକୁ ଆମେରିକା ହଟାଇ ଦେଇଛି।ଆଗାମୀ ୬୦ ଦିନ ଅର୍ଥାତ ଅଗଷ୍ଟ ୨୧ ଯାଏ ଇରାନୀୟ ଅଶୋଧିତ ତୈଳ ଓ ପେଟ୍ରୋଲିୟମ ଦ୍ରବ୍ୟ ଉପରେ କୌଣସି କଟକଣା ଲାଗୁ ହେବ ନାହିଁ ବୋଲି ଆମେରିକା କହିଛି। ଏହାର ଅର୍ଥ ଇରାନୀୟ ତୈଳ ଓ ପେଟ୍ରୋଲିୟମ ଦ୍ରବ୍ୟର ଉତ୍ପାଦନ, ବିକ୍ରି, ରପ୍ତାନୀ ଏବଂ ଆମଦାନୀ ବିନା କଟାକଣାରେ ହୋଇପାରିବ। ଆମେରିକା ଓ ଇରାନ ମଧ୍ୟରେ ସ୍ଥାୟୀ ଶାନ୍ତି ସ୍ଥାପନ ପାଇଁ ଚାଲିଥିବା ଉଦ୍ୟମର ଅଂଶବିଶେଷ ଭାବେ ଆମେରିକା ନିଜ ନୀତିରେ ପରିବର୍ତ୍ତନ କରିଥିବା ଜଣାପଡ଼ିଛି। ବିଶ୍ୱର ସର୍ବବୃହତ୍ତ ଅଶୋଧିତ ତୈଳ ଆମଦାନୀକାରୀ ଦେଶ ଭାରତ ପାଇଁ ଏହି ଖବର ବେଶ ଗୁରୁତ୍ୱପୂର୍ଣ୍ଣ। ଆମେରିକା କଟକଣା ଯୋଗୁ ଇରାନ ଠାରୁ ଭାରତ ଅଶୋଧିତ ତୈଳ ଆଣି ପାରୁ ନଥିଲା। କିନ୍ତୁ ଏବେ ଭାରତ ପାଖରେ ତୈଳ ଆମଦାନୀ ପାଇଁ ଇରାନ ବିକଳ୍ପ ଭାବେ ଉଭା ହୋଇଛି। କଟକଣା ପ୍ରତ୍ୟାହାର ହୋଇଥିବାରୁ ଭାରତ ଏବେ ବେଶ ଆରାମରେ ଇରାନର ଅଶୋଧିତ ତୈଳ ନିଜ ବନ୍ଦରକୁ ଆଣିବ ପାରିବ। ଆମେରିକାର ଟ୍ରେଜରି ବିଭାଗ ଇରାନର ଅଶୋଧିତ ତୈଳ, ପେଟ୍ରୋଲିୟମ ଉତ୍ପାଦ ଓ ପେଟ୍ରୋକେମିକାଲ୍ ସମ୍ବନ୍ଧୀୟ କାରବାର ପାଇଁ ଅସ୍ଥାୟୀ ସାଧାରଣ ଲାଇସେନ୍ସ ଜାରି କରିଛି। ଏହି କୋହଳ ନିୟମରେ ତୈଳ ପରିବହନ, ବୀମା ଓ ବ୍ୟାଙ୍କିଙ୍ଗ ସେବା ମଧ୍ୟ ସାମିଲ ରହିଛି।ଅଗଷ୍ଟ ୨୧ ପର୍ଯ୍ୟନ୍ତ ଏହି ନିୟମ ବଳବତ୍ତର ରହିବ। ଏହି ଘୋଷଣା ପରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇଛି। ବ୍ୟବସାୟୀମାନେ ବଜାରକୁ ଅଧିକ ଇରାନୀ ତୈଳ ଆସିବ ବୋଲି ଆଶା ରଖିଛନ୍ତି। ଭାରତ ନିଜ ଆବଶ୍ୟକତାର ପ୍ରାୟ ୮୫% ଅଶୋଧିତ ତୈଳ ଆମଦାନୀ କରେ। ତେଣୁ ବିଶ୍ୱ ତୈଳ ଦରର ପରିବର୍ତ୍ତନ ଭାରତର ଅର୍ଥନୀତି ଉପରେ ସିଧାସଳଖ ପ୍ରଭାବ ପକାଏ। ତୈଳ ଦର ବଢ଼ିଲେ ଭାରତର ଆମଦାନୀ ବିଲ୍, ମୁଦ୍ରାସ୍ଫୀତି, ଆର୍ଥିକ ହିସାବ ଓ ପେଟ୍ରୋଲ-ଡିଜେଲ ଦର ପ୍ରଭାବିତ ହୁଏ। ରୁଷ-ୟୁକ୍ରେନ ଯୁଦ୍ଧ ପରେ ଭାରତ ରିହାତି ଦରରେ ରୁଷୀୟ ତୈଳ କିଣିବା ବଢ଼ାଇଛି।ବର୍ତ୍ତମାନ ଭାରତର ମୋଟ ତୈଳ ଆମଦାନୀର ପ୍ରାୟ ୩୩%ରୁ ୪୦% ରୁଷରୁ ଆସୁଛି। ଏଥିସହ ଭାରତ ସାଉଦି ଆରବ, ଇରାକ ଓ ୟୁଏଇ ପରି ଗଲ୍ଫ ଦେଶ ଉପରେ ମଧ୍ୟ ବହୁ ପରିମାଣରେ ନିର୍ଭରଶୀଳ। ୨୦୨୫ରେ ଓପେକ୍ ଦେଶଗୁଡ଼ିକରୁ ପ୍ରାୟ ଅଧା ତୈଳ ଆମଦାନୀ ହୋଇଥିଲା। ୨୦୧୮ରେ ଆମେରିକୀୟ କଟକଣା ଲାଗୁ ହେବା ପୂର୍ବରୁ ଇରାନ ଭାରତର ଅନ୍ୟତମ ବଡ଼ ତୈଳ ଯୋଗାଣକାରୀ ରାଷ୍ଟ୍ର ଥିଲା। କମ୍ ଦର, ସହଜ ଋଣ ସୁବିଧା ଓ କମ୍ ପରିବହନ ଖର୍ଚ୍ଚ ଯୋଗୁ ଭାରତୀୟ ରିଫାଇନରୀମାନେ ଇରାନୀ ତୈଳକୁ ପସନ୍ଦ କରୁଥିଲେ। କଟକଣା ପରେ ଭାରତକୁ ଇରାନରୁ ତୈଳ ଆମଦାନୀ ବନ୍ଦ କରିବାକୁ ପଡ଼ିଥିଲା।ଏବେ କଟକଣା ହଟିଥିବାରୁ ଭାରତ ତତ୍କାଳ ଭାବେ ଇରାନ ଠାରୁ ତୈଳ କିଣି ନ ପାରେ। କଟକଣା କୋହଳ ହୋଇଥିବାରୁ ଭବିଷ୍ୟତରେ ଇରାନୀ ତୈଳ ପୁଣି ବିଶ୍ୱ ବଜାରକୁ ଫେରିପାରେ।ଅଧିକ ତୈଳ ଉପଲବ୍ଧ ହେଲେ ବିଶ୍ୱ ବଜାରରେ ଦର କମିପାରେ, ଯାହା ଭାରତର ଆମଦାନୀ ଖର୍ଚ୍ଚ କମାଇବା ସହ କ୍ରେତା ଭାବେ ଭାରତର ଦର ବୁଝାମଣା କ୍ଷମତାକୁ ବଢ଼ାଇବ। ବିଶ୍ୱ ବଜାରରେ ତୈଳ ଦର ସାମାନ୍ୟ କମିଲେ ମଧ୍ୟ ଭାରତର କୋଟି କୋଟି ଡଲାର ସଞ୍ଚୟ ହୋଇପାରେ। କାରଣ ଭାରତ ୧୦୦ ବିଲିୟନ ଡଲାରର ତୈଳ ପ୍ରତିବର୍ଷ ଆମଦାନୀ କରୁଛି।

# ଶଙ୍ଖ ମିତ୍ର ବିଶ୍ୱର ଦ୍ୱିତୀୟ ସର୍ବାଧିକ ବେତନ ପାଉଥିବା

**ନୂଆଦିଲ୍ଲୀ:** ଭାରତ ଜନ୍ମିତ ଶଙ୍ଖ ମିତ୍ର ବିଶ୍ୱର ଦ୍ୱିତୀୟ ସର୍ବାଧିକ ବେତନ ପାଉଥିବା ସିଇଓ ହୋଇଛନ୍ତି। ତାଙ୍କର ବାର୍ଷିକ ବେତନ ପ୍ୟାକେଜ ୮୨୧ ନିୟୁତ ଡଲାର ବା ପ୍ରାୟ ୭୦୭୧ କୋଟି ଟଙ୍କା ରହିଛି। ଟେସ୍ଲା ସିଇଓ ମସ୍କ ବିଶ୍ୱର ସବୁଠୁ ଅଧିକ ବେତନ ପାଉଛନ୍ତି। ଶ୍ରୀ ମିତ୍ର ସଂପ୍ରତି ଆମେରିକାର ରିଅଲ ଇଷ୍ଟେଟ୍ ନିବେଶ ଟ୍ରମ୍ପ ୱେଲଟାୱାରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବା ସିଇଓ ଭାବେ କାର୍ଯ୍ୟ କରୁଛନ୍ତି। ଏକ ସୂଚନା ଅନୁଯାୟୀ, ମୂଳ ବେତନ ବାବଦରେ ସେ ୧୩ ଲକ୍ଷ ଡଲାର, ବୋନସ ଓ ଅଣଇକ୍ୱିଟି ପ୍ରୋତ୍ସାହନ ବାବଦରେ ୬୫ ଲକ୍ଷ ଡଲାର ପାଇଛନ୍ତି। ଅର୍ଥାତ ଅର୍ଥ ଆକାରରେ ତାଙ୍କୁ ୭୮ ଲକ୍ଷ ଡଲାର ପ୍ରଦାନ କରାଯାଇଛି। ଇକ୍ୱିଟି ବାବଦରେ ୮୧୩୧ ଲକ୍ଷ ଡଲାର ପାଇଥିବାବେଳେ ଅନ୍ୟାନ୍ୟ ବାବଦରେ ୧ ଲକ୍ଷ ୧୧ ହଜାର ଡଲାର ପାଇଛନ୍ତି।

# ପଦ୍ମ ସମ୍ମାନ ଗ୍ରହଣ କଲେ ଅଲକା ୟାଗନିକ, ମାମୁଟ୍ଟି, ମାଧବନ

**ନୂଆଦିଲ୍ଲୀ:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ସନ୍ଧ୍ୟାରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ ଦ୍ୱିତୀୟ ନାଗରିକ ସମ୍ମାନ ପ୍ରଦାନ ସମାରୋହରେ ସାଧାରଣ ଜୀବନ, କଳା, ସଂସ୍କୃତି, କ୍ରୀଡା ଓ ଅନ୍ୟାନ୍ୟ କ୍ଷେତ୍ରରେ ଅବଦାନ ପାଇଁ ୬୫ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ୨୦୨୬ ପାଇଁ ପଦ୍ମ ପୁରସ୍କାରରେ ସମ୍ମାନିତ କରିଛନ୍ତି। ଏହି ଉତ୍ସବରେ ଦୁଇଟି ପଦ୍ମ ବିଭୂଷଣ ସମ୍ମାନ, ୭ଟି ପଦ୍ମ ଭୂଷଣ ଓ ୫୬ଟି ପଦ୍ମଶ୍ରୀ ସମ୍ମାନ ଦିଆଯାଇଥିଲା। ମେ ମାସରେ ଆୟୋଜିତ ସମାରୋହରେ ପ୍ରଥମ ପର୍ଯ୍ୟାୟ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୨୬ ପାଇଁ ମୋଟ ୧୩୧ଟି ପଦ୍ମ ପୁରସ୍କାର ମଞ୍ଜୁର କରାଯାଇଥିଲା ଯାହା ସାଧାରଣତନ୍ତ୍ର ଦିବସର ପୂର୍ବ ସନ୍ଧ୍ୟାରେ ଘୋଷଣା କରାଯାଇଥିଲା। ମଙ୍ଗଳବାର ଏହି ପୁରସ୍କାର ପାଇଥିବା ପ୍ରମୁଖ ବ୍ୟକ୍ତିମାନଙ୍କ ମଧ୍ୟରେ ଭେଟେରାନ୍ ମାଲାୟାଲମ୍ ଅଭିନେତା ମାମୁଟ୍ଟି ଓ ପ୍ରସିଦ୍ଧ ପ୍ରଚ୍ଛଦପଟ ଗାୟିକା ଅଲକା ୟାଜ୍ଞିକ ଅଛନ୍ତି। ଉଭୟଙ୍କୁ ଭାରତର ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମ ଭୂଷଣ ପ୍ରଦାନ କରାଯାଇଥିଲା। ସେମାନଙ୍କର ପୁରସ୍କାର ଯଥାକ୍ରମେ ଭାରତୀୟ ସିନେମା ଓ ସଙ୍ଗୀତ ପ୍ରତି ଦଶନ୍ଧିର ଅବଦାନକୁ ସ୍ୱୀକୃତି ଦେଇଛି।ପଦ୍ମଶ୍ରୀ ପୁରସ୍କୃତଙ୍କ ମଧ୍ୟରେ ଅଭିନେତା ଆର୍ ମାଧବନ, ଅଭିନେତା ରାଜେନ୍ଦ୍ର ପ୍ରସାଦ, ଅଭିନେତା ମାଗନ୍ତୀ ମୁରଲୀ ମୋହନ, ଅଭିନେତା ଅନିଲ କୁମାର ରସ୍ତୋଗୀ ଓ ଲୋକକଳାକାର ଗୁରୁ ସାଙ୍ଗ୍ୟସାଙ୍ଗ ପୋଙ୍ଗେନର ଅନ୍ତର୍ଭୁକ୍ତ ଥିଲେ। ଅଭିନେତା ସତୀଶ ଶାହଙ୍କୁ ମରଣୋତ୍ତର ଭାବେ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଥିଲା ଏବଂ ତାଙ୍କ ତରଫରୁ ତାଙ୍କ ଭାଇ ଅରବିନ୍ଦ ଶାହ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସରକାରୀ ଅଧିକାରୀ, ମନ୍ତ୍ରୀ ଓ ଅନ୍ୟ ବିଶିଷ୍ଟ ଅତିଥିମାନେ ମଧ୍ୟ ଯୋଗ ଦେଇଥିଲେ।



ରାଷ୍ଟ୍ରପତି ଭବନରେ ଆୟୋଜିତ ପଦ୍ମ ସମ୍ମାନ ପ୍ରଦାନ ସମାରୋହ ପରେ ପଦ୍ମ ବିଜେତାଙ୍କ ଗହଣରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ପ୍ରମୁଖ ଉପସ୍ଥିତ

# କତାର ଗ୍ୟାସ୍ ପ୍ଲାଣ୍ଟରେ ବିସ୍ଫୋରଣ: ୧୩ ମୃତ

**କତାର:** ଆମେରିକା-ଇରାନ ଯୁଦ୍ଧ ବେଳେ ଏଠାରେ ମିସାଇଲ ମାଡ଼ ହୋଇଥିଲା। ଏଥିଯୋଗୁ ଗ୍ୟାସ ପ୍ଲାଣ୍ଟକୁ କିଛି ସମୟ ପାଇଁ ବନ୍ଦ କରାଯାଇଥିଲା। ସ୍ଥିତି ସୁଧାର ଆସିବା ପରେ କତରର ରାସ ଲାଫାନ ଲିକ୍ୟୁଫାଏଡ ପ୍ରାକୃତି ଗ୍ୟାସ(ଏଲଏନଜି)ରେ ପୁଣି କାର୍ଯ୍ୟ ଆରମ୍ଭ ହୋଇଥିଲା।ହେଲେ ରବିବାର ଏହି ଗ୍ୟାସ୍ ପ୍ଲାଣ୍ଟରେ ହୋଇଛି ଭୟଭଙ୍କର ବିସ୍ଫୋରଣ। ଏଥିରେ ଏକାଧିକ ଭାରତୀୟଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୬୬ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। କତର ଅଧିକାରୀମାନେ ଘଟଣାକୁ ବୈଷୟିକ ଦୁର୍ଘଟଣା ଭାବେ ଚିତ୍ରଣ କରିଛନ୍ତି। ସେମାନଙ୍କ କହିବା କଥା ଯେ ବରଜାନ ଲୋକାଲ ଗ୍ୟାସ ସପ୍ଲାଏ କେନ୍ଦ୍ରରେ ପୂରା ଘଟଣା ଘଟିଛି। ଏହା ବିଶାଳ ରାସ ଲାଫାନ ଶିଳ୍ପାଞ୍ଚଳ ସିଟିର ଅଂଶ ବିଶେଷ। ଦେଶର ପ୍ରମୁଖ ଏଲଏନଜି ଉତ୍ପାଦନ ଓ ରପ୍ତାହୀ ହବ ଭାବେ ଏହି ଶିଳ୍ପାଞ୍ଚଳ ସିଟି ପରିଚିତ।ଇରାନ ଯୁଦ୍ଧରେ ପ୍ରଭାବିତ ହୋଇଥିବା ୟୁନିଟରେ ଉତ୍ପାଦନ କାମକୁ ପୁନଃ ଚାଲୁ କରାଯାଉଥିବା ବେଳେ ବିସ୍ଫୋରଣ ଘଟିଛି। ଏହି ୟୁନିଟ ଯୁଦ୍ଧ ଯୋଗୁ ବନ୍ଦ ରହିଥିଲା। ଏଥିପାଇଁ ପୂରା ଗଲ୍ଫ ରିଜିନରେ ଏଲଏନଜି ଯୋଗାଣ ପ୍ରଭାବିତ ହୋଇଥିଲା।

# ମଧ୍ୟପ୍ରଦେଶ ମୁଖ୍ୟ ମନ୍ତ୍ରୀଙ୍କ ଅମାପ ସମ୍ପତ୍ତି

**ଭୋପାଳ:** ବିବାଦରେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ମୋହନ ଯାଦବ। ସେ ୨ ବର୍ଷ ତଳେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏହାପରେ ସତେ ଯେମିତି ତାଙ୍କ ପରିବାର ଲୋକଙ୍କ ଭାଗ୍ୟ ବଦଳି ଯାଇଛି। କାରଣ ମୋହନ ଯାଦବଙ୍କ ପରିବାର ଲୋକ ଉଜ୍ଜୟିନୀରେ ମାତ୍ର ୨ ବର୍ଷ ମଧ୍ୟରେ କିଣିଛନ୍ତି ୧୩୭ଟି ପ୍ଲଟ ବା ୧୬୮ ଏକର ଜମି।ମୋହନ ଯାଦବ ସରକାର ଯେଉଁ ସବୁ ଅଞ୍ଚଳରେ ରାସ୍ତାଘାଟ ଓ ଭିତ୍ତିଭୂମିର ବିକାଶ ସମ୍ପର୍କରେ ଘୋଷଣା କରୁଛନ୍ତି, ସେହି ସବୁ ସ୍ଥାନରେ ହିଁ ପରିବାର ଲୋକ ପୂର୍ବରୁ ଗୋଟିଏ ପରେ ଗୋଟିଏ ପ୍ଲଟ କିଣିବାରେ ଲାଗିଛନ୍ତି। ୨୦୨୩ ମସିହା ୧୩ ଡିସେମ୍ବର ମୋହନ ଯାଦବ ମୁଖ୍ୟମନ୍ତ୍ରୀ ହେବା ପରେ ତାଙ୍କ ପରିବାର ୪୫ କୋଟି ଟଙ୍କାରେ ୧୩୭ଟି ପ୍ଲଟ୍ (୧୬୮ ଏକର) କିଣିଥିବା ଜଣାପଡ଼ିଛି। ଏହି ଜମିଗୁଡ଼ିକ ନୂଆ ରାଜପଥ, ସଡ଼କ ପ୍ରକଳ୍ପ ଓ ଜମିର ବ୍ୟବହାରରେ ହୋଇଥିବା ପରିବର୍ତ୍ତନ ଅଞ୍ଚଳରେ ହିଁ ରହିଛି।ମୋଟ ୧୬୮ ଏକର ମଧ୍ୟରୁ ପ୍ରାୟ ୧୧୧ ଏକର ଜମି ସରକାର ଘୋଷଣା କରିଥିବା ନୂଆ ସଡ଼କ ଓ ହାଇୱେ ପ୍ରକଳ୍ପ ନିକଟରେ ଅବସ୍ଥିତ। ଏହି ଜମିର ମୂଲ୍ୟ ଭବିଷ୍ୟତରେ ବହୁଗୁଣ ବଢ଼ିବ ବୋଲି ସ୍ଥାନୀୟ ରିୟଲ୍ ଇଷ୍ଟେଟ୍ ବ୍ୟବସାୟୀ କହିଛନ୍ତି।ଜମିର ମୂଲ୍ୟ ବଢ଼ିବା ପୂର୍ବରୁ ହିଁ ସେଠାରେ ଜମି କିଣିବାରେ ଲାଗିଛନ୍ତି ମୋହନଙ୍କ ପରିବାର ଲୋକ। ମଧ୍ୟପ୍ରଦେଶର କ୍ଷମତାସୀନ ବିଜେପି ସରକାର ନିଜର ମାଷ୍ଟର ପ୍ଲାନ୍-୨୦୩୫ ଅଧୀନରେ କୃଷି ଜମିକୁ ଆବାସିକ ଓ ବ୍ୟବସାୟିକ ଜମିରେ ପରିବର୍ତ୍ତନ କରିଛି।



ପରିବର୍ତ୍ତନ ହୋଇଥିବା ପ୍ରାୟ ସବୁ ଅଞ୍ଚଳରେ ଯାଦବ ପରିବାରର ଜମି ରହିଛି।ଉଜ୍ଜୟିନୀରେ ଦ୍ରୁତ ଭିତ୍ତିଭୂମି ବିକାଶ, ନୂଆ ରାସ୍ତା ଓ ହାଇୱେ ନିର୍ମାଣ ସହ ଜମି ବ୍ୟବହାରରେ ପରିବର୍ତ୍ତନ ହେଉଥିବା ବେଳେ ଏହା ଦେଶର ଅନ୍ୟତମ ଆକର୍ଷଣୀୟ ରିୟଲ୍ ଇଷ୍ଟେଟ୍ ବଜାରରେ ପରିଣତ ହୋଇଛି। ଏପରି ସ୍ଥିତିରେ ମୋହନ ଯାଦବଙ୍କ ପରିବାର ଲୋକଙ୍କ ଜମି ସଂଖ୍ୟା ସେଠାରେ ବୃଦ୍ଧି ପାଉଛି।

## ରାଷ୍ଟ୍ରପତିଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

# ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ଭେଟିଛନ୍ତି। କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ଚର୍ଚ୍ଚା ମଧ୍ୟରେ ଆଜି ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ସାକ୍ଷାତକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ପଦ୍ମ ପୁରସ୍କାର ପ୍ରଦାନ ଉତ୍ସବ ପରେ ମୋଦୀ ଆଜି ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି।ଉଲ୍ଲେଖଯୋଗ୍ୟ ଅନେକ କେନ୍ଦ୍ର ମନ୍ତ୍ରୀଙ୍କୁ ନିକଟରେ ବିଜେପିରେ ସାଂଗଠନିକ ଭୂମିକା ମିଳିବାପରେ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ଚର୍ଚ୍ଚା ବଢ଼ିଛି। ମେ' ୨୮ ତାରିଖରେ ବିଜେପି ଜାତୀୟ ସଭାପତି ନୀତିନ ନବୀନ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ରାଷ୍ଟ୍ର ମନ୍ତ୍ରୀ ହର୍ଷ ମଲହୋତ୍ରାଙ୍କୁ ଦଳର ଦିଲ୍ଲୀ ଶାଖା ମୁଖ୍ୟ ନିଯୁକ୍ତ କରିଥିଲେ।ସେହିପରି କେନ୍ଦ୍ର ଅର୍ଥ ବିଭାଗ ରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧାରୀଙ୍କୁ ଗତବର୍ଷ ଡିସେମ୍ବରରେ ଉତ୍ତରପ୍ରଦେଶରେ ବିଜେପିର ସଭାପତି ନିଯୁକ୍ତ କରାଯାଇଥିଲା। ଆଜି ଦିନରେ ମଧ କେରଳର ବରିଷ୍ଠ ବିଜେପି ନେତା ଜର୍ଜ କୁରିଅନଙ୍କ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହେବାପରେ ସେ ଇସ୍ତଫା ଦେଇଛନ୍ତି ଏବଂ ରାଷ୍ଟ୍ରପତି ମୁର୍ମୁ ତାଙ୍କ ଇସ୍ତଫାକୁ ଗ୍ରହଣ କରିଛନ୍ତି। ଏହି ଘଟଣା ପରେ ମନ୍ତ୍ରିମଣ୍ଡଳ ଅଦଳବଦଳ ଚର୍ଚ୍ଚା ଜୋର୍ ଧରିଛି।

# ଚାଲ ଖେଳିଲେ ମମତା

**କୋଲକାତା:** ମମତା ବାନାର୍ଜୀଙ୍କ ଟିଏମସିରେ ସୃଷ୍ଟି ହୋଇଥିବା ବିଦ୍ରୋହ ବିସ୍ଫୋରକ ରୂପ ନେଇଛି। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମସି ଗୋଷ୍ଠୀ ଏବେ ବିଦ୍ରୋହୀଙ୍କୁ କାଉଣ୍ଟର କରିବାକୁ ଯେସାକୁ ତେସା ନୀତି ଆପଣାଇଛି। ଏହି ଗୋଷ୍ଠୀ ପକ୍ଷରୁ ଦଳର ଜାତୀୟ କାର୍ଯ୍ୟକାରିଣୀ କମିଟିକୁ ପୁନଃ ଗଠନ କରାଯାଇଛି ଓ ଏହାର ବିସ୍ତୃତ ତଥ୍ୟ ଆଜି ଭାରତୀୟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରାଯାଇଛି। ନିର୍ବାଚନ କମିଶନଙ୍କୁ ଦିଆଯାଇଥିବା ତାଲିକାରେ ମମତା ବାନାର୍ଜୀଙ୍କୁ ସର୍ବଭାରତୀୟ ତୃଣମୂଳ କଂଗ୍ରେସ(ଏଆଇଟିସି)ର ଅଧ୍ୟକ୍ଷ ଭାବେ ନାମିତ କରାଯାଇଛି। ଦିନକ ତଳେ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ପରିଚାଳିତ ଟିଏମସିର ବିଦ୍ରୋହୀ ଗୋଷ୍ଠୀ ମମତା ବାନାର୍ଜୀଙ୍କୁ ଦଳର ଅଧ୍ୟକ୍ଷ ପଦରୁ ହଟାଇ ଦେଇଥିଲେ।

# ନାଇଜେରିଆରେ ଗୁଳିକାଣ୍ଡ, ୨୦ ମୃତ

**ଅବୁଜା:** ନାଇଜେରିଆର ଉତ୍ତର କେନ୍ଦ୍ରୀୟ ଅଞ୍ଚଳରେ ଥିବା ଏକ ସମ୍ପ୍ରଦାୟରେ କିଛି ଅସ୍ତ୍ରଧାରୀ ଗୋଷ୍ଠୀ ଗୁଳି ଚାଳନା କରିବା ଫଳରେ ୨୦ ଜଣଙ୍କର ମୃତ୍ୟୁ ହୋଇଯାଇଛି। ବୋକ୍କସ ଅଞ୍ଚଳର କାୱେଲ ସମ୍ପ୍ରଦାୟରେ ଗତ ରବିବାର ଏହି ଆକ୍ରମଣ ହୋଇଥିଲା। ଏସଂକ୍ରାନ୍ତରେ ଖବର ପାଇ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ଆକ୍ରମଣକାରୀଙ୍କ ସହ ଗୁଳି ବିନିମୟ କରିଥିଲେ।ତେବେ ଏହି ମାମଲାରେ କେହି ଗିରଫ ହୋଇନାହାନ୍ତି। ଆକ୍ରମଣ ପାଇଁ କୌଣସି ଆତଙ୍କବାଦୀ ଗୋଷ୍ଠୀ ମଧ୍ୟ ନିଜକୁ ଦାୟୀ କରିନାହାନ୍ତି। ଘଟଣାରେ ୨୦ ସାଧାରଣ ନାଗରିକଙ୍କର ମୃତ୍ୟୁ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଉତ୍ତରପୂର୍ବ ନାଇଜେରିଆରେ ବିଦ୍ରୋହ ଯୋଗୁ ହଜାର ହଜାର ଲୋକଙ୍କର ମୃତ୍ୟୁ ହେଲାଣି।

# ବଡ଼ ଝିଅର ବର୍ବରତା: ପ୍ରେମିକ ସହ ମିଶି ବାପା, ମାଆ ଓ ସାନଭଉଣୀଙ୍କୁ ହତ୍ୟା

**ବେଙ୍ଗାଲୁରୁ:** ବେଙ୍ଗାଲୁରୁରେ ଘଟିଥିବା ଏକ ଛାତିଥରା ହତ୍ୟାକାଣ୍ଡ ସମଗ୍ର ସହରକୁ ସ୍ତବ୍ଧ କରିଦେଇଛି। ସୋମବାର ସହରର କେଆର୍ପୁରମ୍ ଥାନା ଅଞ୍ଚଳର ସିଗେହଲ୍ଲିସ୍ଥିତ ସାଇ ଗ୍ରିନ୍ ଆପାର୍ଟମେଣ୍ଟରୁ ଏକ ପରିବାରର ତିନି ଜଣଙ୍କ ରକ୍ତ-ଜୁଡୁବୁଡୁ ମୃତଦେହ ଉଦ୍ଧାର କରାଯାଇଛି। ମୃତକମାନେ ହେଲେ ସୋମସୁନ୍ଦର (୫୫), ତାଙ୍କ ପତ୍ନୀ ମୁଥୁଲକ୍ଷ୍ମୀ (୪୮) ଓ ସାନ ଝିଅ ସୁପ୍ରିୟା (୨୦)। ତିନି ଜଣଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରାଯାଇଥିବା ପୁଲିସ କହିଛି।ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ହତ୍ୟାକାଣ୍ଡରେ ଦମ୍ପତିଙ୍କ ବଡ଼ ଝିଅ ଶ୍ୱେତା ଓ ତାଙ୍କ ସହ ଲିଭ୍-ଇନ୍ ସମ୍ପର୍କରେ ରହୁଥିବା ପ୍ରେମିକ କେନେଥଙ୍କ ସମ୍ପୃକ୍ତି ରହିଛି। ଉଭୟ ଘଟଣା ପରଠାରୁ ଫେରାର ଅଛନ୍ତି। ଶ୍ୱେତାଙ୍କ ପ୍ରେମ ସମ୍ପର୍କକୁ ପରିବାର ବିରୋଧ କରୁଥିବାରୁ ଏହା ହତ୍ୟାର ଏକ କାରଣ ହୋଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ତଦନ୍ତରେ ଆହୁରି ଜଣାପଡ଼ିଛି ଯେ, ଶ୍ୱେତାଙ୍କ ଉପରେ ପ୍ରାୟ ୩୦ ଲକ୍ଷ ଟଙ୍କାର ଋଣ ଥିଲା। ଏହାକୁ ନେଇ ପରିବାରରେ ବାରମ୍ବାର ବିବାଦ ହେଉଥିଲା। ସୋମବାର ଶ୍ୱେତା ଓ କେନେଥ ଘରକୁ ଆସିଥିବା ବେଳେ କେବଳ ମୁଥୁଲକ୍ଷ୍ମୀ ଘରେ ଥିଲେ। କଥାକଟାକଟି ପରେ ତାଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପରେ ସୋମସୁନ୍ଦର ଓ ସୁପ୍ରିୟା ଘରକୁ ଫେରିବା ପରେ ସେମାନଙ୍କ ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା। ଗୁରୁତର ଆହତ ସୋମସୁନ୍ଦର ଘର ବାହାରକୁ ଦୌଡ଼ି ସହାୟତା ମାଗିଥିଲେ ମଧ୍ୟ ପରେ ତାଙ୍କର ମୃତ୍ୟୁ ହୋଇଥିଲା।ପୁଲିସ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ତଲାସି ଅଭିଯାନ ଚଳାଇଛି। ଘଟଣାର ପ୍ରକୃତ କାରଣ ଓ ସମ୍ପୂର୍ଣ୍ଣ ଘଟଣାକ୍ରମ ଜାଣିବା ଇଁ ତଦନ୍ତ ଜାରି ରହିଛି। ଏହି ମାମଲାରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିବା ସୂଚନା ମିଳିଛି, ତେବେ ତାଙ୍କ ପରିଚୟ ପ୍ରକାଶ କରାଯାଇନାହିଁ।

# କଂଗ୍ରେସ ସଂଗଠନରେ ଅଦଳ ବଦଳ ସମ୍ଭାବନା

**ନୂଆଦିଲ୍ଲୀ:** ଆଗାମୀ ବିଧାନସଭା ଓ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ ଓ ସକ୍ରିୟ କରିବା ପାଇଁ କଂଗ୍ରେସ ହାଇକମାଣ୍ଡ ଏକ ବଡ଼ ଧରଣର ସାଂଗଠନିକ ଅଦଳବଦଳ କରିବାକୁ ଯାଉଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଦଳ ଭିତରେ ଥିବା ଆଭ୍ୟନ୍ତରୀଣ ଗୋଷ୍ଠୀବାଦକୁ ରୋକିବା ସହ ନୂତନ ଏବଂ ପ୍ରଭାବଶାଳୀ ନେତାଙ୍କୁ ସମ୍ମୁଖକୁ ଆଣିବା ପାଇଁ ଅଲ୍ ଇଣ୍ଡିଆ କଂଗ୍ରେସ କମିଟି (ଏଆଇସିସି) ଏବଂ ଅନେକ ରାଜ୍ୟର ସାଂଗଠନିକ ସ୍ତରରେ ବ୍ୟାପକ ପରିବର୍ତ୍ତନର ଗୁଜବ ଏବେ ରାଜନୈତିକ ମହଲରେ ସରଗରମ ହୋଇଛି। ସୂତ୍ର ଅନୁସାରେ, ଏହି ପ୍ରକ୍ରିୟାରେ ପ୍ରାୟ ଚାରି ଜଣ କେନ୍ଦ୍ରୀୟ ସାଧାରଣ ସମ୍ପାଦକଙ୍କୁ ତାଙ୍କ ପଦବୀରୁ ହଟାଯାଇପାରେ ଏବଂ ଏହା ସହିତ ତିନିରୁ ଚାରୋଟି ପ୍ରମୁଖ ରାଜ୍ୟର ସଭାପତିଙ୍କୁ ମଧ୍ୟ ବଦଳାଯାଇପାରେ। ଶୃଙ୍ଖଳିତ ସଂଗଠନ ପାଇଁ ପ୍ରାୟ ୬ରୁ ୭ ଟି ରାଜ୍ୟର ପ୍ରଭାରୀଙ୍କୁ ବଦଳାଇବା ସହ ବର୍ତ୍ତମାନ କାର୍ଯ୍ୟରତ ୬୨ ଜଣ ରାଜ୍ୟ ସମ୍ପାଦକଙ୍କ ତୁଳନାରେ ପ୍ରାୟ୨୬ ଜଣ ଜାତୀୟ ସମ୍ପାଦକଙ୍କୁ ମଧ୍ୟ ଦାୟିତ୍ୱରୁ ମୁକ୍ତ କରାଯିବାର ଯୋଜନା ରହିଛି।ଏହି ସାଂଗଠନିକ ପରିବର୍ତ୍ତନ ପଛରେ 'ଜଣେ ବ୍ୟକ୍ତି ଜଣେ ପଦବି' ନିୟମ ଏବଂ ନେତାମାନଙ୍କର ନୂତନ ସରକାରୀ ଦାୟିତ୍ୱ ଏକ ମୁଖ୍ୟ କାରଣ ସାଜିଛି। ସୂତ୍ର ଅନୁସାରେ, ହରିୟାଣା ପ୍ରଭାରୀ ବିକେ ହରିପ୍ରସାଦ ନିକଟରେ କର୍ଣ୍ଣାଟକ କଂଗ୍ରେସର ରାଜ୍ୟ ସଭାପତି ହୋଇଥିବାରୁ ତାଙ୍କ ସ୍ଥାନରେ ହରିୟାଣା ପାଇଁ ଜଣେ ନୂଆ ପ୍ରଭାରୀ କିମ୍ବା ସାଧାରଣ ସମ୍ପାଦକ ନିଯୁକ୍ତ କରାଯିବ।

ଫିଫା ବିଶ୍ୱକପ

# ମେସିଙ୍କ ରେକର୍ଡ ବର୍ଷା: ନକଆଉଟରେ ଆର୍ଜେଣ୍ଟିନା

ନ୍ୟୁୟର୍କ,୨୩।୬(ଏଜେନ୍ସି): ଫିଫା ଫୁଟବଲ ବିଶ୍ୱକପର ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଚଳିତ ସଂସ୍କରଣରେ ଜମାଣିଆ ପ୍ରଦର୍ଶନ ସହ ନକଆଉଟରେ ପ୍ରବେଶ କରିଛି। ଦଳର ଏହି ସଫଳତା ପଛରେ ବିଶ୍ୱ ଫୁଟବଲର ଅନ୍ୟତମ ମହାନ ଖେଳାଳି ଲିଓନେଲ ମେସିଙ୍କ ହାତ ରହିଛି। ଚଳିତ ବିଶ୍ୱକପରେ ମେସି ରେକର୍ଡ ପରେ ରେକର୍ଡ କରୁଛନ୍ତି। ନିଜର ଷଷ୍ଠ ବିଶ୍ୱକପ ଖେଳୁଥିବା ଆର୍ଜେଣ୍ଟିନା ଅଧିନାୟକ ମେସି ଅଷ୍ଟ୍ରୀୟ ବିପକ୍ଷରେ ଦୁଇଟି ଗୋଲ ଦେଇଥିଲେ। ଆର୍ଜେଣ୍ଟିନା ମଧ୍ୟ ୨-୦ରେ ଜିତି ନକଆଉଟରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚରେ ମେସି ଆଲଜେରିଆ ବିପକ୍ଷରେ ହ୍ୟାଟ୍ରିକ ଗୋଲ କରିଥିଲେ। ଏବେ ଅଷ୍ଟ୍ରୀୟ ବିପକ୍ଷରେ ଆଉ ଦୁଇଟି ଗୋଲ କରି ନୂଆ ରେକର୍ଡ କରିଛନ୍ତି। ବିଶ୍ୱକପ ଇତିହାସରେ ସର୍ବାଧିକ ଗୋଲ କରିବାରେ ମେସି ନଂ.୧ରେ ରହିଛନ୍ତି। ବିଶ୍ୱକପରେ ଏଯାଏ ମେସି ୧୮ଟି ଗୋଲ କରିଛନ୍ତି।

ଜର୍ମାନୀର କିମ୍ବଦନ୍ତୀ ଖେଳାଳି ମିରୋସଲ୍ଲାବ କ୍ଲୋଜେଙ୍କ ନାଁରେ ସର୍ବାଧିକ ଗୋଲ ରେକର୍ଡ ରହିଥିଲା। ସେ ୧୬ଟି ଗୋଲ କରିଥିଲେ। ଆଲଜେରିଆ ବିପକ୍ଷରେ ମେସି ହ୍ୟାଟ୍ରିକ ଗୋଲ କରି ରେକର୍ଡର ସମକକ୍ଷ ହୋଇଥିଲେ। ଏବେ ଅଷ୍ଟ୍ରୀୟ ବିପକ୍ଷରେ ଗୋଲ କରି କ୍ଲୋଜେଙ୍କୁ ପଛରେ ପକାଇଛନ୍ତି।

ଟେକସାସରେ ଅଷ୍ଟ୍ରୀୟ ବିପକ୍ଷ ମ୍ୟାଚର ୩୮ତମ ମିନିଟରେ ନିଜର ପ୍ରଥମ ଗୋଲ କରିଥିଲେ। ଏହା ବିଶ୍ୱକପରେ ତାଙ୍କର ୧୭ତମ ଗୋଲ ଥିଲା। ପୁଣି ଇଞ୍ଜୁରୀ ସମୟରେ ଆଉ ଗୋଟିଏ ଗୋଲ ଦେଇ ବିଶ୍ୱକପରେ ମୋଟ୍ ୧୮ଟି ଗୋଲ ଦେବାର କୀର୍ତ୍ତିମାନର ଅଧିକାର ହୋଇଥିଲେ ମେସି। ଏହି ବିଜୟ ଯୋଗୁଁ ଆର୍ଜେଣ୍ଟିନା ଗ୍ରୁପ ପର୍ଯ୍ୟାୟର ଆଉ ଗୋଟିଏ ମ୍ୟାଚ ବାକିଥିବା ସତ୍ତ୍ୱେ ନକଆଉଟର ପ୍ରବେଶ କରିଛି।






# ବୈଭବଙ୍କ ଆଖିରେ ଲୁହ



ନୂଆଦିଲ୍ଲୀ,୨୩।୬(ଏଜେନ୍ସି): ମାତ୍ର ୧୫ ବର୍ଷ ବୟସ। ଏପରି ପ୍ରଦର୍ଶନ କରୁଛନ୍ତି ଯେ ସମସ୍ତେ ବିସ୍ମିତ। ଦ୍ରୁତ ବୋଲର ହୁଅନ୍ତୁ ବା ସ୍ପିନ ସମସ୍ତଙ୍କୁ ନିସ୍ତୁକ ପ୍ରହାର କରୁଛନ୍ତି। ଏହି ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିଛି। ଏତେ ବଡ ସଫଳତା ପାଇଲା ପରେ ବୈଭବଙ୍କ ଆଖିରେ ଲୁହ। ଇଂଲଣ୍ଡ ଗସ୍ତ ପାଇଁ ବୈଭବଙ୍କୁ ସୁଯୋଗ ମିଳିଛି। ଭାରତୀୟ ସିନିୟର ଦଳରେ ସେ ସାମିଲ ହୋଇଛନ୍ତି। ଏହାସହ ଖୁବ ଶୀଘ୍ର ସଚିନ ତେନ୍ଦୁଲକରଙ୍କ ରେକର୍ଡ ମଧ୍ୟ ସେ ଭାଙ୍ଗିବେ। ଭାରତୀୟ ଦଳର ସର୍ଜିରେ ସେ ନିଜର ନାଁ ଦେଖିଲା ପରେ ଭାବବିହ୍ୱାଳ ହୋଇ କାନ୍ଦି ପକାଇଛନ୍ତି। ସେ ଯେଉଁ ସ୍ୱପ୍ନ ପିଲା ଦିନେ ଦେଖିଥିଲେ ତାହା ସତ ହୋଇଛି। ବିସିସିଆଇ ଏକ ଭିଡିଓ ଟ୍ୱିଟରରେ ସେୟାର କରିଥିଲା। ବୈଭବ ନିଜର ଭାବନାକୁ ପ୍ରକାଶ କରୁଥିବା ଦେଖାଯାଇଛି। ଏତେ ବଡ଼ ଖୁସିକୁ ସେ ବିଶ୍ୱାସ କରିପାରୁନାହାନ୍ତି। କ୍ରିକେଟ ଖେଳିବାର ମୁଖ୍ୟ ପାହାଚ ଚଢ଼ିବା ପାଇଁ ସମସ୍ତ କ୍ରିକେଟର ସ୍ୱପ୍ନ ଦେଖନ୍ତି। ତାହା ସତ ହେବାକୁ ଯାଉଛି। ତାଙ୍କର ସବୁ ସ୍ୱପ୍ନ ପୂରା ହୋଇଛି। ଯାହାକୁ ସେ ଶବ୍ଦମାଧ୍ୟମରେ ପ୍ରକାଶ କରିପାରିବେ ନାହିଁ। ଯେତେ ବେଳେ ସେ ଭାରତୀୟ ଦଳର ଜର୍ସି ଦେଖିଥିଲେ ସେଥିରେ ତାଙ୍କର ନାଁ ଲେଖା ଥିଲା, ସେ ନିଜର ଭାବନାକୁ ନିୟନ୍ତ୍ରଣ କରିପାରିନଥିଲେ ଖୁସିରେ କାନ୍ଦି ପକାଇଥିଲେ। ଏହାକୁ ପ୍ରକାଶ କରିହେବ ନାହିଁ।

# ଦିଲ୍ଲୀକୁ ଫେରିଲେ ପନ୍ତ, ଲକ୍ଷ୍ନୌ ଗଲେ କୁଲଦୀପ

ନୂଆଦିଲ୍ଲୀ,୨୩।୬(ଏଜେନ୍ସି): ୨୦୨୭ ଆଇପିଏଲ ପୂର୍ବରୁ ଖେଳାଳି ଅଦଳବଦଳ ହୋଇଛି। ୨୭ କୋଟି ଟଙ୍କାରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସରେ ସାମିଲ ହୋଇଥିବା ପନ୍ତ ନିଜର ପୁରୁଣ ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସକୁ ଫେରିଛନ୍ତି। ୨୦୨୭ ସଂସ୍କରଣରେ ସେ ଦିଲ୍ଲୀ ପାଇଁ ଖେଳିବେ। ସେହିଭଳି ଦିଲ୍ଲୀର ଅନ୍ୟତମ ଖେଳାଳି କୁଲଦୀପ ଯାଦବ ଲକ୍ଷ୍ନୌକୁ ଯାଇଛନ୍ତି। ଦୁଇ ଫ୍ରାଞ୍ଚାଇଜ୍ ଟ୍ରେଡ ଡିଲ ବଳରେ ଅବଦଳ ବଦଳ କରିଛନ୍ତି। ମଙ୍ଗଳବାର ଅପରାହ୍ଣରେ ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ପକ୍ଷରୁ ଖେଳାଳି ଅଦଳବଦଳ ନେଇ ନିଶ୍ଚିତ କରାଯାଇଛି। ଦିଲ୍ଲୀ ପନ୍ତଙ୍କୁ ୧୫ କୋଟି ଟଙ୍କାରେ ନେଇଛି। ସେହିଭଳି କୁଲଦୀପ ଯାଦବଙ୍କୁ ୧୩.୨୫ କୋଟି ଟଙ୍କାରେ ନେଇଛି ଲକ୍ଷ୍ନୌ।

# ଆଜିଠୁ ଜାତୀୟ ଆନ୍ତଃ-ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ୍




ଭୁବନେଶ୍ୱର,୨୩।୬(ସବ୍ୟୁ): ଭୁବନେଶ୍ୱରର ପ୍ରସିଦ୍ଧ କଳିଙ୍ଗ ଷ୍ଟାଡିୟମଠାରେ ଆସନ୍ତା ଜୁନ୍ ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ "୬୫ତମ ଜାତୀୟ ଆନ୍ତଃ-ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ ୨୦୨୬" ଅନୁଷ୍ଠିତ ହେବାକୁ ଯାଉଛି। ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହି ଚାମ୍ପିଅନସିପ ଚଳିତ ବର୍ଷ ସେପ୍ଟେମ୍ବର ୧୯ ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନରେ ହେବାକୁ ଥିବା 'ଏସିଆନ ଗେମ୍ସ ୨୦୨୬' ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗ୍ୟତା ପର୍ଯ୍ୟାୟ (କ୍ୱାଲିଫାୟର୍) ଅଟେ। ଏହି ୫ ଦିନିଆ ପ୍ରତିଯୋଗିତାରେ ଦେଶର ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୬୩୦ ଜଣ ଶ୍ରେଷ୍ଠ ଆଥଲେଟ୍ (୩୪୨ ପୁରୁଷ ଓ ୨୮୮ ମହିଳା) ଭାଗ ନେଉଛନ୍ତି। ଏଥିରେ ମୋଟ ୪୫ଟି ମେଡାଲ୍ ଇଭେଣ୍ଟ ରହିଛି, ଯେଉଁଥିରେ ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ହର୍ଡଲ୍ସ ଏବଂ ଜାଭେଲିନ୍ ଥ୍ରୋ ଭଳି ବିଭିନ୍ନ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତା ଅନ୍ତର୍ଭୁକ୍ତ। ଏହି ପ୍ରତିଯୋଗିତାରେ ହରିୟାଣାରୁ ସବୁଠାରୁ ଅଧିକ ୭୦ ଜଣ ଆଥଲେଟ୍ ଭାଗ ନେଉଥିବା ବେଳେ ଓଡ଼ିଶାରୁ ୧୨ ଜଣ ମହିଳାଙ୍କ ସମେତ ମୋଟ ୨୮ ଜଣ ଆଥଲେଟ୍ ପ୍ରତିନିଧିତ୍ୱ କରୁଛନ୍ତି। ଓଡ଼ିଶାର ପ୍ରମୁଖ ଖେଳାଳି ଯେପରିକି ଜାଭେଲିନ୍ ତାରକା କିଶୋର ଜେନା, ଦୌଡ଼ରାଣୀ ଶ୍ରାବଣୀ ନନ୍ଦ, ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ, ପ୍ରଜ୍ଞା ପ୍ରସାନ୍ତି ସାହୁ ଏବଂ ସବିତା ଟପ୍ପୋଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଏହି ଭବ୍ୟ ଆୟୋଜନ ଓଡ଼ିଶାକୁ କ୍ରୀଡ଼ା କ୍ଷେତ୍ରରେ ଏକ ଅଗ୍ରଣୀ ସ୍ଥାନ ଭାବେ ପୁଣିଥରେ ପ୍ରତିଷ୍ଠିତ କରିବ। ଚଳିତ ବର୍ଷ ଅଗଷ୍ଟ ୨୨ ତାରିଖରେ ଓଡ଼ିଶା 'ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ସିଲଭର୍ ମିଟ୍' ମଧ୍ୟ ଆୟୋଜନ କରିବାକୁ ଯାଉଛି।

# ୨୬ରୁ କଟକରେ ଅର୍ନ୍ତଜାତୀୟ ଚେସ ପ୍ରତିଯୋଗିତା

କଟକ,୨୩।(ସ୍ୱପ୍ର) : ଆଇଏସ ଚେସ ସେଣ୍ଟର ଏବଂ ଅଲ୍ ଓଡ଼ିଶା ଚେସ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଚଳିତ ମାସ ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ଫିଡ଼େ ରେଟିଂ (୧୭୦୦ରୁ କମ୍ ) ଚେସ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ । ତିନି ଦିନ ବ୍ୟାପି ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ୯ ରାଉଣ୍ଡ ବିଶିଷ୍ଟ ହେବ । ଏଥିରେ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବା ସହ ୫୩ ଟି ଆକର୍ଷଣୀୟ ଟ୍ରଫି ଦିଆଯିବ । ଏହି ଟୁର୍ଣ୍ଣାମେଣ୍ଟରେ ୭, ୯, ୧୧, ୧୩, ୧୫ ବୟସର ଉଭୟ ବାଳକ ଓ ବାଳିକା ବର୍ଗରେ ୫ ଜଣ ଲେଖାଏଁ କୃତି ପ୍ରତିଯୋଗୀଙ୍କୁ ୫୦ ଗୋଟି ଟ୍ରଫି ପ୍ରଦାନ କରାଯିବ । ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଥିବା ଅନରେଟେଡ ଖେଳାଳିମାନେ ନୂଆକରି ରେଟିଂ ପ୍ରାପ୍ତ କରିବାର ସହ ରେଟେଡ ଖେଳାଳିମାନେ ନିଜର ଅନ୍ତର୍ଜାତୀୟ ରେଟିଂ ବଢ଼ାଇବାର ସୁଯୋଗ ରହିଛି ବୋଲି ଆଇଏସ ଚେସ ସେଣ୍ଟରର ସମ୍ପାଦକ ଆଡଭୋକେଟ୍ ମାନସ ପାଣି ସୂଚନା ଦେଇଛନ୍ତି । ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ମୁଖ୍ୟ ଆର୍ବିଟର ଏବଂ ତାପସ ମହାନ୍ତି ଓ ସନ୍ତୋଷ ମହାପାତ୍ର ପ୍ରମୁଖ ଡେପୁଟି ଆର୍ବିଟର ଦାୟିତ୍ୱ ତୁଲାଇବେ । ନାମ ପଞ୍ଜୀକରଣ ଲାଗି ୯୪୩୭୨୦୮୮୬୪ ନମ୍ବରରେ ଯୋଗାଯୋଗ କରି ଜୁନ୍ ୨୫ ତାରିଖ ସୁଦ୍ଧା ନାମ ପଞ୍ଜିକରଣ କରିବାକୁ ସଭାପତି ମନୋଜ କୁମାର ପତି ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ସୂଚନା ଦେଇଛନ୍ତି ।

# ଅଲ ଓଡ଼ିଶା ବ୍ରିଜ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ଅନୁଗୁଳ,୨୩।୬(ସବ୍ୟୁ): ଅନୁଗୁଳର ସ୍ଥାନୀୟ ଟ୍ରକ ମାଲିକ ସଂଘ ସଭାକକ୍ଷରେ ଅଲଓଡ଼ିଶା ବ୍ରିଜ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ମଙ୍ଗଳବାର ଢ଼େଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଓଡ଼ିଶା ବ୍ରିଜ ଆସୋସିଏସନ ସଭାପତି ସୁଭେନ୍ଦୁ ପଟ୍ଟନାୟକ, ସମ୍ପାଦକ ତାପସ ବିଶ୍ୱାଳ, ଅନୁଗୁଳ ଟ୍ରକ ମାଲିକ ସଂଘ ସଭାପତି ଅମରେଶ ସ୍ୱାଇଁ, ସମ୍ପାଦକ ରଜତ ମହାପାତ୍ର, ଅନୁଗୁଳ ବ୍ରିଜ ଆସୋସିଏସନ ସଭାପତି ଜୟ ପଟ୍ଟନାୟକ, ସମ୍ପାଦକ ଦିଲେଶ୍ୱର ପ୍ରଧାନ, ପ୍ରମୁଖ ଯୋଗଦେଇଥିଲେ। ଦିବଂଗତ ସମ୍ପାଦକ ଦିଲୀପ କୁମାର ସିହ୍ନାଙ୍କ ସ୍ମୃତିରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୧୮ ଦଳ ଅଂଶଗ୍ରହଣ କରିଛନ୍ତି। ବୁଧବାର ସନ୍ଧ୍ୟାରେ ପ୍ରତିଯୋଗିତା ଉଦଯାପିତ ହେବ।

# ଇଂଲଣ୍ଡ-ଆୟର୍ଲାଣ୍ଡ ଶୃଙ୍ଖଳାରୁ ଓହରିଲେ ନୀତିଶ



ନୂଆଦିଲ୍ଲୀ,୨୩।୬(ଏଜେନ୍ସି): ଆଘାତ ସମସ୍ୟା ଯୋଗୁଁ ନୀତିଶ କୁମାର ରେଡ୍ଡୀ ଆଗାମୀ ଇଂଲଣ୍ଡ ଓ ଆୟର୍ଲାଣ୍ଡ ବିପକ୍ଷ ଟି-୨୦ ଶୃଙ୍ଖଳାରୁ ଓହରି ଯାଇଛନ୍ତି। ଭାରତୀୟ ଦଳ ଚଳିତ ମାସ ୨୬ ଓ ୨୮ ତାରିଖରେ ଆୟର୍ଲାଣ୍ଡ ବିପକ୍ଷରେ ଦୁଇଟି ମ୍ୟାଚ ଖେଳିବ। ଏହାପରେ ଇଂଲଣ୍ଡ ବିପକ୍ଷରେ ଜୁଲାଇ ୧ରୁ ୧୯ ତାରିଖ ପର୍ଯ୍ୟନ୍ତ ୫ଟି ଟି-୨୦ ମ୍ୟାଚ ଖେଳିବ। ଆଫଗାନିସ୍ତାନ ବିପକ୍ଷ ଅନ୍ତିମ ଦିନିକିଆରେ ନୀତିଶ ଆହତ ହୋଇଥିଲେ। ବିସିସିଆଇ ମେଡିକାଲ ଟିମ ତାଙ୍କର ଯାଞ୍ଚ ମିଳିଥିଲା। କିଛି ଦିନ ତାଙ୍କଠାରୁ ଦୂରେଇ ରହିବା ସହ କିଛି ରିହାବ କରିବାକୁ ଦିଆଯାଇଛି।

ନୀତିଶଙ୍କ ସ୍ଥାନରେ ମଧ୍ୟମକ୍ରମ ବ୍ୟାଟର ତଥା ପାର୍ଟ ଟାଇମ୍ ବୋଲର ସୂର୍ଯ୍ୟାଂଶ ସେଗେଡଙ୍କୁ ଦଳରେ ସାମିଲ କରାଯାଇଛି। ଇଣ୍ଡିଆ ଏ' ପକ୍ଷରୁ ଖେଳି ସେ ଭଲ ପ୍ରଦର୍ଶନ କରିଥିଲେ। ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ମଧ୍ୟ ଚୟନ କମିଟିକୁ ପ୍ରଭାବିତ କରିଥିଲେ।

## ଆନ୍ତଃ ରାଜ୍ୟ ଆଥଲେଟିକ୍ସ ଚାମ୍ପିଅନସିପ

# କଳିଙ୍ଗରେ ଏସିଆନ୍ ଗେମ୍ସ ଯୋଗ୍ୟତା ଲକ୍ଷ୍ୟରେ କ୍ରୀଡାବିତ



ଭୁବନେଶ୍ୱର,୨୩।୬(ସବ୍ୟୁ): ଚଳିତ ମାସ ୨୪ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ୬୫ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ ଆୟୋଜିତ ହେବାକୁଯାଉଛି। ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତା ଦେଶର ଏକାଧିକ କ୍ରୀଡାବିତଙ୍କ ପାଇଁ ଏସିଆନ ଗେମ୍ସ ଟିକେଟ ହାସଲ କରିବାର ସୁଯୋଗ ଆଣିଦେଇଛି। ଜାପାନରେ ଏସୀୟ କ୍ରୀଡା ବର୍ଷ ଶେଷ ଆଡକୁ ଆୟୋଜିତ ହେବ। ସେଥିପାଇଁ ଭୁବନେଶ୍ୱରର ଅତ୍ୟାଧୁନିକ କଳିଙ୍ଗ ଷ୍ଟାଡିୟମରେ ଦେଶର ବଛା ବଛା କ୍ରୀଡା ବିତ ଏସିଆନ ଗେମ୍ସ ଟିକେଟ ହାତେଇବାକୁ ଏକତ୍ରୀତ ହୋଇଛନ୍ତି। ରିଲାୟନ୍ସ ଫାଉଣ୍ଡେସନର ମଧ୍ୟ ୫୦ରୁ ଉର୍ଦ୍ଧ୍ୱ କ୍ରୀଡାବିତ୍ ଏସୀୟ କ୍ରୀଡା ପାଇଁ କଳିଙ୍ଗରେ ପ୍ରସ୍ତୁତି ଆରମ୍ଭ କରିଛନ୍ତି।

ରିଲାଇନ୍ସ ଫାଉଣ୍ଡେସନର ଆଥଲେଟିକ୍ସ ନିର୍ଦ୍ଦେଶକ ଜେମ୍ସ ହିଲିୟର କହିଛନ୍ତି ଆନ୍ତଃ ରାଜ୍ୟ ଚାମ୍ପିଅନସିପ କ୍ରୀଡା ପାଇଁ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା। ରିଲାୟନ୍ସ ଫାଉଣ୍ଡେସନର ଖେଳାଳି ପୂର୍ବରୁ ଏସୀୟ କ୍ରୀଡା ପାଇଁ ମାନଦଣ୍ଡ ହାତେଇଛନ୍ତି। ଆଉ କିଛି ଖେଳାଳି କଳିଙ୍ଗରେ ଏସୀୟ କ୍ରୀଡା ଯୋଗ୍ୟତା ହାସଲ କରି ଭାରତୀୟ ଦଳରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଜାତୀୟ ଆନ୍ତଃ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପରେ ବ୍ୟକ୍ତିଗତ ଶ୍ରେଷ୍ଠ ଓ ବର୍ଷର ଶ୍ରେଷ୍ଠ ପ୍ରଦର୍ଶନ ଆଶା ରହିଛି। ଏଥିପାଇଁ ରିଲାଇନ୍ସ ଫାଉଣ୍ଡେସନର କ୍ରୀଡାବିତମାନେ ଅକ୍ଳାନ୍ତ ପରିଶ୍ରମ କରି ନିଜକୁ ପ୍ରସ୍ତୁତ କରିଛନ୍ତି। ଅଭୟ ସିଂ, ହରିତା ଭଦ୍ରା ଏବଂ ଉନାତି ଆୟାପ୍ପାଙ୍କ ଭଳି ଅତ୍ୟନ୍ତ ଦକ୍ଷ ଯୁବଧାବକ ଅଛନ୍ତି। ଯେଉଁମାନଙ୍କ ପାଖରେ ଏସୀୟ କ୍ରୀଡା ପାଇଁ ଆଗକୁ ବଢ଼ିବାର ସତପ୍ରତିଶତ ସମ୍ଭାବନା ରହିଛି। ପୁରୁଷ ୧୧୦ ମିଟର ହଡଲ୍ସ ଦୌଡ଼ରେ ତେଜସ ସିରସେ ସମସ୍ତଙ୍କ ନଜରରେ ରହିବେ। ସେ ନିକଟରେ ୧୩.୨ ସେକେଣ୍ଡ ସହ ଜାତୀୟ ରେକର୍ଡ ସ୍ଥାପନ କରିଥିଲେ। ତାଙ୍କ ସହ ପ୍ରଶିକ୍ଷଣ ନେଇଥିବା କ୍ରିସିକ ମଞ୍ଜୁନାଥ ମଧ୍ୟ ଭଲ ପ୍ରସ୍ତୁତ କରିଛନ୍ତି। ପୁରୁଷ ୪୦୦ ମିଟର ହଡଲ୍ସ ଇଭେଣ୍ଟରେ ଜସସ ନିକଟରେ ୪୮.୮୦ ସେକେଣ୍ଡର ଜାତୀୟ ରେକର୍ଡକୁ ପଛରେ ପକାଇବାର ସୁଯୋଗ ରହିଛି। ତେଣୁ ତାଙ୍କ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ।

ଏହି ପ୍ରତିଯୋଗିତାରେ ଅନିମେଶ କୁଜୁର, ତେଜସ ସିରସେ, ଯଶଶ ପଲାକ୍ଷ ଏବଂ ମୁରଲି ଶ୍ରୀସଙ୍ଗରଙ୍କ ପରି ଅନେକ ରାଜ୍ୟ ଗୋଷ୍ଠୀରେ ଅଂଶଗ୍ରହଣ କରିବାକୁ ଥିବା ଖେଳାଳିମାନେ ନଜର ଆସିବେ। ଏହି ପ୍ରତିଯୋଗିତାରେ ଭାରତର ହଡଲ୍ସ ତାରକା ଜ୍ୟୋତି ଆରାଜିଙ୍କୁ ଟ୍ରାକରେ ଦେଖିବାକୁ ମିଳିବ। ସେ କଳିଙ୍ଗରେ ଦୌଡ଼କୁଦକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛି। ୨୦୨୬ରେ ଏହା ତାଙ୍କର ପ୍ରଥମ ଟୁର୍ଣ୍ଣାମେଣ୍ଟ । ସେ ଏସିଏଲ ଆଘାତରୁ ମୁକୁଳିଛନ୍ତି। ଜ୍ୟୋତି ୧୦୦ ମିଟର ହଡଲ୍ସ ଓ ୨୦୦ ମିଟର ଦୌଡ଼ରେ ଏସୀୟ କ୍ରୀଡା ପାଇଁ ଯୋଗ୍ୟତା ଅର୍ଜନ ଉପରେ ତାଙ୍କର ଲକ୍ଷ୍ୟ ରହିବ। ଲଙ୍ଗଜମ୍ପ ଜାତୀୟ ରେକର୍ଡଧାରୀ ଜେସୱିନ ଆଲଡ୍ରିନଙ୍କ ନାଁରେ ଜାତୀୟ ରେକର୍ଡ ରହିଛି। ସେ ମଧ୍ୟ ନିଜ ରେକର୍ଡର ପୁନରାବୃତ୍ତି କରି ପୋଡିୟମ ଫିନିସ କରିବା ଲକ୍ଷ୍ୟରେ ରହିଛନ୍ତି। ଜାତୀୟ ରେକର୍ଡଧାରୀ ଗୁରୁନ୍ଦରବୀର ସିଂଙ୍କ ଅନୁପସ୍ଥିତିରେ ଘରୋଇ ମାଟିରେ ୧୦୦ ଓ ୨୦୦ ମିଟର ଦୌଡ଼ରେ କୀର୍ତ୍ତିମାନ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏସୀୟ କ୍ରୀଡା ଯୋଗ୍ୟତା ପାଇଁ ଚେଷ୍ଟା କରୁଥିବା ଅନରିଲାୟନ୍ସ ଫାଉଣ୍ଡେସନ ଅଥଲେଟିକ୍ସଙ୍କ ମଧ୍ୟରେ ଅନସି ସୋଜନ (ମହିଳା ଲଙ୍ଗଜମ୍ପ), ସିମା (ମହିଳା ୫୦୦୦ ଓ ୧୦,୦୦୦ ମିଟର), ଦମନୀତ ସିଂ (ପୁରୁଷ ହାମରଥ୍ରୋ), ହର୍ସିତା ସେରାୱତ (ମହିଳା ହାମରଥ୍ରୋ), ମହମ୍ମଦ ଅଫସାଲ ପି (ପୁରୁଷ ୮୦୦ ମିଟର) ଏବଂ କ୍ରିଷ୍ଣା ଜୟଶଙ୍କର ମେନନ (ମହିଳା ସଟପୁଟ) ପ୍ରମୁଖ ଏହି ପ୍ରତିଯୋଗିତାରେ ସମସ୍ତ ନଜରରେ ରହିବେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

# ଜାତୀୟ ଶିଶୁ ଚେସ୍ ପ୍ରତିଯୋଗିତା ପାଇଁ "ପ୍ରଚେଷ୍ଟାରେ" ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରସ୍ତୁତି ଶିବିର

ଭୁବନେଶ୍ୱର,୨୩।୬(ସବ୍ୟୁ): ନିଖିଳ ଓଡ଼ିଶା ଚେସ୍ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ନୂଆପଲ୍ଲୀ ସ୍ଥିତ ରାଜ୍ୟ ସରକାରଙ୍କର "ପ୍ରଚେଷ୍ଟାରେ" ୨୩ ରୁ ୨୬ ତାରିଖ ପର୍ଯ୍ୟନ୍ତ ୪ ଦିନ ପାଇଁ ୭ ବର୍ଷରୁ କମ୍ ଓ ୯ ବର୍ଷରୁ କମ୍ ଜାତୀୟ ଚେସ୍ ପାଇଁ ମନୋନିତ ଶିଶୁମାନଙ୍କର ଏକ ସ୍ୱତନ୍ତ୍ର ଗୁଣାତ୍ମକ ଚେସ୍ ପ୍ରଶିକ୍ଷଣ ପ୍ରସ୍ତୁତି ଶିବିର ମଙ୍ଗଳବାର ଅପରାହ୍ନରୁ ଅରମ୍ଭ ହୋଇଛି। ରାଜ୍ୟ ସରକାରାଙ୍କର କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ପ୍ରସ୍ତୁତି ଶିବିରକୁ ୩ଟି ଗ୍ରାଣ୍ଡ ମଷ୍ଟର ନର୍ମ ଥିବା ଆର୍ନ୍ତଃଜାତୀୟ ମାଷ୍ଟର ସ୍ୱାଂଶୁ ସତ୍ୟପ୍ରାଜ୍ଞ ଓ ସି ଏମ ରାଜେନ୍ଦ୍ର ସାହୁ ପ୍ରଶିକ୍ଷଣ ଦେଉଛନ୍ତି। ଖେଳାଳିମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଚେସ୍‌ର ବିଭିନ୍ନ କଳା କୌଶଳ ପ୍ରତ୍ୟେକ ଦିନ ୨.୩୦ ରୁ ୬ ଟା ପର୍ଯ୍ୟନ୍ତ ପ୍ରଦାନ କରାଯିବ। ରାଜ୍ୟ ଚେସ୍ ସଂଘର ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଓ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ଶିବିରରେ ଉପସ୍ଥିତ ରହି କୁନି ଖେଳାଳୀମାନଙ୍କୁ ବିଭିନ୍ନ ଉପଦେଶ ଦେବା ସହ ଉତ୍ସାହିତ କରିଥିଲେ। ବାଳକ ମାନଙ୍କ ମଧ୍ୟରେ ରାଜ୍ୟ ୯ ବର୍ଷରୁ କମ୍ ଚାମ୍ପିଅନ ପ୍ରଜ୍ଞାନ ମିଶ୍ର, ପ୍ରତ୍ୟୁଷ କୁମାର (ଉଭୟ ଖୋର୍ଦ୍ଧା), ରିୟାଂଶ ଅଗ୍ରୱାଲ (ସୁନ୍ଦରଗଡ଼), ରେୟାଂଶ ମଲ୍ଲିକ (କଟକ), ଅର୍ପଣ ସାହୁ, ଆଦି ଆୟୁଷ୍ମାନ ମହାପାତ୍ର, ପ୍ରିୟାଂଶୁ ରାଏ, ରେୟାଂଶ ନାୟକ, (ସମସ୍ତେ ଖୋର୍ଦ୍ଧା) ପ୍ରଶିକ୍ଷଣ ନେଉଛନ୍ତି। ସେହିପରି ବାଳିକାମାନଙ୍କ ମଧ୍ୟରେ ଆରିୟା ମହାନ୍ତି (କଟକ), ପ୍ରତିକ୍ଷ୍ୟା ସମ୍ଭାବି (ଖୋର୍ଦ୍ଧା), ସାନ୍‌ଭି ପ୍ରିୟାଂଶୀ (ଢେଙ୍କାନାଳ), ସାହିଲ୍ ସ୍ମିତା (ଖୋର୍ଦ୍ଧା) ଓ ସୋହିନୀ ନାୟକ (ସୁନ୍ଦରଗଡ଼) ପ୍ରଶିକ୍ଷଣ ନେଉଛନ୍ତି।

ADMISSION OPEN
NIIS HIGHER SECONDARY SCHOOL
+2 Science (Including Engineering & Medical Coaching)
+2 Commerce (Including CA / CS / CMA / MGMT)
NIIS INSTITUTE OF INFORMATION SCIENCE & MANAGEMENT
+3 Science (Hons.) (Physics, Chemistry, Mathematics, Zoology, Botany)
+3 Commerce (Hons.) (Accounting & Management)
+3 Arts (Hons.) (Economics, English, Political Sc., Psychology & Sociology)
Admission Through SAMS, Odisha
IN-CAMPUS HOSTEL ACCOMODATION AVAILABLE
Sarada Vihar, Madanpur, Bhubaneswar-752054
(Recognised by Govt. of Odisha & Affiliated to Utkal University & CHSE Odisha)
For more details Contact: 9778899990 / 9778899991
Email: contactus@niisgroup.org
Website: www.niisgroup.org

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id-com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି